


୩୦୦ ୱିକେଟ୍ କ୍ଲବ୍‌ରେ କମିନ୍ସ
▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-345 ♦BHUBANESWAR ♦FRIDAY ♦13 JUNE 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୨ ♦ସଂଖ୍ୟା-୩୪୫ ♦ଭୁବନେଶ୍ୱର ♦ଶୁକ୍ରବାର ♦୧୩ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ଶେଷ ଉଡ଼ାଣ



## ୨୪୦ ଯାତ୍ରୀ ଜୀବନ୍ତ ଦଗ୍ଧ

- ଜଳିଗଲା ଅହମଦାବାଦରୁ ଲଣ୍ଡନଗାମୀ ଏୟାର୍‌ଇଣ୍ଡିଆ ବିମାନ
- ଉଡ଼ାଣ ଭରିବାର ୨ ମିନିଟ୍‌ରେ ଇଞ୍ଜିନ ଅକାମୀ ହୋଇ ତଳକୁ ଖସିଲା
- ମେଡିକାଲ୍ କୋଠାରେ ବିମାନ ଧକ୍କା; ୨୦ ଡାକ୍ତରୀ ଛାତ୍ର ମୃତ ଆଶଙ୍କା
- ଗୁଜୁରାଟର ପୂର୍ବ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀଙ୍କ ସମେତ ଥିଲେ ୨୪୨
- ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ବିଭିନ୍ନ ରାଷ୍ଟ୍ରମୁଖ୍ୟଙ୍କ ଶୋକ

*କିଏ ଛାତ୍ର ତ କିଏ ପର୍ଯ୍ୟଟକ । ଆଉ କିଏ କର୍ମସଂସ୍ଥାନରେ ଯୋଗଦେବାକୁ ବିଦେଶ ଯାଉଥିଲେ ତ ଆଉ କେହି ଥିଲେ ଶିଳ୍ପପତି । ଏମିତି ୨୩୨ ଜଣ ସ୍ୱପ୍ନବିଳାସୀ ଯାତ୍ରୀ ଏବଂ ୧୦ କ୍ରୁ(ବିମାନ କର୍ମଚାରୀ) ସଦସ୍ୟଙ୍କୁ ନେଇ ଗୁରୁବାର ମଧ୍ୟାହ୍ନ ପରେ ପରେ ଗୁଜୁରାଟର ଅହମଦାବାଦରୁ ସୁଦୂର ଲଣ୍ଡନ ଅଭିମୁଖେ ଉଡ଼ାଣ ଭରିଥିଲା ବୋଇଂ ଡ୍ରିମଲାଇନର୍ ଏଆଇ-୧୭୧ । ହେଲେ ନିଜର ପ୍ରିୟପରିଜନଙ୍କୁ ବିଦାୟ ଦେଇ ବିମାନବନ୍ଦରରୁ ଘରମୁହାଁ ହେଉଥିବା ଆତ୍ମୀୟମାନେ ହଠାତ୍ ନିର୍ବାକ ହୋଇଯାଇଥିଲେ ଏକ ପ୍ରଚଣ୍ଡ ବିସ୍ଫୋରଣ ଶବ୍ଦରେ । ଭୂମି ଛାଡ଼ିବାର ମାତ୍ର ୨ ମିନିଟ୍ ମଧ୍ୟରେ ବିମାନଟି ଅଚାନକ ଉପରକୁ ଉଠିବା ପରିବର୍ତ୍ତେ ତଳକୁ ଖସିବା ଆରମ୍ଭ କରିଥିଲା । କେହି କିଛି ବୁଝିବା ଆଗରୁ କୋଠାରେ ବିମାନଟି ମୁହଁମାଡ଼ି କଚାଡ଼ି ହୋଇ ପଡ଼ିବା ପରେ ହୁତୁହୁତୁ ହୋଇ ଜଳିଯାଇଥିଲା ଆଖିପିଛୁଳାକେ । ନିମିଷକ ମଧ୍ୟରେ ୨୪୦ ଯାତ୍ରୀଙ୍କ ସ୍ୱପ୍ନର ଉଡ଼ାଣ ପରିଣତ ହୋଇଯାଇଥିଲା ଶେଷ ଉଡ଼ାଣରେ...*

■ **ଅହମଦାବାଦ, ୧୨।୬ (ଏଜେନ୍ସି):** ଅହମଦାବାଦରେ ଘଟିଛି ଭାରତର ଅନ୍ୟତମ ବଡ଼ ବିମାନ ଦୁର୍ଘଟଣା । ଭାରତୀୟ ବେସାମରିକ ବିମାନ ଚଳାଚଳ ଇତିହାସରେ ଏଭଳି ଭୟାନକ ଦୁର୍ଘଟଣା କେବେ ଦେଖାଯାଇନଥିଲା । ଅହମଦାବାଦରୁ ଲଣ୍ଡନ୍ ଅଭିମୁଖେ ଯାତ୍ରା କରୁଥିବା ବୋଇଂ ଡ୍ରିମଲାଇନର୍ ଏଆଇ-୧୭୧ ବିମାନ ଉଡ଼ାଣ ଭରିବାର ମାତ୍ର ୨ ମିନିଟ୍ ମଧ୍ୟରେ ଆକାଶମାର୍ଗରୁ ଖସିପଡ଼ିଥିଲା । ବିମାନଟି ନିମିଷକ ମଧ୍ୟରେ ନିକଟସ୍ଥ ମେଘାନୀନଗର ବିଜେ ମେଡିକାଲ୍ କଲେଜ ହଷ୍ଟେଲ୍‌ରେ ପିଟିହୋଇ ପ୍ରଚଣ୍ଡ ବିସ୍ଫୋରଣ ସହ ଭୀଷଣ ଅଗ୍ନିପିଣ୍ଡୁଳାରେ ପରିଣତ ହୋଇଥିଲା । ଏଥିରେ ୨୪୦ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ସୌଭାଗ୍ୟବଶତଃ ଦୁଇଜଣ ଜୀବିତ ଥିବା ଜଣାପଡ଼ିଛି । ବିମାନ ଧକ୍କାରେ ମେଡିକାଲ କଲେଜ ହଷ୍ଟେଲ୍‌ର ୨୦ ଜଣ ଛାତ୍ରଙ୍କ ସମେତ କିଛି ସାଧାରଣଜନତାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ବିଳମ୍ବିତ ରାତି ସୁଦ୍ଧା ହସ୍ପିଟାଲ୍‌କୁ ୨୬୫ ମୃତଦେହ ଅଣାଯାଇଥିବା ସରକାରୀ ଭାବେ କୁହାଯାଇଛି ।

୨୩୨ ଯାତ୍ରୀ ଏବଂ ୧୦ ଜଣ ବିମାନ କର୍ମଚାରୀଙ୍କୁ ନେଇ ବିମାନ ଅହମଦାବାଦ ବିମାନବନ୍ଦରରୁ ଉଡ଼ାଣ ଭରିବା ମାତ୍ରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ପ୍ରଚଣ୍ଡ ବିସ୍ଫୋରଣ ସହିତ ବିମାନରେ ନିଆଁ ଲାଗିଯାଇଥିଲା । ସମଗ୍ର ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା । କେହି କିଛି ବୁଝିବା ପୂର୍ବରୁ ବିମାନ ଜଳି ଛାରଖାର ହୋଇଯାଇଥିଲା । ଏହି ଦୁଃଖଦ ଘଟଣା ସମଗ୍ର ଦେଶ ଓ ବିଶ୍ୱକୁ ସ୍ତବ୍ଧ କରିଦେଇଛି । ଭାରତର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଅନେକ ରାଷ୍ଟ୍ରର ନେତା ଏହି ଦୁର୍ଘଟାଣାକୁ ଅତିଦୁଃଖଦ ବୋଲି ଅଭିହିତ କରିଛନ୍ତି । ବିମାନ ଯାତ୍ରା ପାଇଁ ସବୁଠାରୁ ନିରାପଦ କୁହାଯାଉଥିବା ବୋଇଂ ଡ୍ରିମଲାଇନର୍ ଏଆଇ-୧୭୧ ବିମାନର ଏଭଳି ଦୁର୍ଘଟଣା ବିମାନ ଚଳାଚଳ ବିଶେଷଜ୍ଞମାନଙ୍କୁ ଚକିତ କରିଛି । ବ୍ଲାକ୍‌ବକ୍ସ ମିଳିବା ପରେ ହିଁ ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଇଛି । ଅନ୍ୟପକ୍ଷରେ ଟାଟା କମ୍ପାନୀ ପକ୍ଷରୁ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ ନେଇ ଘୋଷଣା କରିବା ସହ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ବିଜେ ମେଡିକାଲ୍ କଲେଜ ହଷ୍ଟେଲ୍‌କୁ ପୁନଃନିର୍ମାଣର ପ୍ରତିଶ୍ରୁତି ଦିଆଯାଇଛି । ସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ଗୃହମନ୍ତ୍ରୀ ଅମିତ ଶାହ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେଆର୍ ନାଇଡୁ ଅହମଦାବାଦ ପହଞ୍ଚି ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ୍‌ଙ୍କ ସହ ଘଟଣାର ସମୀକ୍ଷା କରିଛନ୍ତି ।

ଏୟାର ଇଣ୍ଡିଆର ଏହି ବିମାନଟି ଗୁରୁବାର ଅପରାହ୍ନ ୧ଟା ୩୮ ମିନିଟରେ ଅହମଦାବାଦ ବିମାନବନ୍ଦରରୁ ଉଡ଼ାଣ ଭରିଥିଲା । ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଭିଡିଓ ଫୁଟେଜରୁ ଜଣାପଡୁଛି ଯେ ବିମାନଟି ପ୍ରାରମ୍ଭିକ ଉଡ଼ାଣ ପରେ ଉପରକୁ ଉଠିପାରିନଥିଲା । ୬୨୫ ଫୁଟ୍ ଉପରକୁ ଯାଇ ତଳକୁ ଖସିବା ଆରମ୍ଭ କରିଥିଲା । ବିମାନର ପାଇଲଟ୍ 'ମେଡେ' କଲ୍ ବା ଏମର୍ଜେନସି ଆଲର୍ଟ ଦେଇଥିଲେ । କିନ୍ତୁ ଏହା ପରେପରେ ବିମାନ ରେଡିଓ ନିରବ ହୋଇଯାଇଥିଲା । ବିମାନବନ୍ଦର ଟାୱାର (ଏଟିସି)ରୁ ସଂପର୍କ ସ୍ଥାପନ ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନଥିଲା । ଏହାର କିଛି ମୁହୂର୍ତ୍ତ ମଧ୍ୟରେ ପ୍ରଚଣ୍ଡ ବିସ୍ଫୋରଣ ସହ ନିଆଁ ଲାଗି ବିମାନଟି ଖଣ୍ଡବିଖଣ୍ଡିତ ହୋଇଯାଇଥିଲା । ଲଣ୍ଡନକୁ ଏକ ଦୀର୍ଘ ▶ପୃଷ୍ଠା-୭

## ରଖେ ହରି, ମାରେ କିଏ...



ଏହି ଭୟାନକ ବିମାନ ଦୁର୍ଘଟଣାରୁ ଭାଗ୍ୟବଳରେ ବର୍ତ୍ତିଯାଇଛନ୍ତି ବ୍ରିଟେନ ।ାରେ ରହୁଥିବା ୪୦ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ରମେଶ ବିଶ୍ୱାସକୁମାର । ବିମାନର ୧୧ଏ ସିଟ୍‌ରେ ବସିଥିବା ରମେଶ କହିଛନ୍ତି, ବିମାନ ଉଡ଼ାଣ ଭରିବାର ୩୦ ସେକେଣ୍ଡ ପରେ ଯାତ୍ରୀମାନେ ଜୋର୍‌ରେ ପାଟି କରିଥିଲେ ଓ ଆଖିପିଛୁଳାକେ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ଯେତେବେଳେ ମୁଁ ଉଠିଲି, ଚାରିପଟେ ମୃତ ଦେହଗୁଡିକୁ ଦେଖି ଡରିଯାଇ ଦୌଡ଼ିବାକୁ ଲାଗିଲି । ଜଣେ ମୋତେ ଆମ୍ବୁଲାନ୍ସରେ ହସ୍ପିଟାଲକୁ ଆଣିଲେ । ତାଙ୍କ ଛାତି, ଆଖି, ଗୋଡ଼ରେ ଆଘାତ ଲାଗିଛି । ୧୨ଏ-୧ ସିଟ୍‌ରେ ବସିଥିବା ତାଙ୍କ ଭାଇଙ୍କ ମୃତ୍ୟୁ ହୋଇଥିବା ବେଳେ ସେ ବଞ୍ଚିଯାଇଥିବାରୁ ନିଜକୁ ଭାଗ୍ୟବାନ ମନେ କରୁଛନ୍ତି ବୋଲି କହିଛନ୍ତି । ରମେଶଙ୍କ ବ୍ୟତୀତ ଅନ୍ୟ ଜଣେ ମଧ୍ୟ ସୌଭାଗ୍ୟକ୍ରମେ ବଞ୍ଚିଯାଇଥିବା ସିଟି ପୁଲିସ୍ କମିଶନର୍ ସୂଚନା ଦେଇଛନ୍ତି ।

## ଦେଶର ୧୦ ପ୍ରମୁଖ ବିମାନ ଦୁର୍ଘଟଣା

**■ ୭ ଅଗଷ୍ଟ ୨୦୨୦, କାଲିକଟ୍**

ଏଆର ଇଣ୍ଡିଆ ଏକ୍ସପ୍ରେସ୍ ଫ୍ଲାଇଟ୍ ୧୩୪୪ ଦୁବାଇରୁ ଆସି କାଲିକଟ୍ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅବତରଣ କରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ଏଥିରେ ୨୧ଜଣଙ୍କ ମୃତ୍ୟୁ ହୋଇଥିଲା ।

**■ ୨୨ ମେ ୨୦୧୦, ମାଙ୍ଗାଲୋର**

ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଫ୍ଲାଇଟ୍ ୮୧୨ ମାଙ୍ଗାଲୋର ଏୟାରପୋର୍ଟର ରନୱେରୁ ଖସି ଖାଇରେ ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ୧୫୮ ଜଣ ଯାତ୍ରୀ ପ୍ରାଣ ହରାଇଥିଲେ ।

**■ ୧୭ ଜୁନ୍ ୨୦୦୦, ପାଟଣା**

ବୋଇଂ ୭୩୭ ତଥା ଏୟାର ଫ୍ଲାଇଟ୍ ୭୪୧୨ ପାଟଣା ବିମାନବନ୍ଦରରେ ଅବତରଣ କରିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ଏଥିରେ ୬୦ ଜଣ ମୃତ୍ୟୁବରଣ କରିଥିଲେ ।

**■ ୧୨ ନଭେମ୍ବର ୧୯୯୬ , ଦିଲ୍ଲୀ**

ସାଉଦି ଆରବିଆନ ଏୟାର ଲାଇନ୍ସ ବୋଇଂ ୭୪୭ ଓ କାଜାଖସ୍ତାନ ଏୟାର ଲାଇନ୍ସ ଇଲୁଶିନ୍ ୨-୭୬ ଦିଲ୍ଲୀ ଆକାଶରେ ପରସ୍ପରକୁ ମୁହାଁମୁହିଁ ଧକ୍କା ଦେଇଥିଲେ । ଉଭୟ ବିମାନର ୩୪୯ ଯାତ୍ରୀ ଏଥିରେ ପ୍ରାଣ ହରାଇଥିଲେ ।

**■ ୨୬ ଏପ୍ରିଲ ୧୯୯୩, ଔରଙ୍ଗାବାଦ୍**

ଇଣ୍ଡିଆନ ଏୟାର ଲାଇନ୍ସର ବୋଇଂ ୭୩୭ ବିମାନ ଔରଙ୍ଗାବାଦରୁ ଉଡ଼ାଣ ଭରିବା ବେଳେ ଟ୍ରକ୍ ଓ ପାୱାର ଲାଇନ୍ସକୁ ଧକ୍କା ଦେଇଥିଲା । ଏଥିରେ ୫୫ ଜଣ ଯାତ୍ର ଜୀବନ ହରାଇଥିଲେ ।

**■ ୧୬ ଅଗଷ୍ଟ ୧୯୯୧, ଇମ୍ଫାଲ**

ଇଣ୍ଡିଆନ ଏୟାର ଲାଇନ୍ସ ଫ୍ଲାଇଟ୍ ୨୫୭ ଇମ୍ଫାଲରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ଏଥିରେ ସବୁ ୬୯ ଜଣ ଯାତ୍ରୀ ପ୍ରାଣ ହରାଇଥିଲେ । ▶ପୃଷ୍ଠା-୭

### ସରକାରଙ୍କ ବର୍ଷପୂର୍ତ୍ତିରେ ରାଜଧାନୀରେ ଗର୍ଜିଲା ବିଜେଡି

## କଥା ବଡ଼ବଡ଼; କାମ ଘର ଶୂନ୍

■ **ଭୁବନେଶ୍ୱର, ୧୨।୬ (ସମିସ):** ମାତ୍ର ବର୍ଷକର ଶାସନ ମଧ୍ୟରେ ମହାନଦୀ ମାରିଦେବାକୁ ଷଡ଼ଯନ୍ତ୍ର ହୋଇଛି । ପୋଲାଭରମ ପ୍ରକଳ୍ପରେ କେନ୍ଦ୍ର ସରକାର ଆନ୍ଧ୍ର ପ୍ରଦେଶକୁ ଆଖିବୁଜା ସହାୟତା କରୁଛନ୍ତି । ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ସମ୍ପୂର୍ଣ୍ଣ ନିୟନ୍ତ୍ରଣହୀନ । ନାରୀ ନିର୍ଯାତନା, ଚାଷୀଙ୍କୁ ଅତ୍ୟାଚାର, ଦରଦାମ ବୃଦ୍ଧି, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟାବସ୍ଥାରେ ରାଜ୍ୟବାସୀ ଅତିଷ୍ଠ । ମାତ୍ର ସରକାରଙ୍କ ତୁଣ୍ଡ ଖୋଲୁନାହିଁ । ଅନ୍ୟପକ୍ଷରେ ଯାକଜମକରେ ବର୍ଷପୂର୍ତ୍ତି ପାଇଁ ପ୍ରଚାର ଚାଲିଛି । ବିଜେପି ସରକାରଙ୍କ କଥା କେବଳ ବଡ଼ବଡ଼, ମାତ୍ର କାମ ଘର ଶୂନ ବୋଲି ବର୍ଷପୂର୍ତ୍ତିରେ କଡ଼ା ସମାଲୋଚନା କରିଛି ବିଜେଡି । ରାଜ୍ୟରେ ବିଜେପି ସରକାରଙ୍କ ବର୍ଷପୂର୍ତ୍ତି ଅବସରରେ

**କେବଳ ରଙ୍ଗ ମାରିବାରେ ବ୍ୟସ୍ତ ବର୍ଷକର ସରକାର**



ରାଜଧାନୀରେ ଅଭିନବ ଢ଼ଙ୍ଗରେ ସରକାରଙ୍କ ବିଫଳତାକୁ ପ୍ରଦର୍ଶନ କରିଛି ବିଜେଡି । ଏଥିରେ ବିଜେଡି ସାଂସଦ, ବିଧାୟକ, ବରିଷ୍ଠ ନେତାମାନଙ୍କ ସହିତ ରାଜ୍ୟର ସମସ୍ତ ନିର୍ବାଚନ ମଣ୍ଡଳୀରେ ବିଜେଡି ପକ୍ଷରୁ ପ୍ରାର୍ଥୀ ହୋଇଥିବା ନେତା ମାନେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଫଳତାର କାହାଣୀକୁ ବର୍ଣ୍ଣନା କରିଛନ୍ତି । ସରକାର ଉତ୍ସବ ପାଳନ ପରିବର୍ତ୍ତେ ଗତ ▶ପୃଷ୍ଠା-୭

## ସରକାରୀ କର୍ମଚାରୀଙ୍କୁ ଲଗାମ୍

### କାର୍ଯ୍ୟାଳୟରେ ସାଢ଼େ ୭ ଘଣ୍ଟା କାର୍ଯ୍ୟ ବାଧ୍ୟତାମୂଳକ

- ସରକାର ଜାରିକଲେ ୭ ସୂତ୍ରୀ ସମ୍ବଳିତ ନିର୍ଦ୍ଦେଶନାମା
- ସମସ୍ତ କାର୍ଯ୍ୟାଳୟରେ ବାୟୋମେଟ୍ରିକ ବାଧ୍ୟତାମୂଳକ
- ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ନିୟମରୁ ବାଦ

■ **ଭୁବନେଶ୍ୱର, ୧୨।୬ (ସମିସ):** ଅଫିସକୁ ଆଉ ମନଇଚ୍ଛା ଆସିପାରିବେ ନାହିଁ ସରକାରୀ କର୍ମଚାରୀ । ଠିକ୍ ସମୟରେ ଅଫିସରେ ପହଞ୍ଚି ବାୟୋମେଟ୍ରିକ୍ ଦେବାକୁ ପଡ଼ିବ ଓ ସାଢ଼େ ସାତଘଣ୍ଟା କାର୍ଯ୍ୟ କରିବାକୁ ହେବ । ସାଧାରଣ ପ୍ରଶାସନ ବିଭାଗ ଜାରି କରିଛି ଏ ସଂକ୍ରାନ୍ତ ନିର୍ଦ୍ଦେଶନାମା । ଏଥିରେ ସରକାରୀ କର୍ମଚାରୀମାନଙ୍କ ପାଇଁ ୭ଟି କାର୍ଯ୍ୟ ନିୟମ ଉଲ୍ଲେଖ କରାଯାଇଛି । ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଭିନ୍ନ ସବୁ ସରକାରୀ କର୍ମଚାରୀଙ୍କ ପାଇଁ ଏହି ନିୟମାବଳୀ ଲାଗୁ ହେବ ବୋଲି କୁହାଯାଇଛି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଭିନ୍ନ ବିଭାଗକୁ ପଠାଯାଇଥିବା ମାର୍ଗଦର୍ଶିକାରେ କୁହାଯାଇଛି ଯେ ବିଳମ୍ବିତ ଆସୁଥିବା କର୍ମଚାରୀଙ୍କ ଆଚରଣରେ ସୁଧାର ଆଣିବା ପାଇଁ ବିଭାଗ ଗୁଡ଼ିକ ନିଜ ନିଜର କାର୍ଯ୍ୟାଳୟରେ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରିବେ । ସେହିପରି ଯେଉଁଠାରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି ସେଠାରେ ଏହା ସଠିକ୍ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହାର ତନଖି କରାଯିବ । ସମସ୍ତ କର୍ମଚାରୀଙ୍କ ପାଇଁ ଅଫିସରେ ପ୍ରବେଶ ଏବଂ ପ୍ରସ୍ଥାନ ସମୟ ରେକର୍ଡ କରିବା ବାଧ୍ୟତାମୂଳକ ଓ ଯେଉଁ କର୍ମଚାରୀ ପ୍ରସ୍ଥାନ ସମୟକୁ ବାୟୋମେଟ୍ରିକ ସିଷ୍ଟମରେ ▶ପୃଷ୍ଠା-୭

# ଭୟଙ୍କର, ହୃଦୟ ବିଦାରକ


ଦୁର୍ଘଟଣାଗ୍ରସ୍ତ ବିମାନର ଅନ୍ତିମ ମୁହୂର୍ତ୍ତ





## କାରଣ ଖୋଜୁଛନ୍ତି ବିଶେଷଜ୍ଞ

ଅହମଦାବାଦ, ୧୨।୬ (ଏଜେନ୍ସି): ଅହମଦାବାଦ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର କାରଣ କ'ଣ? ବିଶେଷଜ୍ଞମାନେ ଦୁର୍ଘଟଣାକୁ ନେଇ ଭିନ୍ନ ଭିନ୍ନ କାରଣ ଦର୍ଶାଉଛନ୍ତି। କେହି ପକ୍ଷୀ ଧକ୍କା ତ ଆଉ କେହି ଲୋଡ୍ ଫ୍ୟାକ୍ଟରକୁ ଦାୟୀ କରୁଛନ୍ତି। ସେହିପରି ଆଉ କେହି ବିମାନର ଦୁଇ ଇଞ୍ଜିନ ହଠାତ୍ ଫେଲ ହୋଇ ଯାଇଥିବା କହୁଛନ୍ତି। ଯାନ୍ତ୍ରିକ ତ୍ରୁଟି, ସାଇବର ଆଟାକ ଏବଂ ପାଇଲଟ୍‌ଙ୍କ ତ୍ରୁଟି ହୋଇପାରେ ବୋଲି ମଧ ସନ୍ଦେହ କରାଯାଉଛି।

ମିଳିଥିବା ପ୍ରଥମିକ ରିପୋର୍ଟ ଅନୁଯାୟୀ ବିମାନ ଉଡ଼ିବା ମାତ୍ରେ ପାଇଲଟ ମେଡେ କଲ୍ କରିଥିଲେ। ବିମାନର ଇଞ୍ଜିନ ଫେଲ୍ ହେଲେ କିମ୍ବା ପକ୍ଷୀମାଡ଼ କିମ୍ବା ଅନ୍ୟ କୌଣସି ଯାନ୍ତ୍ରିକ ତ୍ରୁଟି ହେଲେ ପାଇଲଟ୍ ଏଭଳି ଏସଓଏସ୍ ମେସେଜ୍ ପଠାନ୍ତି। ବିମାନ ୬୨୫ ଫୁଟ୍ ଉପରକୁ ଉଠିଥିବା ବେଳେ ଖସିବା ଆରମ୍ଭ କରିଥିଲା। ବିଶ୍ୱରେ କୌଣସି ବୋଇଂ ୭୮୭ ବିମାନ ଏଭଳି ଦୁର୍ଘଟଣାର ଶିକାର ହୋଇଥିବାର ଦୃଷ୍ଟାନ୍ତ ନାହିଁ। ତେବେ ପାଇଲଟଙ୍କର ତ୍ରୁଟି ଯୋଗୁଁ ୧୯୪୭ରୁ ୨୦୨୦ ମଧ୍ୟରେ ୮୦ ପ୍ରତିଶତ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

ଜଣେ ପୂର୍ବତନ ପାଇଲଟ କହିଛନ୍ତି ଯେ ବିମାନ ଚାଳନା ଦାୟିତ୍ୱରେ ଥିବା ଦୁଇ ପାଇଲଟଙ୍କ ୧୦ ହଜାର କିଲୋମିଟର ଉଡ଼ାଣ ଅନୁଭୂତି ଥିଲା। ତେଣୁ ସେମାନେ ତ୍ରୁଟି କରିଥିବାର ସମ୍ଭାବନା କମ୍। ପାୱାର ଫେଲୁଅର୍ ବା ବିଦ୍ୟୁତ ସରବରାହରେ ବିଭ୍ରାଟ ଯୋଗୁଁ ବିମାନର ଦୁଇଟି ଯାକ ଇଞ୍ଜିନ କାମ କରିଦେବା ବନ୍ଦ କରିଦେଇଥାଇପାରେ। ଅହମଦାବାଦ ବିମାନ ବନ୍ଦର ନିକଟରେ ପକ୍ଷୀମାଡ଼ ଯୋଗୁଁ ଏହା ହୋଇଥାଇପାରେ। କିନ୍ତୁ ଉଡ଼ାଣ ଭରିବା ମାତ୍ରେ ଏଭଳି ପାୱର ଫେଲୁଅର୍ କ୍ୱଚିତ ଦେଖାଯାଇଥାଏ। ସାଧାରଣତଃ ବିମାନ ୫୦ ଫୁଟ୍ ଉପରେ ପହଞ୍ଚିବା ମାତ୍ରେ ଏହାର ଲ୍ୟାଣ୍ଡିଂ ଗିୟର ବା ଚକଗୁଡ଼ିକୁ ବନ୍ଦ କରି ଦିଆଯାଏ। କିନ୍ତୁ ଆଜି ବିମାନ ୪୦୦ ଫୁଟ୍ ଉପରକୁ ଯାଇଥିଲେ ମଧ ଏହାର

### ■ ଯାନ୍ତ୍ରିକ ତ୍ରୁଟି ନା ପକ୍ଷୀମାଡ଼ ?

### ■ ଉଡ଼ାଣ ପରେ ଲ୍ୟାଣ୍ଡିଂ ଗିୟର୍ ଖୋଲାଥିଲା କାହିଁକି ?

ଲ୍ୟାଣ୍ଡିଂଗିୟର ଡାଉନ ବା ଖୋଲା ଥିଲା ଏବଂ ଏହାର ଫ୍ଲାପ୍ସ ମଧ ସିଧା ହୋଇଯାଇଥିବା ଲକ୍ଷ୍ୟ କରାଯାଇଛି। କେଉଁ ପରିସ୍ଥିତିରେ ବିମାନ ଉଡ଼ାଣ ବେଳେ ଏମିତି ବ୍ୟତିକ୍ରମ ଦେଖାଗଲା, ତାହା କେବଳ ଫ୍ଲାଇଟ୍ ଡାଟା ରେକର୍ଡର ଏବଂ କକ୍‌ପିଟ୍ ଭଏସ୍ ରେକର୍ଡରରୁ ହିଁ ଜଣାପଡ଼ିବ ବୋଲି ସେ କହିଛନ୍ତି।

ବିଶେଷଜ୍ଞ ବନ୍ଦନା ସିଂହ କହିଛନ୍ତି ଯେ ଲୋଡ ଫ୍ୟାକ୍ଟର ଦୁର୍ଘଟଣାର କାରଣ ହୋଇଥାଇପାରେ। ଠିକ୍‌ରେ ଭାରର ଗଣତି ନ ହେଲେ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥାଏ। କୌଣସି ବିମାନରେ ରଖାଯାଇଥିବା ସାମଗ୍ରୀର ସଠିକ ଅନୁପାତକୁ ଲୋଡ ଫ୍ୟାକ୍ଟର କୁହାଯାଏ। ଏହା ବିମାନର ସଂରଞ୍ଚନା ଆଧାରରେ ଧାର୍ଯ୍ୟ କରାଯାଇଥାଏ। ପ୍ରେସର କଣ୍ଟ୍ରୋଲ ପାଇଁ ଏହା ଜରୁରୀ। ସେହିପରି ଲ୍ୟାଣ୍ଡିଂ ଗିୟର ବନ୍ଦ ନ ହେବାକୁ ସେ ଅନ୍ୟତମ କାରଣ ଦର୍ଶାଇଛନ୍ତି। ଏହି ଗିୟର ଉଡ଼ାଣ ଏବଂ ଅବତରଣ ସମୟରେ ସମ୍ପୂର୍ଣ୍ଣ ଓଜନକୁ ସମ୍ଭାଳି ଥାଏ। ଗତିଜ ଶକ୍ତିକୁ ନିୟନ୍ତ୍ରଣ କରିବା ପାଇଁ ଏହାର ଡିଜାଇନ କରାଯାଇଥାଏ।। ଅନ୍ୟତମ ବିଶେଷଜ୍ଞ ମିର୍ଜା ଫୈଜନ କହିଛନ୍ତି ଯେ ପ୍ରପଲସନ ସିଷ୍ଟମ, ଇଞ୍ଜିନ କାମ ନ କଲେ କିମ୍ବା ଫୁଏଲ ସିଷ୍ଟମରେ ସମସ୍ୟା ଯୋଗୁଁ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥାଇପାରେ। ଅନ୍ୟ ଜଣେ ବିଶେଷଜ୍ଞ ସାଇବର ଆଟାକ ହୋଇଥାଇପାରେ ବୋଲି ଆଶଙ୍କା କରିଛନ୍ତି। ଆମେରିକା ବିଶେଷଜ୍ଞ ସେଫ୍ଟି ଅପରେଟିଂ ସିଷ୍ଟମର ସିଇଓ ଜନ୍ ଏମ୍ କକ୍ସ କହିଛନ୍ତି ଯେ ଉଡ଼ାଣ ପୂର୍ବରୁ ବିମାନର ସଠିକ୍ କନଫିଗିରେସନ୍ କରାଯାଇ ନ ଥିଲା। ବିମାନର ଯନ୍ତ୍ରାଂଶ ଗୁଡିକ ଯେଉଁଠି ରହିବା କଥା ସେଇଠି ରହି ନ ଥିଲା। ଏଥିଯୋଗୁଁ ଉଡ଼ାଣ ଆରମ୍ଭ ପରେ ଦୁର୍ଘଟଣା ଘଟିଥିଲା। ଭାଇରାଲ ଭିଡିଓରୁ ଦେଖିବାକୁ ମିଳୁଛି ଯେ ବିମାନ ଉଡ଼ାଣ କରିବା ସମୟରେ ସ୍ଲାଟ୍ସ ଏବଂ ଫ୍ଲାପ୍ସ ସଠିକ୍ ସ୍ଥିତିରେ ନ ଥିଲା। ଏହାର ଯାଞ୍ଚ ହେବା ଉଚିତ। ଭିଡିଓରେ ପ୍ରଥମେ ବିମାନର ଅଗ୍ରଭାଗ ଉପରକୁ ଉଠୁଥିବା ଏବଂ ପରେ ତଳକୁ ଖସୁଥିବା ଦେଖାଯାଉଛି। କାରଣ ଉଡ଼ାଣ ପରେ ବିମାନରେ ପର୍ଯ୍ୟାପ୍ତ ଲିଫ୍ଟ ସୃଷ୍ଟି ହୋଇପାରୁ ନ ଥିଲା। ତେବେ ଦୁର୍ଘଟଣାର ପ୍ରକୃତ କାରଣ କଣ ତାହା ବ୍ଲାକ୍ସ ବକ୍ସ ମିଳିବା ପରେ ଜଣାପଡ଼ିବ। ଏହା ମଧ୍ୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କହିଛନ୍ତି ଯେ ମାମଲାର ନିରପେକ୍ଷ ଏବଂ ବିସ୍ତୃତ ଯାଞ୍ଚ କରାଯିବ। ଦୋଷୀଙ୍କୁ ଆଦୌ ଛଡ଼ାଯିବ ନାହିଁ।

## ଖାଉଥିଲେ, ଡାକ୍ତରଙ୍କ ହଷ୍ଟେଲରେ ପଡ଼ିଲା ବିମାନ; ୨୦ ମୃତ୍ୟୁ ଆଶଙ୍କା

ଅହମଦାବାଦ, ୧୨।୬ (ଏଜେନ୍ସି): ଏୟାର ଇଣ୍ଡିଆର ବୋଇଂ ୭୮୭ ଡ୍ରିମ୍‌ଲାଇନର ବିମାନ (ଏଆଇ-୧୭୧) ଦୁର୍ଘଟଣା ସାରା ଦେଶକୁ ସ୍ତବ୍ଧ କରିଦେଇଛି। ଉଡ଼ାଣର ୨ ମିନିଟ ଭିତରେ ବିମାନ ଅଚାନକ ଜନବହୁଳ ଅଞ୍ଚଳକୁ ଖସିପଡ଼ିଛି। ଏହା ବିଜେ ମେଡିକାଲ କଲେଜର ୪ଟି କୋଠା ସହ ମାଡ଼ ହୋଇଛି। ଏଥିରେ କୋଠା ସମ୍ପୂର୍ଣ୍ଣ ଧ୍ୱସ୍ତ ହୋଇଯାଇଛି। ଏହି କୋଠାରେ ରେସିଡେଣ୍ଟ ଡାକ୍ତର ରହୁଥିଲେ। ମଧ୍ୟାହ୍ନ ଭୋଜନ ଚାଲିଥିବାରୁ ୫୦ରୁ ୬୦ ଇର୍ଣ୍ଟର୍ଣ୍ଣ ଡାକ୍ତର ଉପସ୍ଥିତ ଥିଲେ। ଭୋଜନ ପାଇଁ ସମସ୍ତେ ଏକାଠି ହୋଇଥିଲେ। ଏହି ସମୟରେ ବିମାନ ମୃତ୍ୟୁ ପିଣ୍ଡୁଳା ହୋଇ ଉପରୁ ଖସି ଥିଲା। ହଷ୍ଟେଲ ଭିତରେ ପଶି ଯାଇଥିଲା। ଏହାର ଭୟଙ୍କର ଦୃଶ୍ୟ ଭାଇରାଲ ହେବାରେ ଲାଗିଛି। ବିମାନର ଟାୟାର ଏବଂ ଡେଣା ଆଦି ହଷ୍ଟେଲ କୋଠାରେ ପଶି ଯାଇଥିବା ଦେଖାଯାଉଛି। ଏହି ଦୁର୍ଘଟଣାରେ ହଷ୍ଟେଲ ସମ୍ପୂର୍ଣ୍ଣ ଛାରଖାର ହୋଇଯାଇଛି। ସମସ୍ତ ସାମଗ୍ରୀ ଚାରିଆଡେ ବିଛିଡେଇ ହୋଇଯାଇଛି। ପ୍ଲେଟରେ ବଢ଼ା ଯାଇଥିବା ଖାଦ୍ୟ ସେମିତି ପଡ଼ି ରହିଛି। ପାଖରେ ଗ୍ଲାସ ଥୁଆ ହୋଇଛି। ବିମାନ ଖସିବା ପରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଏହି ପ୍ରଚଣ୍ଡ ଶବ୍ଦ ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲା। କେହି କିଛି ବୁଝିବା ଆଗରୁ ହଷ୍ଟେଲରେ ନିଆଁ ଲାଗି ଯାଇଥିଲା। ଏହା ଭୟଙ୍କର ଆକାର ଧାରଣ କରି ସ୍ଥିତିକୁ ଅଣାୟତ୍ତ କରିଦେଇଥିଲା। ଦୁର୍ଘଟଣାରେ ୨୦ରୁ ଅଧିକ ଡାକ୍ତରଙ୍କ ମୃତ୍ୟୁ ଆଶଙ୍କା କରାଯାଉଛି। ତେବେ ୬ ମୃତଦେହ ଉଦ୍ଧାର କରାଯାଇଛି। ୧୫ରୁ ଅଧିକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା କୁହାଯାଉଛି। ମୃତକଙ୍କ ମଧ୍ୟରେ ୪ ଜଣ ଅଣ୍ଡରଗ୍ରାଜୁଏଟ ଏବଂ ଜଣେ ପୋଷ୍ଟ ଗ୍ରାଜୁଏଟ ରେସିଡେଣ୍ଟ ଡାକ୍ତର ସାମିଲ ଅଛନ୍ତି। ଅନ୍ୟପକ୍ଷରେ ବିମାନ ଦୁର୍ଘଟଣା ଦେଖିବା ପରେ ଜଣେ ଛାତ୍ର ହଷ୍ଟେଲର ଦ୍ୱିତୀୟ ମହଲାରୁ ଡେଇଁ ନିଜ ଜୀବନ ବଞ୍ଚାଇଛନ୍ତି।

ରିପୋର୍ଟ ଅନୁଯାୟୀ ବିମାନ ବିସ୍ଫୋରଣର ପ୍ରଭାବ ଏତେ ଜୋରଦାର ଥିଲା ଯେ ଯୋଗୁଁ ହଷ୍ଟେଲ ଭିତରେ ଥିବା ଡାକ୍ତରଙ୍କ ମୃତଦେହର ଅଂଶବିଶେଷ ଏଣେତେଣେ ପଡ଼ି ରହିଛି। ଧୂଆଁ




ଯୋଗୁଁ ହଷ୍ଟେଲ ସମ୍ପୂର୍ଣ୍ଣ କଳା ପଡ଼ିଯାଇଛି। ଚାରିଆଡେ ଅବଶେଷ ପଡ଼ି ରହିଛି। କିଛି ସମୟ ପୂର୍ବରୁ ଯେଉଁ ହଷ୍ଟେଲରେ ହସଖୁସିର ମାହୋଲ ଥିଲା ଏବେ ତାହା ପରିତ୍ୟକ୍ତ ପରି ଲାଗୁଛି। ଫଟୋରୁ ଦେଖିବାକୁ ମିଳୁଛି ଯେ ବିମାନର ପଛ ଭାଗ ହଷ୍ଟେଲ କୋଠାରେ ଝୁଲି ରହିଛି। ଅଗ୍ର ଭାଗ ସମ୍ପୂର୍ଣ୍ଣ ଭାବେ ଜଳି ଯାଇଛି। ଅନେକ କିମି ପର୍ଯ୍ୟନ୍ତ ଧୂଆଁ ଦେଖିବାକୁ ମିଳୁଛି। ସମ୍ପୂର୍ଣ୍ଣ ଅଞ୍ଚଳକୁ ଏହା ବ୍ୟାପି ଯାଇଛି।

## ବିଜୟ ରୁପାଣୀଙ୍କ ପରଲୋକ

ଅହମଦାବାଦ, ୧୨।୬ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାଣୀଙ୍କ ପରଲୋକ ହୋଇଛି। ବିମାନରେ ରୁପାଣୀ ଯାତ୍ରୀ ତାଲିକାର ୧୨ ନମ୍ବରରେ ଥିଲେ। ନିଜ ଝିଅକୁ ଭେଟିବା ପାଇଁ ରୁପାଣୀ ବ୍ରିଟେନ ଯାଉଥିଲେ। କିନ୍ତୁ ତାଙ୍କ ଶେଷ ଇଚ୍ଛା ଇଚ୍ଛାରେ ହିଁ ରହିଗଲା। ତାଙ୍କ ଝିଅର ବିବାହ ହୋଇସାରିଛି। ସେ ନିଜ ପରିବାର ସହ ଲଣ୍ଡନରେ ରହୁଛନ୍ତି। ୧୯୫୬ ଅଗଷ୍ଟ ୨ରେ ମ୍ୟାଁମାରରେ ଜନ୍ମିତ ରୁପାଣୀଙ୍କ ପରିବାର ୧୯୬୦ରେ ରାଜକୋଟ ଆସି ଯାଇଥିଲେ। ସେ ଗୁଜରାଟର ସୌରାଷ୍ଟ୍ର ୟୁନିଭର୍ସିଟିରୁ ବିଏ ଏବଂ ଏଲଏଲବି କରିଥିଲେ। ସେ ବିଜେପିର ମହିଳା ଶାଖା ସଦସ୍ୟ ଅଞ୍ଜଳୀଙ୍କୁ ବିବାହ କରିଥିଲେ। ଉଭୟଙ୍କ ଗୋଟିଏ ପୁଅ ଏବଂ ଝିଅ ଅଛନ୍ତି।

ବିଜୟ ରୁପାଣୀ ୧୯୭୧ରେ ଆରଏସଏସ ଏବଂ ଜନସଂଘରେ ସାମିଲ ହୋଇଥିଲେ। ବିଜେପିର ଗଠନ ସମୟରୁ ଦଳ ସହ ରହିଥିଲେ। ୧୯୭୬ର


ଶେଷ ଫଟୋ: ବିମାନରେ ଯାଉଥିବାବେଳେ ବିଜୟ ରୁପାନୀ

ଏମର୍ଜେନ୍ସି ସମୟରେ ସେ ୧୧ ମାସ ପାଇଁ ଜେଲ୍‌ରେ ରହିଥିଲେ। ୨୦୦୬ରୁ ୨୦୧୨ ମଧ୍ୟରେ ସେ ରାଜ୍ୟସଭା ସଦସ୍ୟ ହୋଇଥିଲେ। ୨୦୧୪ରେ ସେ ପରିବହନ ମନ୍ତ୍ରୀ ହୋଇଥିଲେ। ୨୦୧୬ ଅଗଷ୍ଟ ୭ରେ ଗୁଜରାଟ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୧୭ରେ ବିଜେପି ନିର୍ବାଚନ ଜିତିବା ପରେ ଦ୍ୱିତୀୟ ଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ୨୦୨୧ରେ ସେ ଏହି ପଦରୁ ଇସ୍ତଫା ଦେଇଥିଲେ।

## 'ମେଡେ' କ'ଣ

ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ପୂର୍ବରୁ ଏହାର ପାଇଲଟ୍ 'ମେଡେ କଲ୍' ଦେଇଥିଲେ। ଏହାପରେ ବିମାନରୁ ଆଉ କୌଣସି ବାର୍ତ୍ତା ଆସି ନ ଥିଲା। ଏହା ଜନବହୁଳ ଅଞ୍ଚଳରେ ଖସି ପଡ଼ିଥିଲା। ଏବେ ସବୁଠି ଏହି 'ମେଡେ' କ'ଣ ବୋଲି ଚର୍ଚ୍ଚା ହେଉଛି। ବିମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏହା ଏକ ଜରୁରିକାଳୀନ ଘୋଷଣା ହୋଇଥାଏ। ୫ଟି ଅତ୍ୟନ୍ତ ବିପଦପୂର୍ଣ୍ଣ ତଥା ଜରୁରୀକାଳୀନ ସ୍ଥିତିରେ ମେଡେ ଘୋଷଣା କରାଯାଇଥାଏ। ସାରା ବିଶ୍ୱରେ ଏହା ପ୍ରଚଳିତ ରହିଛି। ବିମାନ ଇଞ୍ଜିନ ଫେଲ୍ ହେଲେ, ବିମାନରେ ନିଆଁ ଲାଗିଲେ, ଆକାଶରେ କାହା ସହ ଧକ୍କା ହେଲେ କିମ୍ବା ହାଇଜାକ ଭଳି ସ୍ଥିତିରେ ଏପରି କରାଯାଇଥାଏ। ଏହା ମାଧ୍ୟମରେ ପାଇଲଟ ଏୟାର ଟ୍ରାଫିକ କଣ୍ଟ୍ରୋଲର (ଏଟିସି) କିମ୍ବା ନିକଟସ୍ଥ ବିମାନକୁ ସତର୍କ କରି ସହାୟତା ପାଇଁ କହିଥାନ୍ତି। ଏଥିପାଇଁ ବିମାନର ରେଡିଓରେ ତିନି ଥର ମେଡେ କୁହାଯାଇଥାଏ। ଯେଉଁ ବିମାନରୁ ଏହି କଲ୍ ଆସିଥାଏ ସେହି ବିମାନକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଥାଏ। ସମସ୍ତ ସମ୍ବଳକୁ ଏହି ବିମାନକୁ ସହାୟତା କରିବାରେ ଲଗାଇ ଦିଆଯାଏ। ଜରୁରୀ ସହାୟତା ପାଇଁ ସମସ୍ତଙ୍କୁ ସତର୍କ କରି ରଖାଯାଇଥାଏ। ଏହି ମେଡେ ଫ୍ରେଞ୍ଚ ଶବ୍ଦ ମାଇଦରରୁ ଆସିଛି। ଏହାର ଅର୍ଥ ମୋତେ ସହାୟତା କର। ଯଦି ସ୍ଥିତି ସେତେ ଚିନ୍ତାଜନକ ହୋଇ ନ ଥିବ ତେବେ ପାଇଲଟ ପାନ ପାନ କହିଥାନ୍ତି। ଏହା ସେତେ ଜରୁରୀ ହୋଇ ନ ଥାଏ।



## ସ୍ୱାମୀଙ୍କୁ ଭେଟିବାକୁ ଲଣ୍ଡନ ଯାଉଥିଲେ ନବବଧୂ

ନୂଆଦିଲ୍ଲୀ, ୧୨।୬(ଏଜେନ୍ସି): ରାଜସ୍ଥାନର ବାଲୋତାରା ଜିଲ୍ଲାର ଅରବା ଗାଁର ନବବଧୂ ଖୁସ୍‌ବୁ ସ୍ୱାମୀ ମନଫୁଲ ସିଂଙ୍କୁ ଭେଟିବାକୁ ଏହି ବିମାନରେ ଲଣ୍ଡନ ଯାଉଥିଲେ। କିନ୍ତୁ ତାଙ୍କର ଏହି ଯାତ୍ରା ମହାଯାତ୍ରାରେ ପରିଣତ ହୋଇଥିଲା। ସେ ଗତ ଜାନୁଆରୀରେ ମନଫୁଲଙ୍କ ହାତଧରିଥିଲେ। ମନଫୁଲ୍ ଲଣ୍ଡନରେ ପାଠ ପଢୁଛନ୍ତି। ବିବାହ ପରେ ଖୁସ୍‌ବୁ ତାଙ୍କ ପ୍ରଥମଥର ପାଇଁ ଭେଟିବାକୁ ଯାଉଥିଲେ। ଖୁସ୍‌ବୁ ହେଉଛନ୍ତି ଅରବା ବାସିନ୍ଦା ମଦନ ସିଂ ରାଜପୁରୋହିତଙ୍କ ଝିଅ। ଏହି ବିମାନ ଦୁର୍ଘଟଣାରେ ରାଜସ୍ଥାନର ୧୧ ଜଣ ଲୋକ ପ୍ରାଣ ହରାଇଛନ୍ତି। ଖୁସ୍‌ବୁ ଏମାନଙ୍କ ମଧ୍ୟରୁ ଅନ୍ୟତମ। ଏମାନଙ୍କ ମଧ୍ୟରୁ ଦୁଇଜଣ ୟୁନାଇଟେଡ କିଙ୍ଗଡ଼ମ୍ (ୟୁକେ)ରେ ରୋଷେୟା ଭାବେ କାର୍ଯ୍ୟ କରୁଥିଲେ। ସେହିପରି ଆଉ ଦୁଇଜଣ ଯାତ୍ରୀ ଜଣେ ମାର୍ବଲ ବ୍ୟବସାୟୀ ପୁଅ ଓ ଝିଅ ଥିଲେ।

## ହୋମି ଜାହାଙ୍ଗୀର ଭାବାଙ୍କଠାରୁ ଜେନେରାଲ ବିପିନ ରାୱତଙ୍କ ପର୍ଯ୍ୟନ୍ତ

**ହୋମି ଜାହାଙ୍ଗୀର ଭାବା:** ମହାନ ବୈଜ୍ଞାନିକ ତଥା ଭାରତୀୟ ପରମାଣୁ କାର୍ଯ୍ୟକ୍ରମର ପିତା କୁହାଯାଉଥିବା ହୋମି ଜାହାଙ୍ଗୀର ଭାବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ୧୯୬୬ ଜାନୁଆରୀ ୨୪ରେ ଏୟାର ଇଣ୍ଡିଆ ବିମାନ ୧୦୧ ଜେନେଭା ବିମାନବନ୍ଦରରେ ଅବତରଣ କରିବା ପୂର୍ବରୁ ବରଫ ପାହାଡ଼ରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

**ବିପିନ ରାୱତ:** ଦେଶର ପ୍ରଥମ ପ୍ରତିରକ୍ଷା ମୁଖ୍ୟ (ସିଡ଼ିଏସ୍) ଜେନେରାଲ ବିପିନ ରାୱତ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ୨୦୨୧ ଡ଼ିସେମ୍ବର ୮ରେ ସେ ସୁଲୁରରୁ ୱେଲିଂଟନ ଯାଉଥିବା ସମୟରେ ତାମିଲନାଡୁର କୁନୁରରେ ତାଙ୍କ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ବିମାନରେ ତାଙ୍କ ପତ୍ନୀ ଏବଂ ଅନ୍ୟ ୧୧ ଜଣ ମଧ ବିମାନରେ ଥିଲେ।

**ୱାଇଏସ୍ ରାଜଶେଖର ରେଡ୍ଡୀ:** ଆନ୍ଧ୍ର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇଏସ୍ ରାଜଶେଖର ରେଡ୍ଡୀ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ୨ ସେପ୍ଟେମ୍ବର ୨୦୦୯ରେ ଖରାପ ପାଗ ଯୋଗୁଁ ତାଙ୍କର ହେଲିକପ୍ଟର ଆନ୍ଧ୍ରର ନଲ୍ଲାମଲ ପର୍ବତରେ ମାଡ଼ ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

**ଡୋର୍ଜି ଖାଣ୍ଡୁ:** ଅରୁଣାଚଳ ପ୍ରଦେଶର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଡୋର୍ଜି ଖାଣ୍ଡୁ ୨୦୧୧ ଏପ୍ରିଲ ୩୦ରେ ଏକ ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ନିୟନ୍ତ୍ରଣ ହରାଇ ତାଙ୍କର ପବନ ହଂସ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଓ ପାଞ୍ଚ ଦିନ ପରେ ତୱାଙ୍ଗରେ ଏହାର ଭଗ୍ନାବଶେଷ ମିଳିଥିଲା।

**ଓପି ଜିନ୍ଦଲ ଏବଂ ସୁରେନ୍ଦର ସିଂହ:** ପ୍ରସିଦ୍ଧ ଶିଳ୍ପପତି ତଥା ହରିୟାଣା ଶକ୍ତି ମନ୍ତ୍ରୀ ଓପି ଜିନ୍ଦଲ ଏବଂ କୃଷି ମନ୍ତ୍ରୀ ସୁରେନ୍ଦର ସିଂହ ୨୦୦୫ ରେ ଏକ ହେଲିକପ୍ଟର ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କର କିଙ୍ଗ କୋବ୍ରା ହେଲିକପ୍ଟର ଦିଲ୍ଲୀରୁ ଚଣ୍ଡିଗଡ଼ ଯାଉଥିବା ବେଳେ ଉତ୍ତରପ୍ରଦେଶର ସହାରନପୁରରେ ଦୁର୍ଘଟଣାର ଶିକାର ହୋଇଥିଲା।

**ମାଧବରାଓ ସିନ୍ଧିଆ:** ପୂର୍ବତନ ରେଳମନ୍ତ୍ରୀ ମାଧବରାଓ ସିନ୍ଧିଆ ୩୦ ସେପ୍ଟେମ୍ବର ୨୦୦୧ରେ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। କାନପୁରରେ ଏକ ରାଜନୈତିକ ରାଲିକୁ ଯାଉଥିବା ସମୟରେ ତାଙ୍କ ବିମାନ ଦୁର୍ଘଟଣାରେ ହୋଇଥିଲା।



**ସଞ୍ଜୟ ଗାନ୍ଧୀ:** ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପୁଅ ତଥା ବରିଷ୍ଠ କଂଗ୍ରେସ ନେତା ସଞ୍ଜୟ ଗାନ୍ଧୀଙ୍କର ବିମାନ ଦୁର୍ଘଟଣା ଯୋଗୁଁ ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣା ୨୩ ଜୁନ୍ ୧୯୮୦ରେ ଘଟିଥିଲା। ଦିଲ୍ଲୀର ସଫଦରଜଙ୍ଗ ବିମାନବନ୍ଦରରୁ ଉଡ଼ାଣ ଭରିବା ପରେ ସେ ଚଳାଉଥିବା ଗ୍ଲାଇଡର ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

**ଜିଏମ୍ ସି ବାଲାଯୋଗୀ:** ଲୋକସଭା ବାଚସ୍ପତି ତଥା ତେଲୁଗୁ ଦେଶମ ନେତା ଜିଏମ୍ ସି ବାଲାଯୋଗୀଙ୍କ ୩ ମାର୍ଚ୍ଚ ୨୦୦୨ରେ ଆନ୍ଧ୍ର ପ୍ରଦେଶରେ ଏକ ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଦୁର୍ବଳ ଦୃଶ୍ୟମାନତା ଯୋଗୁଁ ପୋଖରୀକୁ ମାଟି ଭାବି ପାଇଲଟ ବେଲ୍ ୨୦୬ ହେଲିକପ୍ଟରକୁ ଅବତରଣ କରିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

**ମୋହନ କୁମାରମଙ୍ଗଲମ:** କଂଗ୍ରେସ ନେତା ମୋହନ କୁମାରମଙ୍ଗଲମ ୧୯୭୩ରେ ନୂଆଦିଲ୍ଲୀ ନିକଟରେ ଏକ ଇଣ୍ଡିଆନ୍ ଏୟାରଲାଇନ୍ସ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ।

**ସୁରେନ୍ଦ୍ର ନାଥ:** ୧୯୯୪ ଜୁଲାଇ ୯ ତାରିଖରେ ହିମାଚଳ ପ୍ରଦେଶରେ ସରକାରଙ୍କ ସୁପର-କିଙ୍ଗ୍ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ପଞ୍ଜାବ ରାଜ୍ୟପାଳ ସୁରେନ୍ଦ୍ର ନାଥ ଓ ତାଙ୍କ ପରିବାରର ନଅ ଜଣ ସଦସ୍ୟଙ୍କ ମୃତ୍ୟୁ ହୋଇଥିଲା।

# ଭଦ୍ରକକୁ ଡେଇଁଲା ଡାଇରିଆ

## ପୁଣି ୩ ଜଣଙ୍କ ମୃତ୍ୟୁ; ସଂଖ୍ୟା ୧୦କୁ ବୃଦ୍ଧି

ଯାଜପୁର/ଭଦ୍ରକ, ୧୨।୬ (ସମିସ): ଭଦ୍ରକକୁ ଡେଇଁଲା ଝାଡ଼ାବାନ୍ତି (ଡାଇରିଆ)। ଗତ ୩ଦିନ ଧରି ଯାଜପୁର ଜିଲ୍ଲାରେ ଆତଙ୍କ ଖେଳାଇଥିବା ଝାଡ଼ାବାନ୍ତି ଦିନକୁ ଦିନ ଉଗ୍ର ହେବାରେ ଲାଗିଥିବା ବେଳେ ଆଜି ସୀମା ଡେଇଁ ଭଦ୍ରକରେ ପ୍ରବେଶ କରିବା ସହ ପ୍ରଥମ ମୁଣ୍ଡ ନେଇଛି। ସେହିପରି ଯାଜପୁରରେ ମଧ୍ୟ ଆଉ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ଯାଜପୁର ଜିଲ୍ଲା

- ସୁଧୁରୁନି ଯାଜପୁର ସ୍ଥିତି
- ଭଦ୍ରକରେ ଗଡ଼ିଲା ପ୍ରଥମ ମୁଣ୍ଡ
- କାରଣ ଖୋଜି ପାଉନି ସ୍ୱାସ୍ଥ୍ୟ ବିଭାଗ
- ସ୍ଥିତି ସମୀକ୍ଷା କଲେ ସ୍ୱାସ୍ଥ୍ୟ ସଚିବ

ଦଶରଥପୁର ବ୍ଲକ୍ ଝାଡ଼ଙ୍ଗା ଗାଁର ପବିତ୍ର ଦାସ(୭୫), ଯାଜପୁର ବ୍ଲକ୍ ମଲପଡା ଗାଁର ସେବତୀ ଘଡ଼ାଇ ଏବଂ ଭଦ୍ରକ ଜିଲ୍ଲା ମାଳଦା ପଞ୍ଚାୟତ ଜଳହରି ଗ୍ରାମର ଗୋଲଖ କବି(୬୪)। ଗୋଲଖଙ୍କୁ ଯାଜପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେହିପରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ସେବତୀ ଓ ଗୋଲଖଙ୍କ



ଆଜି ବଡ଼ି ଭୋର୍‌ରୁ ମୃତ୍ୟୁ ଘଟିଥିବା ଜଣାଯାଇଛି। ଭଦ୍ରକର ପ୍ରଥମ ମୃତ୍ୟୁକୁ ମିଶାଇ ଆଜି ପର୍ଯ୍ୟନ୍ତ ଡାଇରିଆରେ ମୋଟ ୧୦ଜଣଙ୍କ ମୃତ୍ୟୁ ଘଟି ସାରିଲାଣି।

ଭଦ୍ରକର ଭଣ୍ଡାରିପୋଖରୀ ବ୍ଲକର ମାଳଦା ଓ ଷୋଳମପୁର ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପୁଥିବା ଜଣାପଡ଼ିଛି। ଷୋଳମପୁର ପଞ୍ଚାୟତ ଦାଣ୍ଡକୂଳ ଓ ମୁଡ଼ାପଦା ଗ୍ରାମର କିଛି ବ୍ୟକ୍ତି ଡାଇରିଆରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ମାଳଦା ଗ୍ରାମର ଜଣେ ନାବାଳିକା ଓ ରହଣିଆ ପଞ୍ଚାୟତ ରାଢ଼େ ଗ୍ରାମର ଜୈନିକ ଭିନ୍ନକ୍ଷମ ଯୁବକ ମଧ୍ୟ ଆକ୍ରାନ୍ତ ହୋଇ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଅପରପକ୍ଷେ, ଯାଜପୁରରେ ମଧ୍ୟ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଆଜି ଗୋଟିଏ ଦିନରେ ୩୭ ଆକ୍ରାନ୍ତ ଯାଜପୁରର ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଅପରପକ୍ଷେ, ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଏବେ ବି ଶତାଧିକ ରୋଗୀ ଚିକିତ୍ସିତ ହେଉଛନ୍ତି। ରୋଗୀଙ୍କ ପାଇଁ ଆବଶ୍ୟକ ଶଯ୍ୟା ନଥିବାରୁ ରୋଗୀ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି।

ବ୍ୟାସନଗର ଅଞ୍ଚଳରୁ ଆରମ୍ଭ ହୋଇଥିବା ଡାଇରିଆ ଏବେ ଜିଲ୍ଲାର ୧୦ଟି ବ୍ଲକ୍ ଏବଂ ଦୁଇଟି ପୌରପାଳିକା ଅଞ୍ଚଳକୁ ବ୍ୟାପି ସାରିଛି। ଜିଲ୍ଲାର ପ୍ରତ୍ୟେକ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନେ ଚିକିତ୍ସିତ ହେଉଥିବା ବେଳେ ଅନେକ ସ୍ୱଚ୍ଛଳ ବର୍ଗର ଲୋକେ ବିଭିନ୍ନ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ମଧ୍ୟ ଜଣାପଡିଛି। ଏଥିସହିତ ଅନେକ ରୋଗୀ ପଡ଼ୋଶୀ ଜିଲ୍ଲାର ଡାକ୍ତରଖାନାରେ ଚିକିତ୍ସିତ ସହିତ ମୃତ୍ୟୁବରଣ କରିଥିବାରୁ ପ୍ରକୃତ ସଂଖ୍ୟା ମଧ୍ୟ ଜଣାପଡୁନାହିଁ। ସେପଟେ ରାଜ୍ୟରୁ ଆସିଥିବା ବିଭିନ୍ନ ଡାକ୍ତରୀଦଳ ସମେତ ଯଯାତି କେଶରୀ ମେଡିକାଲ କଲେଜ ଡାକ୍ତରୀ ଦଳ, ଯାଜପୁର ଜିଲ୍ଲା ମେଡିକାଲ ଟିମ୍ ବିଭିନ୍ନ ଅଞ୍ଚଳକୁ ଯାଇ ଝାଡ଼ାବାନ୍ତିକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ ଚଳାଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ହାଲୋଜେନ ଟାବଲେଟ ବଣ୍ଟନଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି।

ଆଜି ଅପରାହ୍ଣରେ ସ୍ୱାସ୍ଥ୍ୟ ସଚିବ ଏସ୍. ଅଶ୍ୱଥୀ ଜିଲ୍ଲାରେ ପହଞ୍ଚି ସ୍ୱାସ୍ଥ୍ୟ ସେବାର ସମୀକ୍ଷା କରିଛନ୍ତି। ଡାଇରିଆର କାରଣ ସଂପର୍କରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପ୍ରତିନିଧି ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ରହି ସମୀକ୍ଷା କରୁଛନ୍ତି। ସମ୍ବେଦନଶୀଳ ଅଞ୍ଚଳକୁ ଠାବ କରି ସେଠାରେ ମୋବାଇଲ ଟିମ୍ ପଠାଯାଇ ଲୋକଙ୍କୁ ସଚେତନ କରାଯିବ ବୋଲି ସ୍ୱାସ୍ଥ୍ୟ ସଚିବ କହିଛନ୍ତି। କିନ୍ତୁ ଡାଇରିଆର ପ୍ରକୃତ କାରଣ ଜଣାପଡ଼ି ନଥିବା ବେଳେ ଆସନ୍ତାକାଲି ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ବୋଲି ସ୍ୱାସ୍ଥ୍ୟ ସଚିବ କହିଛନ୍ତି।

## ଦୁର୍ଘଟଣାରେ ମା' ପୁଅ ମୃତ

ଯାଜପୁର, ୧୨।୬(ସମିସ): ଯାଜପୁର ସଦର ଥାନା ଅନ୍ତର୍ଗତ ବରୁଆଁ-ବରୀ ରାସ୍ତାର କୁଝାଲା ଛକ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ମା' ଓ ପୁଅଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ଶ୍ୟାମଦାସପୁର ପଞ୍ଚାୟତ କଳସପୁର ଗ୍ରାମର ପରୀକ୍ଷିତ ଦାସଙ୍କ ପତ୍ନୀ ପାକନ ଦାସ ଓ ତାଙ୍କର ପୁଅ ସାଇ ଦାସ (୭) ।ପୁଲିସ୍ ସୂଚନାନୁଯାୟୀ, ସାଇକୁ ଜ୍ୱର ହୋଇଥିବାରୁ ପାକନ ତାକୁ ସୁଜନପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ମା'-ପୁଅ ଫେରୁଥିବା ବେଳେ କୁଝାଲା ଛକ ନିକଟରେ ଏକ ପିକଅପ୍ ସେମାନଙ୍କୁ ପଛରୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକ ଦୁହିଁଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସେମାନଙ୍କୁ ପଠାଇଥିଲେ। କିନ୍ତୁ ସେଠାରେ ଡାକ୍ତର ସାଇଙ୍କୁ ମୃତ ଘୋଷଣା କରିଥିବା ବେଳେ ପାକନଙ୍କ ଚିକିତ୍ସା ଆରମ୍ଭ ହୋଇଥିଲା। କିନ୍ତୁ କିଛି ସମୟ ପରେ ତାଙ୍କର ମଧ୍ୟ ମୃତ୍ୟୁ ହୋଇଯାଇଥିଲା। ସଦର ଥାନା ପୁଲିସ ଡାକ୍ତରଖାନାରେ ପହଞ୍ଚି ମା'-ପୁଅଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଏହି ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଅଡ଼ି ବସିବାରୁ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ସଦର ଥାନା ପୁଲିସ ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନକୁ ଜବତ କରିବା ସହ ଚାଳକକୁ ଅଟକ ରଖି ତଦନ୍ତ କରୁଛି।

## ସାପ କାମୁଡ଼ାରେ ଦମ୍ପତି ମୃତ

ଚମ୍ପୁଆ,୧୨।୬(ସମିସ): ସାପକାମୁଡ଼ାରେ ଚାଲିଗଲା ଦମ୍ପତିଙ୍କ ଜୀବନ। କେନ୍ଦୁଝର ଜିଲ୍ଲା ସୀମାନ୍ତ ଝାଡ଼ଖଣ୍ଡର ଜରପାଇ ଗ୍ରାମରେ ଗତରାତିରେ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ନନି ଜେରାଇ ଓ ତାଙ୍କ ସ୍ତ୍ରୀ କବିତା ଜେରାଇ। ୩ ଛୁଆଙ୍କ ସହ ଏହି ଜେରାଇ ଦମ୍ପତି ଗତକାଲି ଖାଇପିଇ ଶୋଇଥିବା ବେଳେ ବିଳମ୍ବିତ ରାତିରେ କୌଣସି ଏକ ବିଷଧର ସାପ ଦୁହିଁଙ୍କୁ କାମୁଡ଼ି ଦେଇଥିଲା। ସକାଳୁ ୩ ଛୁଆଙ୍କ କାନ୍ଦ ଶୁଣି ପଡ଼ୋଶୀ ଘରକୁ ଯାଇ ଦେଖିବାରୁ ସ୍ୱାମୀ-ସ୍ତ୍ରୀ ଦୁହେଁ ନିଶ୍ଚଳ ଅବସ୍ଥାରେ ପଡ଼ି ରହିଥିଲା। ସେମାନଙ୍କ ଦେହରେ ସାପ ଦଂଶନର ଚିହ୍ନ ଦେଖି ଗ୍ରାମବାସୀ ଦୁହିଁଙ୍କୁ ତୁରନ୍ତ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଜଗନ୍ନାଥପୁର ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଯୁବକଙ୍କୁ ପଥରରେ ଛେଚି ହତ୍ୟା

### ରାସ୍ତା କଡ଼ରୁ ରକ୍ତଜୁଡୁବୁଡୁ ମୃତଦେହ ଉଦ୍ଧାର

ଫିରିଙ୍ଗିଆ,୧୨।୬(ସମିସ): କନ୍ଧମାଳ ଜିଲ୍ଲା କେଲାପଡ଼ା ପଞ୍ଚାୟତ ବଇରିକୁମ୍ପା ଗାଁ ରାସ୍ତାକଡ଼ରୁ ଫିରିଙ୍ଗିଆ ପୁଲିସ୍ ଆଜି ଜଣେ ଯୁବକଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର କରିଛି। ମୃତକ



ହେଲେ, ନୂଆପଦର ପଞ୍ଚାୟତ ଜାର୍ଗିପଡ଼ା ଗାଁର ପ୍ରଭାତ ମଲିକ। ସେ ଜଣେ ଗାଡ଼ି ଚାଳକ ବୋଲି ଜଣାପଡ଼ିଛି। ପାରିପାର୍ଶ୍ୱିକ ସ୍ଥିତିରୁ କେହି ଦୁର୍ବୃତ୍ତ ତାଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ପୁଲିସ ତଦନ୍ତ ଆରମ୍ଭ କରିଛି। ତେବେ କେଉଁ କାରଣରୁ ପ୍ରଭାତଙ୍କୁ ହତ୍ୟା କରାଯାଇଛି, ତାହା ଜଣାପଡ଼ିନାହିଁ। ପ୍ରଭାତଙ୍କ ମା'ଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପଞ୍ଚନାମା ପରେ ପୁଲିସ୍ ଶବକୁ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଫିରିଙ୍ଗିଆ ଥାନା ଅଧିକାରୀ ଗୋପୀନାଥ ପ୍ରଧାନ କହିଛନ୍ତି।

ସୂଚନାନୁଯାୟୀ, ବୁଧବାର ସକାଳ ପ୍ରାୟ ୯ଟାରେ ପ୍ରଭାତ ସାଇକଲ ଧରି ଘରୁ କେଉଁଆଡ଼େ ଯାଇଥିଲେ। ମାତ୍ର ଆଉ ଘରକୁ ନ ଫେରିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ପରିବାରଲୋକ ସବୁଆଡ଼େ ଖୋଜାଖୋଜି କରି ନିରାଶ ହୋଇଥିଲେ ହେଁ ତାଙ୍କର ପତ୍ତା ମିଳିନଥିଲା। ତେବେ ଆଜି ସକାଳେ ବଇରିକୁମ୍ପା ଗାଁର ରାସ୍ତାକଡ଼ରେ ଏକ ମୃତଦେହ ପଡ଼ିଥିବା ଖବର ପାଇ ପରିବାରଲୋକେ ସେଠାରେ ପହଞ୍ଚି ଶବକୁ ଚିହ୍ନଟ କରିଥିଲେ।

## ସରକାରଙ୍କୁ କଂଗ୍ରେସର ନିଶାଣ: ଗୋଟିଏ ବର୍ଷ; ୨୩ ପ୍ରତାରଣା

ଭୁବନେଶ୍ୱର,୧୨।୬(ସମିସ): ନିର୍ବାଚନ ସମୟରେ ପ୍ରତିଶ୍ରୁତିରେ ପୋତି ପକାଇଥିବା ମୋହନ ସରକାର ଏବେ ବର୍ଷପୂର୍ତ୍ତି ପାଳନ କରୁଛନ୍ତି। ମାତ୍ର ପ୍ରତିଶ୍ରୁତି ନାଁରେ ସରକାରଙ୍କ ପ୍ରତାରଣାର ପ୍ରତିଛବି ରାଜ୍ୟ ଶାସନରେ ପ୍ରତିଫଳିତ ହୋଇଛି। ସମନ୍ୱୟ ଅଭାବ ଓ ଅହମିକା ଶାସନ ବ୍ୟବସ୍ଥାକୁ ଦିଗହରା କରିଛି। ତଳରୁ ଉପରସ୍ତର ଯାଏ ଦୁର୍ନୀତି ଭରି ରହିଛି। ଲୋକଙ୍କ କୋଟି କୋଟି ଟଙ୍କାରେ ଏକ ବର୍ଷର ପୂର୍ତ୍ତିପାଳନ ଉତ୍ସବ

- ସାରା ରାଜ୍ୟରେ ସାମ୍ବାଦିକ ସମ୍ମିଳନୀ କରିବ କଂଗ୍ରେସ
- ବିଜେପି ସରକାରଙ୍କ ଅସ୍ମିତା ନୁହେଁ ଆସ୍ଫାଳନ: ଭକ୍ତ

ଏକ ପ୍ରହସନ। ଅସ୍ମିତା ନାଁ ରେ ଆସ୍ଫାଳନ ଦେଖାଇ ଶାସନ ଗାଦିରେ ବସିଥିବା ମୋହନ ସରକାର ରାଜ୍ୟବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଠକିଛନ୍ତି ବୋଲି ପ୍ରଦେଶ କଂଗ୍ରେସ ଅଭିଯୋଗ କରିଛି। ରାଜ୍ୟ ସରକାର ବର୍ଷପୂର୍ତ୍ତି ପାଳନ କରୁଥିବାବେଳେ କଂଗ୍ରେସ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ ୨୩ ପ୍ରତାରଣା



ରାଜ୍ୟବାସୀଙ୍କ ସାମ୍ନାରେ ଉପସ୍ଥାପନ କରିଛି।

ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ବିଜେପିର ପ୍ରତିଶ୍ରୁତିର ପ୍ରତାରଣାକୁ ପଦାରେ ପକାଇବା ପାଇଁ 'ବର୍ଷ-୧, ପ୍ରତାରଣା ଅନେକ'କୁ ନେଇ ରାଜ୍ୟରେ ପ୍ରମୁଖ ସହରରେ ବରିଷ୍ଠ ନେତାମାନେ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ଅସଲମୁଖା ଖୋଲିବେ। ବିଜେପି ସରକାରର ଛଳନାର ସମ୍ପର୍କରେ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ-ବଲାଙ୍ଗୀର, ନିରଞ୍ଜନ ପଟ୍ଟନାୟକ-ଖୋର୍ଦ୍ଧା, ଜୟଦେବ ଜେନା-ପୁରୀ, ପ୍ରସାଦ ହରିଚନ୍ଦନ-ବ୍ରହ୍ମପୁର, ତାରାପ୍ରସାଦ ବାହିନୀପତି-ବାଲେଶ୍ୱର, ଜଗନ୍ନାଥ ପଟ୍ଟନାୟକ-ସମ୍ବଲପୁର, ଅନନ୍ତ ପ୍ରସାଦ ସେଠୀ- କେନ୍ଦ୍ରାପଡ଼ା, ସିଏସ ରାଜନ ଏକ୍କା- ରାୟଗଡ଼ା ଆଦି ପ୍ରମୁଖ ଜିଲ୍ଲାରେ ସାମ୍ବାଦିକ ସମ୍ମିଳନୀ କରିବେ ବୋଲି ସେ ସୂଚନା ଦେଇଛନ୍ତି।

ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ପ୍ରସାଦ ହରିଚନ୍ଦନ ବିଜେପି ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି କିଭଳି ପ୍ରତାରଣାରେ ପରିଣତ ହୋଇଛି ସେ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଦୁର୍ନୀତି ସୀମା ଲଙ୍ଘନ କରିଛି, ଚିଟଫଣ୍ଡ ଜମାକାରୀମାନଙ୍କୁ ଟଙ୍କା ପ୍ରଦାନ କରିବାରେ ସରକାର ବିଫଳ ହୋଇଛନ୍ତି, ଧାନର କଟଣୀ ଛଟଣୀ, ସୁଭଦ୍ରା ଯୋଜନାରେ ୫୦ ହଜାର ବଦଳରେ ୫ ହଜାର ପ୍ରଦାନ, ରତ୍ନ ଭଣ୍ଡାର ଗଣତି ମଣତି କରିବାରେ ବିଫଳତା, ଆୟୁଷ୍ମାନ ଯୋଜନାର ଅବ୍ୟବସ୍ଥା, ବାର୍ଦ୍ଧକ୍ୟ ଭତ୍ତା ୩୦୦୦ ନ ଦେବା ଭଳି ପ୍ରମୁଖ ପ୍ରତିଶ୍ରୁତି ପୂରଣ କରିବାରେ ସରକାର ବିଫଳ ହୋଇଛନ୍ତି ବୋଲି ପ୍ରସାଦ କହିଛନ୍ତି।

ସେହିପରି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ମୋହନ ସରକାର ଅସ୍ମିତା କଥା କହି କ୍ଷମତାକୁ ଆସିଲା; ଅସ୍ମିତାର ସମ୍ମାନ ରଖିବାରେ ସଫଳ ହୋଇ ପାରିଲା ନାହିଁ। ଶୀତଳ ଭଣ୍ଡାର ଓ କୃଷି ବିଦ୍ୟାଳୟ ସ୍ଥାପନ ପ୍ରତିଶ୍ରୁତି ପାଣିରେ ଗାର ହୋଇଛି। ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଦରମା ବୃଦ୍ଧି କରିବେ ବୋଲି ନିରାଶ ଭିତରକୁ ଠେଲିଛନ୍ତି। ପେସା ଆଇନର ପ୍ରତିଶ୍ରୁତି ପାଳନ ହୋଇନାହିଁ ବୋଲି ସେ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଡ୍ରାଫ୍ଟିଂ କମିଟି ସଦସ୍ୟ ତାରା ପ୍ରସାଦ ବାହିନୀପତି, ଅନନ୍ତ ପ୍ରସାଦ ସେଠୀ, ଜଗନ୍ନାଥ ପଟ୍ଟନାୟକ, ରଜନୀ ମହାନ୍ତି, ଜୟଶ୍ରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରୁ ସଶସ୍ତ୍ର ଡକାୟତି

ଯୋଡ଼ା,୧୨।୬(ସମିସ): କେନ୍ଦୁଝର ଜିଲ୍ଲା ସେଣ୍ଟ ଟେରେସା ସ୍କୁଲ ସମ୍ମୁଖରେ ଥିବା ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଯୋଡ଼ା ଶାଖାରୁ ଆଜି ସକାଳେ ଏକ ବଡ଼ଧରଣର ଡକାୟତି ହୋଇଛି। ସକାଳ ପ୍ରାୟ ୧୦ଟାରେ ୫ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ବ୍ୟାଙ୍କରୁ

### ବନ୍ଧୁକ ଦେଖାଇ ଲୁଟିନେଲେ ୧୧ଲକ୍ଷ, ଗହଣା

୧୧ଲକ୍ଷରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ଏବଂ ସୁନାଗହଣା ଲୁଟି ନେଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ମିଳିଥିବା ସୂଚନାନୁସାରେ, ବ୍ୟାଙ୍କ ଖୋଲୁଖୋଲୁ ଦୁର୍ବୃତ୍ତମାନେ ଭିତରକୁ ଧସେଇ ପଶିଥିଲେ। କିଛି ବ୍ୟାଙ୍କ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ମାଡ଼ ମାରିବା ପରେ ବ୍ୟାଙ୍କର ମୁଖ୍ୟ ଫାଟକକୁ ଭିତରପଟୁ ବନ୍ଦ କରି ସମସ୍ତଙ୍କଠାରୁ ମୋବାଇଲ ଛଡ଼ାଇ ନେଇଥିଲେ। ପରେ ସମସ୍ତ କର୍ମଚାରୀମାନଙ୍କୁ ଗୋଟିଏ କୋଠରିରେ ବନ୍ଦ କରିଦେଇ କ୍ୟାସ ବାକ୍ସରେ ଥିବା ୧୧ ଲକ୍ଷରୁ



ଊର୍ଦ୍ଧ୍ୱ ଟଙ୍କା ଓ କେତେକ ସୁନା ପ୍ୟାକେଟ୍ ନେଇଯାଇଥିଲେ। ଯିବା ବେଳେ ସେମାନେ ବ୍ୟାଙ୍କରେ ଲାଗିଥିବା ସିସିଟିଭି କ୍ୟାମେରାରର ହାର୍ଡ ଡିସ୍କଟିକୁ ମଧ୍ୟ ଖୋଲି ନେଇଥିଲେ। ବାହାରପଟୁ କବାଟ ବନ୍ଦ କରି ସେମାନେ ଚମ୍ପଟ ମାରିଥିଲେ। ଅଭିଯୁକ୍ତମାନଙ୍କ ମଧ୍ୟରୁ ୩ଜଣ ବନ୍ଧୁକ ଧରିଥିବା ବେଳେ ଅନ୍ୟ ୨ଜଣ ଛୁରି ଧରିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ପରେ କର୍ମଚାରୀମାନେ କବାଟ ଭାଙ୍ଗି ସମସ୍ତେ ପଦାକୁ ବାହାରିବା ପରେ ଏ ସଂକ୍ରାନ୍ତରେ ଯୋଡ଼ା ପୁଲିସକୁ ସୂଚନା ଦେଇଥିଲେ। ଜନଗହଳିପୂର୍ଣ୍ଣ ସ୍ଥାନରୁ ଦିନ ଆଲୁଅରେ ଏଭଳି ବ୍ୟାଙ୍କ ଡକାୟତିକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଯୋଡ଼ା ଓ ବଡ଼ବିଲ ଏସ୍‌ଡିପିଓ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଏନେଇ ସୁରାକ ମିଳି ପାରିନାହିଁ। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ଓ ରାଉରକେଲା ଏସପି ନିତେଶ ୱାଧୱାନୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରି ପୁଲିସ ଅନୁସନ୍ଧାନ ଚଳାଇଥିଲା ବେଳେ ଜଣେ ସନ୍ଦିଗ୍ଧର ଫଟୋ ପୁଲିସ ହାତରେ ଲାଗିଥିବା କୁହାଯାଉଛି।

ସୂଚନାଯୋଗ୍ୟ, ସମାନ ଢଙ୍ଗରେ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଆନ୍ଧ୍ରା ବ୍ୟାଙ୍କ (ୟୁନିଅନ ବ୍ୟାଙ୍କ) ରେ ମଧ୍ୟ ପୂର୍ବରୁ ସଶସ୍ତ୍ର ଡକାୟତି ଘଟିଥିବା ବେଳେ ପୁଲିସ ତା'ର କୌଣସି ଖୋଜ ଖବର ଅଦ୍ୟାବଧି ପାଇପାରିନାହିଁ।

## ଗୋଷ୍ଠୀସଂଘର୍ଷରୁ ଭଦ୍ରକରେ ଜଣଙ୍କ ମୃତ୍ୟୁ ଘଟଣା: ସହରସାରା ପୁଲିସ ଛାଉଣୀ; ଇଣ୍ଟର୍‌ନେଟ୍ ବନ୍ଦ

ଭଦ୍ରକ,୧୨।୬(ସମିସ): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା କଷଟିଠାରେ ଗୋଷ୍ଠୀବିବାଦରୁ ଗୁରୁତର ଆହତଙ୍କ ମୃତ୍ୟୁ ହେବା ପରେ ଭଦ୍ରକରେ କଟକଣା ଜାରି ହୋଇଛି। ଆଇନଶୃଙ୍ଖଳା ଦୃଷ୍ଟିରୁ ଭଦ୍ରକ ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍ ସେବା ବନ୍ଦ କରାଯିବା ସହ ୨୭ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଜିଲ୍ଲାର ଭଦ୍ରକ, ତିହିଡ଼ି, ଧାମନଗର ବ୍ଲକ ସହ ଭଦ୍ରକ ପୌରାଞ୍ଚଳ ଓ ଧାମନଗର ଏନ୍‌ଏସିରେ ଇଣ୍ଟରନେଟ୍ କଟକଣା ଜାରି ହୋଇଛି। ସହର ତମାମ ପୁଲିସ ପାଟ୍ରୋଲିଂ କରାଯିବ ସହିତ ଉଠାଦୋକାନଗୁଡ଼ିକୁ ମଧ୍ୟ ବନ୍ଦ କରାଯାଇଛି। ସେହିପରି ମୃତକଙ୍କ ମରଶରୀର ଭଦ୍ରକରେ ପହଞ୍ଚିବା ପରେ ତାଙ୍କ ଗାଁ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଏସ୍‌କର୍ଟରେ ନିଆଯାଇଛି।

ଗତ ମେ' ୩୦ ତାରିଖରେ ଭଦ୍ରକ ଜିଲ୍ଲା ତିହିଡି ଥାନା କଷଟି ଗୁଜିଦରଡ଼ା ଅଞ୍ଚଳରେ ଦୁଇ ଗୋଷ୍ଠୀ ବିବାଦକୁ ନେଇ ଆକ୍ରମଣର ଶିକାର ହୋଇ ଗୁରୁତର ହୋଇଥିଲେ



କଷଟି ଗ୍ରାମର ସନ୍ତୋଷ ପରିଡ଼ା। ଦୀର୍ଘ ଦିନ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସା ହେବା ପରେ ଗତକାଲି ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ଆଇନଶୃଙ୍ଖଳା ବଜାୟ ରଖିବାକୁ ଆଜି ଭଦ୍ରକ ପୁଲିସ୍ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଆଜି ସକାଳ ୬ଟାରୁ ଆସନ୍ତାକାଲି ସକାଳ ୬ଟା ପର୍ଯ୍ୟନ୍ତ ଭଦ୍ରକର ୫ଟି ସ୍ଥାନରେ ଇଣ୍ଟରନେଟ୍ ସେବା ସଂପୂର୍ଣ୍ଣ ବନ୍ଦ କରାଯାଇଛି। ଭଦ୍ରକ ସହର ସମେତ ଏହାର ଆଖପାଖ ଅଞ୍ଚଳରେ ୨୭ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ବାଲେଶ୍ୱର ଓ ମୟୂରଭଞ୍ଜରୁ ପ୍ରାୟ ୪୫ଜଣ ପୁଲିସ୍ ଅଧିକାରୀଙ୍କୁ ମୁତୟନ କରାଯାଇଛି। ସୋସିଆଲ ମିଡିଆରେ ଗୁଜବ ନ ଖେଳାଇବା ପାଇଁ ନିବଦେନ କରିଛି ପୁଲିସ। କୌଣସି ଅଭିଯୋଗ ଥିଲେ, କଣ୍ଟ୍ରୋଲ ରୁମ୍‌କୁ ଜଣାଇବା ପାଇଁ ଭଦ୍ରକ ପୁଲିସ କହିଛି। ସେହିପରି ଭଦ୍ରକ ସହରର ଆରଡି ଛକଠାରୁ ବାଇପାସ୍ ପର୍ଯ୍ୟନ୍ତ ସମସ୍ତ ଉଠାଦୋକାନକୁ ପୁଲିସ୍ ବନ୍ଦ କରାଇଛି।

ଅପରପକ୍ଷେ, ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକ ଭଦ୍ରକରେ ପହଞ୍ଚି ଆଇନଶୃଙ୍ଖଳାର ସ୍ଥିତି ଯାଞ୍ଚ କରିଛନ୍ତି। ଭଦ୍ରକ ଏସ୍‌ପି ପ୍ରତ୍ୟେକ ଅଞ୍ଚଳ ବୁଲି ସ୍ଥିତିର ଯାଞ୍ଚ

- ବିଭିନ୍ନ ସ୍ଥାନରେ ରାସ୍ତାରୋକ ଓ ଉତ୍ତେଜନା
- ୨୭ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ
- ସ୍ଥିତି ସମୀକ୍ଷା କଲେ ଡିଆଇଜି

କରିଛନ୍ତି। ଲୋକମାନେ ଗୁଜବରେ ବିଶ୍ୱାସ ନକରି ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଡିଆଇଜି ଲୋକମାନଙ୍କୁ ନିବେଦନ କରିଛନ୍ତି। ଏହି ଘଟଣାକୁ ନେଇ ଭଦ୍ରକ ନେହରୁ ଷ୍ଟାଡିୟମ୍ ସମ୍ମୁଖରେ ଉତ୍ତ୍ୟେକ୍ତ ଲୋକମାନେ ରାଜରାସ୍ତା ଅବରୋଧ କରିଥିଲେ। ରାସ୍ତାରେ ରାସ୍ତାରେ ଟାୟାର ଜାଳି ବସି ରହିଥିଲେ। ପୁଲିସ୍ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକ ଉଠିଥିଲା। ଅନ୍ୟପକ୍ଷରେ ଦୀର୍ଘ ୨୪ ଘଣ୍ଟା ପାଇଁ ଭଦ୍ରକରେ ଇଣ୍ଟରନେଟ୍ ସେବା ପ୍ରଶାସନ ପକ୍ଷରୁ ବନ୍ଦ କରାଯିବାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଶାନ୍ତିଶୃଙ୍ଖଳା ରକ୍ଷା କରି ପ୍ରଶାସନ ଓ ପୁଲିସକୁ ପୂର୍ଣ୍ଣ ସହଯୋଗ ଲାଗି ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଓ ଏସ୍‌ପି ମନୋଜ ରାଉତ ଅନୁରୋଧ କରିଛନ୍ତି।



■ ରଥଖଳାରୁ...

# ତିନିରଥରେ ଚଉଦ ନାହାକା ବୁଲିଲା



ପୁରୀ,୧୨।୬(ସମିସ): ଆଉ ମାତ୍ର ୧୪ଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ରଥଖଳାରେ ଦ୍ରୁତଗତିରେ ଆଗେଇ ଚାଲିଛି ବିଶ୍ୱନିୟନ୍ତାଙ୍କ ରଥ ନିର୍ମାଣ କାମ। ମହାରଣା, ଭୋଇ, ରୂପକାର, କମାର, କରତି ସେବକମାନେ ରଥ ନିର୍ମାଣ କାମକୁ ଆଗେଇ ନେଉଛନ୍ତି। ଗୁରୁବାର ତିନିରଥରେ ଚଉଦ ନାହାକା ବୁଲିଛି। ଅର୍ଥାତ୍ ଚଉଦ ନହାକା ଖମ୍ବିଗୁଡ଼ିକୁ ପ୍ରତି ରଥର ଚାରିନାହାକାଠାରୁ ଅଢ଼େଇ ଫୁଟ୍ ବ୍ୟବଧାନରେ ଚାରି ନାହାକା ଚତୁଃପାର୍ଶ୍ୱରେ ବୁଲିବା ସହ ପ୍ରଥମ ଭୂଇଁ ଛ' କାଠିରେ ପାଖୁଡ଼ା ସଂଯୋଗ ହୋଇ ପ୍ରଥମ ଭୂଇଁ ବା ମୂଳ ଭୂଇଁ ଫ୍ରେମ୍ ପଡ଼ିଛି। ଏଥିସହ ରଥ ଚାଳିରେ ତିନିରଥର ମଝି ଭୂଇଁ ବା ଦ୍ୱିତୀୟ ଭୂଇଁ ଫ୍ରେମ ନିର୍ମାଣ ଶେଷ ହୋଇ ବିଭିନ୍ନ ଅଂଶଗୁଡ଼ିକର ନମ୍ବରିଂ କରାଯାଇଛି। ଶୁକ୍ରବାର ଏହି ଦ୍ୱିତୀୟ ଭୂଇଁ ଫ୍ରେମ୍ ଖୋଲାଯାଇ ତିନିରଥରେ ସଂଯୋଗ ସହ ତୃତୀୟ ଭୂଇଁ ବା ଅଗ ଭୂଇଁ ଫ୍ରେମ ନିର୍ମାଣ ହେବ। ଏଥିସହ ପ୍ରତ୍ୟେକ ରଥର ଆଗ ଆଣି ପଛ ଆଣି ଦୁଇଟି ଲେଖାଏଁ କତରା ନିର୍ମାଣ ଶେଷ ପରେ ଗୁରୁବାର ତିନିରଥର ଦୁଇଟି ଲେଖାଏଁ ପଛ ଆଣି କତରା ସେଟିଂ ହୋଇଛି। ମହାରଣା ସେବକ ରୂପକାର ସେବକମାନଙ୍କୁ ଗୋଟିଏ ଗୋଟିଏ ଧୂଳି ଦଣ୍ଡା ଚଉପଟ ଶେଷ କରି ଯୋଗାଇ ଦେଇଛନ୍ତି। ରୂପକାର ସେବକମାନେ ସେଥିରେ ୫ଟି ଲେଖାଏଁ ପଦ୍ମ ଫୁଲ ଏବଂ ଦୁଇ ପାର୍ଶ୍ୱରେ ପଦ୍ମ କଢ଼ି ଚିତ୍ର ଅଙ୍କନ ଶେଷ କରି ଖୋଦେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ମହାରଣା ସେବକମାନେ ତିନି ରଥର କନକ ମୁଣ୍ଡି, ଅଁଳା ପିଣ୍ଡି ଏବଂ କଳସ ପିଣ୍ଡି ନିର୍ମାଣ ଶେଷ କରିଛନ୍ତି। ରୂପକାର ସେବକ ନାଟଗୋଡ଼ରେ ଗନ୍ଧର୍ବ ରୂପ ଖୋଦେଇ ସହ, ଧୂଳି ଦଣ୍ଡାରେ ଚିତ୍ର ଖୋଦେଇ ଜାରି ରଖିଛନ୍ତି। କମାର ସେବକମାନେ ଦ୍ୱିତୀୟ ଭୂଇଁ, ତୃତୀୟ ଭୂଇଁ କଣ୍ଟା ସହ, ପୋଟଳ ନଦା କଣ୍ଟା ନିର୍ମାଣ କରୁଛନ୍ତି। ପାହି ମହାରଣାମାନେ ଅଣସର ପାଇଁ ଅଣସର କୁଣ୍ଡ ଘୋଡ଼ିଆ ଏବଂ କାଠ, ବାଉଁଶ ସାମଗ୍ରୀ ଯୋଗାଇ ସାରି ଗୁଣ୍ଡିଚା ଘର ଗରୁଡ଼ ମହାପ୍ରଭୁଙ୍କ ସ୍ନାନ ଏବଂ ବେଶ କାର୍ଯ୍ୟ ପାଇଁ କାଠ ନିର୍ମିତ ନିଶୁଣି, ଠାକୁରଙ୍କ ବେଶ ପାଇଁ ବେଶ ଘୋଡ଼ିଆ ତିଆରି କରୁଛନ୍ତି।

**ବାଟରେ ଖରାପ ହେଲା ଆମ୍ବୁଲାନ୍ସ**

# ଅମ୍ଳଜାନ ଅଭାବରୁ ଚାଲିଗଲା ଯୁବକଙ୍କ ଜୀବନ




ନିଶ୍ଚିନ୍ତକୋଇଲି,୧୨।୬(ସମିସ): ବାଟମଝିରେ ଖରାପ ହୋଇଗଲା ଆମ୍ବୁଲାନ୍ସ। ଦୁର୍ଭାଗ୍ୟକୁ ସେଥିରେ ଅମ୍ଳଜାନ ସିଲିଣ୍ଡର୍ ନଥିବାରୁ ଛଟପଟ ହୋଇ ଜଣେ ରୋଗୀଙ୍କ ଜୀବନ ଚାଲିଗଲା। କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ୍ ଅଞ୍ଚଳରେ ଆଜି ଏପରି ଏକ ଅଘଟଣ ଘଟିଛି। ମୃତକ ହେଲେ, ଜିଗ୍ନିପୁର ଗ୍ରାମର ଧ୍ରୁବଚରଣ ପଣ୍ଡାଙ୍କ ବଡ଼ପୁଅ ପ୍ରଦ୍ୟୁମ୍ନ ଓରଫ୍ ଶିବୁ (୩୪)।

ସୂଚନାନୁଯାୟୀ, ପ୍ରଦ୍ୟୁମ୍ନଙ୍କ ଦେହ ଖରାପ ଯୋଗୁଁ ପରିବାରଲୋକ ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ତାଙ୍କ ଅବସ୍ଥା ଉଦ୍‌ବେଗଜନକ ରହିବାରୁ ଏକ ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ହେଲେ ପାଗା ଛକ ନିକଟରେ ହଠାତ୍ ଆମ୍ବୁଲାନ୍ସ ଖରାପ ହୋଇଯାଇଥିଲା। ଆମ୍ବୁଲାନ୍ସରେ ଅମ୍ଳଜାନ ମଧ୍ୟ ନଥିଲା। ରୋଗୀ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେଉଥିଲା ବେଳେ ସଂପୃକ୍ତ ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ଅନ୍ୟ ଏକ ଆମ୍ବୁଲାନ୍ସକୁ ଡାକି ତାଙ୍କୁ ମେଡିକାଲ ପଠାଇବାର ବ୍ୟବସ୍ଥା କରିଥିଲେ। ସେତେବେଳକୁ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିଳମ୍ବ ହୋଇଯାଇଥିଲା। ପରେ ବଡ଼ ମେଡିକାଲରେ ଡାକ୍ତର ଚିକିତ୍ସା କରିବା ପୂର୍ବରୁ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏହି ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ପ୍ରଦ୍ୟୁମ୍ନଙ୍କ ପରିବାରଲୋକଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ପ୍ରଦ୍ୟୁମ୍ନ ଅବିବାହିତ ଥିଲେ। ଜଣେ ଶାନ୍ତ, ସରଳ ସ୍ୱଭାବର। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଏ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ସାନଭାଇ ପ୍ରକାଶ ପଣ୍ଡା ମୁଖାଗ୍ନି ଦେଇଥିଲେ।

**୧୮ ଫୁଟ୍‌ବଲ୍ ଡଟ୍. କମ୍ ଠକେଇ ମାମଲା**

# ବେଙ୍ଗାଲୁରୁରୁ ଆଉ ଜଣେ ଠକ ଗିରଫ

ଭୁବନେଶ୍ୱର,୧୨।୬(ସମିସ): ଅନ୍‌ଲାଇନ୍ ବେଟିଂ ଆପ୍ ଜରିଆରେ ଠକେଇ କରୁଥିବା ରାକେଟ୍‌ର ଆଉ ଜଣେ ସଦସ୍ୟକୁ ବେଙ୍ଗାଲୁରୁରୁ ଗିରଫ କରିଛି ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)। ଗିରଫ ଅଭିଯୁକ୍ତଜଣଙ୍କ ହେଲା, କବିସୂର୍ଯ୍ୟନଗରର ଜିତେନ୍ଦ୍ର ମଲ୍ଲିକ। ଏହି ଘଟଣାରେ ପୂର୍ବରୁ ୪ଜଣ ଅଭିଯୁକ୍ତକୁ ଗିରଫ କରିଛି ଇଓଡବ୍ଲ୍ୟୁ। ସେହିପରି ଅନ୍ୟତମ ଅଭିଯୁକ୍ତ ଏମ୍. ଡି ସୈଫ୍ ନାମରେ ଇଓଡବ୍ଲ୍ୟୁ ଲୁକ୍‌ଆଉଟ୍ ଜାରି କରିଛି। ସେ ଦୁବାଇରେ ରହି ଅପରେଟ୍ କରୁଥିବା ଜଣାଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେ, ୧୫୦ ଆକାଉଣ୍ଟରେ ଏହି ରାକେଟ ଅପରେଟ ହେଉଥିଲା। ସମସ୍ତ ଆକାଉଣ୍ଟ ଦିନମଜୁରିଆଙ୍କ ନାମରେ ରହିଥିଲା। ଏବେ ସୁଦ୍ଧା ୧୭ଟି ଆକାଉଣ୍ଟକୁ ଠାବ କରିଛି କ୍ରାଇମବ୍ରାଞ୍ଚ। ଯେଉଁଥିରୁ ୧୦୮ କୋଟି ଟଙ୍କା ଠାବ କରାଯାଇଛି। ୨୦୨୧ରେ ଜିତେନ୍ଦ୍ର ବେଟିଂ ଆପ୍ ୧୮ ଫୁଟ୍‌ବଲ୍.କମ୍‌ରେ ଯୋଗ ଦେଇଥିଲା। ଏହି ଆପ୍ ଜରିଆରେ ଗେମ୍ ଖେଳି ପ୍ରତିଦିନ ୩ ପ୍ରତିଶତ ସୁଧ ପାଇବା ପାଇଁ ସେ ଲୋକଙ୍କୁ ପ୍ରଲୋଭିତ କରୁଥିଲା। ତା' କଥାରେ ପଡ଼ି କିଛି ଯୁବକ ଏହି ଆପ୍‌ରେ ଯୋଡ଼ି ହୋଇ ୟୁପିଆଇ ମାଧ୍ୟମରେ ଟଙ୍କା ନିବେଶ କରିଥିଲେ। ପ୍ରଥମେ ପ୍ରଥମେ ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ସଂସ୍ଥା ୩ପ୍ରତିଶତ ଲେଖାଏଁ ସୁଧ ଦେଇଥିଲା। କିନ୍ତୁ, ବହୁ ଲୋକ ଯୋଡ଼ି ହେବା ପରେ ସଂସ୍ଥା ହଠାତ୍ ଗାୟବ ହୋଇଯାଇଥିଲା। ଏପରିକି, ଆଉ ଆପ୍ ମଧ୍ୟ ଖୋଲି ନଥିଲା। ତଦନ୍ତରୁ ଜଣାପଡ଼ିଛି ଯେ ଲୋକେ ପଠାଇଥିବା ଟଙ୍କା ୧୫ଟି ଆକାଉଣ୍ଟକୁ ଯାଇଛି। ସାରା ଭାରତରୁ ସଂସ୍ଥା ଏପରି କରି ୧ ହଜାର କୋଟି ଟଙ୍କା ଠକେଇ କରିଥିବା ବେଳେ ଓଡ଼ିଶାରୁ ୨୦ କୋଟି ଠକିଛି।



ଶ୍ରୀମନ୍ଦିରରେ ପଟିଦିଅଁଙ୍କ ପୂଜା ଆରମ୍ଭ

# ଗ୍ରାହକଙ୍କୁ ପିଟି ପିଟି ମାରିଦେଲେ ହୋଟେଲ ମାଲିକ

କଟକ, ୧୨।୬(ସମିସ): ଜଣେ ଗ୍ରାହକଙ୍କୁ ପିଟିପିଟି ମାରିଦେଲା ହୋଟେଲ ମାଲିକ। ହୋଟେଲରେ ଖାଇବାକୁ ଦେବାକୁ କେନ୍ଦ୍ର କରି ଆଜି ଏଭଳି ଏକ ହତ୍ୟାକାଣ୍ଡ କଟକ ଜିଲ୍ଲା ବାଙ୍କୀ ବ୍ଲକରେ ଘଟିଛି। ସୂଚନାନୁଯାୟୀ, ଭଗୀପୁର ଗ୍ରାମରେ ଥିବା ହଟ୍ ସେଭେନ ହୋଟେଲକୁ ସୁଦାମ ନାୟକ(୨୨) ଖାଇବାକୁ ଯାଇଥିଲେ। ହେଲେ ସେତେବେଳକୁ ହୋଟେଲରେ ଖାଦ୍ୟ ସରିଯାଇଥିଲା। ଖାଇବାକୁ

**ଉତ୍ତ୍ୟକ୍ତ ଲୋକଙ୍କ କଟକ-ବାଙ୍କୀ ରାସ୍ତା ଅବରୋଧ**

ନାହିଁ ବୋଲି ହୋଟେଲ ମାଲିକ ସନ୍ତୋଷ କୁମାର ସାହୁ କହିବା ସହ ରାତିରେ ଖାଦ୍ୟ ଉପଲବ୍ଧ ହେବ ବୋଲି ସୁଦାମଙ୍କୁ କହିଥିଲେ। ଏହି କଥାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ବଚସା ଓ ଯୁକ୍ତିତର୍କ ହୋଇଥିଲା। ପରେ ଏହା ଉଗ୍ରରୂପ ଧାରଣ କରିଥିଲା। ସନ୍ତୋଷ ଉତ୍‌କ୍ଷିପ୍ତ ହୋଇ ହୋଟେଲରେ ଥିବା ଏକ ପାଇପ୍‌ରେ ସୁଦାମଙ୍କୁ ଆକ୍ରମଣ କରିଥିଲେ। ଫଳରେ ରକ୍ତାକ୍ତ ଅବସ୍ଥାରେ ସୁଦାମ ତଳେ ପଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଷଣ୍ଢପୁର ମେଡିକାଲକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଡାକ୍ତରଙ୍କ ପରାମର୍ଶକ୍ରମେ କଟକ ବଡ଼ ମେଡିକାଲ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଗ୍ରାମରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଅଭିଯୁକ୍ତକୁ ତୁରନ୍ତ ଗିରଫ କରିବା ଦାବିରେ କଟକ-ବାଙ୍କୀ ରାସ୍ତା ଉତ୍ତ୍ୟକ୍ତ ଗ୍ରାମବାସୀ ଅବରୋଧ କରିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିବାରୁ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ଅନ୍ୟପକ୍ଷରେ ଅଭିଯୁକ୍ତ ସନ୍ତୋଷକୁ ପୁଲିସ ଅଟକ ରଖିଥିବା ସୂଚନା ମିଳିଛି।

# ଆଇଏଫ୍‌ଏସ୍‌ସ୍ତରରେ ଅଦଳ ବଦଳ

ଭୁବନେଶ୍ୱର,୧୨।୬(ସମିସ): ଆଇଏଫ୍‌ଏସ୍‌ସ୍ତରରେ ଅଦଳ ବଦଳ କରିଛନ୍ତି ରାଜ୍ୟ ସରକାର। କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା କେଏସ୍ ପ୍ରଦୀପଙ୍କୁ ରାଜ୍ୟ ପରିବେଶ ନିର୍ଦ୍ଦେଶକ ତଥା ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଖୋର୍ଦ୍ଧା ଡିଏଫ୍‌ଓ ପୂର୍ଣ୍ଣିମା ପିଙ୍କୁ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟର 'ବନୀକରଣ' ବିଭାଗରେ ବନ ସଂରକ୍ଷକ ରୂପେ ଅବସ୍ଥାପିତ କରାଯାଇଛି। ବାଲେଶ୍ୱର ଡିଏଫ୍‌ଓ ଖୁସୱନ୍ତ ସିଂଙ୍କୁ ସୁନ୍ଦରଗଡ଼ ଡିଏଫ୍‌ଓ, ସୁନ୍ଦରଗଡ଼ ଡିଏଫ୍‌ଓ ଥିବା ମିରାସେ ପିଁଙ୍କୁ ବଲାଙ୍ଗି କେନ୍ଦୁପତ୍ର ଡିଏଫ୍‌ଓ, ପୁରୀ ଡିଏଫ୍‌ଓ ବିବେକ କୁମାରଙ୍କୁ ପିସିସିଏଫ୍ (ବନ୍ୟପ୍ରାଣୀ) କାର୍ଯ୍ୟାଳୟର ଉପ ବନ ସଂରକ୍ଷକ ଭାବେ ବଦଳି କରାଯାଇଛି। ଜେଟିଏଫ୍‌ରେ କାର୍ଯ୍ୟରତ ଗଜାନନ ଦୟାନନ୍ଦଙ୍କୁ ଖୋର୍ଦ୍ଧା ଡିଏଫ୍‌ଓ ଭାବେ ଓ ଶିମିଳିପାଳ ଉତ୍ତର ଡିଭିଜନ୍ ଉପନିର୍ଦ୍ଦେଶକ ସାଇ କିରଣଙ୍କୁ ମାଲକାନଗିରି ଡିଏଫ୍‌ଓ ଭାବେ ବଦଳି ହୋଇଛି। ମାଲକାନଗିରି ଡିଏଫ୍‌ଓ ପ୍ରତାପ କୋଟପଲ୍ଲୀଙ୍କୁ ଫୁଲବାଣୀ ଡିଏଫ୍‌ଓ, ଫୁଲବାଣୀ ଡିଏଫ୍‌ଓ ପ୍ରଶାନ୍ତ ପଟେଲ୍‌ଙ୍କୁ ଶିମିଳିପାଳ ଉତ୍ତର ଡିଭିଜନ୍ ଉପନିର୍ଦ୍ଦେଶକ ଓ ପଶ୍ଚିମବଙ୍ଗ କ୍ୟାଡର ପରିବର୍ତ୍ତନ କରି ଓଡ଼ିଶାରେ ଯୋଗ ଦେଇଥିବା ୨୦୧୯ ବ୍ୟାଚ୍ ଆଇଏଫ୍‌ଏସ୍ ବିପାଶା ପାରୁଲଙ୍କୁ ଘୁମୁସର (ଦକ୍ଷିଣ) ଡିଏଫ୍‌ଓ ଭାବେ ନିଯୁକ୍ତି ମିଳିଛି।

**ବେଆଇନ୍ ବିସ୍ଫୋରକ ମିଳିବା ଘଟଣା**

# କ୍ରସର୍ ପରିଚାଳକ ବିକ୍ରମ ଗୁପ୍ତା ଗିରଫ

ଜୟପାଟଣା, ୧୨।୬(ସମିସ): କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅଧୀନ ଜଗନ୍ନାଥ ଷ୍ଟୋନ୍ କ୍ରସର୍‌ରୁ ବେଆଇନ ବିସ୍ଫୋରକ ମିଳିବା ଘଟଣାରେ କ୍ରସର ପରିଚାଳକ ବିକ୍ରମ ଗୁପ୍ତା ଗିରଫ ହୋଇଛନ୍ତି। ଗତ ୪ ତାରିଖରେ ବେଆଇନ ଭାବେ ଗଚ୍ଛିତ ଥିବା ୬୫ କୁଇଣ୍ଟାଲ ବିସ୍ଫୋରକ ଓ ୧୧୫ଟି ଡିଟୋନେଟର୍ ଜବତ ହୋଇଥିଲା। ଏନେଇ ଜୟପାଟଣା ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା। ଘଟଣାରେ ୪ଜଣ ଜେଲ୍ ଯାଇଥିଲେ। ଏବେ କ୍ରସର ପରିଚାଳକ ଶ୍ରୀ ଗୁପ୍ତା ଗିରଫ ହୋଇଛନ୍ତି।

ପୁଲିସ୍ ବିଶାଖାପାଟଣାରୁ ତାଙ୍କୁ ମୋବାଇଲ ଟ୍ରାକିଂ କରି ଗିରଫ କରିଛି। ବିସ୍ଫୋରକ ଆଇନ ଅନୁସାରେ, ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ତେବେ କଣ୍ଟାବାଞ୍ଜିରୁ କିଏ ଏତେ ପରିମାଣର ବିସ୍ଫୋରକ ପଠାଇଥିଲା, କେଉଁ କାରଣରୁ ଗୋଟିଏ ସ୍ଥାନକୁ ଏତେ ପରିମାଣର ବିସ୍ଫୋରକ ଆସିଥିଲା, ସେନେଇ ସନ୍ଦେହ ଉପୁଜିଛି। ନିୟମ ଅନୁସାରେ ପଥର ବିସ୍ଫୋରଣ ପାଇଁ ୨୦୦ ଏମ୍‌ଏମ୍‌ରୁ କମ୍ ଲମ୍ବ ଓ ୨୫ ଏମ୍‌ଏମ୍ ଗୋଲେଇର ବିସ୍ଫୋରକ ପାଇଁ ଅନୁମତି ରହିଛି; କିନ୍ତୁ ଏଠାକୁ ୩୦୦ ଏମ୍‌ଏମ୍ ଲମ୍ବ ଓ ୮୩ ଏମ୍‌ଏମ୍ ଗୋଲେଇର ବିସ୍ଫୋରକ କେଉଁଠାରୁ ଆସିଥିଲା, ସେ ଉପରୁ ପରଦା ଉଠିନାହିଁ। ବିସ୍ଫୋରକ ସାମଗ୍ରୀ ଚାଲାଣ କରିଥିବା କଳିଙ୍ଗ ଆଣ୍ଡ କମ୍ପାନୀ କେଉଁ କାରଣରୁ ଏତେ ପରିମାଣରେ ବିସ୍ଫୋରକ ଚାଲାଣ କରିଥିଲା, ସେନେଇ ମଧ୍ୟ ପ୍ରଶ୍ନ ଉଠିଛି।

ଅନ୍ୟପକ୍ଷରେ ଜୟପାଟଣା ଅଞ୍ଚଳର ଅନେକ ପଥର ଖଣିରେ ବେଆଇନ ଭାବେ ଅନୁମତିଠାରୁ ହଜାରହଜାର କ୍ୟୁବିକ୍ ମିଟର ଅଧିକ ପଥର ବିସ୍ଫୋରଣ କରାଯାଉଛି। ଏ ନେଇ କିନ୍ତୁ ଖଣି ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। କେବଳ ଜରିମାନା କାଟି କାମ ସାରି ଦିଆଯାଉଛି।

# ଶଙ୍ଖ ଭବନରେ ବିଜେଡିର କର୍ମଶାଳା

ଭୁବନେଶ୍ୱର,୧୨।୬(ସମିସ): ଗୁରବାର ଶଙ୍ଖ ଭବନଠାରେ ବିଜେଡିର ସାଂସଦ, ବିଧାୟକ, ବିଭିନ୍ନ ନିର୍ବାଚନମଣ୍ଡଳୀର ପରାଜିତ ପ୍ରାର୍ଥୀଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଦଳର ଆଇଟି ଓ ସୋସିଆଲ ମିଡିଆ ଆବାହକ ତଥା ପୂର୍ବତନ ସାଂସଦ ଡଃ ଅମର ପଟ୍ଟନାୟକ ସାମ୍ପ୍ରତିକ ସମୟରେ ସାମାଜିକ ଗଣମାଧ୍ୟମର ଗୁରୁତ୍ୱ ଉପରେ ଆଲୋକପାତ କରି ବିଭିନ୍ନ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁଯାୟୀ ସଙ୍ଗଠନର ପ୍ରତ୍ୟେକ ସ୍ତରରେ ସାମାଜିକ ଗଣମାଧ୍ୟମର ଭରପୂର ଉପଯୋଗ କରିବା ପାଇଁ ଏହି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ରାଜ୍ୟରେ ୧ ବର୍ଷ ପୂରଣ କରିଥିବା ବିଜେପି ସରକାରର ମିଛ ପ୍ରଚାର ଏବଂ ବିଭିନ୍ନ ଯୋଜନା ବନ୍ଦ ହେବା ଫଳରେ ସାଧାରଣ ଜନତା ଯେଉଁ ସମସ୍ୟାର ସାମ୍ନା କରୁଛନ୍ତି, ତାର ସଠିକ୍ ତଥ୍ୟ ସାମାଜିକ ଗଣମାଧ୍ୟମ ଜରିଆରେ ସଭିଙ୍କ ସାମ୍ନାରେ ରଖିବାକୁ ଡଃ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ସ୍ୱାଗତ ଅଭିଭାଷଣ ରଖିଥିଲେ। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଡ. ସଂତୃପ୍ତ ମିଶ୍ର, ପ୍ରଣବ ପ୍ରକାଶ ଦାସ, ପ୍ରତାପ ଜେନା, ଡ. ଅରୁଣ ସାହୁ, ସଂଜୟ ଦାସ ବର୍ମା, ପ୍ରମିଳା ମଲ୍ଲିକ, ଚନ୍ଦ୍ରଶେଖର ସାହୁ, ପ୍ରଫୁଲ୍ଲ ସାମଲ, ସୁଦାମ ମାର୍ଣ୍ଡି, ପ୍ରଦୀପ ଅମାତ, ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ, ରାଜଶ୍ରୀ ମଲ୍ଲିକ, ଶର୍ମିଷ୍ଠା ସେଠୀଙ୍କ ସହ ପ୍ରମୁଖ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

# କରିସ୍ମାଙ୍କ ପୂର୍ବତନ ସ୍ୱାମୀ ସଞ୍ଜୟ କପୁରଙ୍କ ପରଲୋକ

ମୁମ୍ବାଇ, ୧୨।୬(ଏଜେନ୍ସି): ଅଭିନେତ୍ରୀ କରିସ୍ମା କପୁରଙ୍କ ପୂର୍ବତନ ସ୍ୱାମୀ ତଥା ଶିଳ୍ପପତି ସଞ୍ଜୟ କପୁରଙ୍କ ପରଲୋକ ହୋଇଛି।



ତାଙ୍କୁ ୫୩ବର୍ଷ ହୋଇଥିଲା। ଗୁରୁବାର ଉପରବେଳା ସେ ପୋଲୋ ଖେଳୁଥିବା ବେଳେ ତାଙ୍କର ହୃଦ୍‌ଘାତ ହୋଇଥିଲା। ତାଙ୍କୁ ସଙ୍ଗେସଙ୍ଗେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅଭିନେତା ତଥା ଲେଖକ ସୁହେଲ ସେଠ୍ ଏହି ସୂଚନା ଦେଇଛନ୍ତି। ସଞ୍ଜୟଙ୍କ ମୃତ୍ୟୁକୁ ନେଇ ସେ ଗଭୀର ଶୋକ ପ୍ରକାଶ କରିଛନ୍ତି। କିଛି ମାସ ତଳେ ସଞ୍ଜୟ ପ୍ରିୟା ସଚଦେବଙ୍କୁ ବିବାହ କରିଥିଲେ। ହୃଦଘାତ୍ ପୂର୍ବରୁ ସଞ୍ଜୟ ଅହମଦାବାଦ ବିମାନ ଦୁର୍ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିଥିଲେ। ପୀଡ଼ିତ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଥିଲେ। ସୂଚନାନୁଯାୟୀ, କରିସ୍ମା ଏବଂ ସଞ୍ଜୟ ୨୦୦୩ ମସିହାରେ ବିବାହ କରିଥିଲେ। କିନ୍ତୁ ଏହି ସମ୍ବନ୍ଧ ବେଶୀ ଦିନ ତିଷ୍ଠି ପାରି ନ ଥିଲା। ୨୦୧୪ରେ ଉଭୟଙ୍କ ବିବାହ ବିଚ୍ଛେଦ ହୋଇଥିଲା। ଉଭୟଙ୍କ ଗୋଟିଏ ପୁଅ ଏବଂ ଝିଅ ଅଛନ୍ତି।

**ଅହମ୍ମଦାବାଦ ବିମାନ ଦୁର୍ଘଟଣା**

# ଶୋକ ପ୍ରକାଶ କଲେ ମୋହନ, ନବୀନ

ଭୁବନେଶ୍ୱର,୧୨।୬(ସମିସ): ଅହମ୍ମଦାବାଦରେ ଘଟିଥିବା ବିମାନ ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଦୁର୍ଘଟଣାରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀଙ୍କ ମୃତ୍ୟୁ ହୋଇଥିବା ବେଳେ ଏନେଇ ସେ ଗଭୀର ମର୍ମାହତ ବୋଲି ମୁଖ୍ୟମନ୍ତ୍ରୀ ଏକ୍ସରେ ଉଲ୍ଲେଖ କରିଛନ୍ତି। ଆଜି ଆମ ଦଳ ଜଣେ ବରିଷ୍ଠ ନେତାଙ୍କୁ ହରାଇଛି। ପୂରା ଦେଶ ମଧ୍ୟ ଜଣେ ଏପରି ରାଜନେତାଙ୍କ ବିୟୋଗରେ ଶୋକ ପ୍ରକାଶ କରୁଛି ଯାହାଙ୍କ କୋମଳ ସ୍ୱଭାବ ଏବଂ ସାର୍ବଜନୀନ ଜୀବନରେ ଅବଦାନ ସର୍ବଦା ମନେ ରହିବ। ମୁଁ ତାଙ୍କ ଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରୁଛି। ଏହି ଦୁଃଖର ମୁହୂର୍ତ୍ତରେ ମହାପ୍ରଭୁ ଜଗନ୍ନାଥ ତାଙ୍କ ପରିବାର ଏବଂ ପ୍ରିୟଜନଙ୍କୁ ଶକ୍ତି ଦିଅନ୍ତୁ।

ସେହିପରି ଏହି ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଶୋକ ପ୍ରକାଶ କରିଛନ୍ତି। 'ଏକ୍ସ'ରେ ଏନେଇ ପୋଷ୍ଟ କରି ନବୀନ କହିଛନ୍ତି ଯେ ଅହମ୍ମଦାବାଦ-ଲଣ୍ଡନ ଏୟାରଇଣ୍ଡିଆ ବିମାନର ଭୟଙ୍କର ଦୁର୍ଘଟଣା ବିଷୟରେ ଜାଣିବା ପରେ ମୁଁ ଗଭୀର ମର୍ମାହତ। ଏହି ଦୁଃଖଦ ବିମାନ ଦୁର୍ଘଟଣାରେ ପ୍ରଭାବିତ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା ଏବଂ ପ୍ରାର୍ଥନା।

# ଲାଞ୍ଚ ନେଇ ସିବିଆଇ ହାତରେ ଧରାପଡ଼ିଲେ ଇପିଏଫ୍‌ଓ କାର୍ଯ୍ୟାଳୟ ପିଆର୍‌ଓ

ବ୍ରହ୍ମପୁର,୧୨।୬(ସମିସ): ଜଣେ ଯୁବକଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଇ ସିବିଆଇ ହାତରେ ଧରାପଡ଼ିଛନ୍ତି ବ୍ରହ୍ମପୁର ଇପିଏଫ୍‌ଓ ରିଜିଓନାଲ ଅଫିସ୍ ପିଆରଓ ଅନୀଲ ପତି। ସିବିଆଇ ଅଧିକାରୀମାନେ ତାଙ୍କୁ ଲାଞ୍ଜିପଲ୍ଲୀ ଅଞ୍ଚଳରୁ କାବୁ କରିବା ପରେ ପଚରାଉଚରା ପାଇଁ କୌଣସି ଅଜଣା ସ୍ଥାନକୁ ନେଇଯାଇଛନ୍ତି। ଅନୀଲଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ ହୋଇଛି।

ସୂଚନାନୁସାରେ, ଗଞ୍ଜାମ ଜିଲ୍ଲାର ଜଣେ ଯୁବକ ଏକାଧିକ କମ୍ପାନୀ ପରିଚାଳନା କରୁଥିବା ବେଳେ ଇପିଏଫ୍‌ଓ ପକ୍ଷରୁ ଡିଜିଟାଲ ଦସ୍ତଖତ ଆବଶ୍ୟକ ଥିଲା। ସେ ବ୍ରହ୍ମପୁର ଗେଟ୍‌ବଜାରସ୍ଥିତ ପାଏଲ ହଲ୍ ନିକଟରେ ଥିବା ଇପିଏଫ୍‌ଓ ଆଞ୍ଚଳିକ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ହେଲେ ଯୁବକଙ୍କ ଡିଜିଟାଲ୍ ଦସ୍ତଖତ ପ୍ରଦାନ କରିବା ଦିଗରେ ଇପିଏଫ୍‌ଓ କାର୍ଯ୍ୟାଳୟର ପିଆର୍‌ଓଜଣଙ୍କ ଦିନ ଗଡ଼ାଇ ଚାଲିଥିଲେ। ଯୁବକଜଣଙ୍କ ଆଜକୁ ୩ମାସ ହେବ ଇପିଏଫ୍‌ଓ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ ତାଙ୍କ କାମ ହୋଇପାରୁନଥିଲା। ଏପଟେ ଗୋଟିଏ କମ୍ପାନୀ ପାଇଁ ଡିଜିଟାଲ ଦସ୍ତଖତ ମଞ୍ଜୁର କରିବାକୁ ଏହି କାର୍ଯ୍ୟାଳୟର ପିଆର୍‌ଓ ଜଣଙ୍କ ୫ହଜାର ଲେଖାଏଁ ଲାଞ୍ଚ ମାଗିଥିଲେ। ସେହିକ୍ରମରେ ଯୁବକଙ୍କୁ ଲକ୍ଷାଧିକ ଟଙ୍କା ଲାଞ୍ଚ ଦାବି କରିଥିଲେ। ତେବେ ୧୦ ହଜାର ଟଙ୍କା ଲାଞ୍ଚ ନେଇ ପ୍ରଥମେ ୨ଟି କମ୍ପାନୀର କାମ କରିଦେବାକୁ ଯୁବକଜଣଙ୍କ ଅନୁରୋଧ କରିଥିଲେ। ଏଥିରେ ପିଆରଓ ଅନୀଲ ରାଜି ହୋଇଥିଲେ। ଏପଟେ ବାରମ୍ବାର କାର୍ଯ୍ୟାଳୟକୁ ଦୌଡ଼ି ନିରାଶ ହୋଇ ସାରିଥିବା ଯୁବକଜଣଙ୍କ ଘଟଣାକୁ ନେଇ ସିବିଆଇ ନିକଟରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ, ଯୁବକଜଣଙ୍କ ଆଜି ଲାଞ୍ଜିପଲ୍ଲୀ ଫାଣ୍ଡି ଛକଠାରେ ଏକ ଜଳଖିଆ ଦୋକାନରେ ପିଆର୍‌ଓ ଅନୀଲ ପତିଙ୍କୁ ସାକ୍ଷାତ କରିଥିଲେ। ସେଠାରେ ଉଭୟ ଜଳଖିଆ ଖାଇବା ପରେ ଅନୀଲଙ୍କ ଦାବି ମୁତାବକ ତାଙ୍କୁ ୧୦ ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ସେଠାରେ ଛପି ରହିଥିବା ସିବିଆଇ ଅଧିକାରୀମାନେ ଅନୀଲଙ୍କୁ ଲାଞ୍ଚ ଟଙ୍କା ସହ କାବୁ କରି ନେଇଥିଲେ।

# ଯୁକ୍ତ ୩ ପାଇଁ ରେଭେନ୍ସା ପ୍ରଥମ ପସନ୍ଦ

## ପ୍ରଥମ ରାଉଣ୍ଡ ନାମଲେଖା ପାଇଁ ଚୟନ ହେଲେ ୧,୭୫,୭୨୨ ଛାତ୍ରଛାତ୍ରୀ

ଭୁବନେଶ୍ୱର,୧୨।୬(ସମିସ): +୩ ନାମଲେଖା ପାଇଁ ଆଜି କଟ୍-ଅଫ୍ ମାର୍କ ପ୍ରକାଶ ପାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ହୋଇଛି। କଳା, ବିଜ୍ଞାନ ଓ ବାଣିଜ୍ୟରେ ସର୍ବାଧିକ କଟ୍-ଅଫ୍ ଯାଇଛି। କଳାରେ ସର୍ବାଧିକ ୯୨.୮୦% (ରାଜନୀତି ବିଜ୍ଞାନ), ବିଜ୍ଞାନ ବିଭାଗ ମଧ୍ୟରୁ ଭୌତିକ ବିଜ୍ଞାନରେ ୯୩.୬୭% (ପଦାର୍ଥ ବିଜ୍ଞାନ) ଓ ଜୀବ ବିଜ୍ଞାନରେ ୯୪% (ପ୍ରାଣୀ ବିଜ୍ଞାନ), ବାଣିଜ୍ୟରେ ୯୦.୫୦% କଟ୍-ଅଫ୍ ଯାଇଛି। ସେହିପରି ଶାସ୍ତ୍ରୀରେ ରାଜଗାଙ୍ଗପୁର ଓମ୍ ମା' ସରସ୍ୱତୀ ସଂସ୍କୃତ ମହାବିଦ୍ୟାଳୟରେ ସର୍ବାଧିକ ୬୮.୬୭%, ସେଲ୍ଫ ଫାଇନାନ୍ସ ବିଭାଗରେ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ସ୍ୱୟଂଶାସିତ ମହାବିଦ୍ୟାଳୟର କମ୍ପ୍ୟୁଟର୍ ସାଇନ୍ସ ବିଭାଗ ୮୮.୮୩% ଏବଂ ଆଇନ୍ ପାଠ୍ୟକ୍ରମ ପାଇଁ ବାଣିବିହାରସ୍ଥିତ ୟୁନିଭର୍ସିଟି ଲ' କଲେଜରେ ସର୍ବାଧିକ ୮୭.୮୦% କଟ୍-ଅଫ୍ ରହିଛି।


ପ୍ରଥମ ପର୍ଯ୍ୟାୟ ନାମଲେଖାର ପ୍ରଥମ ରାଉଣ୍ଡ ପାଇଁ ମୋଟ୍ ୧ଲକ୍ଷ ୭୫ହଜାର ୭୨୨ଜଣ ଛାତ୍ରଛାତ୍ରୀ ଚୟନ ହୋଇଛନ୍ତି। ତନ୍ମଧ୍ୟରେ ୧ ଲକ୍ଷ ୪ହଜାର ୯୬୭ ଜଣ ଛାତ୍ରୀ ଥିବା ବେଳେ ୭୦ ହଜାର ୭୪୫ ଜଣ ଛାତ୍ର ଓ ୧୦ଜଣ ତୃତୀୟ ଲିଙ୍ଗୀ ରହିଛନ୍ତି। ସେହିପରି କଳା ପାଠ୍ୟକ୍ରମରେ ନାମଲେଖା ପାଇଁ ୧ଲକ୍ଷ ୭ହଜାର ୬୯ଜଣ ପିଲା ଚୟନ ହୋଇଥିବା ବେଳେ ବିଜ୍ଞାନରେ ୪୫,୮୫୫ଜଣ, ବାଣିଜ୍ୟରେ ୧୬,୨୦୫ଜଣ, ଶାସ୍ତ୍ରୀରେ ୩୩୭୧ଜଣ, ସେଲ୍ଫ ଫାଇନାନ୍ସିଂରେ ୩୦୫୧ ଏବଂ ଆଇନ ପାଠ୍ୟକ୍ରମ ପାଇଁ ୧୭୧ ଜଣ ମନୋନୀତ ହୋଇଛନ୍ତି। ଚୟନ ହୋଇଥିବା ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ପାଇଁ ଆଗ୍ରହୀ ଛାତ୍ରଛାତ୍ରୀମାନେ ଫ୍ରିଜ୍ ଅପସନ୍ ଦେଇ ଆସନ୍ତା ୧୩ ଏବଂ ୧୬ ଓ ୧୭ ତାରିଖରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ଯାଇ ନାମ ଲେଖାଇବେ। ଯେଉଁମାନେ ଅନ୍ୟ ଶିକ୍ଷାନୁଷ୍ଠାନରେ ପଢ଼ିବା ପାଇଁ ଆଗ୍ରହୀ ଥିବେ, ସେମାନେ ସ୍ଲାଇଡ୍ ବା ଫ୍ଲୁଟ୍ ଅପସନ୍ ଦେବେ। ସେମାନଙ୍କୁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ନ ଯାଇ କେବଳ ନାମଲେଖା ଫି' ଦାଖଲ କରିବାକୁ ପଡ଼ିବ।

ପ୍ରଥମ ରାଉଣ୍ଡ ପରେ ଆସନ୍ତା ୨୨ ତାରିଖରେ ଦ୍ୱିତୀୟ ରାଉଣ୍ଡ ଓ ଜୁଲାଇ ୧ରେ ତୃତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇବ। ୩ଟି ରାଉଣ୍ଡ ସରିବା ପରେ ବଳକା ସିଟ୍‌ରେ ନାମ ଲେଖାଇବାକୁ ଚତୁର୍ଥ ତଥା ୱେଟିଂଲିଷ୍ଟ ରାଉଣ୍ଡ ହେବ। ଏଥିପାଇଁ ପିଲାମାନେ ଜୁଲାଇ ୭ରୁ ୧୦ତାରିଖ ମଧ୍ୟରେ ଅନ୍‌ଲାଇନ୍ ଆବେଦନ କରିବେ। +୨ ଇନ୍‌ଷ୍ଟାଣ୍ଟ ଓ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ବାହାରିବା ପରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ପ୍ରକ୍ରିୟା ଆରମ୍ଭ ହେବ। ସୂଚନାଯୋଗ୍ୟ, ଚଳିତବର୍ଷ ସମୁଦାୟ ୧୦୫୪ଟି ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ୨ଲକ୍ଷ ୭୪ହଜାର ୫୦୯ଟି ସିଟ୍ ଉପଲବ୍ଧ ରହିଛି। ଏଥିରେ ନାମ ଲେଖାଇବାକୁ ୨ଲକ୍ଷ ୬୫ ହଜାର ୫୯୦ଜଣ ପିଲା ଆବେଦନ କରିଛନ୍ତି।

**ସଭାରେ ବିଦ୍ୟୁତ୍ କଟିଲା**

# ଅନ୍ଧାରରେ ବସିଲେ ଶକ୍ତିମନ୍ତ୍ରୀ

ବ୍ରହ୍ମପୁର,୧୨।୬(ସମିସ): କେନ୍ଦ୍ର ସରକାରଙ୍କ ୧୧ବର୍ଷ ଓ ରାଜ୍ୟ ସରକାରଙ୍କ ୧ବର୍ଷ ପୂର୍ତ୍ତି ଅବସରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ 'ବର୍ଷ ଏକ ଉପଲବ୍ଧି ଅନେକ' କାର୍ଯ୍ୟକ୍ରମରେ ହିଲପାଟଣାସ୍ଥିତ ସଂସ୍କୃତି ଭବନ ପରିସରରେ ବୃତ୍ତିଗତ ସଂଗୋଷ୍ଠୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗ ଦେଇଥିଲେ। ସେହିଭଳି ଅନ୍ୟତମ ଅତିଥି ଭାବେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଆସିକା ବିଧାୟକ ସରୋଜ ପାଢ଼ୀ, ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ବିଜେପି ଜିଲ୍ଲା ସଭାପତି ସରୋଜ ସାବତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁଚରଣ ପତି ପ୍ରମୁଖ ମଞ୍ଚାସୀନ ଥିଲେ। ଏଠାରେ ଦଳ ପକ୍ଷରୁ ମନ୍ତ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଧାୟକମାନେ ଅଭିଭାଷଣ ଦେବା ସମୟରେ ମନ୍ତ୍ରୀ ଓ ଅନ୍ୟମାନେ



ମଞ୍ଚାସୀନ ଥିଲେ। ଏହି ସମୟରେ ସଂସ୍କୃତି ଭବନରେ ବିଦ୍ୟୁତର ଲୁଚକାଳି ଖେଳ ଆରମ୍ଭ ହୋଇଥିଲା। ପ୍ରତି ଦୁଇ ମିନିଟ୍‌ରେ ଲାଇଟ ଧପଧପ ହେବା ସହ ସଭା ପଛରେ ଲାଗିଥିବା ଏଲ୍‌ଇଡି ବନ୍ଦ ହେଉଥିଲା ଓ ମାଇକ ସାଉଣ୍ଡ କଟୁଥିଲା। ପରେ ପରେ କିଛି ସମୟ ପାଇଁ ବିଦ୍ୟୁତ ସମ୍ପୂର୍ଣ୍ଣ ଭାବେ କଟିଥିଲା। କିଛି ସମୟ ପାଇଁ ମନ୍ତ୍ରୀ ଓ ନେତାମାନେ ଅନ୍ଧାରରେ ବସିବାକୁ ବାଧ୍ୟ ହୋଇଥିଲେ। ଏନେଇ ମଞ୍ଚସ୍ଥ ନେତା ଓ କର୍ମୀମାନେ ବିରକ୍ତି ଭାବ ପ୍ରକାଶ କରିଥିଲେ। ଏଠାରେ ବିଦ୍ୟୁତ ବିତରଣ ସଂସ୍ଥାର ଦାୟିତ୍ୱହୀନତା ନା ସଂସ୍କୃତି ଭବନ ପରିସରରେ ବିଦ୍ୟୁତ ଅବ୍ୟବସ୍ଥା ସେନେଇ କିଛି ସ୍ପଷ୍ଟ ହୋଇନଥିବା ବେଳେ ଖୋଦ ବିଭାଗୀୟ ମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ବିଦ୍ୟୁତ କଟିବାକୁ ନେଇ ବିଭିନ୍ନ ମହଲରେ ନିନ୍ଦା ପ୍ରକାଶ ପାଇଛି।

ଏହି ଘଟଣାକୁ ମନ୍ତ୍ରୀ ଗୁରୁତର ସହ ଗ୍ରହଣ କରି ପଦକ୍ଷେପ ନେବେ ବୋଲି ସାଂସଦ ଅଭିଭାଷଣରେ କହିଛନ୍ତି। ଅନୁରୂପ ଭାବେ ମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସର୍କିଟ ହାଉସ୍‌ରେ ମଧ୍ୟଥିଲା। ଏଠାରେ କାର୍ଯ୍ୟକ୍ରମର କିଛି ସମୟ ପୂର୍ବରୁ କରେଣ୍ଟ ନଥିଲା। ବାହାଘର ବେଳେ ବାଇଗଣ ରୁଆ ଭଳି ଉଚ୍ଚକ୍ଷମତା ବିଶିଷ୍ଟ ଜେନେରେଟର ଆଣି ସଂଯୋଗ କରାଯାଇଥିଲା। କିନ୍ତୁ ସଂସ୍କୃତି ଭବନ ପରିସରରେ ହୋଇଥିବା ଘଟଣା ପଦାରେ ପଡ଼ି ଯାଇଥିଲା। ଏଣେ ଖୋଦ ବିଭାଗୀୟ ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଥିବା ଜଣାପଡ଼ିଛି।

# କଟକ ସିଟି





## ମେଡିକାଲରେ ଫଳ ବଣ୍ଟନ କାର୍ଯ୍ୟକ୍ରମ




କଟକ,୧୨।୬(ସମିସ): କଟକ ସିଟି ମେଡିକାଲର ବହିର୍ବିଭାଗରେ ଆଜି ରୋଟାରୀ ପକ୍ଷରୁ ଫଳ ବଣ୍ଟନ କରାଯାଇଛି। କ୍ଲବର ସଭାପତି ତଥା ବିଶିଷ୍ଟ ସମାଜ ବିଜ୍ଞାନୀ ରୋଟାରୀଆନ ଡ଼କ୍ଟର ଆଶୁତୋଷ ଦେବତା ସ୍ଥାନୀୟ କଟକ ସିଟି ହସ୍ପିଟାଲ ବହି ବିଭାଗ ପରିସରରେ ଉପସ୍ଥିତ ରୋଗୀ ଓ ସାଙ୍ଗରେ ଆସିଥିବା ଅଭିଭାବକଙ୍କୁ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଟାରିଆନ ବିଭୂତିଭୂଷଣ ରାଉତ, ରମେଶ ଚନ୍ଦ୍ର ସିଂ, ତରୁଣକାନ୍ତି ବୋଷ, ସି. ରାମମୋହନ ରାଓ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରେ ସୁଜାତା ପଟ୍ଟନାୟକ, ରୋଜି ପ୍ରିୟଦର୍ଶିନୀ ପାଣି, ପ୍ରିୟଙ୍କା ଦାସ, ଋତୁ ଦାସ ଓ ବିସ୍ମିତା ବେହେରା ସହଯୋଗ କରିଥିଲେ। ମୋଟ ୬୩ ଜଣ ରୋଗୀଙ୍କୁ କପଡ଼ା ବ୍ୟାଗରେ ଫଳ, ବିସ୍କୁଟ ପ୍ରଦାନ କରାଯାଇଥିଲା।

## ଆଧ୍ୟାତ୍ମିକ ଗୁରୁଜୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା



କଟକ,୧୨।୬(ସମିସ): ପୁରୀ ପରିଭ୍ରମଣ କରି ଆସିଥିବା ମୁମ୍ବାଇର ଆଧ୍ୟାତ୍ମିକ ଗୁରୁଜୀ ଅନ୍ତର ଯୋଗ ଫାଉଣ୍ଡେସନର ପ୍ରତିଷ୍ଠାତା ଉପେନ୍ଦ୍ରଜୀଉଙ୍କୁ କଟକର ବିଶିଷ୍ଟ ସମାଜସେବୀ ତଥା ଓଡ଼ିଆ ଚଳଚ୍ଚିତ୍ର ନିର୍ମାତା ଲକ୍ଷ୍ମୀ ନାରାୟଣ ଅଗ୍ରୱାଲ ସମ୍ବର୍ଦ୍ଧିତ କରିଛନ୍ତି। ଗୁରୁଜୀ ଉପେନ୍ଦ୍ରଜୀଉ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ଯୋଗଦେବାର ସୁଯୋଗ ପାଇଥିବାରୁ ନିଜକୁ ଧନ୍ୟ ମନେ କରିଛନ୍ତି ବୋଲି କହିଛନ୍ତି। ଆଜି ଏହି ପରିପ୍ରେକ୍ଷୀରେ ୭୦ ଜଣ ଭକ୍ତଙ୍କ ସହିତ ମହାପ୍ରଭୁଙ୍କ ଦର୍ଶନ ସହିତ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଥିଲେ। ଉଲ୍ଲେଖଯୋଗ୍ୟ ଗୁରୁ ଉପେନ୍ଦ୍ର କାଳଜୟୀ ପ୍ରବଚନ ପ୍ରଦାନ କରିବାରେ ସିଦ୍ଧହସ୍ତ। ତେଣୁ ତାଙ୍କ ଆଗମନ ଯୋଗୁ ଅଗ୍ରୱାଲ ପରିବାର ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## କାହ୍ନୁଚରଣ ଭୂୟାଁଙ୍କ ପରଲୋକ



କଟକ,୧୨।୬(ସମିସ): ବୁଢ଼ୀ ଠାକୁରାଣୀ କାଳୀ ଗଳି ୧୩ ନମ୍ବର ୱାର୍ଡର ବାସିନ୍ଦା କାହ୍ନୁଚରଣ ଭୂୟାଁଙ୍କ (୮୦ ବର୍ଷ) ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ଆରତି, ପୁଅ ଭାରତ ଭୂଷଣଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ବିଜେପି କର୍ମୀ ସୁନନ୍ଦ ମହାନ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ବୁଢ଼ି ଠାକୁରାଣୀ କାଳିଗଳି ପୂଜା କମିଟି ସଭାପତି, ସମ୍ପାଦକ, କର୍ମକର୍ତ୍ତା ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରା ସାହି ପରିକ୍ରମା କରାଯାଇ ସତୀଚଉରାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସାନଭଉଣୀ ପୂର୍ବତନ କର୍ପୋରେଟର ପଦ୍ମା ଭୂୟାଁ, ସାନ ଭାଇ ବୁଢ଼ିଠାକୁରାଣୀ କାଳିଗଳି ପୂଜା କମିଟି ପୂର୍ବତନ ସଭାପତି ଓ ସମ୍ପାଦକ ବେନା ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ତାଳଦଣ୍ଡା ପାର୍ଶ୍ୱରେ ଆବର୍ଜନା ଓ ମୋରମ୍ ଗଦା





**ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ ହେଲାନି**

**୫୦୦ ମିଟର ରାସ୍ତା ଅସମ୍ପୂର୍ଣ୍ଣ**

କଟକ,୧୨।୬(ସମିସ):

ତାଳଦଣ୍ଡା କେନାଲ ପାଶ୍ୱର୍ରେ ମୋରମ ଓ ଆବର୍ଜନା ପାହାଡ ଭଳି ଗଦା ହୋଇଥିବା ବେଳେ ଏହାକୁ ଅଦ୍ୟାବଧି ସ୍ଥାନାନ୍ତର କରାଯାଇପାରିନାହିଁ। ହାଇକୋର୍ଟ ମଧ୍ୟ ଏହାକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଅଦାଲତଙ୍କ ନିର୍ଦ୍ଦେଶ ଅନୁପାଳନ କରାଯାଉନାହିଁ। ତାଳଦଣ୍ଡା କେନାଲର ଜାତୀୟ ରାଜପଥ ଠାରୁ ନୂଆବଜାର ପର୍ଯ୍ୟନ୍ତ ଦକ୍ଷିଣ ପାଶ୍ୱର୍ ରାସ୍ତା କଡରେ ଦୀର୍ଘ ମାସ ଧରି ମୋରମ ଗଦା ହୋଇ ରହିଥିବା ଦେଖିବାକୁ ମିଳିଛି। ୧୬ନମ୍ବର ଜାତୀୟରାଜପଥ ଠାରୁ ନୂଆବଜାର ପର୍ଯ୍ୟନ୍ତ କେନାଲର ଉଭୟ ପାଶ୍ୱର୍ରେ ଲାଇନିଂ କାମ ପାଇଁ ଏହି ମୋରମ ଗଦା ହୋଇଥିଲା। ହେଲେ ଏବେ ସୁଦ୍ଧା ଲାଇନିଂ କାମ ସରିନଥିବା ବେଳେ ମୋରମ ମଧ୍ୟ ହଟାଯାଇପାରିନାହିଁ। ସେହିଭଳି କେନାଲ ପାଶ୍ୱର୍ ବଡ ନର୍ଦ୍ଦମାରୁ ଆବର୍ଜନା ଓ ପଙ୍କ ଉଦ୍ଧାର କରାଯାଇ ଏହି ରାସ୍ତା ପାଶ୍ୱର୍ରେ ଜମା କରାଯାଇଥିବା ଦେଖିବାକୁ ମିଳିଛି। ଅନ୍ୟପଟରେ କେନାଲ ପାଶ୍ୱର୍ରେ ଛତ୍ରବଜାର ଅର୍ବାନ ହାଟ ଥିବା ବେଳେ ଏଠାରୁ ବାହାରୁଥିବା ଆବର୍ଜନାକୁ କେନାଲକୁ ଫିଙ୍ଗାଯାଉଛି। ନୂଆବଜାର ଠାରୁ ୧୬ନମ୍ବର ଜାତୀୟ ରାଜପଥକୁ କଲ୍ୟାଣୀନଗର ନିକଟରେ ସଂଯୋଗ କରୁଥିବା ଏହି କେନାଲ ରାସ୍ତାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଖୋଲାଯାଇଥିଲେ ମଧ୍ୟ ଏହା ଯାତାୟତ ଯୋଗ୍ୟ ହୋଇରହିନାହିଁ। ନବିକରଣ ବେଳେ ନିର୍ମାଣ ହୋଇଥିବା ପ୍ରାୟ ୫୦୦ମିଟର ରାସ୍ତା ଶୋଚନୀୟ ହୋଇ ପଡିରହିଛି। ନୂଆବଜାର ଠାରୁ ବିରିବାଟୀ ପର୍ଯ୍ୟନ୍ତ ରାସ୍ତା ନବୀକରଣ ପ୍ରାୟତଃ ଶେଷ ହୋଇଥିଲେ ମଧ୍ୟ ତିନିଘରିଆ ନିକଟରେ ୫୦ମିଟର ରାସ୍ତା କାମ ଅଟକି ରହିଛି। ଏହି ରାସ୍ତାରେ ସ୍ମାର୍ଟ ଫୁଟପାଥ କାମ ଅସମ୍ପୂର୍ଣ୍ଣ ରହିଛି। ନିକଟରେ କେନାଲ ବନ୍ଧ ରାସ୍ତା ଆଲୋକୀକରଣ ପାଇଁ ଖୁଣ୍ଟ ପକାଯାଉଛି ହେଲେ ରାସ୍ତାର ଅନେକ ସ୍ଥାନରେ ପୁରୁଣା ବିଜୁଳି ଖୁଣ୍ଟକୁ ଉଠା ନଯାଇ ରାସ୍ତା ନବିକରଣ କରିଦିଆଯାଇଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲାକି ତାଳଦଣ୍ଡା କେନାଲର ଉଭୟ ପଟ ରାସ୍ତା ଉପରେ ଅବାଧରେ ଯାନବାହନ ପାର୍କିଂ କରାଯାଉଛି। ଏଥିପାଇଁ ଟ୍ରାଫିକ ସମସ୍ୟା ସଂଗୀନ ହେଉଛି। ତାଳଦଣ୍ଡା କେନାଲ ରାସ୍ତା ସମ୍ପ୍ରସାରଣ ବିଶ୍ୱସ୍ତରୀୟ ଏସସିବି ମେଡିକାଲକୁ ସହଜରେ ଯାତାୟତ ପାଇଁ ହୋଇଛି। ଏଣୁ ଯୁଦ୍ଧକାଳୀନ ଭିତ୍ତିରେ ଏହି ରାସ୍ତାକୁ ଅବରୋଧ ମୁକ୍ତ କରିବା ପାଇଁ ଅତୀତରେ କଟକ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ। ବେଆଇନ ପାର୍କିଂ ବିରୋଧରେ ଜରିମାନା ଆଦାୟ ହେବ ବୋଲି ମଧ୍ୟ କୁହାଯାଇଥିଲା। ହେଲେ ଏବେ ସ୍ଥିତି ପୂର୍ବ ଭଳି ରହିଛି।

## ସିଏମ୍‌ସିର ରଥଯାତ୍ରା ପ୍ରସ୍ତୁତି ବୈଠକ



କଟକ,୧୨।୬(ସମିସ): ଅପରାହ୍ନରେ କଟକ ମହାନଗର ନିଗମର ସମ୍ମିଳନୀ କକ୍ଷରେ ମେୟର ସୁବାସ ଚନ୍ଦ୍ର ସିଂହଙ୍କ ଅଧ୍ୟକ୍ଷତାରେ ଆସନ୍ତା ରଥଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସହରରେ ରଥଯାତ୍ରା ସମୟରେ ରଥ ଯିବା ରାସ୍ତାରେ ରାସ୍ତାଘାଟ, ପରିମଳ, ସ୍ୱଚ୍ଛତା, ଆଲୋକୀକରଣ, ସହିତ ରାସ୍ତାରେ ଓହଳୁଥିବା ଥିବା ସମସ୍ତ କେବୁଲ ତାର, ବିଦ୍ୟୁତ ତାର ଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ସଜାଡ଼ିବା ସହିତ ରଥ ଗଡ଼ିବା ସମୟରେ ଯେପରି କୌଣସି ପ୍ରକାର ଅସୁବିଧା ନ ହୁଏ ସେଥିପ୍ରତି ଧ୍ୟାନ ଦେବା ନିମନ୍ତେ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରଥଯାତ୍ରା ସମୟରେ ଟ୍ରାଫିକ, ଭିଡ ନିୟନ୍ତ୍ରଣ, ସୁରକ୍ଷା ପ୍ରଭୃତି ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ କଟକ ମେୟର ସୁବାସ ସିଂଙ୍କ ସହିତ ଡେପୁଟି ମେୟର ଦମୟନ୍ତୀ ମାଝୀ, ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଅଧ୍ୟକ୍ଷା, ସମସ୍ତ କର୍ପୋରେଟର, କଟକ ଶାନ୍ତି କମିଟି ସଭାପତି ଓ ସମ୍ପାଦକ, କଟକ ସହରର ବିଭିନ୍ନ ରଥଯାତ୍ରା କମିଟିର କର୍ମକର୍ତ୍ତା, ସିଏମସିର ସମସ୍ତ ଅଫିସର ପ୍ରମୁଖ ଉପସ୍ଥିତ ଥିଲେ।

■ ଅଜଣା ରୋଗରେ ଟିକେଶ୍ୱରଙ୍କ ମୃତ୍ୟୁ

## ଆର୍ଥିକ ଦୁରବସ୍ଥାରେ ଥିଲେ ଦେବଗଡ଼ର ଯୁବକ



**ସମ୍ପର୍କୀୟ କହିଲେ, ଶବ ନଇରେ ଭସେଇ ଦିଅ**

**ଅଭିମନ୍ୟୁଙ୍କ ସହଯୋଗରେ ଶେଷକୃତ୍ୟ ହେଲା**

କଟକ,୧୨।୬(ସମିସ): ଯନ୍ତ୍ରଣାରେ ଛଟପଟ ହେଉଥିବା ଟିକେଶ୍ୱର କାଲୋଙ୍କୁ ଗତକାଲି କଟକ ବଡ ମେଡିକାଲ ଅଣାଯାଇଥିଲା। ହେଲେ ଏଠାରେ ପହଞ୍ଚିବା ପୂର୍ବରୁ ଟିକେଶ୍ୱରଙ୍କ ପ୍ରାଣବାୟୁ ଉଡି ସାରିଥିଲା। ଆଜି ବ୍ୟବଚ୍ଛେଦ ପରେ ମୃତଦେହ ଘରକୁ ନେବା ପାଇଁ ଯୋଜନା ଚାଲିଥିବା ବେଳେ ସମ୍ପର୍କୀୟମାନେ ରୋକଠୋକ୍ ମନା କରି ଦେଇଥିଲେ। ମୃତଦେହ ଭିଟାମାଟିକୁ ଆଣ ନାହିଁ। ବାଟରେ ନଈ କି ନାଳରେ ଭସାଇ ଦିଅ ବୋଲି କହିଥିଲେ। ଏଭଳି ପରିସ୍ଥିତିରେ ଖାନନଗରସ୍ଥିତ ସ୍ୱର୍ଗଧାମରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାମାଜିକକର୍ମୀ ଅଭିମନ୍ୟୁ ଦାସ ସମସ୍ତ ସହଯୋଗ କରିଥିଲେ।

ସୂଚନା ମୁତାବକ, ୩୦ବର୍ଷୀୟ ଟିକେଶ୍ୱରଙ୍କ ଘର ଦେବଗଡ କଛଁଡା ଅଞ୍ଚଳରେ। କିଛି ମାସ ପୂର୍ବେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। ହେଲେ ସେ କେଉଁ ରୋଗରେ ପୀଡ଼ିତ ଥିଲେ ତାହା ସ୍ପଷ୍ଟ ହୋଇପାରିନାହିଁ। କିଛି ଦିନ ହେବ ସେ ଯନ୍ତ୍ରଣା ଅନୁଭବ କରୁଥିଲେ। ପତ୍ନୀ ସୁଭଦ୍ରା ସାହୁ ଏବଂ ଶାଶୂ ଉମା ସାହୁ ଟିକେଶ୍ୱରଙ୍କୁ ଧରି ବୁଧବାର କଟକ ଆସିଥିଲେ। ହେଲେ ଏଠାରେ ପହଞ୍ଚିବା ବେଳକୁ ତାଙ୍କର ମୃତ୍ୟୁ ଘଟି ସାରିଛି ବୋଲି ଡାକ୍ତର ଜଣାଇଥିଲେ। ଆଜି ଶବ ବ୍ୟବଚ୍ଛେଦ ହୋଇଥିଲା। ଟିକେଶ୍ୱରଙ୍କ ପରିବାର ଆର୍ଥିକ ଦୁରବସ୍ଥା ଭିତରେ ଗତି କରନ୍ତି। ଏଣୁ ମୃତଦେହ ନେଇ ଦେବଗଡ ଫେରିବା ସେମାନଙ୍କ ପକ୍ଷରେ କଷ୍ଟସାଧ୍ୟ ଥିଲା। ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ ପତ୍ନୀ ସୁଭଦ୍ରାଙ୍କ କୋଳରେ ଏକମାସର ଶିଶୁପୁତ୍ର ରହିଥିଲା। ସ୍ୱାମୀଙ୍କ ମୃତ୍ୟୁରେ ଭାଙ୍ଗି ପଡ଼ିଥିବା ସୁଭଦ୍ରା ଘରକୁ ଫେରିବା ନିମନ୍ତେ ଅସହାୟ ଅନୁଭବ କରିଥିଲେ। ବଡ ମେଡିକାଲ ଫାଣ୍ଡି ଅଧିକାରୀ ମାନେଶ୍ୱର ପ୍ରଧାନ ଘଟଣା ବିଷୟରେ ଜାଣିବାକୁ ପାଇଥିଲେ। ପରେ ସାମାଜିକକର୍ମୀ ଅଭିମନ୍ୟୁଙ୍କୁ ଖବର ଦିଆଯାଇଥିଲା। ସେ ମେଡିକାଲରେ ପହଞ୍ଚି ଟିକେଶ୍ୱରଙ୍କ ଶବ ସତ୍କାର ନିମନ୍ତେ ସମସ୍ତ ବନ୍ଦୋବସ୍ତ କରିଥିଲେ। ସାମାଜିକକର୍ମୀ ଦେବୀପ୍ରସନ୍ନ ଜେନା ଓ ଲଳିତ ରାୟଙ୍କ ସହଯୋଗରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ହୋଟେଲ୍ ପାର୍କିଂରୁ ଗାଡ଼ି ଚୋରି

କଟକ,୧୨।୬(ସମିସ): ମଙ୍ଗଳାବାଗ ଥାନାଞ୍ଚଳରେ ଥିବା ଏକ ହୋଟେଲ ପାର୍କିଂରୁ ଜଣଙ୍କ ଗାଡ଼ି ଚୋରି ହୋଇଛି। କେହି ଦୁର୍ବୃତ୍ତ ପାର୍କିଂରେ ଏକ ସ୍କୁଟିକୁ ରଖି ଆଗନ୍ତୁକଙ୍କ ପଲସର ବାଇକ ଚୋରାଇ ନେଇଛି। ଚୋରି ବେଳର ଦୃଶ୍ୟ ହୋଟେଲର ସିସିଟିଭିରେ କଏଦ ହୋଇଛି। ପୁଲିସ ସୂଚନା ଅନୁସାରେ, ବାଙ୍କୀ ହରିରାଜପୁର ଅଞ୍ଚଳର ଜ୍ଞାନରଞ୍ଜନ ବେହେରା ତୁଳସୀପୁରସ୍ଥିତ ଏକ ବେସରକାରୀ ସଂସ୍ଥାରେ ଚାକିରି କରିଛନ୍ତି। ବୁଧବାର ଅଫିସ କାମ ଶେଷ ହେଲା ବେଳକୁ ରାତି ହୋଇଯାଇଥିଲା। ସେ ମଙ୍ଗଳାବାଗ ଅଞ୍ଚଳରେ ଥିବା ଏକ ହୋଟେଲରେ ରୁମ୍ ବୁକ କରିଥିଲେ। ଅଫିସ କାର୍ଯ୍ୟ ସାରି ରାତି ପ୍ରାୟ ୩ଟାରେ ଜଣେ ସହକର୍ମୀଙ୍କ ସହ ଜ୍ଞାନରଞ୍ଜନ ଉକ୍ତ ହୋଟେଲରେ ପହଞ୍ଚିଲେ। ହୋଟେଲ ପାର୍କିଂରେ ନିଜର ପଲସର ବାଇକ ରଖି ରୁମକୁ ଯାଇଥିଲେ। ଗୁରୁବାର ସକାଳୁ ଉଠି ଦେଖିଲେ ଯେ ପାର୍କିଂ ସ୍ଥାନରେ ଗାଡ଼ି ନାହିଁ। ପରେ ସିସିଟିଭି ଯାଞ୍ଚ କରିବାରୁ ଭୋର ସମୟରେ ଦୁର୍ବୃତ୍ତ ଜଣକ ଏକ ସ୍କୁଟି ରଖିଦେଇ ପଲସର ବାଇକ ଚୋରାଇ ନେଉଥିବା ଦେଖାଯାଇଛି। ଏନେଇ ଜ୍ଞାନରଞ୍ଜନ ମଙ୍ଗଳାବାଗ ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ବଡ଼ ମେଡିକାଲରେ ଆଉ ୧୧ ଡାଇରିଆ ରୋଗୀ ଭର୍ତ୍ତି

କଟକ,୧୨।୬(ସମିସ): ଯାଜପୁର ସମେତ ଅନ୍ୟ କିଛି ଜିଲ୍ଲାରେ ଡାଇରିଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆଜି ବଡ ମେଡିକାଲରେ ଆଉ ୧୧ଜଣ ଡାଇରିଆ ଆକ୍ରାନ୍ତ ଭର୍ତ୍ତି ହୋଇଥିବା ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହିତ ୩ଜଣ ଲାମା ନେଇ ଚାଲି ଯାଇଥିବା ବେଳେ ୧୨ଜଣଙ୍କୁ ଡିସଚାର୍ଜ କରାଯାଇଛି। ଆଇସିୟୁରେ ୨ଜଣଙ୍କ ଚିକିତ୍ସା ଜାରି ରହିଥିବା ବେଳେ କାହାର ମୃତ୍ୟୁ ଘଟି ନଥିବା କୁହାଯାଇଛି। ସମ୍ପ୍ରତି ମୋଟ ୭୨ଜଣ ଡାଇରିଆ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଥିବା ବେଳେ ଡାକ୍ତରୀ ଦଳର ସ୍ୱତନ୍ତ୍ର ନିରୀକ୍ଷଣରେ ରଖାଯାଇଛି ବୋଲି ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି।

**ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନ**

## ନବକଳେବର ନିମନ୍ତେ ପୁଣି ହେବ ଟେଣ୍ଡର

କଟକ,୧୨।୬(ସମିସ):

ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନ(ଏଏଚ୍‌ପିଜିଆଇସି)ର ସମ୍ପ୍ରସାରଣ କରାଯିବା ନିମନ୍ତେ ପୂର୍ବ ସରକାର ଅମଳରେ ବୃହତ୍ତ ଯୋଜନା କରାଯାଇଥିଲା; ମାତ୍ର ଏ ପର୍ଯ୍ୟନ୍ତ କାର୍ଯ୍ୟ ଆଗେଇ ପାରିନାହିଁ। ପୁରୁଣା କୋଠା ଭଙ୍ଗା ଯାଇ ପ୍ରତିଷ୍ଠାନର ହେବାକୁ ଥିବା ନବକଳେବର କାର୍ଯ୍ୟ ବନ୍ଦ ହୋଇ ପଡ଼ିଛି। ତେବେ ଆଜି କଟକରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିଷ୍ଠାନର ସମ୍ପ୍ରସାରଣ କାର୍ଯ୍ୟ ବାବଦରେ ମତ ଦେଇଥିଲେ। ୯୫୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଏଏଚ୍‌ପିଜିଆଇସିର ସମ୍ପ୍ରସାରଣ କାର୍ଯ୍ୟ ନିମନ୍ତେ ପୁଣି ଥରେ ଟେଣ୍ଡର ଡକାଯିବ। ପୂର୍ବରୁ ଟେଣ୍ଡର ହୋଇଥିଲେ ମଧ୍ୟ ଏହା ବାତିଲ କରାଯାଇଥିଲା। ଖୁବଶୀଘ୍ର ପ୍ରଶାସନିକ ଅନୁମୋଦନ କରାଯିବା ପରେ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଥିଲେ।

ପ୍ରକାଶଯୋଗ୍ୟ, ଏସ୍‌ସିବି ମେଡିକାଲକୁ ଏମ୍ସ ପ୍ଲସରେ ପରିଣତ କରାଯିବ। ନବୀନ ସରକାର ସମୟରେ ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହା ଭିତରେ ପୂର୍ବଭାରତରେ କର୍କଟ ରୋଗୀଙ୍କ ନିମନ୍ତେ ଉଦ୍ଦିଷ୍ଟ ସର୍ବବୃହତ୍ତ ସରକାରୀ ହସ୍ପିଟାଲ ଭାବେ ପରିଗଣିତ କଟକର ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନର ଭିତ୍ତିଭୂମିର ବିକାଶ କରାଯିବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା। ଓଡ଼ିଶା ବ୍ରିଜ ଆଣ୍ଡ କନଷ୍ଟ୍ରକସନ କର୍ପୋରେସନ(ଓବିସିସି) ଲିମିଟେଡକୁ ନିର୍ମାଣ କାର୍ଯ୍ୟ ପ୍ରଦାନ କରାଯାଇଥିବା କୁହାଯାଇଥିଲା। ପ୍ରତିଷ୍ଠାନ ପରିସରରେ ରହିଥିବା ଅନେକ ପୁରୁଣା କୋଠା ଭଙ୍ଗାଯିବ। ଆଉଟଡୋର(ଓପିଡି) କୋଠା, ପୁରୁଣା ଇନଡୋର କୋଠା, ପୁରୁଣା ରେଡକ୍ରସ କୋଠା ସମେତ ଅନ୍ୟ କିଛି କୋଠା ମଧ୍ୟ ଉଚ୍ଛେଦ କରାଯିବ। ଏହା ପରିବର୍ତ୍ତେ ଏକ ବିଶାଳ ଯୋଜନା କାର୍ଯ୍ୟକାରୀ ହେବ। ଏଏଚ୍‌ପିଜିଆଇସି ମଧ୍ୟରେ ଏକ ୧୨ ମହଲା ବିଶିଷ୍ଟ ଅଟ୍ଟାଳିକା ନିର୍ମାଣ କରାଯିବ। ଯାହା ଭିତରେ ଉନ୍ନତ ଚିକିତ୍ସା ସେବା ଉପଲବ୍ଧ କରାଯିବ। ଗୋଟିଏ କୋଠାରେ ରହିବ ୧୩ଟି ବିଭାଗର ଅପରେସନ ଥିଏଟର(ଓ.ଟି)। ଏହାଛଡ଼ା ଏହି କୋଠାରେ ଆଉଟଡୋର, ଜରୁରୀକାଳୀନ ବିଭାଗ, ପାଥୋଲୋଜି, ଇନଡୋର ମଧ୍ୟ କାର୍ଯ୍ୟ କରିବ। ଇତି ମଧ୍ୟରେ ଏଏଚ୍‌ପିଜିଆଇସିର ଶଯ୍ୟା ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ। ସମ୍ପ୍ରତି ୫୦୦ ଶଯ୍ୟା ଥିବା ବେଳେ ଏହା ଏକ ହଜାର ଛୁଇଁବ। ଅନ୍ୟପକ୍ଷରେ ଏଠାରେ ଫାଙ୍କା ପଡିଥିବା ପଦବୀ ଗୁଡିକ ତୁରନ୍ତ ପୂରଣ କରାଯିବା ଦିଗରେ ଗୁରୁତ୍ୱ ଦିଆଯାଉଛି।

## ନବବିବାହିତାଙ୍କୁ ନିର୍ଯାତନା; ଥାନାରେ ଅଭିଯୋଗ

କଟକ,୧୨।୬(ସମିସ): ବିବାହର ୩ ମାସ ପରେ ନବବଧୂଙ୍କୁ ନିର୍ଯାତନା ଦିଆଯାଇଥିବା ମର୍କତନଗର ଥାନାରେ ଅଭିଯୋଗ ହୋଇଛି। ବାପଘରୁ ଟଙ୍କା ଆଣି ନ ପାରିବାରୁ ସ୍ୱାମୀ ମାରପିଟ କରୁଥିବା ପତ୍ନୀ ଏତଲାରେ ଦର୍ଶାଇଛନ୍ତି। ପୁଲିସ ଅଭିଯୁକ୍ତ ସ୍ୱାମୀକୁ ଥାନାକୁ ଡକାଇ ପଚରାଉଚରା କରୁଥିବା ଜଣାପଡ଼ିଛି। ପୁରୀ ଜିଲ୍ଲାର ସିପୁନ ନାୟକ କଟକରେ ଡ୍ରାଇଭର ଭାବେ କାମ କରନ୍ତି। ୩ ମାସ ପୂର୍ବେ ପୁରୀର ମିତା ଦାସଙ୍କ ସହିତ ତାଙ୍କର ବିବାହ ହୋଇଥିଲା। ନବଦମ୍ପତି ସପରିବାର ମର୍କତନଗର ସେକ୍ଟର-୭ ଅଞ୍ଚଳରେ ଘର ଭଡ଼ା ନେଇ ରହୁଛନ୍ତି। ତେବେ ବିବାହର କିଛି ଦିନ ପରେ ଏକ ଗାଡ଼ି କିଣିବା ଲାଗି ବାପଘରୁ ଟଙ୍କା ଆଣିବାକୁ ସିପୁନ ପତ୍ନୀଙ୍କୁ କହିଥିଲେ। ମାତ୍ର ବାପଘର ଲୋକେ ଟଙ୍କା ଦେବାରେ ଅସମର୍ଥ ଥିବା ପତ୍ନୀ ମିତା ଜଣାଇଥିଲେ। ଏହା ପରଠୁ ଅଧିକାଂଶ ସମୟ ସିପୁନ ଘରେ ପତ୍ନୀଙ୍କୁ ମାରପିଟ କରୁଥିଲେ।

## କବି ନନ୍ଦକିଶୋର ସାମଲଙ୍କ ସାହିତ୍ୟ କାଳଜୟୀ

କଟକ,୧୨।୬(ସମିସ): ଓଡ଼ିଶାର ବିଶିଷ୍ଟ ସାରସ୍ୱତ ସାଧକ ତଥା ଲୋକପ୍ରିୟ "ଆମ ଘର'ର କବି ନନ୍ଦକିଶୋର ସାମଲଙ୍କ ଜନ୍ମ ଶତବାର୍ଷିକ ଉଦଘାଟନ ଉତ୍ସବ ଗୁରୁବାର ପୂର୍ବାହ୍ନରେ ପାଳିତ ହୋଇଯାଇଛି। ନନ୍ଦକିଶୋର ସାମଲ ସ୍ମୃତିନ୍ୟାସ, କୁସୁପୁର, କଟକ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଶିଶୁ ସାହିତ୍ୟିକ ଡକ୍ଟର ମହେଶ୍ୱର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ଉଦ୍‌ଘାଟକ ଭାବେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣର ଉପାଧ୍ୟକ୍ଷ ଜଷ୍ଟିସ ମନୋରଞ୍ଜନ ମହାନ୍ତି ଯୋଗଦେଇ କହିଲେ ଯେ, ନନ୍ଦକିଶୋର ସାମଲଙ୍କ ସାରସ୍ୱତ କୃତି ଓ କୀର୍ତ୍ତି କାଳଜୟୀ। ଶିଶୁ ସାହିତ୍ୟିକ ଓ ଜଣେ ଆଦର୍ଶ ଶିକ୍ଷକ ଭାବେ ତାଙ୍କର ସାଧନା ଓ ସିଦ୍ଧିର ପଟାନ୍ତର ନାହିଁ। ମୁଖ୍ୟଅତିଥି ପ୍ରଫେସର ବିଜୟାନନ୍ଦ ସିଂହ ନନ୍ଦକିଶୋର ସାମଲଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସାଧାରଣ ସଂପାଦକ ଡକ୍ଟର ସୁନାମଣି ରାଉତ ସଂପାଦକୀୟ ବିବରଣୀରେ ଜନ୍ମ ଶତବାର୍ଷିକ ଉତ୍ସବରେ ସ୍ମୃତିନ୍ୟାସ ନେଇଥିବା ବିଭିନ୍ନ କାର୍ଯ୍ୟକ୍ରମର ସୂଚନା ଦେବା ସହିତ ନନ୍ଦକିଶୋରଙ୍କୁ ମରଣୋତ୍ତର ପଦ୍ମ ପୁରସ୍କାର ଦେବାକୁ ଦାବି ଉପସ୍ଥାପନ କରିଥିଲେ। ଉତ୍ସବରେ ଜୀବନବ୍ୟାପି ସାଧନା ପାଇଁ ଶିଶୁ ସାହିତ୍ୟିକ ଡକ୍ଟର ପ୍ରିୟନାଥ ମହାପାତ୍ର ଓ ଆଦର୍ଶ ଶିକ୍ଷକ ମହେନ୍ଦ୍ର କୁମାର କାୟସ୍ଥଙ୍କୁ ମର୍ଯ୍ୟାଦାଜନକ 'ନନ୍ଦକିଶୋର ସାମଲ ସ୍ମୃତି ସମ୍ମାନ -୨୦୨୫' ପ୍ରଦାନ କରାଯାଇଥିଲା। ମାନପତ୍ର ପାଠ କରିଥିଲେ କବି ନଳିନୀ ନାୟକ ଓ ବ୍ରହ୍ମାନନ୍ଦ ବିଶ୍ୱାଳ। କବି ନନ୍ଦକିଶୋର ସାମଲଙ୍କ ସ୍ୱରଚିତ କବିତା ଆବୃତ୍ତି କରିଥିଲେ ସୀମାରାଣୀ ବେହେରା ଓ ସୁକୁମାର ସାମଲ। ଉତ୍ସବର ଆଭିମୁଖ୍ୟ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ରାଜୀବ ଷଡ଼ଙ୍ଗୀ। ବ୍ରହ୍ମାନନ୍ଦ ମହାନ୍ତି ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଅର୍ଚ୍ଚନା ରାଣୀ ଭୂୟାଁ ଧନ୍ୟବାଦ ଦେଇଥିଲେ। ଶୁଭ୍ରାଂଶୁ ଶେଖର ପାଣି ଉତ୍ସବ ପରିଚାଳନା କରିଥିଲେ। ଏହି ଉତ୍ସବରେ ପ୍ରାଧ୍ୟାପକ ଉମାଶଙ୍କର ମିଶ୍ର, କୁସୁମ ମଞ୍ଜରୀ ଦାସ, ଗୀତାଞ୍ଜଳି ରାଉତ ଓ ସାହିତ୍ୟପ୍ରେମୀ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ।


**କବି ନନ୍ଦକିଶୋର ସାମଲଙ୍କ ଜନ୍ମ ଶତବାର୍ଷିକୀ ଉଦଘାଟନୀ ଉତ୍ସବ**

**ପ୍ରିୟନାଥ ମହାପାତ୍ର ଓ ମହେନ୍ଦ୍ର କୁମାର କାୟସ୍ଥଙ୍କୁ ନନ୍ଦକିଶୋର ସାମଲ ସ୍ମୃତି ସମ୍ମାନ**



ସକାଳ
THE SAKALA

# ସମ୍ପାଦକୀୟ



ଜନସଂଖ୍ୟା ବୃଦ୍ଧି ବିଶ୍ୱବାସୀଙ୍କ ସାମୂହିକ କଲ୍ୟାଣ କ୍ଷେତ୍ରରେ ଗୁରୁତର ବିପଦ ଏବଂ ପୃଥିବୀରେ ଶାନ୍ତି ପ୍ରତିଷ୍ଠା ପ୍ରୟାସରେ ବିରାଟ ପ୍ରତିବନ୍ଧକ।
-ଆଲବର୍ଟ ଆଇନଷ୍ଟାଇନ୍

## ଫେରିଲା କରୋନା

କୋଭିଡ୍ ଉପରେ ବିଜୟ ଲାଭ କରିଥିବା ଆମେ ଦୁଇବର୍ଷ ତଳେ ସଦର୍ପେ ଘୋଷଣା କରିଥିଲୁ। କିନ୍ତୁ ଆମ ଆସ୍ପର୍ଦ୍ଧାକୁ ପଦାଘାତ କରି କୋଭିଡ୍ ପୁଣି ଥରେ ନୂଆ ରୂପରେ ଫେରିଛି। ସିଙ୍ଗାପୁରରେ ପ୍ରଥମେ ଏହାର ନୂତନ ପ୍ରଜାତି ଆବିଷ୍କାର ହେବା ପରେ ପରେ ଯଦି ବିଶ୍ୱବ୍ୟାପୀ ବିହିତ ସତର୍କତା ମୂଳକ ପଦକ୍ଷେପ ନିଆଯାଇଥା'ନ୍ତା ତା' ହେଲେ ଭାରତରେ ପୁଣି ଥରେ କରୋନା ଜନିତ ମୃତ୍ୟୁ ଖବର ଗଣମାଧ୍ୟମରେ ଦେଖିବାକୁ ମିଳି ନ ଥା'ନ୍ତା। ୨୦୨୦ ଓ ୨୦୨୧ରେ ଆମ ବେପରବାୟ ମନୋଭାବ ଓ ଦାୟିତ୍ୱହୀନ ନିଷ୍ପତ୍ତି ଯୋଗୁଁ କରୋନାର ପ୍ରଥମ ଓ ଦ୍ୱିତୀୟ ଲହର କାୟାବିସ୍ତାର କରି ଅସୁମାରି ଜନଜୀବନ ନେବା ସହିତ ଜନସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ଶିକ୍ଷା ଦେଇଥିଲା। ଦୁଃଖର କଥା ଆମେ ସେଥିରୁ କିଛି ଶିଖିବାକୁ ଇଚ୍ଛା କଲୁନାହିଁ; ଅଧିକନ୍ତୁ ଆମ ମାତ୍ରାଧିକ ଆତ୍ମବିଶ୍ୱାସରେ ଆମେ କରୋନାର ସ୍ୱରୂପକୁ ହେୟ ମନେ କଲୁ। ସଦ୍ୟତମ ସୂଚନା ଅନୁଯାୟୀ ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୭୧୨୧ ଏବଂ ମୃତ୍ୟୁ ସଂଖ୍ୟା ଗତ ୨୪ ଘଣ୍ଟାରେ ୬ ଜଣଙ୍କୁ ମିଶାଇ ୭୭ରେ ପହଞ୍ଚିଛି। ଅବଶ୍ୟ ଇତିମଧ୍ୟରେ ୮ ହଜାର କୋଭିଡ୍ ଆକ୍ରାନ୍ତ ସୁସ୍ଥ ହେବା ଏକ ଶୁଭସୂଚନା।

୨୦୧୯ ରେ କୋଭିଡ୍‌ର ପ୍ରଥମ ଲହର ଭଳି ଏଥର ମଧ୍ୟ ଆକ୍ରାନ୍ତ ସଂଖ୍ୟାରେ କେରଳ ପ୍ରଥମ ସ୍ଥାନରେ ରହିଛି। ତା' ପଛକୁ ଗୁଜରାଟ୍, ଦିଲ୍ଲୀ, ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ର ଅଛନ୍ତି। ଓଡ଼ିଶା ମଧ୍ୟ କୋଭିଡ୍-୧୯ର କ୍ରୂର ଦୃଷ୍ଟିରୁ ବାଦ୍ ପଡ଼ିନାହିଁ। ଓଡ଼ିଶାରେ ଏ ପର୍ଯ୍ୟନ୍ତ ୩୮ ଜଣ ରୋଗୀ ଆକ୍ରାନ୍ତ ହୋଇଥିବା ବେଳେ ସୁଖର କଥା କାହାର ମୃତ୍ୟୁ ଘଟିନାହିଁ ଏବଂ ସେମାନଙ୍କ ମଧ୍ୟରୁ ୨୫ ଜଣ ସୁସ୍ଥ ହୋଇ ଫେରିଛନ୍ତି। କିନ୍ତୁ ଆଉ ୧୫ଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଥିବାରୁ ଏବଂ ପୁରୀରେ ୬ଜଣ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହେବା ପରେ ଚିନ୍ତା ବଢ଼ିଯାଇଛି। ଆସନ୍ତା ସପ୍ତାହରେ ସ୍କୁଲ୍ ଖୋଲିବାକୁ ଯାଉଛି। ସ୍କୁଲ୍‌କୁ ଯାଉଥିବା ଶିଶୁଙ୍କ ମଧ୍ୟରୁ ଅନେକ ଟିକା ନେଇ ନାହାନ୍ତି। ଟିକା ନେଇଥିବା ବ୍ୟକ୍ତିମାନେ ମଧ୍ୟ କୋଭିଡ୍ ଆକ୍ରାନ୍ତ ହେଉଥିବାରୁ ଏବଂ ଚଳିତ ଥର କୋଭିଡ୍ ତା'ର ସ୍ୱରୂପ ପରିବର୍ତ୍ତନ କରିସାରିଥିବାରୁ ଟିକା କେତେ ସୁରକ୍ଷା ଦେଇପାରିବ ତାହା ମଧ୍ୟ ଆଉ ଏକ ଚିନ୍ତାର ବିଷୟ।

ସବୁଠାରୁ ଉଦ୍‌ବେଗଜନକ ହେଲା ରାଜ୍ୟ ସରକାରମାନେ କେନ୍ଦ୍ର ମାର୍ଗଦର୍ଶିକାକୁ ଚାହିଁ ବସିଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ଜନସ୍ୱାସ୍ଥ୍ୟ ବିଭାଗ କିମ୍ବା ଭେଷଜ ଗବେଷଣା ପରିଷଦ ପକ୍ଷରୁ କୋଭିଡ୍ ସଚେତନତା ପାଇଁ ମାର୍ଗଦର୍ଶିକା ଜାରି କରିବା ଦିଗରେ ସେଭଳି ତତ୍ପରତା ପ୍ରକାଶ ପାଇନାହିଁ। ଏହି ମନ୍ଥର ପ୍ରକ୍ରିୟାରେ ପୂର୍ବ ଥର ଭଳି ଏଥର ମଧ୍ୟ ରାଜ୍ୟମାନଙ୍କରେ ସ୍ଥିତି ଅଣାୟତ୍ତ ହେବା ପରେ ଯଦି କେନ୍ଦ୍ର ସରକାର ପଦକ୍ଷେପ ନେବେ ତାହା ପରିସ୍ଥିତିକୁ ଆହୁରି ସଙ୍ଗିନ କରିବ। ଏବେ ମୌସୁମୀ ବର୍ଷା ଦେଶର ବିକ୍ଷିପ୍ତ ଅଞ୍ଚଳକୁ ବ୍ୟାପିସାରିଲାଣି। ଏହା କୋଭିଡ୍ ସଂକ୍ରମଣକୁ କ୍ଷୀପ୍ର କରିବାରେ ଅନୁକୂଳ ହେବ। ଏହାଛଡ଼ା ଟିକା ନେଇସାରିଥିବା ଦମ୍ଭରେ ଜନସାଧାରଣ ମାସ୍କ ପିନ୍ଧୁନାହାନ୍ତି କି ସତର୍କତା ଅବଲମ୍ବନ କରୁନାହାନ୍ତି। ତେଣୁ କୋଭିଡ୍‌ର ନୂଆ ପ୍ରଜାତି ବ୍ୟାପିବାରେ ବିଶେଷ ବିଳମ୍ବ ହେବ ନାହିଁ।

କୋଭିଡ୍ - ୧୯ ର ନୂଆ ପ୍ରଜାତି କେତେ ସଂକ୍ରାମକ, କେତେ ଉଗ୍ର, ଟିକା ପ୍ରତିରୋଧୀ କି ନୁହେଁ ତାହା ଏ ପର୍ଯ୍ୟନ୍ତ ଭେଷଜ ଗବେଷଣା ପରିଷଦ କିମ୍ବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ପାଇ ନଥିବା ବେଳେ ଲୋକେ ଏତେ ଗୁରୁତ୍ୱ ଦେଇ ନ ଥିଲେ। କିନ୍ତୁ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିବାକୁ ଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଆରଟିପିସିଆର ଟେଷ୍ଟ ବା କୋଭିଡ୍ ପରୀକ୍ଷା ବାଧ୍ୟତାମୂଳକ କରାଯିବା ପରେ ସଚେତନ ଲୋକଙ୍କ ମନରେ ସ୍ୱାଭାବିକ ଭାବେ ଛନକା ପଶିଛି। ଏବେଠାରୁ ସତର୍କ ନ ରହିଲେ ପରିସ୍ଥିତିକୁ ଅମାନିଆମାନେ ବିଗାଡ଼ି ଦେବାର ଆଶଙ୍କା ଅଧିକ ଥିବାରୁ ସରକାର ତୁରନ୍ତ ତତ୍ପରତା ପ୍ରକାଶ କରିବାକୁ ମତ ପ୍ରକାଶ ପାଉଛି।

ଏହି ପୃଷ୍ଠଭୂମିରେ ଓଡ଼ିଶାର ଜନସ୍ୱାସ୍ଥ୍ୟ ପ୍ରତି ଦୋହରା ସମସ୍ୟା ସୃଷ୍ଟି ହୋଇଛି। ଯାଜପୁର ଅଞ୍ଚଳରେ ଝାଡ଼ାବାନ୍ତି ଅଣାୟତ୍ତ ଥିବା ବେଳେ କେତେକ ଅଞ୍ଚଳରେ ଡେଙ୍ଗୁ ଜନସ୍ୱାସ୍ଥ୍ୟ ପାଇଁ ଆହ୍ୱାନ ସୃଷ୍ଟି କରିଛି। ରାଜଧାନୀ ଉପକଣ୍ଠ ସମେତ କେତେକ ଅଞ୍ଚଳରେ ଜଣ୍ଡିସ୍ ମଧ୍ୟ କାୟା ବିସ୍ତାର କରୁଛି। ବର୍ଷାରେ ଏ ସବୁ ରୋଗ ଆହୁରି ଅଧିକ ସଂକ୍ରାମକ ହେବାର ଆଶଙ୍କା ଅଧିକ। ଏଥିସହିତ ପାର୍ବତ୍ୟାଞ୍ଚଳରେ ମ୍ୟାଲେରିଆ ଅଦ୍ୟାବଧି ନିୟନ୍ତ୍ରଣକୁ ଆସିନାହିଁ। ତେଣୁ ବର୍ଷାଜନିତ ସନ୍ତସନ୍ତିଆ ପାଗ ମ୍ୟାଲେରିଆ ପ୍ରବଣତାକୁ ବୃଦ୍ଧି କରିପାରେ। ଏହାସହିତ କୋଭିଡ୍ ସଂକ୍ରମଣ ମିଶିଗଲେ ଜନସ୍ୱାସ୍ଥ୍ୟ ପରିଚାଳନା ଅଧିକ ଜଟିଳ ହେବ।

ନୂଆ କରି କ୍ଷମତାକୁ ଆସିଥିବା ରାଜ୍ୟ ସରକାରଙ୍କ ଜନସ୍ୱାସ୍ଥ୍ୟ କିମ୍ବା ବିପର୍ଯ୍ୟୟ ପରିଚାଳନାରେ ଅଭିଜ୍ଞତା ନାହିଁ। ଗତବର୍ଷ ବାତ୍ୟା 'ଦାନା' ବେଳେ ବିପର୍ଯ୍ୟୟ ପରିଚାଳନାରେ ରାଜ୍ୟ ସରକାରଙ୍କ ତାଳମେଳର ଅଭାବ ଦୃଷ୍ଟିଗୋଚର ହୋଇଥିଲା। ରାଜ୍ୟ ସରକାର କ୍ଷମତାସୀନ ହେବାର ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିସାରିଛନ୍ତି। ଏବେ ଆନନ୍ଦ ଉତ୍ସବରୁ ମୁହଁ ଫେରାଇ ଆଗକୁ ଯେଉଁ ଜନସ୍ୱାସ୍ଥ୍ୟ ଆହ୍ୱାନ ଦେଖାଦେଇଛି ତା'ର ମୁକାବିଲା ଲାଗି ପ୍ରସ୍ତୁତିପର୍ବ ଆରମ୍ଭ କରିବାକୁ ହେବ। ସରକାର ବର୍ଷ ପୂର୍ତ୍ତି ପାଳନରେ ବ୍ୟସ୍ତ ଥିବା ଯୋଗୁଁ ଯାଜପୁରରେ ଜନସ୍ୱାସ୍ଥ୍ୟ ସମସ୍ୟା ନିରାକରଣ ପାଇଁ ଦୃଷ୍ଟି ଦେଲେ ନାହିଁ ବୋଲି ଅଭିଯୋଗ ଆସୁଛି। ଏହାକୁ ମଧ୍ୟ ସରକାର ଗୁରୁତ୍ୱର ସହ ଗ୍ରହଣ କରିବାକୁ ପଡ଼ିବ। ବର୍ଷା ଆରମ୍ଭ ହୋଇସାରିଲାଣି, ଅଥଚ ଦ୍ୱୈତନଗରୀର ନାଳନର୍ଦ୍ଦମା ସଫା ହୋଇପାରିଲା ନାହିଁ। ଅନ୍ୟାନ୍ୟ ସହର ଓ ଗାଁ ଗଣ୍ଡା କଥା ନ କହିବା ଭଲ। ଏହା ହିଁ ଅଧିକ ସଂକ୍ରାମକ ରୋଗକୁ ଡାକି ଆଣିବ।

ଆମର ମତ ହେଲା କୋଭିଡ୍ ୧୯ ସଂକ୍ରମଣ ଓ ତଦ୍‌ଜନିତ ପ୍ରଭାବକୁ ଆମେ ଅଙ୍ଗେ ନିଭେଇଛେ। ତେଣୁ କେବଳ ସରକାରୀ ପଦକ୍ଷେପକୁ ଅପେକ୍ଷା ନ କରି ବେଳ ଥାଉଁ ଥାଉଁ ନିଜ ସୁରକ୍ଷା ନିଜେ ହିଁ କରିବା ଆବଶ୍ୟକ। କୋଭିଡ୍ ସଂକ୍ରମଣରୁ ବର୍ତ୍ତିବା ପାଇଁ ଆଉ ଅଧିକ ମାର୍ଗଦର୍ଶିକାର ଆବଶ୍ୟକତା ନାହିଁ। ଆମର ଅନୁଭବକୁ ପାଥେୟ କରି ଏ ଦିଗରେ ସାବଧାନ ଓ ସଚେତନ ହେବା ଆବଶ୍ୟକ। ପ୍ରତିଷେଧକ ଚିକିତ୍ସାଠାରୁ ଉତ୍ତମ। ତେଣୁ ଆମେ ନିଜସ୍ତରରେ ସତର୍କ ହେବା ସହିତ ପ୍ରତିବେଶୀଙ୍କୁ ସତର୍କ କରିବା ଏବଂ ପାରିପାର୍ଶ୍ୱକୁ ସ୍ୱଚ୍ଛ ରଖିବା। ଫଳରେ ସଂକ୍ରମଣ ପରିବେଶ ଅଧିକ ଅନୁକୂଳ ହେବ ନାହିଁ।

## କ୍ରିକେଟର ମୋହାଞ୍ଜନ

**ଗୌରୀ ପ୍ରସାଦ ମହାପାତ୍ର**

ବିଗତ ଶତାବ୍ଦୀର ୮୦ ଦଶକରେ ଜଣେ ଜର୍ମାନ୍ ସାମ୍ବାଦିକ ପୃଥିବୀ ପୃଷ୍ଠରେ ଈଶ୍ୱରଙ୍କ ସତ୍ତା ଖୋଜି ଖୋଜି ଭାରତରେ ପହଞ୍ଚିଲେ। ପ୍ରାୟ ଦେଢ଼ ବର୍ଷ ପରେ ସେ ଭାରତରୁ ଫେରିବାକୁ ପ୍ରସ୍ତୁତ ହେଉଥିବା ବେଳେ କେତେକ ସାମ୍ବାଦିକ ତାଙ୍କର ଅନୁସନ୍ଧାନର ନିଷ୍କର୍ଷ ବିଷୟରେ ଜାଣିବାକୁ ଚାହିଁଲେ। ଜର୍ମାନ ସାମ୍ବାଦିକ ମହୋଦୟଙ୍କ ଉତ୍ତର ଥିଲା ଯେତିକି ଚଟୁଳ ସେତିକି ଉଦ୍‌ବେଗଜନକ। ସେ କହିଲେ, 'ଗତ ଦେଢ଼ ବର୍ଷର ରହଣି ମଧ୍ୟରେ ଭାରତକୁ ମୁଁ ଖୁବ୍ ନିକଟରୁ ଦେଖିଛି ଓ ପରଖିଛି। ଏଠି ଛାତ୍ରଛାତ୍ରୀ ତୁଳନାରେ ଶିକ୍ଷକମାନଙ୍କ ଅନୁପସ୍ଥିତି ଅଧିକ; ତା'ସତ୍ତ୍ୱେ ଶିକ୍ଷାନୁଷ୍ଠାନ ଓ ଶିକ୍ଷାଗତ ଯୋଗ୍ୟତା ବଢ଼ିଚାଲିଛି। ବିଧାନପାଳିକା ଯିବା ପାଇଁ ଜନପ୍ରତିନିଧି ବା ନୀତି ନିର୍ଦ୍ଧାରକ ଅନିଚ୍ଛୁକ; ତଥାପି ପ୍ରତିବର୍ଷ ଶତାଧିକ ଯୋଜନା ଓ ନୀତି ପ୍ରଣୟନ ହେଉଛି। ସର୍ବୋପରି ଏଠାର ବିଶାଳ ଯୁବବର୍ଗ ଓ ବୁଦ୍ଧିଜୀବୀ କ୍ରିକେଟ୍ ପାଗଳ; କିନ୍ତୁ ଦେଶ ଆଗେଇ ଚାଲିଛି। ତେଣୁ ମୁଁ ସ୍ଥିର ନିଶ୍ଚିତ ଯେ ଏହି ବିଶାଳ ଭାରତକୁ ଈଶ୍ୱର ହିଁ ଚଳାଉଛନ୍ତି।'

କ୍ରିକେଟ୍ ବିଷୟରେ ଏଭଳି ଅପ୍ରତ୍ୟାଶିତ ଉତ୍ତରରେ କିଞ୍ଚିତ ଅପ୍ରତିଭ ଭାରତୀୟ ସାମ୍ବାଦିକ ବନ୍ଧୁମାନେ ସେ ବିଷୟରେ ଜର୍ମାନ ସାମ୍ବାଦିକଙ୍କଠାରୁ ଅଧିକ ଜିଜ୍ଞାସା କରିବାରୁ ସେ ନିଜ ଅନୁଭୂତି ବର୍ଣ୍ଣନା କରି କହିଲେ, 'କ୍ରିକେଟ୍‌ରଙ୍କୁଣା ଭାରତୀୟମାନେ ନିଜ ସମୟ, ଦାୟିତ୍ୱ ଓ କର୍ତ୍ତବ୍ୟକୁ କ୍ରିକେଟ୍ ଆଗରେ ମୂଲ୍ୟବାନ ମନେ କରନ୍ତି ନାହିଁ। ଥାନାବାବୁମାନେ ଥାନାରେ ଅଭିଯୋଗକାରୀଙ୍କୁ ଶୁଣିବା ଏବଂ ଆଇନ ଶୃଙ୍ଖଳା ସ୍ଥିତି ଜାଣିବା ତୁଳନାରେ କ୍ରିକେଟ୍ ସ୍କୋର ପାଇଁ ଅଧିକ ଆଗ୍ରହୀ; ଡାକ୍ତରମାନେ ପ୍ରେସ୍‌କ୍ରିପ୍‌ସନ୍ ଲେଖିବା ବେଳେ କାନପାଖରେ ରେଡିଓ(ସେତେବେଳେ ଭାରତର ଟିଭି ପ୍ରସାରଣ ଏତେ ନଥିଲା)ଟିଏ ଚାପି ଧରିବାକୁ ଅନୁଚିତ ବୋଲି ମନେ କରନ୍ତି ନାହିଁ, ଏପରିକି ମ୍ୟାଚ୍ ଫଳାଫଳର ଉତ୍କଣ୍ଠା ଅସ୍ତ୍ରୋପଚାରକୁ ବିଳମ୍ବିତ କରେ; ବୁଦ୍ଧିଜୀବୀମାନେ ସକାଳ ଓ ସାନ୍ଧ୍ୟ ଭ୍ରମଣରେ କ୍ରିକେଟ୍ ଆଲୋଚନାକୁ ଅଧିକ ପସନ୍ଦ କରନ୍ତି ଏବଂ ଖବରକାଗଜର ପ୍ରଥମ ପୃଷ୍ଠାରେ କ୍ରିକେଟ୍ ଖବର ଅଗ୍ରାଧିକାର ପାଏ। ଏକ ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶରେ ଏଭଳି କ୍ରିକେଟ୍ ମୋହ ବିରଳ ଏବଂ ବିଶାଳ ମାନବ ସମ୍ବଳର ସଦୁପଯୋଗ ଓ ଦକ୍ଷତା ବିକାଶ ପ୍ରତି ବଡ଼ ଆହ୍ୱାନ।'

ଜର୍ମାନ୍ ସାମ୍ବାଦିକ ମହୋଦୟ ଯଦି କ୍ରିକେଟ୍-ମୋହାଞ୍ଜନ ରଞ୍ଜିତ ଭାରତୀୟମାନଙ୍କୁ ଆହୁରି ପାଖରୁ ପରଖିଥା'ନ୍ତେ ତେବେ ଜାଣି ପାରିଥା'ନ୍ତେ ଭାରତରେ କ୍ରିକେଟ୍ ତାରକାମାନଙ୍କ ବ୍ୟବହୃତ ଅନ୍ତବସ୍ତ୍ର ଓ ଉଚ୍ଛିଷ୍ଟର ସାନ୍ନିଧ୍ୟ ଲାଭ କରିବା ପାଇଁ ପ୍ରଶଂସକଙ୍କ ମଧ୍ୟରେ ଆକ୍ରମଣ-ପ୍ରତିଆକ୍ରମଣ ସ୍ଥିତି ସୃଷ୍ଟିହୁଏ(୧୯୮୩ ପ୍ରୁଡେନ୍‌ସିଆଲ୍ ବିଶ୍ୱକପ୍ ଜିତିବା ପରେ ମଧ୍ୟପ୍ରଦେଶର ଏକ ପଞ୍ଚତାରକା ହୋଟେଲ୍‌ରେ ଏଭଳି ଘଟଣାର ବର୍ଣ୍ଣନା କରିଥିଲେ ସେଠାକାର ସୁରକ୍ଷା ଦାୟିତ୍ୱରେ ଥିବା ଉଚ୍ଚ ପୁଲିସ ପଦାଧିକାରୀ); ଖେଳରେ ହାରଜିତ୍‌କୁ ନେଇ ଲଣ୍ଡା, ଅଧାଲଣ୍ଡା, ଅଧା ନିଶ କାଟିବାକୁ ଏପରିକି ଘରର ଆସବାବ ପତ୍ର ବାଜିରେ ଲଗାଇବାକୁ କୁଣ୍ଠା ପ୍ରକାଶ ପାଏନାହିଁ। ଏହି ପୃଷ୍ଠଭୂମିରେ ବେଙ୍ଗାଲୁରୁରେ ଆଇପିଏଲ୍ ଫାଇନାଲ ମ୍ୟାଚ୍ ପରବର୍ତ୍ତୀ ବିଜୟ ଶୋଭାଯାତ୍ରା ଅଘଟଣ ପଛରେ ଯେଉଁ ବିପୁଳ ଜନସମାବେଶ ସଂଗଠିତ ହୋଇଥିଲା, ତାହା ଆଦୌ ଅଭୂତପୂର୍ବ କିମ୍ବା ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ନୁହେଁ।

କ୍ରିକେଟ୍ ଓ କ୍ରିକେଟରଙ୍କ ପାଇଁ ଆମ ମନରେ ଯେଉଁ ଭକ୍ତି ଓ ହୃଦୟରେ ଦୁର୍ବଳତା ରହିଛି ତାହା କେତେ ଯଥୋଚିତ ତାହା ତର୍ଜମା କିମ୍ବା ବ୍ୟକ୍ତ କରିବା ନିରର୍ଥକ। କିନ୍ତୁ ଆମେ ଯେଉଁ ତାରକାମାନଙ୍କୁ ଶବ୍ଦରତ୍ନାଳଙ୍କରରେ ବିଭୂଷିତ କରୁଛୁ, ନିଜର ଆତ୍ମାରେ ସ୍ଥାନିତ କରୁଛୁ, ଦେଶାତ୍ମବୋଧର ପ୍ରତିନିଧି ବୋଲି ଗର୍ବ କରୁଛୁ ଏବଂ ବ୍ୟକ୍ତିଗତ ପ୍ରଦର୍ଶନ ଓ ସଫଳତାରେ ଶତମୁଖ ହୋଇପଡ଼ୁଛୁ ସେମାନଙ୍କ ଆଭିମୁଖ୍ୟ ବିଷୟରେ ଗୋଟିଏମାତ୍ର ଉଦାହରଣ ଯଥେଷ୍ଟ ମନେ ହୁଏ। ୨୦୦୨ ଆଇସିସି ଚମ୍ପିଅନ୍‌ସିପ୍ ବିଶ୍ୱକପ୍ ପ୍ରତିଯୋଗିତା ପୂର୍ବରୁ ପ୍ରାୟୋଜକ, ବିଜ୍ଞାପନ ଓ ଭାରତୀୟ କ୍ରିକେଟ୍ ତାରକାଙ୍କୁ ନେଇ ବିବାଦ ସୃଷ୍ଟି ହେବା ପରେ ଆଇସିସିର ଚରମବାଣୀ ଥିଲା ଭାରତୀୟ କ୍ରିକେଟରମାନେ ନିଜ ଦେଶ ପାଇଁ ନା ନିଜ ପାଇଁ ଖେଳୁଛନ୍ତି ତାହା ସ୍ପଷ୍ଟ କରନ୍ତୁ। ଏହାର ପ୍ରତିକ୍ରିୟାରେ ତତ୍କାଳୀନ ଭାରତୀୟ କ୍ରିକେଟ୍ କପ୍ତାନଙ୍କ ଦାମ୍ଭିକ ଉତ୍ତର ଥିଲା ସେମାନେ ନିଜ ପାଇଁ ଖେଳୁଛନ୍ତି। ଏହାପରେ ବିସିସିଆଇ ଜଵାଗଲ୍ ଶ୍ରୀନାଥଙ୍କ ନେତୃତ୍ୱରେ ୨୫ଜଣିଆ ବିକଳ୍ପ ଟିମ୍ ଘୋଷଣା କରିଥିଲା ସତ, ମାତ୍ର ତଥାକଥିତ କ୍ରିକେଟ୍-ଦେବତାମାନଙ୍କର ପ୍ରଭାବ ଓ ବିଜ୍ଞାପନଦାତାଙ୍କ ଚାପ ଏତେ ଥିଲା ଯେ ବିସିସିଆଇ ସେମାନଙ୍କୁ ନେଇ ସାନି ତାଲିକା ଘୋଷଣା କଲା ଏବଂ ଆଇସିସି ମଧ୍ୟ ନତମସ୍ତକ ହେବାକୁ ବାଧ୍ୟ ହେଲା। ସଦ୍ୟସମାପ୍ତ ଆଇପିଏଲ୍ ସହିତ କୌଣସି ରାଷ୍ଟ୍ରବୋଧ କିମ୍ବା ରାଷ୍ଟ୍ରସମ୍ମାନ ଜଡ଼ିତ ନୁହେଁ। ତଥାପି ୭୪ ଦିନ ଧରି କ୍ରିକେଟ୍‌ର ମୋହାଞ୍ଜନରେ ଅନୁରକ୍ତ ଭାରତୀୟମାନେ ଯେପରି ଉଦ୍‌ବୁଦ୍ଧ ଓ ଅନୁରଣିତ ହେଲେ ବିଶ୍ୱରେ ତାହାର ପଟାନ୍ତର ନାହିଁ।

କ୍ରିକେଟ୍‌ର ମୋହାଞ୍ଜନରେ ଭାରତର କେବଳ ଜନସାଧାରଣ ନୁହନ୍ତି, ସରକାର ମଧ୍ୟ ଯେ ଆକ୍ରାନ୍ତ ହେବାକୁ ବାଧ୍ୟ ତାହା ପ୍ରମାଣିତ ହୋଇଯାଏ ଯେତେବେଳେ ଜଳକ୍ଲିଷ୍ଟ ଅଞ୍ଚଳକୁ ପାଣି ଯୋଗାଇବାରେ ବିଫଳ ସ୍ୱାଧୀନ ଭାରତ କ୍ରିକେଟ୍ ପଡ଼ିଆ ପ୍ରସ୍ତୁତି ପାଇଁ ଗ୍ୟାଲନ୍ ଗ୍ୟାଲନ୍ ପାଣି ବିନିଯୋଗ କରିପାରେ; ସ୍ୱାଧୀନତାର ୭୮ ବର୍ଷ ପରେ ଏବେ ମଧ୍ୟ ଗାଁ ଗଣ୍ଡାରେ ବିଜୁଳି ସାତସପନ, ଅଥଚ କ୍ରିକେଟ୍ ପଡ଼ିଆରେ ଫ୍ଲଡ୍ ଲାଇଟ୍‌ରେ ମଧ୍ୟରାତ୍ରିରେ ଦିବସର ଭ୍ରମ ସୃଷ୍ଟି ହୋଇପାରେ; ସରକାରୀ ରାଜକୋଷ ଅପଚୟରେ କ୍ରିକେଟ୍‌ରଙ୍କୁ ଉତ୍ସାହିତ କରିବା ପାଇଁ ମନ୍ତ୍ରି ପରିଷଦର ସଦସ୍ୟମାନେ ବିଦେଶଗସ୍ତ କରିପାରନ୍ତି; ଶାସନମୁଖ୍ୟମାନେ ଅର୍ଜୁନଙ୍କ ପରି ଲକ୍ଷ୍ୟଭେଦ କରିବାକୁ କ୍ରିକେଟରଙ୍କୁ ଉତ୍ସାହିତ କରିପାରନ୍ତି, କ୍ରିକେଟ୍ ପଡ଼ିଆରେ ପ୍ରତ୍ୟକ୍ଷ ଉପସ୍ଥିତ ହୁଅନ୍ତି, ଏପରିକି ବିଫଳତା ପରେ ଆଲିଙ୍ଗନ କରି ସମବେଦନା ଜଣାନ୍ତି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଛାଡ଼ିଦେଲେ ଭାରତର କୌଣସି ଶାସନମୁଖ୍ୟଙ୍କ କ୍ରିକେଟ୍ ସୁଲଭ ପ୍ରୋତ୍ସାହନ ଓ ସମବେଦନା କେବେ କୌଣସି ଅଲିମ୍ପିକ୍ ଖେଳାଳିଙ୍କ ପ୍ରତି ଦେଖାଯାଏ ନାହିଁ।

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବୀଣ ରାଜନୀତିଜ୍ଞ ଜାନକୀ ବଲ୍ଲଭ ପଟ୍ଟନାୟକ ଏକଦା ଏକ ସାକ୍ଷାତକାରରେ କହିଥିଲେ କ୍ରିକେଟ୍‌କୁ ବିରୋଧ କରି କୌଣସି ରାଜନୈତିକ ଦଳ ତିଷ୍ଠି ପାରିବ ନାହିଁ। ଆଇପିଏଲ୍‌ର ବିଜୟୋତ୍ସବରେ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତି, ଦୁର୍ଘଟଣା ପରେ କେନ୍ଦ୍ର-ରାଜ୍ୟ-ବିସିସିଆଇ ମଧ୍ୟରେ ଆରୋପ-ପ୍ରତ୍ୟାରୋପ, ନ୍ୟାୟାଳୟଙ୍କର ନିଜ ଆଡୁ ମାମଲା ରୁଜୁ, ଆଇନ ଶୃଙ୍ଖଳା ଦାୟିତ୍ୱରେ ଥିବା ବରିଷ୍ଠ ପୁଲିସ୍ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱର୍ଗତଃ ପଟ୍ଟନାୟକଙ୍କ ମନ୍ତବ୍ୟର ଜ୍ୱଳନ୍ତ ପ୍ରତିଫଳନ। ଏଠାରେ ଆଉ ଏକ ବ୍ୟତିକ୍ରମ ଓ ବିଡ଼ମ୍ବନା ଉପରେ ଦୃଷ୍ଟି ଦିଆଯାଉ। ହାଇଦ୍ରାବାଦ୍‌ର ଏକ ସିନେମା ହଲ୍‌ରେ ଦଳାଚକଟାରେ ଜନୈକ ମହିଳାଙ୍କ ମୃତ୍ୟୁ ଘଟଣାରେ ଆଲୁ ଅର୍ଜୁନ୍‌ଙ୍କୁ ଗିରଫ କରାଗଲା, ଅଥଚ ବେଙ୍ଗାଲୁରୁ ଦଳାଚକଟାରେ ମୃତାହତଙ୍କ ସଂଖ୍ୟା ତା'ଠାରୁ ବହୁ ଅଧିକ ହେଲେ ମଧ୍ୟ ଅନୁରୂପ କାର୍ଯ୍ୟାନୁଷ୍ଠାନ କେବଳ ଅସମ୍ଭବ ନୁହେଁ ସେ ସମ୍ପର୍କିତ ଆଲୋଚନା ମଧ୍ୟ ହୁଏତ ଦୋଷାବହ। ସେହିପରି ବେଙ୍ଗାଲୁରୁ ଦୁର୍ଘଟଣା ପରେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଯେପରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ହେଲା, ତାହା ଦିଲ୍ଲୀ ରେଳଷ୍ଟେସନ୍ କିମ୍ବା ପ୍ରୟାଗରାଜ୍ ମହାକୁମ୍ଭ ଅଘଟଣରେ ଦେଖାଗଲା ନାହିଁ। ଏଥିରୁ କ୍ରିକେଟ୍ ଭାରତୀୟ ଶାସନ-ପ୍ରଶାସନ ପାଇଁ କେତେ ସ୍ପର୍ଶକାତର ତାହାର ଅଧିକ ପ୍ରମାଣ ଅନାବଶ୍ୟକ।

କ୍ରିକେଟ୍ ମୋହାଞ୍ଜନର ପ୍ରଚ୍ଛଦପଟ୍ଟ ଉପରେ ଏବେ କିଞ୍ଚିତ ସିଂହାବଲୋକନ କରିବା। ବିଂଶ ଶତାବ୍ଦୀର ଅଶୀ ଦଶକର ଶେଷ ଓ ନବେ ଦଶକର ପ୍ରାରମ୍ଭରେ ଜଗତୀକରଣ, ଉଦାରୀକରଣ ଓ ଘରୋଇକରଣ ବିଶ୍ୱରେ କାୟା ବିସ୍ତାର ଆରମ୍ଭ କଲା। ସେତେବେଳେ ତା'ର ମୁଖ୍ୟ ପୁରୋଧା ଜନ୍ ପର୍କିସନ୍‌ଙ୍କର ଦୃଷ୍ଟି ନିବଦ୍ଧ ଥିଲା ବିଶାଳ ଭାରତୀୟ ବଜାର ଉପରେ। ଏଥିପାଇଁ ସେ ଭାରତୀୟମାନଙ୍କର ମାନସିକତା ଓ ସମ୍ବେଦନଶୀଳତାକୁ ପ୍ରଥମେ ଅନୁଧ୍ୟାନ କରିଥିଲେ(ତାଙ୍କ ଦ୍ୱାରା ଲିଖିତ 'ଏ କନ୍‌ଫେକ୍‌ସନ୍ ଅଫ୍ ଆନ୍ ଇକୋନୋମିକ୍ ହିଟ୍ ମ୍ୟାନ୍'ରେ ବର୍ଣ୍ଣିତ)। ଫଳ ସ୍ୱରୂପ, ୧୯୬୬ ମସିହାରେ ରିତା ଫାରିଆଙ୍କ ବିଶ୍ୱସୁନ୍ଦରୀ ଉପାଧି ପ୍ରାପ୍ତ ହେବାର ଦୀର୍ଘ ବ୍ୟବଧାନ ପରେ ୧୯୯୪ ମସିହାରେ ସୁସ୍ମିତା ସେନ୍‌ଙ୍କଠାରୁ ପୁଣି ସେହି ପ୍ରକ୍ରିୟା ଆରମ୍ଭ ହେଲା। ତଥାପି ପର୍କିସନ୍ ସେପରି ଏକ ମାଧ୍ୟମର ସନ୍ଧାନରେ ଥିଲେ, ଯାହା ଭାଷା-ରାଜ୍ୟ-ଜାତି-ସଂପ୍ରଦାୟ-ବୟସ ନିର୍ବିଶେଷରେ ଭାରତୀୟମାନଙ୍କର ମନ, ପ୍ରାଣ ଓ ଆତ୍ମା ସହିତ ଓତପ୍ରୋତ ଭାବରେ ଜଡ଼ିତ ଥିବ। ସେ ସେହି ମାଧ୍ୟମର ସନ୍ଧାନ ପାଇଯିବା ପରେ କ୍ରିକେଟ୍ ଦୁନିଆ ରଙ୍ଗୀନ ହୋଇଉଠିଲା ଏବଂ କ୍ରିକେଟରମାନେ ନିଜ ଶରୀର ଓ ପୋଷାକକୁ ବିଜ୍ଞାପନର ହୋର୍ଡିଂରେ ପରିବର୍ତ୍ତନ କରିବା ପାଇଁ ଅତିମାତ୍ରାରେ ଉତ୍ସାହିତ ହୋଇପଡ଼ିଲେ। କ୍ରମଶଃ ଏହା ଆଇପିଏଲ୍ ପରି ଏକ ହାଟ ସୃଷ୍ଟି କଲା, ଯେଉଁଠି ଖେଳାଳିମାନେ ବାଜିରେ ଲାଗୁଥିବା ଘୋଡ଼ାଙ୍କ ପରି କିଣାବିକା ହୋଇପାରିବେ ଏବଂ ଚଟାପଟ୍ ଫଳାଫଳ ନିର୍ଣ୍ଣୟ କରିପାରିବେ।

ଏହିକ୍ରମରେ ଯଦି ସଦ୍ୟ ସମାପ୍ତ ଆଇପିଏଲ୍‌ରେ ପ୍ରାୟ ୫ ହଜାର କୋଟି ଟଙ୍କାର କାରବାର ହେଲା, 'ଅପରେସନ୍ ସିନ୍ଦୂର' ପାଇଁ ବିସିସିଆଇ ପ୍ରାୟ ୪୫୦ କୋଟି ଟଙ୍କା କ୍ଷତି ସହିଲା ବୋଲି ଅନୁତାପ କରାଗଲା, ସରକାରୀ ସ୍ୱୀକୃତ ଜୁଆ 'ଡ୍ରିମ୍ ୧୧'ରେ କୋଟିଏ ଟଙ୍କା ଜିତିଥିବା ଜୁଆଡ଼ିର ନାମ ଗଣମାଧ୍ୟମର ଶିରୋନାମା ମଣ୍ଡନ କଲା, ସେଥିରେ ଆଶ୍ଚର୍ଯ୍ୟ ହେବାର ନାହିଁ। ଏହା ହିଁ ତ କ୍ରିକେଟ୍-ମୋହାଞ୍ଜନ ରଞ୍ଜିତ ଭାରତ!

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

## ନିଜ ବଳରେ ଲଢ଼ିବା

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

୧୯୪୭ ମସିହା ମେ ୧୨ ତାରିଖ। ବ୍ରିଟିଶ ପ୍ରଧାନମନ୍ତ୍ରୀ କ୍ଲେମେଣ୍ଟ ଆଟଲିଙ୍କ ସରକାରୀ ବାସଭବନରେ ଏକ ଜରୁରୀ ବୈଠକ ବସିଥିଲା। ଉପସ୍ଥିତ ଥିଲେ ତିନି ସେନାର ମୁଖ୍ୟ, ଦ୍ୱିତୀୟ ବିଶ୍ୱଯୁଦ୍ଧର ନାୟକ ଫିଲ୍ଡ ମାର୍ଶାଲ୍ ବର୍ଣ୍ଣାର୍ଡ ଲ ମଣ୍ଟଗୋମେରୀ ଏବଂ କିଛି ବୈଦେଶିକ ନୀତି ବିଶେଷଜ୍ଞ। ପ୍ରସଙ୍ଗ ଥିଲା ଭାରତର ସ୍ୱାଧୀନତା ଏବଂ ଏହାର ବିଭାଜନ। ବ୍ରିଟିଶ ଇତିହାସରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିବା ଏହି ଲୋକମାନେ ବିଶ୍ୱାସ କରୁଥିଲେ ଯେ ଭାରତ ସ୍ୱଭାବରେ ଏକ ସମାଜବାଦୀ ରାଷ୍ଟ୍ର। ଯଦି ଏହାକୁ ଏହିପରି ମୁକ୍ତ କରାଯାଏ, ତେବେ ମସ୍କୋରେ ଚାଲିଥିବା ବାମପନ୍ଥୀ ଝଡ଼ ଭାରତ ମହାସାଗର ପର୍ଯ୍ୟନ୍ତ ପହଞ୍ଚିପାରେ। ଏହା ବ୍ରିଟିଶ ଉପନିବେଶବାଦ ପାଇଁ କଠୋର ଆଘାତ ହେବ। ଏହି କାରଣରୁ ୧୪ ଅଗଷ୍ଟ ୧୯୪୭ରେ ଭାରତ ବିଭାଜିତ ହେଲା ଏବଂ ପାକିସ୍ତାନ ପଶ୍ଚିମ କୋଳକୁ ଚାଲିଗଲା। ଭାରତ ୧୫ ଅଗଷ୍ଟ ୧୯୪୭ରେ ନିରପେକ୍ଷତା ପଥ ଗ୍ରହଣ କଲା। ଭାଇସରୟ ଲର୍ଡ ମାଉଣ୍ଟବ୍ୟାଟେନ ମଧ୍ୟ ସେତେବେଳେ ଅନୁଭବ କଲେ ଯେ ଏହି ଦୁଇଟି ସମ୍ପ୍ରଦାୟ ଏକାଠି ରହିପାରିବେ ନାହିଁ। ପୂର୍ବରୁ ସେ ଭାରତର ବିଭାଜନ ବିରୁଦ୍ଧରେ ଥିଲେ ମଧ୍ୟ ଲଣ୍ଡନ ଯାଇ ୩ ଜୁନ ୧୯୪୭ରେ ଫେରିବା ପରେ ଭାରତର ସ୍ୱାଧୀନତା ତାରିଖ ଏବଂ ଦେଶ ବିଭାଜନ ନିଷ୍ପତ୍ତି ଘୋଷଣା କରିଥିଲେ।

ଏବେ ପାକିସ୍ତାନ ଚୀନ ସହିତ ବନ୍ଧୁ ବାନ୍ଧିଛି। ବିଶ୍ୱର ସର୍ବବୃହତ ପରମାଣୁ ଭଣ୍ଡାରର ମାଲିକ ରୁଷ ଏବେ ବେଜିଂର ବନ୍ଧୁ। ଏହି ତିନୋଟି ଦେଶ ପରମାଣୁ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ। ପରମାଣୁ ଶକ୍ତିଶାଳୀ ଉତ୍ତର କୋରିଆ ପୂର୍ବରୁ ଏହି ଚକ୍ରର ଏକ ଅଂଶ। ଏହି ସମୀକରଣ ଯୋଗୁଁ ସାରା ବିଶ୍ୱରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାଣିଜ୍ୟିକ ଶୁଳ୍କ ଜରିଆରେ ଆହୁରି ବଢ଼ାଇ ଦେଇଛନ୍ତି।

ବିଶ୍ୱର ଏହି ପରିବର୍ତ୍ତିତ ସମୟରେ ଆମର ଭୂମିକା କ'ଣ? କେବଳ ଏହି ସତକୁ ନେଇ ଆମେ ଖୁସି ହୋଇପାରିବା ନାହିଁ ଯେ ପାକିସ୍ତାନ ତା'ର ଐତିହାସିକ ଭୁଲକୁ ଦୋହରାଉଛି। ପ୍ରଥମେ ପଶ୍ଚିମ ପାଖରେ ବସି ତା'ର ଅର୍ଥନୀତିକୁ ନଷ୍ଟ କରିଛି, ଏବେ ନିଜ ପାଇଁ ଆଉ ଏକ ଗର୍ତ୍ତ ଖୋଳିବାରେ ଲାଗିଛି। ଆଧୁନିକ ଆମେରିକାର ବୈଦେଶିକ ନୀତି ନିର୍ମାତା ହେନରୀ କିସିଞ୍ଜର ଥରେ କହିଥିଲେ, ଆମେରିକା ସହିତ ଶତ୍ରୁତା ବିପଜ୍ଜନକ, ଆଉ ବନ୍ଧୁତା ମାରାତ୍ମକ। ଯାହା ସହିତ ଆମର ପୁରୁଣା ସୀମା ବିବାଦ ରହିଛି ଶତ୍ରୁ ଏବେ ତା' କୋଳରେ। ରୁଷ ମଧ୍ୟ ୧୯୭୧ ପରି ଭାରତକୁ ସାହାଯ୍ୟ କରିବା ସ୍ଥିତିରେ ନାହିଁ। ଚୀନ୍ ଅଗଷ୍ଟ ସୁଦ୍ଧା ପାକିସ୍ତାନକୁ ପଞ୍ଚମ ପିଢ଼ିର ଯୁଦ୍ଧ ବିମାନ ମଧ୍ୟ ହସ୍ତାନ୍ତର କରିବାକୁ ଯାଉଛି। ୟୁରୋପ ପୂର୍ବରୁ ଖରାପ ଅବସ୍ଥାରେ ଅଛି। ଆମେରିକା ଏକମାତ୍ର ବାକି, ଯାହା ସହିତ ବନ୍ଧୁତା ମାରାତ୍ମକ। ତେଣୁ ଭାରତକୁ ସତର୍କତାର ସହିତ ଆଗକୁ ବଢ଼ିବାକୁ ହେବ।

ତେବେ ଆମେ କ'ଣ କରିବା ଉଚିତ? ଉତ୍ତର କଷ୍ଟକର, କିନ୍ତୁ ଅସମ୍ଭବ ନୁହେଁ। ଭାରତ ଏବେ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୈତିକ ଶକ୍ତି। ଆମେ ଆତ୍ମନିର୍ଭରଶୀଳତାରେ ଆଗକୁ ବଢ଼ୁଛେ। ବିଶ୍ୱର ସର୍ବାଧିକ ଯୁବବାହିନୀ ଆମର ଶକ୍ତି। ଆଇଆଇଟି, ଆଇଆଇଏମ, ଏମ୍ସ ଭଳି ପ୍ରତିଷ୍ଠାନରୁ ଉତ୍ତୀର୍ଣ୍ଣ ଭାରତୀୟ ସାରା ବିଶ୍ୱରେ ସଫଳତାର ପତାକା ଉଡ଼ାଉଛନ୍ତି। ଏହା ହେଉଛି ଏକ ନୂଆ ମୋଡ଼, ଯେତେବେଳେ ଆମେ ଆମର ଶିକ୍ଷିତ ବର୍ଗର ରପ୍ତାନିକାରୀ ହେବା ପରିବର୍ତ୍ତେ ପ୍ରତିଭାର ଆମଦାନୀକାରୀ ହେବା ଉଚିତ।

ଗୁଗୁଲ୍ ପରିସଂଖ୍ୟାନ କୁହେ ଟ୍ରମ୍ପଙ୍କ ଯୋଗୁଁ ଆମେରିକୀୟ ବିଶ୍ୱବିଦ୍ୟାଳୟ ଏବଂ ଶ୍ରେଷ୍ଠ ପ୍ରତିଷ୍ଠାନ ପାଇଁ ସନ୍ଧାନ ୨୫ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ଆମକୁ ଆମର ଶିକ୍ଷା ସ୍ତରକୁ ମଧ୍ୟ ଉନ୍ନତ କରିବାକୁ ପଡ଼ିବ ଏବଂ ଆଭ୍ୟନ୍ତରୀଣ ବ୍ୟବସ୍ଥାକୁ ଏତେ କଡ଼ା କରିବାକୁ ପଡ଼ିବ ଯେ ବିକାଶଶୀଳ ଦେଶରୁ ଭାରତକୁ ଆସୁଥିବା ପ୍ରତିଭାଶାଳୀମାନେ ଶିକ୍ଷା ଗ୍ରହଣ କରିବା ପରେ ଏଠାରେ ରହିପାରିବେ। ସୌଭାଗ୍ୟବଶତଃ, ଆମ ପାଖରେ ବିଶ୍ୱସ୍ତରୀୟ ଶିକ୍ଷାର ମୌଳିକ ଭିତ୍ତିଭୂମି ରହିଛି। ଏହାକୁ କେବଳ ଆବଶ୍ୟକତା ଅନୁଯାୟୀ ଉନ୍ନତ କରିବାକୁ ପଡ଼ିବ। ଦ୍ୱିତୀୟ 'ସବୁଜ ବିପ୍ଳବ' ମାଧ୍ୟମରେ ଆମକୁ ଶ୍ରେଷ୍ଠ ତିନୋଟି ଖାଦ୍ୟ ରପ୍ତାନିକାରୀଙ୍କ ମଧ୍ୟରୁ ଜଣେ ହେବାକୁ ପଡ଼ିବ। ଆମର ସଭ୍ୟତା କୃଷି-ଭିତ୍ତିକ, କିନ୍ତୁ ଯୁବପିଢ଼ି ଏଥିରେ ନିରାଶ ହେଉଛନ୍ତି। ୧୯୯୩-୯୪ ମସିହାରେ କୃଷି କ୍ଷେତ୍ର ୬୪.୫ ପ୍ରତିଶତ ନିଯୁକ୍ତି ପ୍ରଦାନ କରୁଥିଲା, ତାହା ୨୦୨୩-୨୪ ମସିହାରେ ୪୬.୧ ପ୍ରତିଶତକୁ ହ୍ରାସ ପାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆମକୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପଡ଼ିବ।

ଏବେ ଆମକୁ ଦେଶରେ ଆବଶ୍ୟକତା ଅନୁଯାୟୀ ଯୁଦ୍ଧ ସାମଗ୍ରୀ ନିର୍ମାଣର ଗତିକୁ ମଧ୍ୟ ତ୍ୱରାନ୍ୱିତ କରିବା ଉଚିତ। ଭାରତରେ ନିର୍ମିତ କ୍ଷେପଣାସ୍ତ୍ର ପାକିସ୍ତାନ ସହିତ ସଂଘର୍ଷରେ ସେମାନଙ୍କର ଉପଯୋଗିତା ପ୍ରମାଣିତ କରିଛି। ଏହା ନିଶ୍ଚିତ ଯେ ଆମକୁ ଆମଦାନୀକାରୀରୁ ରପ୍ତାନିକାରୀ ହେବାକୁ ପଡ଼ିବ। ଏହି ପ୍ରକ୍ରିୟା ପୂର୍ବରୁ ଆରମ୍ଭ ହୋଇସାରିଛି। କିନ୍ତୁ ଏତିକି ଯଥେଷ୍ଟ ନୁହେଁ। କେବଳ ଯୁଦ୍ଧ ସମୟରେ ଯୁଦ୍ଧଭିତ୍ତିରେ କାମ କରିବା ଠିକ୍ ନୁହେଁ। ମହାନ ରାଷ୍ଟ୍ର ଗଠନ କରିବାକୁ ହେଲେ ଶାନ୍ତି ସମୟରେ ମଧ୍ୟ ନିଜର ପାରମ୍ପରିକ ଚିନ୍ତାଧାରା ବିରୁଦ୍ଧରେ ଲଢ଼ିବାକୁ ପଡ଼ିବ। ଚୀନ୍ ଏହା କରୁଛି ଏବଂ ଶୀର୍ଷରେ ପହଞ୍ଚିବାକୁ ଧାବମାନ। ପାକିସ୍ତାନ ବିପରୀତ ପଥ ଗ୍ରହଣ କରିଛି ଏବଂ ଫଳାଫଳ ଆମ ସମ୍ମୁଖରେ। ମଧ୍ୟମ ପଥ ଅନୁସରଣ କରି ଆମେ ବହୁତ କିଛି ହାସଲ କରିଛନ୍ତି; କିନ୍ତୁ ଏବେ ବଡ଼ ଉଚ୍ଚତା ଆଡ଼କୁ ଦୌଡ଼ିବାର ସମୟ ଆସିଛି। ଏଥିପାଇଁ ସାହସ ଓ ସମ୍ବଳ ଦରକାର। ନାଇଜେରିଆର ଏକ ପ୍ରବାଦ ଅଛି - 'ଯେପର୍ଯ୍ୟନ୍ତ ସିଂହ ଲେଖିବା ଶିଖିବ ନାହିଁ, ସେପର୍ଯ୍ୟନ୍ତ ଶିକାରୀମାନେ ସାହସର କାହାଣୀ ଗାନ କରୁଥିବେ।'

ନୟାଗଡ଼, ମୋ: ୯୪୩୭୬୪୨୯୪୭ଜାଣେ?

## ପକ୍ଷାଘାତରୁ ମୁକ୍ତି ଧାମ

**ଓଜସ୍ୱିନୀ**

ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ଖାଦ୍ୟପେୟର ଅନିୟମିତତା ଏବଂ ଦୈନନ୍ଦିନ ଜୀବନଶୈଳୀ ବିଭିନ୍ନ ପ୍ରକାର ରୋଗକୁ ଡାକି ଆଣୁଛି। ଅନେକ ବ୍ୟକ୍ତିଙ୍କ କ୍ଷେତ୍ରରେ ଅତ୍ୟଧିକ ଚିନ୍ତା(ଓଭର ଥିଙ୍କିଙ୍ଗ୍) ଓ ଅବସାଦ ଆଦି ସମସ୍ୟା ଯୋଗୁଁ ମସ୍ତିଷ୍କାଘାତ(ବ୍ରେନ୍ ଷ୍ଟ୍ରୋକ୍) ଆଶଙ୍କା ବୃଦ୍ଧି କରୁଛି। ମସ୍ତିଷ୍କାଘାତ ଯୋଗୁଁ ପକ୍ଷାଘାତ ଭଳି ଘାତକ ସମସ୍ୟା ଦେଖାଦିଏ। ଏହାବ୍ୟତୀତ ମସ୍ତିଷ୍କରେ କିମ୍ବା ମେରୁଦଣ୍ଡରେ ଆଘାତ ଲାଗିଲେ ମଧ୍ୟ ପକ୍ଷାଘାତ ହୋଇଥାଏ। ଏଥିରେ ପୀଡ଼ିତ ରୋଗୀର କୌଣସି ଅଙ୍ଗ କ୍ଷତିଗ୍ରସ୍ତ ହୋଇଥାଏ, ବା ସମ୍ପୂର୍ଣ୍ଣ ଭାବେ ନିଶ୍ଚଳ ହୋଇପଡ଼େ। ପକ୍ଷାଘାତ ରୋଗର ପ୍ରକାରଭେଦ ଅନୁସାରେ ରୋଗୀଠାରେ ବିଭିନ୍ନ ପ୍ରକାର ଶାରୀରିକ ଲକ୍ଷଣ ଦେଖାଯାଏ। ଏ ସମ୍ପର୍କିତ ଏକ ଅନୁଧ୍ୟାନ ଅନୁସାରେ ବର୍ତ୍ତମାନ ପୃଥିବୀର ପ୍ରତି ୫୦ ଜଣରେ ଜଣେ ପକ୍ଷାଘାତରେ ଆକ୍ରାନ୍ତ ବୋଲି ଜଣାପଡ଼ିଛି। ଏ କ୍ଷେତ୍ରରେ ଡାକ୍ତରୀ ଚିକିତ୍ସା ଏବଂ ଫିଜିଓ ଥେରାପିର ସକାରାତ୍ମକ ପ୍ରଭାବ ପ୍ରାୟତଃ ଦେଖିବାକୁ ମିଳେ ନାହିଁ। ସ୍ୱାସ୍ଥ୍ୟ କ୍ଷେତ୍ରରେ ବିକାଶର ଶିଖର ଛୁଇଁଥିବା ଦେଶଗୁଡ଼ିକରେ ମଧ୍ୟ ଏହାର କୌଣସି ପୂର୍ଣ୍ଣ ଚିକିତ୍ସା ବିକଳ୍ପ ଏ ପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ।

ଭାରତରେ କିନ୍ତୁ ଏଭଳି ଗୋଟିଏ ମନ୍ଦିର ଅଛି, ଯାହାକି ପକ୍ଷାଘାତ ଭଳି ଦୁରାରୋଗ୍ୟକୁ ଚମତ୍କାର ଭାବେ ଦୂର କରି ଭକ୍ତକୁ ପୂର୍ଣ୍ଣ ସୁସ୍ଥତା ପ୍ରଦାନ କରିଥାଏ। ମନ୍ଦିଟିର ନାମ ହେଉଛି 'ବୁଟାଟି ଧାମ'। ଏହା ନାଗୋର ଜିଲ୍ଲାର କୁଚେରା ଅନ୍ତର୍ଗତ ବୁଟାଟି ଗାଁରେ ଅବସ୍ଥିତ। ସ୍ଥାନର ନାମାନୁସାରେ 'ବୁଟାଟି ଧାମ' ବିଦିତ। ଆଜ୍‌ମେର୍-ନାଗୋର୍ ମାର୍ଗସ୍ଥିତ ଏହି ମନ୍ଦିର ୫୦୦ ବର୍ଷ ପୁରୁଣା ବୋଲି କୁହାଯାଉଛି। କିମ୍ବଦନ୍ତୀ ଅନୁଯାୟୀ ଏଠାରେ ୫୦୦ ବର୍ଷ ପୂର୍ବେ ଚତୁରଦାସ ନାମକ ଜଣେ ସିଦ୍ଧ ଯୋଗୀ ରହୁଥିଲେ। ସେ ତାଙ୍କର ସିଦ୍ଧି ବଳରେ ଲୋକମାନଙ୍କୁ ପକ୍ଷାଘାତ ରୋଗମୁକ୍ତ କରୁଥିଲେ। ଏବେ ସେଠାରେ ତାଙ୍କର ସମାଧି ରହିଛି। ବିଶ୍ୱାସ ରହିଛି ଯେ ପକ୍ଷାଘାତ ରୋଗୀ ଏହି ସମାଧିର ୭ଥର ପରିକ୍ରମା କଲେ ରୋଗମୁକ୍ତ ହୋଇଥା'ନ୍ତି ଏବଂ ତାଙ୍କର ପୀଡ଼ିତ ଅଙ୍ଗ ପୁନର୍ବାର କାର୍ଯ୍ୟକ୍ଷମ ହୋଇଥାଏ। ରୋଗୀମାନଙ୍କୁ ତାଙ୍କର ପରିଜନମାନେ ସମାଧିର ୭ଥର ପରିକ୍ରମା କରାଇବା ସହିତ ଯଜ୍ଞକୁଣ୍ଡର ବିଭୂତି ଉକ୍ତ ପକ୍ଷାଘାତ ଅଙ୍ଗରେ ଲଗାଇ ଦେଇଥା'ନ୍ତି। ୭ ଦିନରେ ୭ ଥର ପରିକ୍ରମା କରିବା ପରେ ଗଭୀର ଆସ୍ଥା ଓ ବିଶ୍ୱାସ ରଖିଥିବା ରୋଗୀଟିର ଉକ୍ତ ଅଙ୍ଗ ଧୀରେ ଧୀରେ ଚମତ୍କାର ଭାବେ କାର୍ଯ୍ୟକ୍ଷମ ହୋଇଥାଏ। ଯେଉଁମାନେ ପକ୍ଷାଘାତ ଯୋଗୁଁ କଥା କହିପାରନ୍ତି ନାହିଁ, ସେମାନଙ୍କର ବାକ୍‌ଶକ୍ତି ମଧ୍ୟ ଧୀରେ ଧୀରେ ଫେରିଥାଏ ବୋଲି ଭକ୍ତମାନଙ୍କ ମୁହଁରୁ ଶୁଣିବାକୁ ମିଳେ। ପରିକ୍ରମା କରିବାର ନିୟମ

**ବିଶ୍ୱାସ ଓ ବିଜ୍ଞାନ**



ହେଉଛି - ସକାଳ ଆଳତି ପରେ ପ୍ରଥମ ପରିକ୍ରମା ମନ୍ଦିର ବାହାରେ କରିବାକୁ ପଡ଼ିଥାଏ ଏବଂ ସନ୍ଧ୍ୟା ଆଳତି ପରେ ଦ୍ୱିତୀୟ ପରିକ୍ରମା ମନ୍ଦିର ଭିତରେ କରିବାକୁ ପଡ଼େ। ଏହି ଦୁଇଟି ପରିକ୍ରମାକୁ ମିଶାଇ ଗୋଟିଏ ଦିନର ପରିକ୍ରମା ବୋଲି ବିଚାର କରାଯାଏ।

ବୁଟାଟି ଗାଁର ଚାରଣ କୁଳରେ ଜନ୍ମିତ ସନ୍ଥ ଚତୁରଦାସ ମହାରାଜ ଆଜୀବନ ବ୍ରହ୍ମଚାରୀ ଥିଲେ। ଯୁବାବସ୍ଥାରେ ସେ ହିମାଳୟରେ ତପସ୍ୟା କରି ଅଗାଧ ଜ୍ଞାନ ପ୍ରାପ୍ତ କରିବା ପରେ ତାଙ୍କର ଜନ୍ମମାଟିକୁ ଫେରି ଆସିଥିଲେ। ସେ ନିଜ ଗାଁରେ ରହି ଗୋସେବା ଓ ଲୋକଙ୍କ ସେବାରେ ବ୍ରତୀ ହୋଇଥିଲେ। ଶେଷରେ ସେ ତାଙ୍କର ନିଜ ଜମି ଉପରେ ଗୋଟିଏ ମଣ୍ଡପ ନିର୍ମାଣ କରାଇଥିଲେ। ସେହି ମଣ୍ଡପରେ ସେ ରୋଗୀସେବା କରୁଥିଲେ। ବର୍ତ୍ତମାନ ଏହି ବୁଟାଟି ଗାଁ ପକ୍ଷାଘାତ ରୋଗୀଙ୍କ ପାଇଁ ଅମୃତସ୍ଥଳ ପାଲଟିଛି। ଏଠାରେ ରହିବା ଏବଂ ଖାଇବା ନିଃଶୁଳ୍କ ହୋଇଥିବା ବେଳେ ଭକ୍ତମାନଙ୍କ ପାଇଁ ସବୁ ପ୍ରକାର ସୁବିଧା ପ୍ରଦାନ କରାଯାଉଛି। ଈଶ୍ୱର ବିଶ୍ୱାସ ଆଗରେ ଆଜିର ଆଧୁନିକ ଚିକିତ୍ସା ବିଜ୍ଞାନ ମଧ୍ୟ ନତମସ୍ତକ ହେବା ପାଇଁ ବାଧ୍ୟ ହେଉଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ଗାଁକୁ ଆସିପାରିଲାନି ଜନନୀ ଯନ୍ତ୍ରଣା

# ଖଟିଆରେ ୪ କିମି ବୁହାହେଲେ ଗର୍ଭବତୀ



ଫିରିଙ୍ଗିଆ, ୧୨।୬ (ସମିସ): ରାସ୍ତା ନଥିବାରୁ ଗାଁକୁ ପଶିପାରିଲାନି ଆମ୍ବୁଲାନ୍ସ। ଫଳରେ ଗର୍ଭବତୀଙ୍କୁ ୪ କିମି ଖଟିଆରେ ବୁହାଇ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଲେ ଗାଁ ଲୋକ। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ, ନୂଆପଦର ପଞ୍ଚାୟତରେ ଆଜି ପୁଣି ଏଭଳି ଏକ 'ଜନନୀ ଯନ୍ତ୍ରଣା'ର ଦୃଶ୍ୟ ଦେଖିବାକୁ ମିଳିଛି। ସୂଚନାନୁଯାୟୀ, ଗୁଦାଦଣି ଗାଁର ଜିତେନ୍ଦ୍ର ଦୀପଙ୍କ ସ୍ତ୍ରୀ ରଶ୍ମିତା ଦୀପ (୩୦)ଙ୍କ ଆଜି ସକାଳେ ଗର୍ଭ ବେଦନା ହୋଇଥିଲା। ମୋବାଇଲ ନେଟ୍‌ୱାର୍କ ନଥିବାରୁ ୪ କିମି ଦୂର କାଳୀପାଙ୍ଗା ଗାଁକୁ ଆସି ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିଛି ସମୟ ପରେ କାଳୀପଙ୍ଗା ଗାଁ ମୁଖ୍ୟରାସ୍ତାକୁ ଆମ୍ବୁଲାନ୍ସ ପହଞ୍ଚିଥିଲା। କିନ୍ତୁ ଆଗକୁ ରାସ୍ତା ନଥିବାରୁ ଆମ୍ବୁଲାନ୍ସଟି ଗୁଦାଦଣିକୁ ଯାଇପାରିନଥିଲା। ଫଳରେ ଗ୍ରାମବାସୀଙ୍କ ସହାୟତାରେ ଜିତେନ୍ଦ୍ର ଏକ ଖଟିଆରେ ରଶ୍ମିତାଙ୍କୁ ବୋହି ଜଙ୍ଗଲିଆ ରାସ୍ତା ଦେଇ କାଳୀପଙ୍ଗାକୁ ଆଣିଥିଲେ। ପରେ ସେଠାରୁ ତାଙ୍କୁ ଆମ୍ବୁଲାନ୍ସ ୨୨କିମି ଦୂର ଫିରିଙ୍ଗିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ରଶ୍ମିତା ଏକ ସନ୍ତାନ ପ୍ରସବ ଦେଇଛନ୍ତି। ଉଭୟ ମା'-ଛୁଆ ସୁସ୍ଥ ଥିବା ଡାକ୍ତର ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ଗାଁକୁ ରାସ୍ତା ଖଣ୍ଡିଏ ନିର୍ମାଣ ପାଇଁ ଗୁଦାଦଣି ଗ୍ରାମବାସୀ ଦୀର୍ଘ ଦିନ ଧରି ଦାବି କରି ଆସୁଥିଲେ ହେଁ କେହି ଶୁଣୁନାହାନ୍ତି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଫିରିଙ୍ଗିଆ ବିଡିଓ ଅନୁପ ଅଭିଷେକ ବେହେରାଙ୍କୁ ପଚାରିବାରୁ ତାଙ୍କ ପାଖରେ ଏହି ସମସ୍ୟା ସଂପର୍କରେ ତାଙ୍କ ପାଖରେ ସୂଚନା ନାହିଁ। ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ରାସ୍ତା ନିର୍ମାଣ ପାଇଁ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

# ଆଜି ବାହାରିବ ପିଜି ମେଧା ତାଲିକା

ଭୁବନେଶ୍ୱର,୧୨।୬(ସମିସ): ସ୍ନାତକୋତ୍ତର (ପିଜି) ନାମଲେଖା ପାଇଁ ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ଅପରାହ୍ଣ ୪ଟାରେ ମେଧା ତାଲିକା ପ୍ରକାଶ ପାଇବ। ପୂର୍ବରୁ ରାଜ୍ୟସ୍ତରୀୟ ରାଙ୍କ ପ୍ରକାଶ ପାଇଥିବା ବେଳେ ୧୮ ତାରିଖ ମଧ୍ୟରେ ଛାତ୍ରଛାତ୍ରୀମାନେ ଫି' ଜମା କରିବା ସହ ନାମ ଲେଖାଇ ପାରିବେ। ଚୟନ ହୋଇଥିବା ଶିକ୍ଷାନୁଷ୍ଠାନରେ ପଢ଼ିବାକୁ ଆଗ୍ରହୀ ଥିଲେ ଫ୍ରିଜ୍ ଅପସନ୍ ଦେବା ସହ ଶିକ୍ଷାନୁଷ୍ଠାନକୁ ଯାଇ ନାମ ଲେଖାଇବେ। ଅନ୍ୟଥା କେବଳ ଫି' ଦାଖଲ କରି ସ୍ଲାଇଡ୍ ବା ଫ୍ଲଟ୍ ଅପସନ୍ ଦେଇପାରିବେ। ୨୩ତାରିଖରେ ଦ୍ୱିତୀୟ ରାଉଣ୍ଡ ଓ ଜୁଲାଇ ୩ରେ ତୃତୀୟ ତଥା ଶେଷ ରାଉଣ୍ଡ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ୩ଟି ପର୍ଯ୍ୟାୟ ସରିବା ପରେ ବଳକା ସିଟ୍‌ରେ ନାମଲେଖାଇବାକୁ ୱେଟିଂଲିଷ୍ଟ ରାଉଣ୍ଡ ହେବ। ଏଥିପାଇଁ ପିଲାମାନେ ଜୁଲାଇ ୧୪ରୁ ୧୭ ତାରିଖ ମଧ୍ୟରେ ଅନ୍‌ଲାଇନ୍ ଆବେଦନ କରିବେ। ଜୁଲାଇ ୧୦ ତାରିଖରୁ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ। ସୂଚନାଯୋଗ୍ୟ, ଚଳିତବର୍ଷ ସମୁଦାୟ ୧୨୧ଟି ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ୩୧ହଜାର ୧୫୪ଟି ସିଟ୍ ଉପଲବ୍ଧ ରହିଛି। ଏଥିରେ ନାମଲେଖାଇବାକୁ ୫୯ ହଜାର ୫୩୩ ଜଣ ଆବେଦନ କରିଛନ୍ତି।

# ସ୍ୱାମୀଙ୍କ ଶାରୀରିକ ଅକ୍ଷମତାକୁ ନେଇ ପତ୍ନୀ ଉପହାସ କରିବା ମାନସିକ ନିଷ୍ଠୁରତା: ହାଇକୋର୍ଟ

କଟକ,୧୨।୬(ସମିସ): ସ୍ୱାମୀଙ୍କ ଶାରୀରିକ ଅକ୍ଷମତା ତଥା ଦୁର୍ବଳତାକୁ ନେଇ ପତ୍ନୀ ଉପହାସ କରିବା ସହ ଅପମାନଜନକ ମନ୍ତବ୍ୟ ଦେବା ଏବଂ 'ନିଖଟୁ' କିମ୍ବା 'କେମ୍ପା' ଭଳି ଶବ୍ଦ ବ୍ୟବହାର କରିବା ଏକପ୍ରକାର ମାନସିକ ନିଷ୍ଠୁରତା। ଛାଡ଼ପତ୍ର ଆବେଦନକୁ ମଞ୍ଜୁର କ୍ଷେତ୍ରରେ ଏହା ପର୍ଯ୍ୟାପ୍ତ ଆଧାର ଅଟେ ବୋଲି ହାଇକୋର୍ଟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି। ଏକ ଦାମ୍ପତ୍ୟ ବିବାଦ ତଥା ବିବାହ ବିଚ୍ଛେଦ ମାମଲାରେ ପୁରୀ ପରିବାର ଅଦାଲତ ପକ୍ଷରୁ ଛାଡ଼ପତ୍ରକୁ ଗୃହୀତ କରଯିବା ଆଦେଶକୁ କାଏମ ରଖି ଜଷ୍ଟିସ୍ ବିଭୁପ୍ରସାଦ ରାଉତରାୟ ଓ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ରାୟ ପ୍ରକାଶ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଉଭୟଙ୍କ ମଧ୍ୟରେ ଗତ ୨୦୧୬ ଜୁନ୧ରେ ବିବାହ ହୋଇଥିଲା। ହେଲେ ବିବାହ ପରଠାରୁ ଶାରୀରିକ ଅକ୍ଷମ ସ୍ୱାମୀଙ୍କୁ ପତ୍ନୀ ସଦାର୍ବଦା ଉପହାସ କରି ଅପମାନଜନକ ମନ୍ତବ୍ୟ ଦେଉଥିଲେ। ଏପରିକି, ନିଜ ପୈତୃକ ଘରକୁ ଯାଇ ସ୍ୱାମୀଙ୍କ ନାମରେ ଏତଲା ଦେଇଥିଲେ। ଫଳରେ ସ୍ୱାମୀ ଗତ ୨୦୧୯ରେ ଛାଡ଼ପତ୍ର ପାଇଁ ପୁରୀ ପରିବାର ଅଦାଲତରେ ଆବେଦନ କରିଥିଲେ। ସ୍ୱାମୀଙ୍କ ସହ ପତ୍ନୀ ନିଷ୍ଠୁର ବ୍ୟବହାର କରିଥିବା କାରଣ ସହ ଅନ୍ୟ କେତେକ ଆଧାରରେ ପୁରୀ ପରିବାର ଅଦାଲତ ଛାଡ଼ପତ୍ରକୁ ମଞ୍ଜୁର କରିଥିଲେ। ଏହି ଆଦେଶକୁ ଚାଲେଞ୍ଜ କରି ପତ୍ନୀ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ପରିବାର ଅଦାଲତର ଆଦେଶକୁ କାଏମ ରଖି ହାଇକୋର୍ଟ ଏହି ଛାଡ଼ପତ୍ରକୁ ମଞ୍ଜୁରି ଦେଇଥିଲେ। ତେବେ ସ୍ଥାୟୀ ଭରଣପୋଷଣ ପ୍ରସଂଗରେ ଆବେଦନକାରୀ ପତ୍ନୀ ଚାହିଁଲେ ପୁନଶ୍ଚ ପରିବାର ଅଦାଲତଙ୍କ ଦ୍ୱାରସ୍ଥ ହୋଇପାରିବେ ବୋଲି କହିଛନ୍ତି ହାଇକୋର୍ଟ।

■ ଭଦ୍ରକ ଗୋଷ୍ଠୀ ସଂଘର୍ଷ ଘଟଣା

# ମୃତ ସନ୍ତୋଷ ପରିଡାଙ୍କ ପିଲାଙ୍କ ପାଠପଢା ଖର୍ଚ୍ଚ ସରକାର ବହନ କରିବେ

ଭୁବନେଶ୍ୱର,୧୨।୬(ସମିସ): ଭଦ୍ରକ ତିହିଡି ଥାନା ଅଞ୍ଚଳରେ ଦୁଇ ସମ୍ପ୍ରଦାୟଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ବରଣ କରିଥିବା ସନ୍ତୋଷ ପରିଡାଙ୍କ ପିଲାଙ୍କ ପାଠ ପଢା ଖର୍ଚ୍ଚ ସରକାର ବହନ କରିବେ। ଗୁରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ ଯେ ବୁଧବାର ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ସହ ସନ୍ତୋଷଙ୍କ ନିକଟ ସମ୍ପର୍କୀୟଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ସହାୟତା ଏବଂ ପରିବାରର ଜଣଙ୍କୁ ନିଯୁକ୍ତି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶେଷ ଉଡ଼ାଣ...

ଯାତ୍ରାରେ ବାହାରିଥିବାରୁ ବିମାନ ଟାଙ୍କିରେ ପୂରା ଏକ ଲକ୍ଷ ୨୬ ହଜାର କିଲୋଲିଟର ଇନ୍ଧନ ଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେଉଁ ସ୍ଥାନରେ ବିମାନ ଖସିଛି ଏହାର ଆଖପାଖ ଅଞ୍ଚଳରେ ବିମାନର ଖଣ୍ଡବିଖଣ୍ଡିତ ଅଂଶ ବିଛାଡ଼ି ହୋଇପଡ଼ିଛି। ଇନ୍ଧନ ଯୋଗୁଁ ନିଆଁ ଲାଗିଯିବାରୁ ସଂପୃକ୍ତ ଅଞ୍ଚଳରେ ତାପମାତ୍ରା ଏତେ ବଢ଼ିଯାଇଥିଲା, କାହାରିକୁ ବଞ୍ଚାଇବା ସମ୍ଭବ ହୋଇନଥିଲା। ବିମାନଟି ଆବାସିକ ଅଞ୍ଚଳରେ ଖସିଥିଲା। ମିଳିଥିବା ସୂଚନା ଅନୁଯାୟୀ ବିମାନର ଖଣ୍ଡବିଖଣ୍ଡିତ ଅଂଶ ମେଡିକାଲ ହଷ୍ଟେଲ ଉପରେ ପଡ଼ିଥିଲା। ଡାକ୍ତରୀ ଛାତ୍ରମାନେ ଡାଇନିଂ ଟେବୁଲରେ ମଧ୍ୟାହ୍ନ ଭୋଜନ କରୁଥିବା ବେଳେ ବିମାନ ସେମାନଙ୍କ ଉପରେ ଖସିପଡ଼ିଥିଲା। ଏଥିରେ ୨୦ ଜଣ ମେଡିକାଲ ଛାତ୍ର ପ୍ରାଣ ହରାଇଥିବା ବେଳେ ଅନେକ ଗୁରୁତର ଅବସ୍ଥାରେ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି।

ବିମାନରେ ୨୩୨ ଜଣ ଯାତ୍ରୀ ଏବଂ ୧୦ ବିମାନ କର୍ମଚାରୀ ଥିଲେ। ସେମାନଙ୍କ ମଧ୍ୟରୁ ୧୬୯ ଜଣ ଭାରତୀୟ ଯାତ୍ରୀ ଥିବା ବେଳେ ୫୩ ଜଣ ବ୍ରିଟେନ ନାଗରିକ, କାନାଡାର ଜଣେ ଏବଂ ପର୍ତ୍ତୁଗାଲର ୭ ଜଣ ନାଗରିକ ଥିଲେ। ଯାତ୍ରୀମାନଙ୍କ ମଧ୍ୟରେ ଥିଲେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀ। ଦୁର୍ଘଟଣାରେ ସେ ପ୍ରାଣ ହରାଇଥିବା ବିଜେପି ପକ୍ଷରୁ ସୂଚନା ଦିଆଯାଇଛି। ଦଗ୍ଧ ଯାତ୍ରୀଙ୍କୁ ଚିହ୍ନଟ କରିବା ସମ୍ଭବ ହେଉନଥିବାରୁ ଡିଏନ୍ଏ ପରୀକ୍ଷାରେ ସହଯୋଗ କରିବାପାଇଁ ସେମାନଙ୍କ ପରିବାରକୁ ଗୁଜରାଟ ସରକାର ନିବେଦନ କରିଛନ୍ତି।

ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ତଦନ୍ତକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଦୁର୍ଘଟଣାର ଶିକାର ହୋଇଥିବା ଏହି ବିମାନ ହେଉଛି ମାତ୍ର ୧୨ ବର୍ଷ ପୁରୁଣା। ୨୦୧୩ରେ ଏହି ଡ୍ରିମଲାଇନର ଏୟାର ଇଣ୍ଡିଆରେ ସାମିଲ ହୋଇଥିଲା। କୁହାଯାଉଛି ଯେ ଡ୍ରିମଲାଇନର ବିମାନର ଏହା ହେଉଛି ପ୍ରଥମ ଦୁର୍ଘଟଣା। ବିମାନଟି ଅହମ୍ମଦାବାଦରୁ ଉଡ଼ାଣ ପୂର୍ବରୁ ପୂର୍ବାହ୍ନରେ ଦିଲ୍ଲୀରୁ ଆସିଥିଲା। ୨୦୨୦ରେ କୋଜିକୋଡ୍ ବିମାନ ଦୁର୍ଘଟଣା ପରେ ଭାରତରେ ଏହା ହେଉଛି ସବୁଠାରୁ ବଡ଼ ଯାତ୍ରୀ ବିମାନ ଦୁର୍ଘଟଣା। ୨୦୨୦ରେ କୋଜିକୋଡରେ ଏୟାର ଇଣ୍ଡିଆ ଏକ୍ସପ୍ରେସ ବିମାନ ଅବତରଣ କରିବା ବେଳେ ରନୱେ ସୀମା ଡେଇଁ ପାଚେରିରେ ମାଡ଼ ଖାଇ ଦୁଇ ଖଣ୍ଡ ହୋଇଯାଇଥିଲା। ଏଥିରେ ୨୧ ଜଣ ପ୍ରାଣ ହରାଇଥିଲେ। ଏହାପୂର୍ବରୁ ୧୯୮୫ରେ ଏୟାର ଇଣ୍ଡିଆର କନିଷ୍କ ବିମାନରେ ଆତଙ୍କବାଦୀ ବିସ୍ଫୋରଣ ଯୋଗୁଁ ୩୨୯ ଜଣ ଯାତ୍ରୀ ଓ ବିମାନ କର୍ମଚାର ପ୍ରାଣ ହରାଇଥିଲେ। ଏହି ବିମାନ ଆଟଲାଣ୍ଟିକ ମହାସାଗରରେ ଖସିପଡ଼ିଥିଲା। ସେହିଭଳି ୧୯୯୬ରେ ଦିଲ୍ଲୀ ନିକଟରେ ସାଉଦୀ ଆରବ ବିମାନ ଏବଂ କାଜାକସ୍ତାନ ବିମାନ ଆକାଶରେ ମୁହାଁମୁହିଁ ଧକ୍କା ହେବାରୁ ୩୪୯ ଜଣ ପ୍ରାଣ ହରାଇଥିଲେ। ତେବେ ୨୦୧୧ରୁ ୨୦୨୦ ମଧ୍ୟରେ ଭାରତୀୟ ଆକାଶ ବିମାନ ସବୁଠାରୁ ନିରାପଦ ଥିଲା। କେବଳ କୋଜିକୋଡ୍ ଦୁର୍ଘଟଣାକୁ ଛାଡ଼ିଦେଲେ ଏହି ସମୟ ମଧ୍ୟରେ ଭାରତରେ କୌଣସି ବିମାନ ଦୁର୍ଘଟଣା ଘଟିନଥିଲା। ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଗାଇଡଲାଇନ୍ସରେ ସଂଶୋଧନ ପରେ ବିମାନ ଦୁର୍ଘଟଣା ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଥିବା କୁହାଯାଇଛି।

### କଥା ବଡ଼ବଡ଼...

ଏକବର୍ଷରେ ଓଡ଼ିଶା କିପରି ଦୁରାବସ୍ଥାର ସମ୍ମୁଖୀନ ହୋଇଛି ତାହାକୁ ଆଖି ଖୋଲି ଦେଖନ୍ତୁ ବୋଲି ପରାମର୍ଶ ଦେଇଛନ୍ତି । ଗତ ନିର୍ବାଚନ ସମୟରେ ବିଜେପି ଦେଇଥିବା ପ୍ରତିଶ୍ରୁତି ପାଳନରେ ରାଜ୍ୟ ସରକାର କିପରି ବିଫଳ ହୋଇଛନ୍ତି, ତାହାକୁ ହାତ ଲେଖା ପ୍ଲାକାର୍ଡ ମାଧ୍ୟମରେ ପ୍ରଦର୍ଶନ କରିଛି ବିଜେଡି। ଏହାବ୍ୟତୀତ ଗତ ଏକ ବର୍ଷରେ ଆଇନଶୃଙ୍ଖଳା ପରିସ୍ଥିତି କିପରି ବିପର୍ଯ୍ୟସ୍ତ ହୋଇପଡିଛି, ବିଶେଷକରି ଦୁଷ୍କର୍ମ ଓ ମହିଳାଙ୍କ ବିରୋଧରେ ଅପରାଧର ଅହେତୁକ ବୃଦ୍ଧିକୁ କଳାତ୍ମକ ଉପାୟରେ ଦର୍ଶାଯାଇଛି। ରାଜ୍ୟ ସ୍ୱାର୍ଥ ସହିତ ଜଡ଼ିତ ଥିବା ପ୍ରତିଟି ପ୍ରସଙ୍ଗ ଯଥା କେନ୍ଦ୍ରୀୟ ଅନୁଦାନରେ ହ୍ରାସ, ପୋଲାଭରମ, କୋଟିଆ, ମହାନଦୀ ଓ କୋଷ୍ଟାଲ ହାଇୱେ ପ୍ରସଙ୍ଗରେ କେନ୍ଦ୍ରର ଅବହେଳା, ଅତ୍ୟାବଶ୍ୟକୀୟ ଜିନିଷର ଅହେତୁକ ଦରଦାମ ବୃଦ୍ଧି, ଶ୍ରୀମନ୍ଦିରରେ ଅବ୍ୟବସ୍ଥା, ଅନୁସୂଚୀତ ଜାତି ଓ ଜନଜାତି, ପଛୁଆ ବର୍ଗର ଲୋକଙ୍କ ସ୍ୱାର୍ଥ ପ୍ରତି ଅଣଦେଖା, ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ, ଆୟୁଷ୍ମାନରୁ ଯନ୍ତ୍ରଣା ଇତ୍ୟାଦି ମୁଖ୍ୟତଃ ପ୍ଲାକାର୍ଡରେ ସ୍ଥାନ ପାଇଛି। ଗତ ଏକ ବର୍ଷର ସରକାର ଏହି ସମସ୍ତ କ୍ଷେତ୍ରରେ ବିଫଳ ହୋଇଥିବା ବେଳେ କେବଳ ନବୀନ ସରକାରଙ୍କ ଅମଳର କାମର ନାମ ଓ ରଙ୍ଗ ପରିବର୍ତ୍ତନ କରି ବାହାବା ନେବାକୁ ଚେଷ୍ଟା କରୁଛନ୍ତି। ମାତ୍ର ବାସ୍ତବିକ ତଥ୍ୟକୁ ଅନୁଶୀଳନ କଲେ ରାଜ୍ୟ ସରକାରଙ୍କ ଅପାରଗତା ଜଳଜଳ ଦିଶୁଛି ବୋଲି ବିଜେଡି ନେତୃବୃନ୍ଦ ଅଭିଯୋଗକରିଛନ୍ତି। ବିଜୁ ଜନତା ଦଳର ସମସ୍ତ ବରିଷ୍ଠ ନେତୃତ୍ୱଙ୍କ ଉପସ୍ଥିତିରେ ଏଭଳି ଏକ ଅଭିନବ ପ୍ରଦର୍ଶନକୁ ସ୍ଥାନୀୟ ଲୋକମାନେ ମଧ୍ୟ ସମର୍ଥନ କରୁଥିବା ଦେଖାଯାଇଛି। ଘଟଣା ସ୍ଥଳରେ ସାଧାରଣ ଲୋକେ ଭିଡ଼ ଜମାଇବାରୁ ପୁଲିସ ବିଜେଡି ନେତାମାନଙ୍କୁ ହଟାଇବାକୁ ଚେଷ୍ଟା କରିଥିଲା। ଫଳରେ କିଛି ସମୟ ପାଇଁ ଘଟଣାସ୍ଥଳରେ ସାମାନ୍ୟ ଉତ୍ତେଜନା ଦେଖାଦେଇଥିଲା। ଏହି ଧାରଣାରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ସଂଘମିତ୍ର ମିଶ୍ର, ପ୍ରଣବ ପ୍ରକାଶ ଦାସ, ଡ. ଅରୁଣ କୁମାର ସାହୁ, ସଞ୍ଜୟ ଦାସବର୍ମା, ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଦେବ, ପ୍ରମିଳା ମଲ୍ଲିକ, ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ରାଜଶ୍ରୀ ମଲ୍ଲିକ, ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ, ଦେବୀରଞ୍ଜନ ତ୍ରିପାଠୀ, ଶୁଭାଶିଷ ଖୁଣ୍ଟିଆ, ସୁଲତା ଦେଓ, ସୁଶାନ୍ତ ରାଉତ, ସୁଦାମ ମାର୍ଣ୍ଡି, ରମେଶ ବେହେରା, ଧ୍ରୁବଚରଣ ସାହୁ, ଶର୍ମିଷ୍ଠା ସେଠୀ, ଗୌତମବୁଦ୍ଧ ଦାସ, ସାରଦା ଜେନା, ଚନ୍ଦ୍ରଶେଖର ସାହୁ, ପ୍ରୀତିରଂଜନ ଘଡାଇ, ଭୃଗୁ ବକ୍ସିପାତ୍ର, ଡ. ଲେଖାଶ୍ରୀ ସାମନ୍ତସିଂହାର, ରୁଦ୍ର ପ୍ରତାପ ମହାରଥୀ, ମନ୍ମଥ ରାଉତରାୟଙ୍କ ସହ ବହୁ ନେତା ଅଂଶଗ୍ରହଣ କରିଥିଲେ।

### ସରକାରୀ କର୍ମଚାରୀଙ୍କୁ...

ରେକର୍ଡ କରିବେ ନାହିଁ, ସେହି ଦିନଟିକୁ ଅନୁପସ୍ଥିତି ରୂପେ ବିଚାର କରାଯିବ। ପ୍ରତ୍ୟେକ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ସମୟରେ ଅଫିସ ଆସିବା ବାଧ୍ୟତାମୂଳକ। ଯେଉଁଠାରେ କର୍ମଚାରୀଙ୍କୁ ରୋଷ୍ଟର ଡ୍ୟୁଟି ପ୍ରଦାନ କରାଯାଉଛି, ସେଠାରେ ବିଭାଗୀୟ ମୁଖ୍ୟ କର୍ମଚାରୀଙ୍କ ରୋଷ୍ଟର ଡ୍ୟୁଟି ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଜାରି କରିବେ। ସେହିପରି କୌଣସି ମାସରେ ଯଦି କର୍ମଚାରୀଟିଏ ତିନିଦିନ ଧରି ୩୦ ମିନିଟ ବିଳମ୍ବରେ ଅଫିସ ଆଗମନକୁ ଗ୍ରହଣ କରାଯାଇ ପାରିବ। ଏହାପରେ ପ୍ରତି ତିନିଦିନ ୩୦ ମିନଟ ବିଳମ୍ବ ପାଇଁ ଗୋଟିଏ ଲେଖାଏଁ ଛୁଟି କଟିବ। ତେବେ ଯେଉଁ କର୍ମଚାରୀଙ୍କୁ ଅତ୍ୟଧିକ କାର୍ଯ୍ୟଚାପ ଯୋଗୁଁ ବିଳମ୍ବିତ ସନ୍ଧ୍ୟା ଏପରିକି ଛୁଟି ଦିନରେ କାର୍ଯ୍ୟ କରିବାକୁ ପଡ଼ିଥାଏ; ସେମାନଙ୍କ ବିଳମ୍ବ ଆଗମନରେ କାର୍ଯ୍ୟାନୁଷ୍ଠାନ ହେବ ନାହିଁ। ଅପରପକ୍ଷେ ସରକାରୀ କାର୍ଯ୍ୟାଳୟରେ ଉପସ୍ଥାନ ତଥ୍ୟ ରେକର୍ଡ ପାଇଁ ସରକାର ଏଆଇ ଏବଂ ଆରଏଫଆଇଡି ପରିଚୟ ପତ୍ର ବ୍ୟବସ୍ଥା ଲାଗୁ କରିବାକୁ ଯାଉଛନ୍ତି। ଏହାକୁ ଅଗ୍ରାଧିକାର ଆଧାରରେ ପ୍ରଥମେ ଲୋକସେବା ଭବନ ଏବଂ ଖାରବେଳ ଭବନରେ ଲାଗୁ କରାଯିବ। ପରବର୍ତ୍ତୀ ସମୟରେ ଏହା ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଲାଗୁ କରାଯିବ।

### ଦେଶର ୧୦ ପ୍ରମୁଖ...

**୧୪ ଫେବୃଆରୀ ୧୯୯୦ ବାଙ୍ଗାଲୋର**

ଇଣ୍ଡିଆନ ଏୟାର ଲାଇନ୍ସ ରଏୟାର ବସ୍ ଏ୩୨୦ ବାଙ୍ଗାଲୋରରେ ଅବତରଣ ବେଳେ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲା ଓ ଏଥିରେ ୯୨ ଜଣ ଯାତ୍ରୀ ଜୀବନ ହାରିଥିଲେ।

**୧୯ ଅକ୍ଟୋବର ୧୯୮୮ ଅହମ୍ମଦାବାଦ୍**

ଇଣ୍ଡିଆନ ଏୟାର ଲାଇନ୍ସ ଫ୍ଲାଇଟ୍ ୧୧୩ ଅହମ୍ମଦାମାଦରେ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲା। ଏଥିରେ ୧୩୩ ଜଣ ଯାତ୍ରୀ ପ୍ରାଣ ହରାଇଥିଲେ।

**୨୧ ଜୁନ୍ ୧୯୮୨, ବମ୍ବେ**

ଏୟାର ଇଣ୍ଡିଆ ଫ୍ଲାଇଟ୍ ୪୦୩ ବମ୍ବେ ବିମାନ ବନ୍ଦରରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା ଓ ଏଥିରେ ୧୭ ଜଣ ଯାତ୍ର ମୃତ୍ୟୁ ବରଣ କରିଥିଲେ।

**୧ ଜାନୁଆରୀ ୧୯୭୮, ବମ୍ବେ**

ଏୟାର ଇଣ୍ଡିଆର ବୋଇଂ ୭୪୭ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇ ଆରବ ସାଗରରେ ଖସି ପଡ଼ିଥିଲା। ମୁମ୍ବାଇର ଟେକ୍ ଅପ୍ କରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା ଓ ଏଥିରେ ସବୁ ୨୧୩ ଜଣ ଯାତ୍ରୀ ପ୍ରାଣ ହରାଇଥିଲେ।


**FORM NO. CAA 2**
**[Pursuant to Section 230(3) and rule 6 and 7)]**
**IN THE NATIONAL COMPANY LAW TRIBUNAL**
**CUTTACK BENCH, CUTTACK**
**COMPANY PETITION (CAA) NO. 4/CB/2025**
**Connected with**
**COMPANY APPLICATION (CAA) NO. 15/CB/2024**

IN THE MATTER OF:
Application under Section 230 to 232 of the Companies Act, 2013 and the Companies (Compromises, Arrangements and Amalgamations) Rules, 2016 and other relevant Rules;
AND
IN THE MATTER OF:
SCHEME OF AMALGAMATION OF
ORISSA ORDER SUPPLIERS PRIVATE LIMITED
TARINI HOUSING PRIVATE LIMITED
RAKHI CONSULTANCY & SERVICES PRIVATE LIMITED
MAA TARINI ISPAT PRIVATE LIMITED
WITH
KALINGA COMMERCIAL CORPORATION LIMITED
AND
IN THE MATTER OF:
1. ORISSA ORDER SUPPLIERS PRIVATE LIMITED
2. TARINI HOUSING PRIVATE LIMITED
3. RAKHI CONSULTANCY & SERVICES PRIVATE LIMITED
4. MAA TARINI ISPAT PRIVATE LIMITED
5. KALINGA COMMERCIAL CORPORATION LIMITED
..... Petitioners

**NOTICE OF HEARING**

Notice is hereby given that by an order dated 03rd June 2025 and corrigendum order dated 06th June 2025, the Cuttack Bench of the National Company Law Tribunal has fixed the next date of hearing on 24th July 2025, for the purpose of considering, and if thought fit, approving with or without modification, the Scheme of Amalgamation of Orissa Order Suppliers Private Limited, Tarini Housing Private Limited, Rakhi Consultancy & Services Private Limited, Maa Tarini Ispat Private Limited with Kalinga Commercial Corporation Limited.

It is hereby informed that representations, if any, in connection with the proposed compromise and/or arrangement may be made to the Tribunal no later than 7 (Seven) days before the next date of hearing of the petition. A copy of such representation should be simultaneously sent to the Counsel of the Petitioner Company at the address mentioned herein below.

In case no representation is received within the above stated period, it shall be presumed that there is no representation to make on the proposed Scheme of compromise or arrangement.

**For the Petitioner Companies**
**Sd/-**
Date: 13/06/2025
Place: Bhubaneswar
**Gopinath Nayak**
**(Counsel for Petitioner)**
**Plot No: 186, District Center, Chandrasekharpur, Bhubaneswar-751016, Odisha**



C-506
**JEYPORE MUNICIPALITY**
**MUNICIPAL OFFICE : JEYPORE**
Phone 06854-231098, Fax - 06854-230104, ulbjeypore@gmail.com
Letter No. 2244 / Date 10.06.2025

**Quotation Call Notice**

Sealed quotation in plain paper / letter pad are invited from the interested registered firm/agency for supply of equipment and fixing of MIKING SYSTEM FOR LCV VEHICLE. The quotation should accompany with copy of Pan card and GST registration certificate with detail specification of miking system should reach to the undersigned on or before 16/06/2025 upto 4.30 pm through Registered/Speed Post/through hand. The authority reserves the right to accept or cancel any or all quotation without assigning any reason thereof.

Executive Officer
Jeypore Municipality
OIPR-13079/11/0042/2526



ପୌରପରିଷଦ କାର୍ଯ୍ୟାଳୟ : ଜୟପୁର C-503
**OFFICE OF THE MUNICIPAL COUNCIL: JEYPORE**
Phone No.: 06854-231098, e-Mail: ulbjeypore@gmail.com
Letter No. 2357 Date 11.06.2025

**QUOTATION CALL NOTICE FOR SELECTION OF ADVERTISING AGENCY FOR THE ADVERTISEMENT SPACE RIGHTS ON LED BASED DISPLAY BOARD AT TRAFFIC SQUARE LOCATION IN JEYPORE.**

Jeypore Municipality invites tender for selection of Advertising Agency for Advertisement Space Rights on LED based Display Board at Traffic Square in Jeypore.

1. The detailed tender document can be down loaded from www.jeyporemunicipality.in and the Bid Document Cost of Rs. 3,000/- (Rupees three thousand) only can be paid in shape of Bank Draft drawn in favour of Executive Officer, Jeypore Municipality payable at Jeypore
2. Bids should be submitted through Registered / Speed post addressed to Executive Officer, Jeypore Municipality.
3. Published Date and time 16.06.2025
4. Bid Document submission Start Date 16.06.2025
5. Bid Submission End Date and time 25.06.2025 at 1.00 PM
6. Bid Opening Date and time 26.06.2025 at 11.00 AM in the office of the undersigned.

Executive Officer,
Jeypore Municipality
OIPR-13079/11/0045/2526



**PM SHRI SCHOOL**
**JAWAHAR NAVODAYA VIDYALAYA**
AT/PO:TARBHA,DIST.SONEPUR,ODISHA,PIN-767016
Ref. F.No.5-4/JNVTS(O)/2005/ Dated: 12th June, 2025

**NOTIFICATION FOR WALK-IN-INTERVIEW FOR THE POST OF MATRON**

**The** post of **Matron** will be engaged in PM SHRI SCHOOL Jawahar Navodaya Vidyalaya, Tarbha, Dist. Sonepur (Odisha) purely on Contractual basis for the session 2025-26 to look after the Girl students in the Hostels. Eligible female Candidates are invited to attend the walk-in-interview as per the criteria and details as mentioned below.

| | | |
|---|---|---|
| 1. | Name of the Post | Matron |
| 2. | No. of post vacant | 03 (Three) |
| 3. | Educational Qualifications | Minimum Class X, however higher educational qualification may be given preference in engagement. |
| 4. | Age | Between **35** and **55** years of age as on **01.07.2025.** |
| 5. | Marital Status | Married females, which includes widows or divorcees without encumbrances. |
| 6. | Remuneration | 1. Minimum wages (for industrial workers employed in Building operations sector) for MTS unskilled. 2. Free boarding & lodging and medical facilities as available in the M.I. Room of the vidyalaya. The Matron has to reside with the girl students in the girls dormitory. |
| 7. | Method of Appointment | The post is for only female candidates and the engagement will be on purely contractual basis for a period of 10 months in a year. |
| 8. | Mode of submission of Bio-data | Through email – jnvsonepur.rect@gmail.com. Last date of submission of application : **30.06.2025.** The Bio-data should contain Name of candidate, Father/Husband Name, Date of Birth, Age, Educational Qualification with maximum marks and marks secured, Marital Status, Details of experience of working as Matron, Correspondence address with Mobile No. and Email ID etc. The Bio-data received after 30.06.2025 will not be considered. |
| 9. | Date, time and venue of walk-in-interview | The walk-in-interview will be conducted on **01.07.2025 at 11.00 A.M.** in PM SHRI SCHOOL Jawahar Navodaya Vidyalaya, Tarbha, Dist. Sonepur (Odisha). |

The eligible candidate should attend the walk-in-interview on the above scheduled date, time and venue along with the self attested Xerox copies of educational qualification certificates, aadhar card and a passport size photograph. The attending of walk-in-interview does not confirm any candidate for selection or engagement to the said post. No T.A./D.A. will be given to the candidate by the Vidyalaya for attending the said interview.

**Sd/- PRINCIPAL**



**AFFIDAVIT**
By virtue of an affidavit sworn before Executive Magistrate, Bahanaga, Balasore, dated 10.06.25, I Dhirendra Kumar Muduli, At- Daradia, Po.: Bahanaga, Ps- Khantapada, Dist.: Balasore, Odisha - 756042 declare that I have changed the name of my daughter from M. VRITEKA to ANUSHVI VRITEKA. Henceforth, she shall be known as ANUSHVI VRITEKA for all purposes.

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
**GADHWAL GROUP**
**Mob.: 9437015112**

**AFFIDAVIT**
I, Bipinibihari Das, S/o- Shukadev Das, resident of Vill- Chandakuda (Bandhasahi), PO/PS- Dasarathpur, Dist- Jajpur, PIN- 755006, Odisha declared by this affidavit No. 309, dtd- 10/06/2025 that now onwards I shall be known as **BIPIN BIHARI DAS** for all future purposes.

**AFFIDAVIT**
By virtue of an affidavit sworn before Executive Magistrate: Papadahandi, on 06-06-2025. I Buti Paika, S/o- Rama Paika, residing At: Kaliaguda, Po: Nakatiguda, Ps: Papadahandi Dist: Nabarangpur, declare that I have changed my name from Bhagrati Paika, S/o- Nilakanth Paika to Buti Paika, S/o Rama Paika. Henceforth I shall be known as a **Buti Paika, S/o Rama Paika** for all purposes.

**AFFIDAVIT**
I, Kamal Agrawala, S/o- Raj Kishore Agrawala resident of Plot no- 704/22, Barik sahi, Rath road, Mausima Square, Old town,Dist-Khordha Bhubaneswar, Pin- 751002, Odisha. Declare by this affidavit no-118, dtd-12/06/2025 that now onwards I shall be known as **KAMAL KUMAR AGRAWALA** for all future purposes.

**AFFIDAVIT**
I, Sanjaya Kumar Agrawal, aged about 51 years, S/o- Jay Kumar Agrawal, resident of At- Machhapada, PO/PS- Hirakud, Dist- Sambalpur, PIN- 768016, Odisha declared by this affidavit No. 3558, dtd- 12/06/2025 that now onwards I shall be known as **SANJAY AGRAWAL** for all future purposes.

**AFFIDAVIT**
I, Paban Kumar Agrawal, aged about 64 years, S/o- Paliram Agrawal, resident of At- Mungapada, Ward No.22, PO/PS/Dist- Jharsuguda, PIN- 768201, Odisha declared by this affidavit No. 04, dtd- 12/06/2025 that now onwards I shall be known as **PAWAN KUMAR AGRAWAL** for all future purposes.

**AFFIDAVIT**
I, Ruya Satapathy D/o Manoranjan Satpathy resident of Z1 Apartment, Flat No 001, Tower No 7, Kalarahanga, Patia, PO- KIIT, PS-Infocity, Bhubaneswar, Odisha, 751024 declared by this affidavit No.45 Date 05/06/2025 that now onwards I shall be known as **RUYA SATPATHY** for all future purpose.

**AFFIDAVIT**
By virtue of an affidavit before the Executive Magistrate, Nuagada, Dist.- Gajapati, on 02.06.2025. I, Prabod Parichha, resident of Village- Bhramarpur, PO- Nuagada, PS-Seranga, Dist- Gajapati hereby declare that my daughter's correct name is Trisharani Parichha, D/o- Prabod Parichha. But her name was wrongly mentioned in Aadhaar Card as Barsarani Parichha, D/o- Prabodha Parichha. That Trisharani Parichha and Barsarani Parichha is one and the same person.
Sd/- Prabod Parichha

**AFFIDAVIT**
I, Mohammad Khalik, S/o- Nabi Rasul Ansari, resident of At- Turla, Po- Jagua, Ps- Titlagarh, Dist- Balangir, Pin-767066, Odisha declared by this affidavit No. 3747, dtd- 09/06/2025 that now onwards I shall be known as **MAHAMMAD KHALIK** for all future purposes.

# ଅସହାୟଙ୍କୁ ପକ୍କାଗୃହ ପ୍ରଦାନ



ଭଦ୍ରେଶ୍ୱର,୧୨।୬(ସମିସ): ମାହାଙ୍ଗା ଅଞ୍ଚଳର ଗରିବ ଅସହାୟ ପରିବାରକୁ ଉପାସନା ଟ୍ରଷ୍ଟ ତରଫରୁ ପକ୍କା ଗୃହ ପ୍ରଦାନ କରାଯାଇଛି। ଏହି ଟ୍ରଷ୍ଟ ବିଗତ ୫ ବର୍ଷ ହେଲା ମାହାଙ୍ଗା ବ୍ଲକ ଅଞ୍ଚଳର ଗରିବ ଅସହାୟ ଲୋକଙ୍କୁ ପ୍ରତି ବର୍ଷ ୨ଟି ଲେଖାଏଁ ପକ୍କାଘର ମାଗଣାରେ ପ୍ରଦାନ କରୁଛି। ଚଳିତ ବର୍ଷ ଅନୁଷ୍ଠାନ ତରଫରୁ ଉମର ପଞ୍ଚାୟତର ଓସ୍ତପୁର ଗ୍ରାମର ବିଧବା ମହିଳା ସ୍ୱେତ ଦେଇଙ୍କୁ ଏକ ପକ୍କାଘର ପ୍ରଦାନ କରାଯାଇଛି। ସୂଚନା ଥାଉକି, ସମ୍ପୃକ୍ତ ମହିଳା ଜଣଙ୍କ ଦୀର୍ଘଦିନ ହେଲା ଏକ ଭଙ୍ଗା ଚାଳଘରେ ଜରି ପାଲ ପକାଇ ଅତ୍ୟନ୍ତ ଦୟନୀୟ ଭାବେ କାଳାତିପାତ କରୁଥିଲେ। ସେହିପରି ଭାବେ ଅନୁଷ୍ଠାନ ତରଫରୁ ହଳଦିଆ ପଞ୍ଚାୟତର ନାରିଜଙ୍ଗ ଗ୍ରାମର ବିଧବା ରେଖା ମଲିକଙ୍କୁ ଏକ ପକ୍କାଘର ପ୍ରଦାନ କରାଯାଇଛି। ଟ୍ରଷ୍ଟର ମୁଖ୍ୟ ଇଂ ସହଦେବ ଖଟୁଆ ଏହି ଉତ୍ସବରେ ଯୋଗଦାନ କରି ଗୃହ ପ୍ରଦାନ କରିଥିଲେ। ଶ୍ରୀ ଖଟୁଆଙ୍କ ଧର୍ମପତ୍ନୀ ନିବେଦିତା ଖଟୁଆ, ଶିକ୍ଷାବିତ ବିଦ୍ୟାଧର ଖଟୁଆ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସାହିତ୍ୟିକ ଏକାଦଶୀ ପ୍ରଧାନ, ଶିକ୍ଷାବିତ ଡ. ଯୁଧିଷ୍ଠିତ ଖଟୁଆ, ସନ୍ତୋଷ ମହାନ୍ତି, ଅଶୋକ ପରିଡା, ରବିନ୍ଦ୍ରନାଥ ପଣ୍ଡା, ଜୟରାମ ସ୍ୱାଇଁ, ମାହାଙ୍ଗା ସାରସ୍ୱତ ସେବା ମଞ୍ଚର ସଭାପତି ଭାବଗ୍ରାହୀ ରାଉତ, ସାମ୍ବାଦିକ ଧନେଶ୍ୱର ସେଠୀ, ମାହାଙ୍ଗା କୃଷକ ବିକାଶ ମଞ୍ଚର ସଭାପତି ରାମଚନ୍ଦ୍ର ସ୍ୱାଇଁ, ଚନ୍ଦ୍ରଶେଖର ପ୍ରଧାନ, ଅନିତା ମହାପାତ୍ର, ରାଜକିଶୋର ଜେନା, ରାଧାକାନ୍ତ ଖଟୁଆ, ସୁଶାନ୍ତ ନାୟକ, ଚିତ୍ତରଞ୍ଜନ ନାୟକ, ପ୍ରଶାନ୍ତ ସାହୁ, ସୁରେନ୍ଦ୍ରନାଥ ଖଟୁଆ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## କେନାଲ ଲାଇନିଂ କାମରେ ଦୁର୍ନୀତିର ଗନ୍ଧ

# କୋଟି କୋଟି ଟଙ୍କା ପାଣିରେ ପଡ଼ିବା ନେଇ ଆଶଙ୍କା



ଭଦ୍ରେଶ୍ୱର,୧୨।୬(ସମିସ): କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଦାୟିତ୍ୱହୀନତା ଓ ଠିକାଦାରଙ୍କ ପକ୍ଷରୁ ନିମ୍ନମାନର କାର୍ଯ୍ୟ ହେତୁ ଏବେ ସରକାରଙ୍କ ଏହି ଚାଷୀ କଲ୍ୟାଣ ଯୋଜନା ଦିଗହରା ହେଉଛି। ଯାହାର ଜ୍ୱଳନ୍ତ ନମୁନା ଦେଖିବାକୁ ମିଳିଛି କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଗୋପାଳପୁର ପଞ୍ଚାୟତରେ ଥିବା ୯ନମ୍ବର ଏଫସି କେନାଲ ଲାଇନିଂ କାର୍ଯ୍ୟରେ। ଫଟା କାନ୍ଥରେ କାଦୁଅ ଲେପିବା ପରି ଏକ ପାର୍ଶ୍ୱରେ ପୁରୁଣା ଭଙ୍ଗା ଦଦରା ୱାଲକୁ ରଖି ଅନ୍ୟ ପାର୍ଶ୍ୱରେ ନିର୍ମାଣ ଚାଲିଛି ନୂତନ ସିମେଣ୍ଟ ଲାଇନିଂ କାର୍ଯ୍ୟ। ଯେଉଁ ପୁରୁଣା ୱାଲଟି କେଉଁଠି ଫାଟି ଯାଇଛି ତ କେଉଁଠି ଫୁଟି କଣା ହୋଇଯାଇଛି। ଏପରିକି ଏହି ପୁରୁଣା ୱାଲରେ ସୃଷ୍ଟି ହୋଇଥିବା କଣାରେ ଅଖା ବିଣ୍ଡା ଦିଆଯାଇଥିବା ଦେଖିବାକୁ ମିଳିଛି। ଅପରପକ୍ଷେ ନୂଆ ସିମେଣ୍ଟ ଲାଇନିଂ ମଧ୍ୟ ନିମ୍ନମାନର ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ଛତା ଜଳସମ୍ପଦ ଉପଖଣ୍ଡ ଅଧୀନସ୍ଥ ପୁଟଂଶ ସେକ୍ସନର ୯ ନମ୍ବର କେନାଲ ରହିଛି। ମାହାଙ୍ଗା ବ୍ଲକ ଗୋପାଳପୁର ପଞ୍ଚାୟତ ବେଗୁନିଆପଦା ଗ୍ରାମରେ ଥିବା ଏହି କେନାଲର ଏଫସି ଶାଖା କେନାଲର ସିମେଣ୍ଟ ଲାଇନିଂ କାର୍ଯ୍ୟ ଚାଲୁ ରହିଛି। ଜଣେ ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟ ଯୋଗୁ ଏହି ସିମେଣ୍ଟ ଲାଇନିଂ କାର୍ଯ୍ୟରେ ବ୍ୟାପକ ଅନିୟମିତତା ପରିଲକ୍ଷିତ ହେଉଛି। ଏପରିକି ଏହି କେନାଲରେ ବେଗୁନିଆପଦା ଅନତି ଦୂରରେ ଥିବା ପାଖାପାଖି ୧୦୦ ମିଟରରୁ ଊର୍ଦ୍ଧ୍ୱ ପୁରୁଣା ୱାଲକୁ ଭଙ୍ଗା ନ ଯାଇ ଅନ୍ୟପଟେ ସିମେଣ୍ଟ ଲାଇନିଂ କାର୍ଯ୍ୟ କରାଯାଉଛି। ଯେଉଁ ପୁରୁଣା ୱାଲଟି ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ରହିଛି। ୱାଲଟିର ବିଭିନ୍ନ ସ୍ଥାନରେ ଏକାଧିକ ଫାଟ ସୃଷ୍ଟି ହୋଇଥିବା ବେଳେ ବହୁ ଜାଗାରେ ଘଳିଆ ପଡିଥିଲା। ଯାହାକୁ ମରାମତି କରିବାକୁ ଯାଇ ବିଭାଗ ପକ୍ଷରୁ ଏବେ ମଧ୍ୟ ଅଖା ବିଣ୍ଡା ଦିଆଯାଇଥିବା ଦେଖିବାକୁ ମିଳିଛି। କାର୍ଯ୍ୟ ତଦାରଖ କରୁଥିବା ଯନ୍ତ୍ରୀ ଜଣକ କାହା ସ୍ୱାର୍ଥରେ ଏଭଳି ଦୁର୍ବଳ ୱାଲକୁ ନ ଭାଙ୍ଗି ନୂତନ ସିମେଣ୍ଟ ଲାଇନିଂ କାର୍ଯ୍ୟ ସହ ସଂଯୋଗ କରୁଛନ୍ତି। ଅପରପକ୍ଷେ ଏହି ନିର୍ମାଣାଧୀନ ସିମେଣ୍ଟ ଲାଇନିଂ କାର୍ଯ୍ୟରେ ଅନିୟମିତତାର ଅଭିଯୋଗ ଆସିବା ପରେ ଘଟଣାସ୍ଥଳରେ ସ୍ଥାନୀୟ ବିଧାୟକ ପହଞ୍ଚିଥିଲେ। ତେବେ ଯନ୍ତ୍ରୀ ଓ ଠିକାଦାର ବିଧାୟକଙ୍କୁ ଅନ୍ଧାରରେ ରଖି ସଠିକ୍ ତଦନ୍ତରେ ସହଯୋଗ କରି ନ ଥିଲେ। ଫଳରେ ଏହି ନିର୍ମାଣାଧୀନ କାର୍ଯ୍ୟରେ ଏତେ ବଡ ଦୁର୍ନୀତି ଲୁଚିଯିବାକୁ ବସିଛି। ତୁରନ୍ତ ଏହି ନିମ୍ନମାର ୱାଲ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# ଧୋବଣୀନାଳ ମୁଖ୍ୟରାସ୍ତାରେ ହାତୀ



ବଡମ୍ବା,୧୨।୬(ସମିସ): କଟକ ନରସିଂହପୁର ୬୫ ନମ୍ବର ରାଜ୍ୟ ରାଜପଥ ଅଧୀନ ଧୋବଣୀନାଳ ଛକ ନିକଟ ମୁଖ୍ୟରାସ୍ତା ଉପରେ ଏକ ଦନ୍ତା ହାତୀ ଚଲାବୁଲା କରିବାରୁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ହାତୀ ଭୟରେ ରାସ୍ତାର ଉଭୟ ପଟେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଅନେକ ଲୋକ ଭୟରେ ରାସ୍ତା ଉପରେ ଯାତାୟାତ କରି ନ ଥିଲେ। ଗୁରୁବାର ପ୍ରାୟ ସକାଳ ୮ଟାରେ ହାତୀକୁ ରାସ୍ତା ଉପରେ ଦେଖିବାକୁ ମିଳିଥିଲା। ଏହାପରେ ବନବିଭାଗ ଖବର ପାଇ ରାସ୍ତା ଉପରୁ ହାତୀକୁ ଘଉଡ଼ାଇଥିବା ଜଣାପଡ଼ିଛି।

# ସମ୍ପର୍କୀୟ ଭାଇର କଟୁରି ଚୋଟରେ ବୃଦ୍ଧ ଗୁରୁତର

ସାଲେପୁର,୧୨।୬(ସମିସ): ଜମିଜମା ବିବାଦକୁ କେନ୍ଦ୍ର କରି ସଂପର୍କୀୟ ଭାଇର କଟୁରି ଚୋଟରେ ବୃଦ୍ଧ ଗୁରୁତର ଆହତ ହୋଇଥିବାବେଳେ ପୁଲିସ ଆକ୍ରମଣକାରୀକୁ ଗିରଫ କରିଥିବା ଜଣାଯାଇଛି। ଜପକୁଦ ଫାଣ୍ଡି ଅନ୍ତର୍ଗତ କଟରପା ପଞ୍ଚାୟତ ଗରୁଡ଼ପୁର ଗ୍ରାମର ନବକିଶୋର ବେହେରା ଓ ପ୍ରେମାନନ୍ଦ ବେହେରାଙ୍କ ମଧ୍ୟରେ ଜମି ବିବାଦ ଦୀର୍ଘଦିନ ଧରି ରହିଆସିଥିଲା। ଏହି ଘଟଣାକୁ କେନ୍ଦ୍ର କରି ଆଜି ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ନବକିଶୋର ବେହୁରା ତାଙ୍କର ସଂପର୍କୀୟ ଭାଇ ପ୍ରେମାନନ୍ଦ ବେହୁରା (୭୩)ଙ୍କୁ ଏକ କଟୁରିରେ ହାଣି ଗୁରୁତର ଆହତ କରିଥିଲେ। ପ୍ରେମାନନ୍ଦଙ୍କୁ ପ୍ରଥମେ ସାଲେପୁର ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡ଼ିକାଲକୁ ପଠାଇ ଦିଆଯାଇଛି। ପୁଲିସ ଏହି ଘଟଣାରେ ୨୬୦/୨୫ରେ ଏକ ମାମଲା ରୁଜୁ କରି ଆକ୍ରମଣକାରୀ ନବକିଶୋରକୁ ଗିରଫ କରିଥିବା ଜଣାଯାଇଛି।

# ଧନେଶ୍ୱର ସାହୁ ମେଧାବୃତ୍ତି ପ୍ରଦାନ ଉତ୍ସବ



ଭଦ୍ରେଶ୍ୱର,୧୨।୬(ସମିସ): ଗଣପତି ମଧୁ ବୈଶ୍ୟ ସମାଜ ସାଲେପୁର, ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ଆନୁକୂଲ୍ୟରେ ଗତ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ମଧୁବୈଶ୍ୟ ସମାଜର ଛାତ୍ରଛାତ୍ରୀଙ୍କୁ ଧନେଶ୍ୱର ସାହୁ ମେଧାବୃତ୍ତି ସମ୍ମାନରେ ସମ୍ମାନିତ କରାଯାଇଛି। ମାହାଙ୍ଗା ବ୍ଲକ ବୀର କେଦାରେଶ୍ୱର ପୀଠ ଠାରେ ଅନୁଷ୍ଠିତ ଏହି ସଭାରେ ଅନୁଷ୍ଠାନର ସଭାପତି ଦୈତାରୀ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିଭାବେ ନିଖିଳ ଉତ୍କଳ ମଧୁ ବୈଶ୍ୟ ସମାଜର ସଭାପତି ଦେବେନ୍ଦ୍ରନାଥ ସାହୁ, ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ଯୋଗଦାନ କରି ମଧୁବୈଶ୍ୟ ସମାଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିଥିଲେ। ସଙ୍ଗଠନକୁ ମଜଭୂତ କରିବା ନିମନ୍ତେ ସମସ୍ତଙ୍କ ସାହାଯ୍ୟ ଓ ସହଯୋଗ କାମନା କରିଥିଲେ। ଅନ୍ୟତମ ଅତିଥିଭାବେ ଭୀମସେନ ସାହୁ, ରବିନ୍ଦ୍ର ସାହୁ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଇଷ୍ଟଦେବତା ଶ୍ରୀ ବିନାୟକଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ପ୍ରାରମ୍ଭରେ ସହସମ୍ପାଦକ ମନୋଜ କୁମାର ସାହୁ, ଅତିଥି ପରିଚୟ ପ୍ରଦାନ, ସମ୍ପାଦକ କ୍ଷୀରୋଦ କୁମାର ସାହୁ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସମ୍ପାଦକ କ୍ଷୀରୋଦ କୁମାର ସାହୁଙ୍କ ମା' ସାଲେପୁର ଥାନା ଚନ୍ଦ୍ରାଦେଇପୁର ଗ୍ରାମନିବାସୀ ଅରୁଣା କୁମାରୀ ସାହୁ ଅନୁଷ୍ଠାନକୁ ଏକ ଜମି ଦାନ କରିଥିଲେ। ଉପସଭାପତି ମାନସ ରଞ୍ଜନ ସାହୁ, ଆଇନ ପରାମର୍ଶଦାତା ପରେଶ କୁମାର ସାହୁ, ସଭ୍ୟ ନଗେନ୍ଦ୍ର ସାହୁ, ସହ ସମ୍ପାଦକ ମନୋଜ କୁମାର ସାହୁଙ୍କ ପ୍ରଚେଷ୍ଟାରେ ଏହି ଜମି ପଞ୍ଜିକରଣ କରାଯାଇଥିଲା। ଏହି ବଦାନ୍ୟତା ପାଇଁ ଅରୁଣା କୁମାରୀ ସାହୁ, ତାଙ୍କର ପୁତ୍ର କ୍ଷୀରୋଦ କୁମାର ସାହୁ, କନ୍ୟା ପୂର୍ଣ୍ଣବାସୀ ସାହୁ ଓ ସ୍ମୃତିଲିପି ସାହୁଙ୍କ ଅନୁଷ୍ଠାନ ତରଫରୁ ଧନ୍ୟବାଦ ପ୍ରଦାନ କରାଯିବା ସହ ପୁଷ୍ପଗୁଚ୍ଛ, ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କୁ ଧନେଶ୍ୱର ସାହୁ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ଧନେଶ୍ୱର ସାହୁଙ୍କ ପୁତ୍ର ପ୍ରମୋଦ କୁମାର ସାହୁ ପ୍ରତ୍ୟକ ଛାତ୍ରଛାତ୍ରୀଙ୍କୁ ୨ହଜାର ଟଙ୍କା ଲେଖାଏଁ ଓ ନିଖିଳ ଉତ୍କଳ ମଧୁ ବୈଶ୍ୟ ସମାଜ ପକ୍ଷରୁ ୧ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବା ସହ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଅନୁଷ୍ଠାନର ନବ ନିର୍ବାଚିତ କୋଷାଧ୍ୟକ୍ଷ ପ୍ରସନ୍ନ ମଲ୍ଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭ୍ୟ ପରିକ୍ଷୀତ ସାହୁ ଧନ୍ୟବାଦ ଦେଇଥିଲେ।

# ବିଡିଓଙ୍କୁ ଅଭିଯୋଗ ପରେ ବସିଲା ପାଣି ଟାଙ୍କି



କଣ୍ଟାପଡ଼ା,୧୨।୬(ସମିସ): କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ବାଗଲପୁର ପଞ୍ଚାୟତ ସୁନ୍ଦରଗ୍ରାମର ଆରାଧ ଶ୍ରୀ ଗୋବିନ୍ଦଜୀଉଙ୍କର ବାରମାସରେ ୧୩ ପର୍ବ। ଅନ୍ୟ ଦିନ ଅପେକ୍ଷା ଠାକୁରଙ୍କ ପର୍ବ ପର୍ବାଣୀରେ ଏଠାରେ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ ଜମିଥାଏ। ଏହାକୁ ଦୃଷ୍ଟିରେ ରଖି ସେଠାରେ ସରକାରଙ୍କ ଦ୍ୱାରା ବସୁଧା ଯୋଜନାରେ ଚାଲିଥିବା ପିଇବା ପାଣି ପାଇଁ ଏକ ଟ୍ୟାପ ଓ ପାଣି ଟାଙ୍କି ସ୍ଥାପନ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ହେଲେ ଗତବର୍ଷ ପାଣି ଟାଙ୍କି ନିର୍ମାଣ ଓ ପାଇପ ବିଛାଇବା କାର୍ଯ୍ୟ କରୁଥିବା ଠିକାଦାର ପାଣି ଟାଙ୍କି ନିର୍ମାଣ ନ କରି ଚତୁର ଭାବେ ବିଲ୍ କରାଇ ନେବାରେ ସକ୍ଷମ ହୋଇଥିଲେ। ଠିକାଦାରଙ୍କ ଏପରି କାର୍ଯ୍ୟ ଓ ଶ୍ରଦ୍ଧାଳୁଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଠାକୁରଙ୍କ ମାର୍ଫତଦାର ଜିତେନ୍ଦ୍ର କୁମାର ମହାନ୍ତି କଣ୍ଟାପଡା ବିଡିଓ ସ୍ୱପ୍ନିତା ନାୟକଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବିଡ଼ିଓ କ୍ଷେତ୍ର ପରିଦର୍ଶନ କରି ଏହାର ଆବଶ୍ୟକତା ଥିବା ଅନୁଭବ କରି ପାଣି ଟାଙ୍କି ନିର୍ମାଣ କରିଥିଲେ। ବିଡିଓ ଶ୍ରୀମତୀ ନାୟକଙ୍କ ଏପରି କାର୍ଯ୍ୟକୁ ମାର୍ଫତଦାର ଶ୍ରୀ ମହାନ୍ତି ଓ ଶ୍ରଦ୍ଧାଳୁମାନେ କୃତଜ୍ଞତା ଜଣାଇଛନ୍ତି।

# ଗଞ୍ଜେଇ ଜବତ; ଅଭିଯୁକ୍ତ ଫେରାର



ଚୌଦ୍ୱାର,୧୨।୬(ସମିସ): ଚୌଦ୍ୱାର ଥାନା ଅଧୀନ ନୂଆପାଟଣା କଫି ବାର ଛକ ନିକଟରୁ ଗୁରୁବାର ଅପରାହ୍ନରେ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି ପୁଲିସ। କଟକ ଡିସିପିଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବରପାଇ ଜୋନ-୧ ଏସିପି ଅରୁଣ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଚୌଦ୍ୱାର ଥାନା ଏସିପି ବିଶ୍ୱ ରଞ୍ଜନ ସାହୁ ଓ କମିଶନରେଟ ପୁଲିସର ସ୍ପେଶାଲ ସ୍କ୍ୱାର୍ଡ ଟିମ ସଦଳବଳେ କଫି ବାର ଛକ ନିକଟରେ ଜଗି ରହିଥିଲେ। ଅପରାହ୍ନ ପ୍ରାୟ ୪ଟା ସମୟରେ ଏକ ଇନୋଭା ଗାଡି ନମ୍ବର (ଓଡି୦୨ଏବି ୧୪୯୪) ଗାଡିକୁ ଅଟକାଇବାରେ ସେଥିରୁ ବିପୁଳ ପରିମାଣର ଗଞ୍ଜେଇ ଫୁଲବାଣୀରୁ କଟକ ଅଭିମୁଖେ ଯାଉଥିବା ଜଣାପଡିଥିଲା। ଇନୋଭା ଗାଡିକୁ ସୁରକ୍ଷା ଦେବା ପାଇଁ ସାଥିରେ ମଧ୍ୟ ଏକ କାର ନମ୍ବର (ଓଡି ୩୩ ଏଆର ୨୨୦୦)କୁ ମଧ୍ୟ ପୁଲିସ ଜବତ କରିଛି। ଏସିପି ବିଶ୍ୱରଞ୍ଜନ ସାହୁଙ୍କ ସୂଚନା ଅନୁଯାୟୀ ଗଞ୍ଜେଇ ପ୍ରାୟ ୨ କ୍ୱିଣ୍ଟାଲ ପରିମାଣର ହୋଇଥିବା ବେଳେ ଏଥିରେ ସଂପୃକ୍ତ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଧରା ହେବ ବୋଲି ସେ ସୂଚନା ଦେଇଛନ୍ତି।

# ରଜ ମହୋତ୍ସବ ଓ ରକ୍ତଦାନ ଶିବିର ପ୍ରସ୍ତୁତି





ଅଡ଼ଶପୁର,୧୨।୬(ସମିସ): କଣ୍ଟାପଡା ବ୍ଲକ ଦ୍ୱିପାଞ୍ଚଳ ସାଇଲୋ ବଡ଼ବିଲସ୍ଥିତ ଗୋପବନ୍ଧୁ ବିଦ୍ୟା ମନ୍ଦିରର ପୁରାତନ ଛାତ୍ର ସଂସଦ ତରଫରୁ ଆଞ୍ଚଳିକ ରଜ ଉତ୍ସବ ଓ ରକ୍ତଦାନ ଶିବିର ପାଇଁ ଏକ ପ୍ରସ୍ତୁତି ବୈଠକ ଗୋପବନ୍ଧୁ ନୋଡାଲ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ହେବାକୁ ଥିବା ଏହି ଉତ୍ସବର ପହଲି ରଜରେ ଝୋଟି, ହୁଳହୁଳି, ପୋଡପୀଠା, ପୁଚି ପ୍ରତିଯୋଗିତା ହେବ। ସନ୍ଧ୍ୟାରେ ସେଭେନ ଷ୍ଟାର ଚାରିଟେବଲ ତରଫରୁ ରକ୍ତଦାନ ଶିବିର ଓ ବରିଷ୍ଠ ବିଭାଗର ଝିଅଙ୍କ ମଧ୍ୟରେ ପାରମ୍ପରିକ ଓ ଆଧୁନିକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ରଜ ସଂକ୍ରାନ୍ତି ସନ୍ଧ୍ୟାରେ ଝିଅ ଓ ବୋହୁମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ସହ କନିଷ୍ଠ ବିଭାଗର ଝିଅମାନଙ୍କ ମଧ୍ୟରେ ଉଭୟ ପାରମ୍ପରିକ ଓ ଆଧୁନିକ ବିଭାଗର ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ଶେଷ ସନ୍ଧ୍ୟାରେ ସଂଗୀତ ପ୍ରତିଯୋଗିତା ସହ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ। ପୋଡପିଠା ପ୍ରତିଯୋଗିତାର ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଏୟାର କୁଲର, ଦ୍ୱିତୀୟ ପ୍ରତିଯୋଗୀଙ୍କୁ ଷ୍ଟାଣ୍ଡ ଫ୍ୟାନ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମିକ୍ସର ଗ୍ରାଇଣ୍ଡର ପୁରସ୍କାର ସହ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯିବ। ପ୍ରିୟନାଥ ଆଚାର୍ଯ୍ୟଙ୍କ ନେତୃତ୍ୱରେ ପୁନାନନ୍ଦ ପାତ୍ର, ସୁବ୍ରତ ଆଚାର୍ଯ୍ୟ, ଉପେନ୍ଦ୍ର ଆଚାର୍ଯ୍ୟ, ପରମେଶ୍ୱର ଦାଶ, ଅନିଲ ଜେନା, ବବୁଲ ରାଉତରାୟ, ସମ୍ବିତ ରାଉତରାୟ, ଲୋକନାଥ ବେହେରା, ବିଭୁପ୍ରଦ ଆଚାର୍ଯ୍ୟ, ବିଶ୍ୱରଞ୍ଜନ ରାଉତ, ବିଜୟ ରାଉତରାୟ, ବିଶ୍ୱମ୍ବର ରାଉତରାୟ, ଅଭିଜିତ ଆଚାର୍ଯ୍ୟ ଓ ବ୍ରାହ୍ମଣବାଟି ସରପଞ୍ଚ ସଞ୍ଜୟ କୁମାର ରାଉତରାୟ ପ୍ରମୁଖ ଯୋଗଦେଇ ଉତ୍ସବଟି କିପରି ସଫଳତାର ସମ୍ପନ୍ନ କରାଯିବ ସେ ବାବଦରେ ବିଷଦ ଆଲୋଚନା କରିଥିଲେ।

# ଚା'ରେ ନିଶାଦେଇ ଟଙ୍କା ଓ ମୋବାଇଲ ଲୁଟ୍

ନରସିଂହପୁର,୧୨।୬(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ରେଗେଡ଼ା ଗ୍ରାମର ସତ୍ୟବାନ ସାହୁ (୪୫) ମଙ୍ଗଳବାର ଦିନ ଆନ୍ଧ୍ରପ୍ରଦେଶରୁ ଘରକୁ ଆସିବା ପାଇଁ ଭୁବନେଶ୍ୱର ଟ୍ରେନରେ ବସିଥିଲେ। ବୁଧବାର ସକାଳ ସମୟରେ ଭୁବନେଶ୍ୱର ଷ୍ଟେସନରେ ଓଲ୍ଲାଇ ଅଟୋରେ ବସି ବସଷ୍ଟାଣ୍ଡକୁ ଆସିଥିଲେ। ଭୁବନେଶ୍ୱରରୁ ନରସିଂହପୁର ଆସିବା ପାଇଁ ବସକୁ ଅପେକ୍ଷା କରିଥିବା ବେଳେ ଦୁଇ ଜଣ ଯୁବକ ତାଙ୍କ ପାଖକୁ ଆସି କଥାବାର୍ତ୍ତା ହୋଇଥିଲେ ଓ ସେମାନେ ବି ନରସିଂହପୁର ଯିବେ ବୋଲି କହିଥିଲେ। ଏମିତି କଥାବାର୍ତ୍ତାରେ ସେମାନେ ତାଙ୍କୁ ଫୁସୁଲାଇ ଚା ପିଇବା ପାଇଁ ଡାକି ନେଇଥିଲେ। ଚା ପିଇବା ପରେ ସେ ଆଉ କିଛି ଜାଣିପାରି ନ ଥିଲେ। ସେ ବେହୋସ ହୋଇଯିବା ପରେ ଲୁଟେରାମାନେ ତାଙ୍କ ମୋବାଇଲ ଫୋନ୍ ସହ ପାଖରେ ଥିବା ୩୫ ଶହ ଟଙ୍କା ସହିତ ବ୍ୟାଗରେ ଥିବା ସମସ୍ତ ଗୁରୁତ୍ୱପୂର୍ଣ୍ଣ ଜିନିଷ ନେଇଯାଇଥିଲେ। ତେବେ ଦୁର୍ବୃତ୍ତ ଅଚେତ ଅବସ୍ଥାରେ ତାଙ୍କୁ ନନ୍ଦନକାନନ ନିକଟରେ ଛାଡି ଚାଲିଯାଇଥିଲେ। ଆଜି ତାଙ୍କ ଚେତା ଫେରିବାରୁ ସେ ଘରକୁ ଫେରିଛନ୍ତି।

## ନିରବଦ୍ରଷ୍ଟା ପାଲଟିଛି ବାଙ୍କୀ ପ୍ରଶାସନ



# ବିପଦକୁ ଡାକୁଛି ରାସ୍ତାକଡ଼ର ଶୁଖିଲା ଗଛ

ତିଗିରିଆ,୧୨।୬(ସମିସ): ତିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମା ପଞ୍ଚାୟତ ଠାରୁ ମହାନଦୀର ଉତ୍ତରକୁଳାଟ ଅଞ୍ଚଳ ଅଧୀନ ନଦୀକୂଳବର୍ତ୍ତି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ସଂଯୋଗୀକରଣ ରାସ୍ତାର ବାଙ୍କୀ ବ୍ଲକ ଅନ୍ତର୍ଗତ ଢେଗୁଆ ଓ ପାଳପୁଟ ଗ୍ରାମ ମଝିରେ ଥିବା ରାସ୍ତା ପାର୍ଶ୍ୱରେ ଏକ ଶୁଖିଲା ଗଛ ବିପଦସଂକୁଳ ଅବସ୍ଥାରେ ରାସ୍ତାକୁ ମାଡି ରହିଥିବା ଦେଖିବାକୁ ମିଳିଛି। ତିଗିରିଆ ଓ ବାଙ୍କୀ ବ୍ଲକର ଏକାଧିକ ପଞ୍ଚାୟତର ହଜାର ହଜାର ଜନସାଧାରଣ ଏହି ରାସ୍ତା ଉପରେ ପ୍ରତ୍ୟହ ଶତାଧିକ ଗାଡି ଚଳାଚଳ କରିବା ସହ ଛାତ୍ରଛାତ୍ରୀ, ବୃଦ୍ଧ ବୃଦ୍ଧା, ପଥଚାରୀ ଯାତାୟାତ କରୁଛନ୍ତି। ତେଣୁ ଢେଗୁଆ ପୋଖରୀ ନିକଟରେ ରାସ୍ତା ପାର୍ଶ୍ୱରେ ଥିବା ଏହି ଶୁଖିଲା ଗଛ ଯଦି କୌଣସି ମୁହୂର୍ତ୍ତରେ ରାସ୍ତା ଉପରେ ଯାତାୟତ କରୁଥିବା କେଉଁ ଗାଡି କିମ୍ବା ଜନସାଧାରଣଙ୍କ ଉପରେ ପଡି କୌଣସି ଧନଜୀବନ କ୍ଷୟକ୍ଷତି ହୁଏ ସେଥିପାଇଁ ଦାୟୀ କିଏ ରହିବ ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ କରାଯାଇଛି। ଆଗାମୀ ଦିନରେ ବର୍ଷା ଋତୁ ଆରମ୍ଭ ହେଉଥିବାରୁ ବର୍ଷା ସମୟରେ ପବନ ପ୍ରବାହିତ ହୋଇ ଉକ୍ତ ଗଛ ପଡି ଧନଜୀବନ କ୍ଷୟକ୍ଷତି ହେବାର ସମ୍ଭାବନା ରହିଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଯଥାଶୀଘ୍ର ଉକ୍ତ ଶୁଖିଲା ଗଛକୁ କାଟିଦେବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

# ଯାଦବ ମହାସଭା ପକ୍ଷରୁ ଲଉଡ଼ି ଗୁରୁ ସମ୍ମାନିତ



କନ୍ଦରପୁର,୧୨।୬(ସମିସ): ୪୨ମୌଜା ଯାଦବ ମହାସଭା ପକ୍ଷରୁ କଟକ ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସାଲଗାଁ ନେଳିଆ ନିବାସୀ ଲଉଡି ମାଷ୍ଟର କବୀର ଚନ୍ଦ୍ର ବେହେରାଙ୍କୁ କଳା ସଂସ୍କୃତି ଲଉଡି ନୃତ୍ୟର ପ୍ରଚାର ପ୍ରସାର ନିମନ୍ତେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ "ଆଦର୍ଶ ଲଉଡି ଗୁରୁ' ସମ୍ମାନରେ ସମ୍ମାନିତ କରାଯାଇଛି। ୪୨ମୌଜା ଯାଦବ ମହାସଭାର ପ୍ରତିଷ୍ଠାତା ତଥା ଉତ୍କଳ ଯାଦବ ମହାସଭାର କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ବେହେରା ଏବଂ ଅଖିଳ ଭାରତ ବର୍ଷୀୟ ଯାଦବ ମହାସଭାର ରାଷ୍ଟ୍ରୀୟ ଯୁବ ଅଧ୍ୟକ୍ଷ ଇ.ପ୍ରଦୀପ କୁମାର ବେହେରା ତାଙ୍କ ମାନପତ୍ରରେ ମଞ୍ଜୁର ପ୍ରଦାନ କରିଛନ୍ତି। ୪୨ମୌଜା ଶ୍ରୀକୃଷ୍ଣବିହାର ସ୍ଥିତ ଯଶୋଦା ଗାର୍ଡେନ ଠାରେ ଅଖିଳ ଭାରତ ବର୍ଷୀୟ ଯାଦବ ମହାସଭାର ରାଷ୍ଟ୍ରୀୟ ଯୁବ ଅଧ୍ୟକ୍ଷ ଇ.ପ୍ରଦୀପ କୁମାର ବେହେରାଙ୍କ ଉପସ୍ଥିତିରେ କବୀର ବେହେରାଙ୍କୁ ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍କଳ ଯାଦବ ମହାସଭାର ସାଧାରଣ ସଂପାଦକ ସମରଜିତ୍ ବେହେରା, ନନ୍ଦଲାଲ୍ ସିଂ, ପ୍ରସାଦ ଦାସ, ସମ୍ପାଦକ ସୁବୋଧ ବେହେରା, କଟକ ଜିଲ୍ଲା ଯାଦବ ମହାସଭା ସଭାପତି ସମର ବେହେରା, ଉପସଭାପତି ଆର୍ତ୍ତତ୍ରାଣ ବେହେରା, କାର୍ଯ୍ୟକାରୀ ସଭାପତି ତରୁଣ ବେହେରା, ସାଧାରଣ ସମ୍ପାଦକ ତୀର୍ଥବାସୀ ବେହେରା, ଯୁବ ସମ୍ପାଦକ ପ୍ରୀତିରଞ୍ଜନ କାଠୁଆ, ନିଆଳି ସଭାପତି ଗୋପାଳ ଚନ୍ଦ୍ର ବେହେରା, ସାଲେପୁର ସଭାପତି ଅନନ୍ତ ଗୋପାଳ ଦାସ, କଟକ ସଦର ସଭାପତି ବିନୋଦ ବେହେରା, ୪୨ ମୌଜା ସଭାପତି ସାମ୍ବାଦିକ ବୁଲେଇ ବେହେରା, ସମ୍ପାଦକ ପ୍ରସନ୍ନ କୁମାର ବେହେରା, କୋଷାଧ୍ୟକ୍ଷ ମନୋରଞ୍ଜନ ବେହେରା, ଆନନ୍ଦ ବେହେରା, ସାଗର ବେହେରା, ହୃଦାନନ୍ଦ ବେହେରା, କେଦାର କୃଷ୍ଣ ବେହେରା ଓ ଆଶିଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଅର୍ଥ ଲଗାଣକାରୀ ସଂସ୍ଥାର ସୁରକ୍ଷା ଢିଲା

କଟକ, ୧୨।୬(ସମିସ)

● ନୋଟିସ୍ ଜାରି କଲା କମିଶନରେଟ୍ ପୁଲିସ
● ସିସି କ୍ୟାମେରା, ସୁରକ୍ଷାକର୍ମୀ ଓ ଆଲାରାମ୍ ବ୍ୟବସ୍ଥା ଉପରେ ଗୁରୁତ୍ୱ




ସହରରେ ବିଭିନ୍ନ ଅର୍ଥ ଲଗାଣକାରୀ ସଂସ୍ଥା ତଥା ବ୍ୟାଙ୍କ୍ ଗୁଡ଼ିକର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ନିମନ୍ତେ କମିଶନରେଟ୍ ପୁଲିସ ପୁଣି ଥରେ ନୋଟିସ୍ ଜାରି କରିଛି। ଉଭୟ ପୁଲିସ ୱେବସାଇଟ୍‌ରେ ଏହି ନିର୍ଦ୍ଦେଶନାମା ଅପଲୋଡ କରାଯାଇଥିବା ବେଳେ ସମସ୍ତ ବ୍ୟାଙ୍କ୍ ଓ ଅର୍ଥଲଗାଣକାରୀ ସଂସ୍ଥାକୁ ନୋଟିସ୍ ଦିଆଯାଇଛି। ସମୁଦାୟ ୧୩୮ଟି ବ୍ୟାଙ୍କ୍ ଓ ବେସରକାରୀ ଅର୍ଥଲଗାଣକାରୀ ସଂସ୍ଥାର ସିସିଟିଭି କ୍ୟାମେରା, ସୁରକ୍ଷାକର୍ମୀ ଓ ଆଲାରାମ୍ ବ୍ୟବସ୍ଥାକୁ ଯାଞ୍ଚ କରି ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ଯଦି କୌଣସି ଅର୍ଥଲଗାଣକାରୀ ସଂସ୍ଥାର ସୁରକ୍ଷା ନିମନ୍ତେ ଏସବୁ ବ୍ୟବସ୍ଥା ନଥାଏ, ତେବେ ତାହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟାଙ୍କ୍ ଏବଂ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାରେ ଦୈନିକ ଲକ୍ଷାଧିକ ଟଙ୍କାର କାରବାର ହେଉଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବା ଜରୁରୀ। ବିଭିନ୍ନ ସମୟରେ ଲୁଟ୍ ଏବଂ ଡକାୟତି ହେବାର ସମ୍ଭାବନା ରହୁଥିବାରୁ କମିଶନରେଟ୍ ପୁଲିସ ଏଥିପ୍ରତି ସଜାଗ ରହିଥିବା ଡିସିପି ଶ୍ରୀ ଦ୍ୟାନ୍‌ଦେଓ ପ୍ରକାଶ କରିଛନ୍ତି।

ପ୍ରାପ୍ତ ସୂଚନା ଅନୁସାରେ, ସରକାରୀ, ଘରୋଇକରଣ ବ୍ୟାଙ୍କ୍ ଓ ବିଭିନ୍ନ ଅର୍ଥଲଗାଣକାରୀ ସଂସ୍ଥାର ସୁରକ୍ଷା ବ୍ୟବସ୍ଥା ନେଇ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶାବଳୀ ରହିଛି। ମାତ୍ର ଅଧିକାଂଶ ସଂସ୍ଥାରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଏପର୍ଯ୍ୟନ୍ତ ଗ୍ରହଣ କରାଯାଇ ନାହିଁ। ଏପରିକି ତାହାର ଯାଞ୍ଚ ମଧ୍ୟ କରାଯାଉନାହିଁ। ଫଳସ୍ୱରୂପ ଅପରାଧୀମାନେ ଏହାର ସୁଯୋଗ ନେଉଛନ୍ତି। ଗତ କିଛିଦିନ ମଧ୍ୟରେ ଏକାଧିକ ଅର୍ଥଲଗାଣକାରୀ ସଂସ୍ଥାରୁ ଲୁଟ୍, ଠକେଇ ଓ ହେରଫେର ହୋଇଥିବା ନେଇ ଅଭିଯୋଗ ଗୁଡ଼ିକ ଆସିଛି। ଅନ୍ୟପକ୍ଷେ ଏପରି କିଛି ସଂସ୍ଥାର ବହୁ ଗ୍ରାହକ ମଧ୍ୟ ଶୋଷଣର ଶିକାର ହେଉଛନ୍ତି। ଅର୍ଥଲଗାଣକାରୀ ସଂସ୍ଥା ଉପରେ ଉଚ୍ଚ କର୍ତ୍ତୃପକ୍ଷଙ୍କ କର୍ତ୍ତୃତ୍ୱ ରହୁ ନଥିବାରୁ ଜନସାଧାରଣଙ୍କ କ୍ଷତି ଘଟୁଛି। ୨୦୧୮ରେ କଟକ ସହରରେ ଥିବା ୧୩୮ଟି ବ୍ୟାଙ୍କ ଓ ଅର୍ଥଲଗାଣକାରୀ ସଂସ୍ଥାରେ ସିସି କ୍ୟାମେରା, ସୁରକ୍ଷାକର୍ମୀ ଓ ଆଲାରାମ୍ ବ୍ୟବସ୍ଥା ଠିକ୍ ନଥିବା ଯାଞ୍ଚ ବେଳେ ଜଣାପଡ଼ିଥିଲା। ଚିହ୍ନଟ ହୋଇଥିବା ଏହି ସବୁ ସଂସ୍ଥାରେ ସୁରକ୍ଷା ବ୍ୟବସ୍ଥା ସଜାଡିବାକୁ କମିଶନରେଟ୍ ପୁଲିସ ପକ୍ଷରୁ ସଂସ୍ଥାର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ଭିତରେ ୬ ବର୍ଷ ବିତିଯାଇଥିଲେ ମଧ୍ୟ ଅନେକ ସ୍ଥାନରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ନାହିଁ। ଏପରିକି କେଉଁ କେଉଁ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ସେଥିନେଇ ପୁଲିସ ପାଖରେ କୌଣସି ସ୍ପଷ୍ଟ ସୂଚନା ନାହିଁ। କଟକ ସହର ଓ ଉପକଣ୍ଠରେ ଏବେ ଏକାଧିକ ଅର୍ଥ ପ୍ରଦାନକାରୀ ସଂସ୍ଥା ଖୋଲିଛି। ବିଶେଷକରି ସୁନା ଋଣ ପ୍ରଦାନକାରୀ ସଂସ୍ଥା ଗୁଡିକ ଲୋକଙ୍କ ସୁନା ବନ୍ଧକ ରଖି ଟଙ୍କା ଦେଉଛନ୍ତି। କୋଟି କୋଟି ଟଙ୍କାର କାରବାର ହେଉଥିବା ବେଳେ ଏସବୁ ସଂସ୍ଥାରେ କୌଣସି ସୁରକ୍ଷା ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯାଉ ନାହିଁ। ସଂସ୍ଥା ଗୁଡିକ ପରିଚାଳନା ପାଇଁ ରହିଥିବା ଗାଇଡଲାଇନକୁ ମଧ୍ୟ କର୍ତ୍ତୃପକ୍ଷ ପାଳନ କରୁନାହାନ୍ତି। ଅଧିକାଂଶ ସଂସ୍ଥାରେ ଅଭିଜ୍ଞ ସୁରକ୍ଷା କର୍ମଚାରୀ କିମ୍ବା ଉନ୍ନତମାନର ସିସି କ୍ୟାମେରା ବ୍ୟବସ୍ଥା ନାହିଁ। ପୂର୍ବରୁ ବ୍ୟାଙ୍କରେ ସୁରକ୍ଷା ବ୍ୟବସ୍ଥା କଡାକଡି କରିବା ଉପରେ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଏସଓପି ଜାରି ହୋଇଥିଲା। ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ନଥିବା ବ୍ୟାଙ୍କ ଗୁଡିକରେ ଯଥାଶୀଘ୍ର ଉଚ୍ଚ କ୍ଷମତାଯୁକ୍ତ ସିସିଟିଭି, ଆଲାରମ ଓ ସୁରକ୍ଷା କର୍ମୀ ମୁତୟନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏ ନେଇ କଟକ ପୁଲିସ ପକ୍ଷରୁ ପ୍ରତ୍ୟେକ ବ୍ୟାଙ୍କ ଓ ଘରୋଇ ସଂସ୍ଥାକୁ ଚିଠି ହୋଇଥିଲା। ନିୟମିତ ବ୍ୟବଧାନରେ ନିକଟସ୍ଥ ଥାନା ପୁଲିସ ବ୍ୟାଙ୍କକୁ ଯାଇ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିବା ସହିତ ମକ୍‌ଡ୍ରିଲ କରିବାକୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଆଜି ଡିସିପି ଶ୍ରୀ ଦ୍ୟାନ୍‌ଦେଓ ଏସବୁ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ବ୍ୟାଙ୍କ୍ ଏବଂ ବିଭିନ୍ନ ଅର୍ଥଲଗାଣକାରୀ ସଂସ୍ଥାକୁ ନୋଟିସ୍ ଜାରି କରିଛନ୍ତି।

## ଶାଗୁଆନ କାଠ ଜବତ; ୩ ଅଟକ



ନିଶ୍ଚିନ୍ତକୋଇଲି, ୧୨।୬(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ସୁରେଶ୍ୱରସ୍ଥିତ ସୁଭଦ୍ରା ମହତାବ ମହାବିଦ୍ୟାଳୟ ପରିସରରେ ବନ ବିଭାଗ ପକ୍ଷରୁ କଟାଯାଇଥିବା ଦୁଇଟି ଶାଗୁଆନ ଗଛର କାଠକୁ ଜବତ କରାଯିବା ସହ ଏହି ଗଛକୁ କାଟିଥିବା ତିନିଜଣ କାଠୁରିଆଙ୍କୁ ଅଟକ ରଖାଯାଇ ପଚରା ଉଚରା କରାଯାଉଛି। କଲେଜର ନୂତନ ଶ୍ରେଣୀ ଗୃହ ନିର୍ମାଣ ଓ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରାଯିବା ପାଇଁ ଉକ୍ତ ଶାଗୁଆନ ଗଛ ପ୍ରତିବନ୍ଧକ ସାଜିଥିଲା। ବୁଧବାର ହଠାତ୍ ଦୁଇଟି ଶାଗୁଆନ ଗଛକୁ କଟାଯାଇ ନିର୍ମାଣ କାର୍ଯ୍ୟ କରାଯାଉଥିଲା। ପରେ ବନ ବିଭାଗ କର୍ମଚାରୀମାନେ ଶାଗୁଆନ ଗଛର ଗଡ଼କୁ ଜବତ କରିଛନ୍ତି। ଏହାସହିତ ଗଛ କାଟିଲି ଏବଂ ସେମାନେ ବ୍ୟବହାର କରୁଥିବା ଯନ୍ତ୍ରପାତିକୁ ମଧ୍ୟ ଜବତ କରିଥିଲେ। ତେବେ, କଲେଜରେ ଯେଉଁ କ୍ଷତି ହେଲା ସେଥିପାଇଁ ତଦନ୍ତ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ଜଳଦାନ କାର୍ଯ୍ୟକ୍ରମ

ନିଶ୍ଚିନ୍ତକୋଇଲି, ୧୨।୬(ସମିସ): ପବିତ୍ର ଜ୍ୟେଷ୍ଠ ପୂର୍ଣ୍ଣିମା ଅବସରରେ ନେମାଳସ୍ଥିତ ମହାପୁରୁଷ ଶ୍ରୀ ଅଚ୍ୟୁତାନନ୍ଦଙ୍କ ନିର୍ବିକଳ୍ପ ଶୂନ୍ୟ ସମାଧି ଦିବସ ଯାତ୍ରାରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ନେମାଳ ଶାଖା ଓ କେନ୍ଦ୍ରପାଟଣା ଶାଖା ମିଳିତ ଆନୁକୂଲ୍ୟରେ ଜଳଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଚୌଧୁରୀ ଅସ୍ମିନ୍ ଅନୁପମ ପ୍ରହରାଜଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମକୁ ହରେକୃଷ୍ଣ ପୃଷ୍ଟି ଉଦ୍‌ଘାଟନ କରିଥିଲେ।



କେନ୍ଦ୍ରପାଟଣା ଶାଖା ପରିଚାଳକ କ୍ଷିତିଶ ରଞ୍ଜନ ପଟ୍ଟନାୟକ, ନେମାଳ ଶାଖା ପରିଚାଳକ ପ୍ରଭାତ ରଞ୍ଜନ ରାଉଳଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ କର୍ମଚାରୀ ଭାସ୍କର ଭୂୟାଁ, ରାମଚନ୍ଦ୍ର ବେହେରା, ସୁରେଶ କୁମାର, ମାୟାଧର ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୁରାତନ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଛାତ୍ରୀଙ୍କୁ ସହାୟତା

ନିଶ୍ଚିନ୍ତକୋଇଲି, ୧୨।୬(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଜିଗିପୁର ବାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସନ୍ତୋଷ କୁମାର ରାଉତ ଓ ତାଙ୍କ ପତ୍ନୀ ଅନୁରାଧା ରାଉତଙ୍କ ଅକାଳ ବିୟୋଗରେ ତାଙ୍କର ଏକମାତ୍ର କନ୍ୟା କ୍ଷୀଣପ୍ରଭା ରାଉତ



ବାପ ମାଆ ଛେଉଣ୍ଡ ହୋଇଯାଇଛନ୍ତି। ବର୍ତ୍ତମାନ କ୍ଷୀଣପ୍ରଭା ମଧ୍ୟ ବାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ପୁରାତନ ଛାତ୍ର ପରିଷଦ ପକ୍ଷରୁ ତାଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ପରିଷଦର ସଭାପତି ଗୌତମ ଦାସଙ୍କ ସଂଯୋଜନାରେ ଏଥିରେ ମୁଖ୍ୟ ଉପଦେଷ୍ଟା ପଦ୍ମଚରଣ ଆଚାର୍ଯ୍ୟ, ନାରାୟଣ ଭାରତୀ, ପରିଷଦର ଉପସଭାପତି ଜ୍ୟୋତିରଞ୍ଜନ ସ୍ୱାଇଁ, ସହସମ୍ପାଦକ ମନୋଜ ଗଡାଇ, ଆଇନଜୀବୀ ରାମଚନ୍ଦ୍ର ଲେଙ୍କା, ଦୀପକ ପରିଡ଼ା, ବଳରାମ ବେହେରା, ମାନସ ରଞ୍ଜନ ବେହେରା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ୧୦ ହଜାର ଟଙ୍କା ବିଶିଷ୍ଟ ଏକ ପୋଷ୍ଟାଲ କିସାନ ବିକାଶ ପତ୍ର ବଣ୍ଡ ପ୍ରଦାନ କରିଛନ୍ତି।

● ଚତୁର୍ଥ ଗଦାଧରପୁର ପ୍ରିମିୟର ଲିଗ

## ବଜରଙ୍ଗୀ ଷ୍ଟାର ବିଜୟୀ



ତିଗିରିଆ, ୧୨।୬(ସମିସ): ତିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁର ପଞ୍ଚାୟତ ସ୍ଥିତ ଗଦାଧରପୁର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ଚତୁର୍ଥ ଗଦାଧରପୁର ପ୍ରିମିୟର ଲିଗର ଆଜିର ଫାଇନାଲ ମ୍ୟାଚରେ କପିଳେଶ୍ୱର ରକଷ୍ଟାରକୁ ୧୦ ରନରେ ପରାସ୍ତ କରି ବଜରଙ୍ଗୀ ଷ୍ଟାର ବିଜୟଲାଭ କରିଛି। ବଜରଙ୍ଗୀ ରକଷ୍ଟାର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮ଟି ୱିକେଟ ହରାଇ ୮୨ ରନ ସଂଗ୍ରହ କରିଥିଲେ। ଜବାବରେ କପିଳେଶ୍ୱର ରକଷ୍ଟାର ନିର୍ଦ୍ଧାରିତ ଓଭରରେ ୭ ୱିକେଟ ହରାଇ ୭୨ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ଆଜିର ମ୍ୟାଚରେ ଉନ୍ନତ ଖେଳ ପ୍ରଦର୍ଶନ ପାଇଁ ବଜରଙ୍ଗୀ ଷ୍ଟାରର ଅଧିନାୟକ ଲୋଟନ ନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଜିର ମ୍ୟାଚରେ ମୁଖ୍ୟଅତିଥି ଭାବେ ସମାଜସେବୀ ଭ୍ରମରବର ସ୍ୱାଇଁ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଜିର ଖେଳକୁ ବବୁଲ ରାଉତ ଓ ଦୁର୍ଗାଶଙ୍କର ରାଉତ ପରିଚାଳନା କରିଥିଲେ।

## ଆଠଗଡ଼ ରଜ ମହୋତ୍ସବ ପାଳନ ପାଇଁ ପ୍ରସ୍ତୁତି



ଆଠଗଡ଼, ୧୨।୬(ସମିସ): ଆଠଗଡ଼ ଟାଉନ କ୍ଲବ୍ ଆନୁକୂଲ୍ୟରେ ଚଳିତ ବର୍ଷ ଆଠଗଡ଼ ରଜ ମହୋତ୍ସବ -୨୦୨୫ ଟାଉନ କ୍ଲବ୍ ପରିସରରେ ଅନୁଷ୍ଠିତ ହେବାକୁ ଯାଉଛି। ଦୀର୍ଘ ଦିନ ଧରି ନିଷ୍କ୍ରିୟ ଥିବା ଆଠଗଡ଼ ଟାଉନ କ୍ଲବ୍‌ର ନୂତନ କର୍ମକର୍ତ୍ତା ମନୋନୟନ ପରେ ଏହା ପ୍ରଥମ କାର୍ଯ୍ୟକ୍ରମ ବୋଲି କ୍ଲବ୍ ପକ୍ଷରୁ କୁହାଯାଇଛି। ଏ ବାବଦରେ କ୍ଲବ୍ ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କ୍ଲବ୍‌ର ସଭାପତି ରାମ ନାରାୟଣ ମହାନ୍ତି, ସମ୍ପାଦକ ରଞ୍ଜନ କୁମାର ଦାସ ଏବଂ ସହ ସମ୍ପାଦକ ସୋମନାଥ ଭକ୍ତା ଏ ବାବଦରେ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି। ଓଡ଼ିଶାର ଗଣପର୍ବ ରଜ ଉପଲକ୍ଷେ ଆଗାମୀ ୧୪ ତାରିଖରେ ଆଠଗଡ଼ କଳାକେନ୍ଦ୍ର, ଆଠଗଡ଼ କଲଚରାଲ ଏକାଡେମୀ, ତିଗିରିଆ ପ୍ରସନ୍ନମଣି ନୃତ୍ୟ ମନ୍ଦିର, ଆଠଗଡ଼ ବଲିଉଡ୍ ଡ୍ୟାନ୍ସ ଗ୍ରୁପ ଏବଂ ଗୋପବନ୍ଧୁ ମହିଳା ମହାବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରଜର ଦ୍ୱିତୀୟ ସନ୍ଧ୍ୟା ୧୫ ତାରିଖରେ ଆଠଗଡ଼ ଓମକାର ଡ୍ୟାନ୍ସ ଏକାଡେମୀ, ତିଗିରିଆ ନୃତ୍ୟାଞ୍ଜଳୀ ଡ୍ୟାନ୍ସ ଗ୍ରୁପ, ଆଠଗଡ଼ ଏବିସିଡି ଡ୍ୟାନ୍ସ ଗ୍ରୁପ, ଆଠଗଡ଼ କଲଚରାଲ ଏକାଡେମୀ, ବଲିଉଡ ଡ୍ୟାନ୍ସ ସ୍କୁଲ, ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶେଷ ସନ୍ଧ୍ୟା ୧୬ ତାରିଖରେ ଆଠଗଡ଼ ଗୁରୁଦେବ ଅର୍କେଷ୍ଟ୍ରାର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର ରହିଛି। ଏହି ଉପଲକ୍ଷେ ଆୟୋଜିତ ରଜ କୁଇନ ପାଇଁ ତିନୋଟି ବିଭାଗ ସବ୍ ଜୁନିଅର, ଜୁନିୟର ଏବଂ ସିନିଅର ବିଭାଗରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ ଏବଂ ସମ୍ମାନିତ କରିବା ସହିତ ମହିଳାଙ୍କ ପାଇଁ ପାରମ୍ପରିକ ପିଠାପଣା, ହୁଳହୁଳି, ଶଙ୍ଖ ଏବଂ ଗୀତା ଆବୃତ୍ତି ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ସହିତ ସମ୍ମାନିତ କରାଯିବ ବୋଲି କୁହାଯାଇଛି।

## ଗରୁଡ଼ଗାଁ ବିଜେଡିର ସାଂଗଠନିକ ସମ୍ମିଳନୀ



ଟାଙ୍ଗୀ, ୧୨।୬(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ କାର୍ଯ୍ୟାଳୟଠାରେ ପଞ୍ଚାୟତ ବିଜେଡିର ସାଂଗଠନିକ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ସରପଞ୍ଚ ସୁବୋଧ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗ ଦେଇଥିଲେ। ସରକାରୀ ଯୋଜନାରୁ କେହି ବଞ୍ଚିତ ନ ହୁଅନ୍ତି ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ। ପଞ୍ଚାୟତ ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର କୁମାର ଜେଠୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିନିଧି ଜନ୍ମେଜୟ ଖିଲାର, ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରା, ପ୍ରାକ୍ତନ ସରପଞ୍ଚ ସୁବାସ ଚନ୍ଦ୍ର ବେଉରା, ସୁକାନ୍ତ ସାମଲ ଓ କରୁଣାକର ବେହେରା ପ୍ରମୁଖ କର୍ମୀଙ୍କୁ ସମ୍ବୋଧିତ କରିଥିଲେ। ପଞ୍ଚାୟତର ଆଗଧାଡିର ଶତାଧିକ ବିଜେଡ଼ି କର୍ମୀ ଅଂଶଗ୍ରହଣ କରିଥିଲେ। ନାଏବ ସରପଞ୍ଚ ମାନସ ଭଗତ ଧନ୍ୟବାଦ ଦେଇଥିଲେ।

## ଅଲେଖ ଟୁଙ୍ଗି ବାର୍ଷିକ ଉତ୍ସବ ପ୍ରସ୍ତୁତି



ଟାଙ୍ଗୀ, ୧୨।୬(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ କଉଡିଆପଡ଼ା ଗ୍ରାମରେ ଥିବା ମହିମା ଅଲେଖ ଟୁଙ୍ଗିର ବାର୍ଷିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହିମା ଧର୍ମର ବ୍ରହ୍ମ ଅବଧୂତ ଶୁକଦେବ ବାବା ଉକ୍ତ ବୈଠକରେ ଯୋଗଦେଇ ଆସନ୍ତା ରଜ ସଂକ୍ରାନ୍ତିରେ ଉକ୍ତ ଟୁଙ୍ଗିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ମହିମା ଧର୍ମର ବରିଷ୍ଠ ବ୍ରହ୍ମ ଅବଧୂତ ବାଞ୍ଛାନିଧି ବାବାଙ୍କ ସମେତ ଅନ୍ୟ ସାଧୁସନ୍ଥମାନେ ଯୋଗଦେବେ ଏବଂ ବିଭିନ୍ନ ଗ୍ରାମର ଭଜନ ମଣ୍ଡଳୀଙ୍କ ଦ୍ୱାରା ଭଜନ କୀର୍ତ୍ତନ କରାଯିବ ବୋଲି ସୂଚନା ଦେଇଥିଲେ। ଉକ୍ତ ବୈଠକରେ ଗ୍ରାମର ସମସ୍ତ ଗ୍ରାମବାସୀ ଯୋଗଦେଇଥିଲେ।

## ସୌନ୍ଦର୍ଯ୍ୟକରଣ ଓ ଉଜ୍ଜ୍ୱଳ ଆଲୋକ ପ୍ରକଳ୍ପ ଉଦ୍‌ଘାଟିତ





ନିଆଳି, ୧୨।୬(ସମିସ): ଦୀର୍ଘବର୍ଷ ହେବ ନିଆଳିରେ ଉଜ୍ଜଳ ଆଲୋକୀକରଣ ପାଇଁ ଦାବି ହୋଇଆସୁଥିବା ବେଳେ ନିଆଳି ବିଧାୟକ ଛବି ମଲ୍ଲିକଙ୍କ ନିଜସ୍ୱ ପାଣ୍ଠିରୁ ସୌନ୍ଦର୍ଯ୍ୟକରଣ ଓ ଉଜ୍ଜ୍ୱଳ ଆଲୋକୀକରଣ ପ୍ରକଳ୍ପରେ ଗୁରୁବାର ଏହି ପ୍ରକଳ୍ପର ଉଦ୍‌ଘାଟିତ ହୋଇଯାଇଛି। ୫୦ ଲକ୍ଷ ବ୍ୟୟରେ ମଝିଖଣ୍ଡ ଛକ, ବ୍ୟାଙ୍କ ଛକ, ମୁଖ୍ୟବଜାର, ମେଡିକାଲ୍ ଛକ, ପୁରୁଣାବ୍ଲକ ଛକରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିବା ବେଳେ ଅତିଥିଭାବେ ବିଧାୟକ ଛବି ମଲ୍ଲିକ ଆନୁଷ୍ଠାନିକ ଭାବେ ମେଡିକାଲ୍ ଛକଠାରେ ଥିବା ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପିର ରାଜ୍ୟ ମୁଖ୍ୟପାତ୍ର ରାଜେନ୍ଦ୍ର ପ୍ରସାଦ ପଣ୍ଡା, ବିଡିଓ ଧର୍ମରଞ୍ଜନ ପଣ୍ଡା, ବିଜେପିର କଟକ ଜିଲ୍ଲାସଭାପତି ସୁକାନ୍ତ ବିଶ୍ୱାଳ, ସାଂସଦଙ୍କ ପ୍ରତିନିଧି ଜ୍ୟୋତିରଞ୍ଜନ ମହାନ୍ତି, ବିଜେପି ନେତା ଶଶୀକାନ୍ତ ଲେଙ୍କା, ତ୍ରିଲୋଚନ ବେହେରା, ଗଣେଶ୍ୱର ମିଶ୍ର, ସନ୍ତୋଷ ବିଶ୍ୱାଳ, ପତିତପାବନ ବାରିକ, ବୈରାଗୀ ଦାସ, ପ୍ରଶାନ୍ତ ସିଂହଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ।

## ଶିକ୍ଷାବିତଙ୍କ ସ୍ମୃତିଚାରଣ ସଭା



ଭଦ୍ରେଶ୍ୱର, ୧୨।୬(ସମିସ): ମାହାଙ୍ଗା ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ କଳାକାର ଓ ସମାଜ ସଂସ୍କାରକ ବିଭୂତି ଭୂଷଣ ଚାଟାର୍ଜୀଙ୍କ ନବମ ସ୍ମୃତି ଉତ୍ସବ ସ୍ଥାନୀୟ ମାହେଶ୍ୱରୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଡ. ଭୁବନାନନ୍ଦ ସାହୁ ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ ଡ. ପୂର୍ଣ୍ଣଚନ୍ଦ୍ର ଓଝା, ମୁଖ୍ୟବକ୍ତା ଭାବେ ଅଧ୍ୟାପକ କ୍ଷିତିଶ ଭୂୟାଁଙ୍କ ସହ ଡ. ଏକାଦଶୀ ପ୍ରଧାନ, ନାଟ୍ୟକାର ଭାବଗ୍ରାହୀ ଦାସ, ଗାଳ୍ପିକା ସୁଷମା ବାରିକ, ବିଜୟ କୁଅଁର ପ୍ରମୁଖ ସ୍ୱର୍ଗତ ଚାଟାର୍ଜୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଉତ୍ସବରେ ଅନୁଷ୍ଠାନ ତରଫରୁ କୃତୀ ଶିକ୍ଷକ ଅତୁଲ କୁମାର ସିହ୍ନାଙ୍କୁ ଶିକ୍ଷା ସମ୍ମାନ, ସମାଜସେବୀ ଯୋଗେଶ କୁଅଁରଙ୍କୁ ସେବା ସମ୍ମାନ, ଗୟା ପ୍ରସାଦ ଲାଲଙ୍କୁ କଳା ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଭାବେ ଗତବର୍ଷ ମାଟ୍ରିକ ପରୀକ୍ଷାରେ ମାହାଙ୍ଗା ବ୍ଲକରେ ଯୁଗ୍ମ ଭାବେ ସର୍ବୋଚ୍ଚ ନମ୍ବର ରଖିଥିବା ଲଳିତଗିରି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅଙ୍କିତା ତ୍ରିପାଠୀ ଓ ଭେଡା ଚୌଧୁରୀ ରାଧାନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ହଂସିକା ଲେଙ୍କାଙ୍କୁ ନଗଦ ଅର୍ଥ ରାଶି, ପ୍ରଶଂସା ପତ୍ର ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ସମ୍ପାଦକ ଭୂପେନ ଚାଟାର୍ଜୀ ବିବରଣୀ ପାଠ କରିଥିଲା ବେଳେ ସଭ୍ୟ ସୁକାନ୍ତ ପ୍ରସାଦ ନନ୍ଦ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ସୁଟୁ ଘୋଷ, ଅଶୋକ ପରିଡ଼ା, ରବି ସିହ୍ନା, ରାଧାନାଥ ଭୋଇ, ବିଦ୍ୟାଧର ଖଟୁଆ, ଡାକ୍ତର ଦେବୀ ପ୍ରସାଦ ଚାଟାର୍ଜୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରିଥିଲେ। ସଦସ୍ୟ ରାମଚନ୍ଦ୍ର ପରିଡ଼ା ଧନ୍ୟବାଦ ଦେଇଥିଲେ।

## ସ୍ନାନ ପୂର୍ଣ୍ଣିମାରେ ଦଧିବାମନଜୀଉଙ୍କ ଗଜାନନ ବେଶ



ନିଶ୍ଚିନ୍ତକୋଇଲି, ୧୨।୬(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଞ୍ଚାୟତ କୋଇଲ ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କୁ ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ ମହାସ୍ନାନ କରାଯିବା ସହ ଗଜାନନ ବେଶ କରାଯାଇଥିଲା। ପ୍ରତ୍ୟୁଷରୁ ମଙ୍ଗଳାର୍ପଣ ପରେ ପବିତ୍ର ଚିତ୍ରୋତ୍ପଳା ଓ ଲୁଣା ନଦୀର ସଂଗମସ୍ଥଳ ବରପଡ଼ାଠାରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ କଳସୀରେ ସେବାୟତମାନେ ଜଳ ଆଣିଥିଲେ। ପରିଚ୍ଛା ସେବକ ସୁବାସଚନ୍ଦ୍ର ମିଶ୍ର ଛେରାପହରା ନୀତି ସମ୍ପନ୍ନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବହୁ ଶ୍ରଦ୍ଧାଳୁ ପରିଚାଳନା କମିଟି ସଦସ୍ୟ ପ୍ରାଧ୍ୟାପକ ଦେବେନ୍ଦ୍ର ଖୁଣ୍ଟିଆଙ୍କ ସଂଯୋଜନାରେ ପୁରୋହିତ ଯତୀନ୍ଦ୍ର ମିଶ୍ର, ବିଜୟ ମିଶ୍ର, କାର୍ତ୍ତିକଚନ୍ଦ୍ର ପଣ୍ଡାଙ୍କ ସମେତ ସମସ୍ତ ସେବାୟତ ଓ ନାଜିମନ୍ତ ଓ ସ୍ଥାନୀୟ ଯୁବଗୋଷ୍ଠୀ ପରିଚାଳନା କରିଥିଲେ।

## ମଦ ପ୍ରସ୍ତୁତି ସରଞ୍ଜାମ ସହ ବିପୁଳ ନିଶାଦ୍ରବ୍ୟ ଜବତ

କଟକ, ୧୨।୬(ସମିସ)



ନକଲି ବିଦେଶୀ ମଦ କାରବାର ଘଟଣାରେ ଅବକାରୀ ଗୁଇନ୍ଦା ବିଭାଗକୁ ସଫଳତା ମିଳିଛି। ନୟାଗଡ଼ ଜିଲ୍ଲାର ଏକ ଜଙ୍ଗଲିଆ ସ୍ଥାନରେ ଚାଲିଥିବା ମଦ ଫ୍ୟାକ୍ଟ୍ରିରେ ଚଢଉ କରି ସମ୍ପୃକ୍ତ ନିଶା ମାଫିଆକୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣକ ହେଉଛି ନୟାଗଡ଼ ଜିଲ୍ଲା ରଣପୁର ଥାନା ଅନ୍ତର୍ଗତ ଲତରା ଗାଁର ପୂର୍ଣ୍ଣଚନ୍ଦ୍ର ରାୟ(୩୫)। ତା' ପାଖରୁ ପ୍ରାୟ ୬ ଲକ୍ଷ ଟଙ୍କାର ଅପମିଶ୍ରିତ ବିଦେଶ ମଦ ଓ ପ୍ରସ୍ତୁତ ସାମଗ୍ରୀ ଜବତ ହୋଇଛି।

ସୂଚନା ଅନୁସାରେ, ଗଲା କିଛି ଦିନ ତଳେ ଅବକାରୀ ଗୁଇନ୍ଦା ବିଭାଗ ଜଣେ ଚୋରା ମଦ ବେପାରୀକୁ ଗିରଫ କରିଥିଲା। କଟକ ଜିଲ୍ଲାର ନରସିଂହପୁର ଅଞ୍ଚଳକୁ ସେ ମଦ ନେଇ ଆସୁଥିଲା ବେଳେ ଧରାପଡ଼ିଥିଲା। ତେବେ ତା ପାଖରୁ ଜବତ ହୋଇଥିବା ବିଦେଶୀ ମଦର ମାନ ଯାଞ୍ଚ ପରେ ତାହା ନକଲି ଥିବା ଜଣାପଡ଼ିଲା। ନିର୍ଦ୍ଦିଷ୍ଟ ଏକ ବ୍ରାଣ୍ଡର ଜବତ ମଦ ବୋତଲରେ ଲାଗିଥିବା ଠିପି, ଲେବଲ ଓ ଷ୍ଟିକର ନକଲି ଥିବା ଜଣାପଡ଼ିଲା। ପଚରାଉଚରା ପରେ ଉକ୍ତ ମଦକୁ ସେ ନୟାଗଡ଼ର ଜଣେ ବେପାରୀ ପାଖରୁ ଆଣିଥିବା କହିଲା। ଏହାପରଠୁ ଗୁଇନ୍ଦା ବିଭାଗ ନକଲି ମଦ ବେପାରୀକୁ ଧରିବା ଲାଗି ସନ୍ଧାନ ଜାରି ରଖିଥିଲା। ଏହା ଭିତରେ ସୂଚନା ମିଳିଲାକି, ନୟାଗଡ଼ ରଣପୁରର ଏକ ଜଙ୍ଗଲିଆ ସ୍ଥାନରେ ମଦ ଫ୍ୟାକ୍ଟ୍ରି ଚାଲୁଛି। ପରେ ଅବକାରୀ ଗୁଇନ୍ଦା ଅଧିକ୍ଷକ ବିକାଶ ନାୟକଙ୍କ ନିର୍ଦ୍ଦେଶରେ ଏକ ଟିମ ସତର୍କତାର ସହ ଗୁରୁବାର ସେଠାରେ ଚଢଉ କରିଥିଲା। ଏହି ସମୟରେ ଉକ୍ତ ଫ୍ୟାକ୍ଟ୍ରିରୁ ୧୯.୮୦୦ ଲିଟର ନକଲି ବିଦେଶୀ ମଦ ଜବତ ହୋଇଛି। ତତସହିତ ମଦ ପ୍ରସ୍ତୁତିରେ ବ୍ୟବହୃତ ୨୯୦ ଲିଟର ସ୍ପିରିଟ, ବିଭିନ୍ନ ବିଦେଶୀ ବ୍ରାଣ୍ଡ ମଦର ୩୮୮୮ଟି ଷ୍ଟିକର, ୭୬୮୦ଟି ଲେବଲ, ୧୦୫୦୦ଟି ବୋତଲ କ୍ୟାପ ବା ଠିପି ଜବତ ହୋଇଥିଲା। ସେହିପରି ୨୦୦ ଏମଏଲ କାରାମେଲ ବା ରଙ୍ଗ, ୫୦୦ ଏମଏଲ ସୁଗନ୍ଧ, ବୋତଲ ପ୍ୟାକିଂ ମେସିନ ସମେତ ୧୮୦ ଏମଏଲ ମଦ ପ୍ୟାକିଂ ପାଇଁ ୫ ହଜାର ଖାଲି ବୋତଲ ମଧ୍ୟ ଜବତ ହୋଇଛି। ଏହି ସବୁ ସାମଗ୍ରୀର ଆନୁମାନିକ ମୂଲ୍ୟ ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଅଭିଯୁକ୍ତ ଗଲା ଦୁଇ ମାସ ହେବ ସେଠାରେ ମଦ ଫ୍ୟାକ୍ଟ୍ରି ଚଳାଇଥିଲା। ଧରାପଡ଼ିଯିବା ଭୟରେ ନିଜ ଘରେ ଅଧିକାଂଶ ସରଞ୍ଜାମ ଗଚ୍ଛିତ ରଖୁଥିଲା। ସେଠାରେ ଅପମିଶ୍ରିତ ମଦ ପ୍ରସ୍ତୁତ ପରେ ତାହାକୁ ନୟାଗଡ଼, ଖୋର୍ଦ୍ଧା, କଟକର ବିଭିନ୍ନ ଗ୍ରାମାଞ୍ଚଳ ଅଞ୍ଚଳରେ ବିକ୍ରି କରୁଥିଲା। ବିଶେଷକରି ଢାବା ଓ ହୋଟେଲ କର୍ମଚାରୀମାନେ ତା'ଠାରୁ ନକଲି ମଦ କିଣୁଥିବା ତଦନ୍ତରୁ ଜଣାପଡ଼ିଛି।

## ବଡମ୍ବା ରାଜବାଟୀ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା

ବଡମ୍ବା, ୧୨।୬(ସମିସ): ବଡମ୍ବା ରାଜବାଟୀ ଜଗନ୍ନାଥ ମନ୍ଦିରରେ ପାଳିତ ହୋଇଯାଇଛି ମହାପ୍ରଭୁଙ୍କର ପ୍ରସିଦ୍ଧ ଦେବସ୍ନାନ ପୂର୍ଣ୍ଣିମା ଉତ୍ସବ। ଗଡ଼ଜାତର ବହୁ ପୁରାତନ ଏହି ଜଗନ୍ନାଥ ମନ୍ଦିର। ଏଠାରେ ପୁରୀ ଜଗନ୍ନାଥ ମନ୍ଦିର ଭଳି ବାର ମାସରେ ତେରପର୍ବ ପାଳିତ ହୋଇଥାଏ। ଆଗକୁ ଶ୍ରୀଗୁଣ୍ଡିଚା ରଥ ଯାତ୍ରା ଆଉ ଅଳ୍ପ ଦିନ ବାକି ରହିଥିବା ବେଳେ ବଡମ୍ବା ଦେବୋତ୍ତର ବିଭାଗ ପକ୍ଷରୁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି ଚଳିତବର୍ଷ ରଥ ପାଇଁ କିଛି ନୂଆ କାଠର ବ୍ୟବସ୍ଥା କରାଯାଇଛି। ଦେବସ୍ନାନ ପୂର୍ଣ୍ଣିମାରେ ଦିନ ୧ଟାରୁ ମହାପ୍ରଭୁଙ୍କୁ ମନ୍ଦିର ଭିତରୁ ସ୍ନାନ ମଣ୍ଡପକୁ ପହଣ୍ଡି କରାଯାଇଥିଲା। ମଙ୍ଗଳ ଆଳତି କରାଯାଇ ମନ୍ଦିର ଭିତରେ ଥିବା କୂଅରୁ ୫୪ ଗରା ପାଣି ଅଣାଯାଇ ମହାପ୍ରଭୁଙ୍କୁ ମହାସ୍ନାନ କରାଗଲା। ଏହାପରେ ଖେଚୁଡ଼ି ଧୂପ କରାଯାଇ ଥିଲା। ସନ୍ଧ୍ୟାରେ ଭକ୍ତଙ୍କୁ ଗଜାନନ ବେଶରେ ଦର୍ଶନ ଦେଇଥିଲେ ମହାପ୍ରଭୁ। ଏହି ଦେବସ୍ନାନ ପୂର୍ଣ୍ଣିମାରେ ସନ୍ଧ୍ୟା ସମୟରେ ସ୍ଥାନୀୟ କୁନି କୁନି କଳାକାରଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ ସମାରୋହକୁ ଲୋକେ ଉପଭୋଗ କରିଥିଲେ।



# ଆରମ୍ଭ ହେଲା ମହାପ୍ରଭୁଙ୍କ ଗୁପ୍ତ ସେବା

## ଅଣସର ପିଣ୍ଡିରେ ଉପଚାର ବିଧି

ପୁରୀ, ୧୨।୬ (ସମିସ): ସ୍ନାନବେଦୀରେ ୧୦୮ ଗଡ଼ୁ ଜଳରେ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ପିଣ୍ଡିରେ ଚାଲିଛି ଗୁପ୍ତ ସେବା। ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଚତୁର୍ଦ୍ଧାବିଗ୍ରହଙ୍କ ସେବାରେ ଲାଗିଛନ୍ତି। ମଧ୍ୟାହ୍ନ ଧୂପ ସରିବା ପରେ ମହାପ୍ରଭୁଙ୍କଠାରେ ଚକଟା ଭୋଗ ଓ ପଣାଭୋଗ କରାଯାଇଥିଲା।

ଦାରୁବିଗ୍ରହଙ୍କ ଅଣସର ପିଣ୍ଡିରେ ଯେଉଁ ଉପଚାର କରାଯାଏ ସେହି ବିଧି ଅନୁଯାୟୀ, ଆଷାଢ଼ କୃଷ୍ଣ ତୃତୀୟାରେ ଠାକୁରଙ୍କ ଓଦା ବସ୍ତ୍ର ଖୋଲାଯାଏ। ଚତୁର୍ଥୀରେ ବର୍ଷସାରା ଲାଗିଥିବା ଚନ୍ଦନ ଏବଂ ବସ୍ତ୍ର ଫିଟା (ଶ୍ରୀଅଙ୍ଗ ଫିଟା) ନୀତି ସମ୍ପନ୍ନ ହୁଏ। ପଞ୍ଚମୀରେ ଓଡ଼ିଆ ମଠ ଏବଂ ମନ୍ଦିର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିବା ଫୁଲୁରି ତେଲ ଠାକୁରଙ୍କୁ ଲାଗି କରାଯାଏ। ଷଷ୍ଠୀରୁ ନବମୀ ପର୍ଯ୍ୟନ୍ତ ଠାକୁରଙ୍କୁ ଓଷୁଅ ଲାଗି କରାଯାଇଥାଏ। ଝୁଣା ଓ ରାଶି ତେଲରେ ଏହା ପ୍ରସ୍ତୁତ ହୋଇଥାଏ। ଦଶମୀରେ ଶ୍ରୀବିଗ୍ରହଙ୍କ ଚକାବିଜେ ନୀତି ଅନୁଷ୍ଠିତ ହୁଏ। ତିନିଟି ମୁଗୁନି ପଥରରେ ଚକା ଅଣସର ପିଣ୍ଡିରେ ରଖାଯାଇ ଠାକୁରଙ୍କୁ ଏହା ଉପରକୁ ଦଇତାପତି ସେବକମାନେ ବିଜେ କରାଇଥା'ନ୍ତି। ଚକାବିଜେ ପରେ କସ୍ତୁରୀ ଓ କୁଙ୍କୁମର ଏକ ସ୍ୱତନ୍ତ୍ର ଲେପ ଦିଆଯାଏ। ଏହି ଦିନ ଚତୁର୍ଦ୍ଧାବିଗ୍ରହ ସାମାନ୍ୟ ସୁସ୍ଥ ଅନୁଭବ କରନ୍ତି। ଏକାଦଶୀ ତିଥିରେ ଖଳି ପ୍ରସାଦ ଲାଗି ହୋଇଥାଏ। ଅଣସର ଘରେ ପ୍ରବେଶ କରିବାଠାରୁ ଏକାଦଶୀ ପର୍ଯ୍ୟନ୍ତ ଶୁକ୍ଳବସ୍ତ୍ର, ଧଳାଫୁଲ ଏବଂ ବିନା ତୁଳସୀରେ ଠାକୁରଙ୍କ ବେଶ ହୋଇଥାଏ ଏବଂ ଭୋଗ ଲାଗି ହୁଏ। ଏକାଦଶୀରେ ଦାରୁଦିଅଁଙ୍କ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରାଯାଏ। ରାଜବୈଦ୍ୟଙ୍କ ଘରୁ ଦଶମୀ ଦିନ ଆସିଥିବା ଦଶମୂଳ ମୋଦକ




ପତିମହାପାତ୍ର ଲାଗି କରିଥା'ନ୍ତି। ଏହି ଦିନ ଗୀତଗୋବିନ୍ଦ ଖଣ୍ଡୁଆ, ତୁଳସୀ, ବିଭିନ୍ନ ପୁଷ୍ପ ଗୁଣା, ଝୁମ୍ପା, କରପଲ୍ଲବ, ହୃଦ ପଦକ ଆଦି ପରିଧାନ କରନ୍ତି। ଦଶମୂଳ ମୋଦକ ସେବନ କରିବା ପରେ ସୁସ୍ଥ ହୁଅନ୍ତି ମହାପ୍ରଭୁ। ଦ୍ୱାଦଶୀରେ ରାଜପ୍ରାସାଦ ବିଜେ ଏବଂ ଠାକୁରଙ୍କ ସପ୍ତାବରଣ କାର୍ଯ୍ୟ ଆରମ୍ଭ କରାଯାଏ। ତ୍ରୟୋଦଶୀ ଦିନ ଘଣାଲାଗି ନୀତି ଅନୁଷ୍ଠିତ ହୁଏ। ଏହି ଘଣାଲାଗିରେ ଶ୍ରୀବିଗ୍ରହଙ୍କଠାରେ ପାଟଡୋରି ଖଡ଼ି ପ୍ରସାଦ ଓ ଖଳି ପ୍ରସାଦ ଲାଗି କରାଯାଏ। ପରେ ମହାପ୍ରଭୁଙ୍କ ବନକଲାଗି କରାଯାଏ। ଚତୁର୍ଦ୍ଦଶୀ ଦିନ ତାଟିଦିଅଁଙ୍କୁ ବଡ଼ସିଂହାର ଭୋଗ ହେବା ପରେ ଅଣସର ଘରେ ପଣା ଓ ଚକଟା ଭୋଗ ହୋଇଥାଏ। ଏହାପରେ ଅଣସର ଘରେ ରହିଥିବା ପ୍ରସାଦ ଏବଂ ଫୁଲ ବାହାର କରାଯିବା ପରେ ଦତ୍ତମହାପାତ୍ର ବନକଲାଗି କରିଥା'ନ୍ତି।

## ପୂଜା ପାଇଲେ ପଟି ଦିଅଁ

ପୁରୀ,୧୨।୬(ସମିସ): ଶ୍ରୀମନ୍ଦିରରେ ପଟିଦିଅଁଙ୍କ ପୂଜା ଆରମ୍ଭ ହୋଇଛି। ବୁଧବାର ରାତି ୧୧ଟା ୫୦ରେ ବାହୁଡ଼ା ପହଣ୍ଡି ଆରମ୍ଭ କରାଯାଇଥିଲା। ଗୋଟି ପହଣ୍ଡିରେ ସ୍ନାନମଣ୍ଡପରୁ ଅଣସର ପିଣ୍ଡିକୁ ବିଜେ କରିଥିଲେ ଚତୁର୍ଦ୍ଧାବିଗ୍ରହ। ପ୍ରାୟ ୪ ଘଣ୍ଟା ୪୫ ମିନିଟ୍ ଅର୍ଥାତ୍ ଭୋର୍ ୪ଟା ୩୫ଟାରେ ପହଣ୍ଡି ଶେଷ ହୋଇଥିଲା। ଭୋର୍ ୫ଟା ୧୦ରେ ରାହୁରେଖା ଓ ଚିତା ଓଲାଗି ହୋଇ ଠାକୁରଙ୍କ ଅଣସର ନୀତି ଆରମ୍ଭ କରାଯାଇଥିଲା। ୫ଟା ୪୦ କୋଠସୁଆଁସିଆମାନେ ଭିତରକୁ ଯାଇ ଭିତରକାଠ ନିକଟରେ ତାଟି ବାନ୍ଧିଥିଲେ। ଗୁରୁବାର ସକାଳ ୬ଟାରେ ପଟିଦିଅଁ ବିଜେ ହେବା ପରେ କୋଠସୁଆଁସିଆମାନେ ପୂର୍ବାହ୍ନ ୧୦ଟାରେ ବାହାରିଥିଲେ। ୧୦ଟା ୨୫ ସୁଦ୍ଧା ତାଟିରେ ପଟିଦିଅଁଙ୍କ ରୁନ୍ଧା ଶେଷ ହୋଇଥିଲା। ମହାଅଣସର ପଟିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଅନନ୍ତ ନାରାୟଣ ରୂପରେ, ଦେବୀ ସୁଭଦ୍ରା ଭୁବନେଶ୍ୱରୀ ରୂପେ ଏବଂ ଶ୍ରୀବଳଭଦ୍ର ଅନନ୍ତ ବାସୁଦେବ ଭାବେ ସ୍ଥାନିତ ହୋଇଥିଲେ। ସାଢ଼େ ୧୦ଟାରେ ମାଧବ ଏବଂ ୧୦ଟା ୩୫ରେ ଦଶ ଅବତାର ଠାକୁର ବିଜେ ପରେ ବେହେରଣ ଦ୍ୱାର ବନ୍ଦ କରାଯାଇ ୧୦ଟା ୫୦ରେ ମହାସ୍ନାନ ପୂଜା ବସିଥିଲା। ପୂର୍ବାହ୍ନ ୧୧ଟା ୨୫ରେ ମହାସ୍ନାନ ଆଦି ନୀତି ସମ୍ପନ୍ନ କରାଯାଇ ଅନ୍ୟାନ୍ୟ ନୀତି ଆରମ୍ଭ ହୋଇଥିଲା।

**ଅନବସର ଦର୍ଶନର ପ୍ରଥମ ଦିନ**

## ଅଲାରନାଥଙ୍କ ପୀଠରେ ପ୍ରବଳ ଭିଡ଼



ବ୍ରହ୍ମଗିରି, ୧୨।୬ (ସମିସ): ଦେବସ୍ନାନ ପୂର୍ଣ୍ଣିମାରେ ଚତୁର୍ଦ୍ଧାମୂର୍ତ୍ତି ଅଣସର ପିଣ୍ଡିକୁ ଚାଲିଯିବା ପରେ ଏବେ ରତ୍ନସିଂହାସନ ଖାଲି ପଡ଼ିଛି। ମହାପ୍ରଭୁଙ୍କୁ ଶ୍ରୀକ୍ଷେତ୍ରରେ ଦର୍ଶନ ନପାଇ ଭକ୍ତମାନେ ଚାଲି ଆସିଛନ୍ତି ବ୍ରହ୍ମଗିରିସ୍ଥିତ ଅଲାରନାଥଙ୍କ ପୀଠକୁ। ସେଠାରେ ଚତୁର୍ଭୁଜ ଅଲାରନାଥଙ୍କୁ ଦର୍ଶନ କରି ଜଗନ୍ନାଥ ଦର୍ଶନର ସମଫଳପ୍ରାପ୍ତି ହେବାର ଆଶା ନେଇ ଭକ୍ତଙ୍କ ଗହଳି ଲାଗିଛି। ଗୁରୁବାରଠାରୁ ଆରମ୍ଭ ହୋଇଛି ଅଲାରପୀଠରେ ଅନବସର ଦର୍ଶନ। ଏନେଇ ଅଲାରନାଥପୀଠ ପାଲଟି ଯାଇଛି ଦ୍ୱିତୀୟ ଶ୍ରୀକ୍ଷେତ୍ର। ଭଗବାନଙ୍କୁ ଦର୍ଶନ କରିବା ପାଇଁ ଭକ୍ତ ଆଜି ସବୁ ଭୁଲିଯାଇଛି। ଖରା-ବର୍ଷାକୁ ଖାତିର ନକରି ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଖରାରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ରହିଛନ୍ତି ଲମ୍ବାଧାଡ଼ିରେ। ଭୋର୍ ୪ଟାରୁ ଦ୍ୱାରଫିଟା ପରେ ମଇଲମ ଓ ତଡ଼ପଲାଗି ପରେ ବେଶ କରାଯାଇଥିଲା। ପରେ ସକାଳଧୂପ କରାଯାଇ ୬ଟାରୁ ଆରମ୍ଭ ହୋଇଥିଲା ସର୍ବସାଧାରଣ ଦର୍ଶନ। ପ୍ରଥମ ଦିନରେ ୨୦ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା।

■ ଠିକଣା ବେଳକୁ ବ୍ୟବସ୍ଥାବଳୀ ଫେଲ୍

## ମହାପ୍ରଭୁଙ୍କୁ ଛୁଇଁଲେ ଅଣସେବାୟତ

ପୁରୀ, ୧୨।୬(ସମିସ): ମହାପ୍ରଭୁଙ୍କୁ ସ୍ପର୍ଶ ମନା। ବହୁ ବାଦବିବାଦ ଏବଂ ଆଇନଗତ ଲଢ଼େଇ ପରେ ପ୍ରାୟ ୧୦/୧୧ ବର୍ଷ ହେବ ଭକ୍ତ, ଭଗବାନଙ୍କୁ ଛୁଇଁ ପାରୁନାହାନ୍ତି। ଏହା ପୂର୍ବରୁ ଯଦିଓ ଭାବର ଠାକୁରଙ୍କୁ ଆଲିଙ୍ଗନ କରି ଭକ୍ତଟିଏ ନିଜ ମନର ଦୁଃଖ ଜଣାଇ ଭାବଭକ୍ତିରେ ଭିଜି ଯାଉଥିଲା, କିନ୍ତୁ ଏବେ ସେ ସୁଯୋଗ ନାହିଁ। ତେଣୁ ପ୍ରତିବର୍ଷ ସ୍ନାନଯାତ୍ରା, ବାହୁଡ଼ା ଏବଂ ରଥଯାତ୍ରା ବ୍ୟବସ୍ଥାବଳୀରେ ଭକ୍ତମାନେ ଯେପରି ଦାରୁବିଗ୍ରହଙ୍କୁ ସ୍ପର୍ଶ ନ କରିବେ, ସେଥିଲାଗି କଡ଼ା ନିର୍ଦ୍ଦେଶନାମା ରହୁଛି। ଏବର୍ଷ ମଧ୍ୟ ଶ୍ରୀମନ୍ଦିର ପ୍ରଶାସନ ସ୍ନାନଯାତ୍ରାରେ ଠାକୁରଙ୍କୁ ଯେପରି ଭକ୍ତ ନ ଛୁଅନ୍ତି ତା' ଉପରେ ଗୁରୁତ୍ୱ ଦେଇଥିଲା। ବ୍ୟବସ୍ଥାବଳୀ ଅନୁଯାୟୀ, ସାହାଣମେଳା ଦର୍ଶନ ସମୟରେ ମହାପ୍ରଭୁଙ୍କ ସେବାରେ ନିୟୋଜିତ ସେବକଙ୍କ ବ୍ୟତୀତ ଅନ୍ୟ କୌଣସି ସେବକ ସ୍ନାନମଣ୍ଡପ ଉପରେ ରହିପାରିବେ ନାହିଁ। କୌଣସି ଦର୍ଶନାର୍ଥୀ



ଠାକୁରଙ୍କ ନିକଟକୁ ଯାଇପାରିବେ ନାହିଁ କିମ୍ବା ଠାକୁରଙ୍କୁ ସ୍ପର୍ଶ କରିପାରିବେ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ରହିଥିଲା। ହେଲେ ଠିକଣା ବେଳକୁ ସବୁ ଫେଲ୍ ମାରିଛି। ସାହାଣମେଳା ଅବଧିର ଶେଷ ଆଡ଼କୁ ସ୍ନାନମଣ୍ଡପ ଉପରେ ଶହ ଶହ ଭକ୍ତ ରହିଥିଲେ। ଏହାରି ଭିତରେ କିଛି ଭକ୍ତ (ଅଣସେବାୟତ) ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ଠାକୁର ବଳଭଦ୍ରଙ୍କୁ ଛୁଇଁଥିବା ଭାଇରାଲ ଭିଡିଓରେ ଜଣାପଡୁଛି। ଶ୍ରୀବିଗ୍ରହଙ୍କ ସୁରକ୍ଷାରେ ଥିବା ସେବକ ଭକ୍ତମାନଙ୍କୁ ହାତରେ ଠେଲୁଛନ୍ତି। ଏହି ସମୟରେ ମହାପ୍ରଭୁ ଦୋହଲି ଯାଉଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ସୁରକ୍ଷା ଦାୟିତ୍ୱରେ ଥିବା ଦଇତାପତି, ବାଡ଼ଗ୍ରାହୀ ଏବଂ ପ୍ରତିହାରୀ ସେବକମାନେ କରୁଥିଲେ କ'ଣ? ସ୍ନାନମଣ୍ଡପରେ ସ୍ଥିତି ଅଣାୟତ ପର୍ଯ୍ୟନ୍ତ କଥା ଗଲା କାହିଁକି?

■ ପିଏ ଦେବନାରାୟଣ ପଣ୍ଡା ମୃତ୍ୟୁ ମାମଲା

## ପୂର୍ବତନ ଜିଲ୍ଲାପାଳ ମନୀଷ ଅଗ୍ରୱାଲଙ୍କୁ ଜାମିନ

ମାଲକାନଗିରି,୧୨।୬(ସମିସ): ବ୍ୟକ୍ତିଗତ ସହାୟକ ଦେବନାରାୟଣ ପଣ୍ଡାଙ୍କ ମୃତ୍ୟୁ ମାମଲାରେ ପୂର୍ବତନ ମାଲକାନଗିରି ଜିଲ୍ଲାପାଳ ମନୀଷ କୁମାର ଅଗ୍ରୱାଲଙ୍କୁ ମିଳିଛି ଆଶ୍ୱସ୍ତି। ୫୦ହଜାର ଲେଖାଏଁ ଦୁଇଟି ମୁଚାଲିକାରେ ମାଲକାନାଗିରି ଏସ୍‌ଡିଜେଏମ୍ କୋର୍ଟ ତାଙ୍କୁ ଜାମିନ୍ ପ୍ରଦାନ କରିଛନ୍ତି। ସୂଚନାନୁସାରେ, ଗୁରୁବାର ସକାଳେ ଶ୍ରୀ ଅଗ୍ରୱାଲ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର ହୋଇଥିଲେ। ମୃତ ଦେବନାରାୟଣଙ୍କ ପତ୍ନୀ ବନଜା ପଣ୍ଡାଙ୍କ ଦ୍ୱାରା ଦାୟର ହୋଇଥିବା ମାମଲାରେ ଶୁଣାଣି କରି କୋର୍ଟ ତାଙ୍କୁ ଜାମନ ପ୍ରଦାନ କରିଥିଲେ। ସୂଚନାଥାଉକି, ଶ୍ରୀ ଅଗ୍ରୱାଲ ମାଲକାନଗିରିର ଜିଲ୍ଲାପାଳ ଥିବା ବେଳେ ତାଙ୍କ ବ୍ୟକ୍ତିଗତ ସଚିବ ଦେବନାରାୟଣଙ୍କ ରହସ୍ୟଜନକ ମୃତ୍ୟୁ ହୋଇଥିଲା। ଏନେଇ ତାଙ୍କ ପତ୍ନୀ ବନଜା ମାଲକାନଗିରି ଥାନାରେ ଶ୍ରୀ ଅଗ୍ରୱାଲଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଥିଲେ। ଏହି ମାମଲାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅନ୍ୟ ୩ ଜଣ କର୍ମଚାରୀଙ୍କ ନାଁରେ ମଧ୍ୟ ରହିଛି।

## ଲାଞ୍ଚ ନେଇ ଧରା ହେଲେ ଆର୍‌ଆଇ



**ଜମିପଟ୍ଟା ପ୍ରଦାନ ପାଇଁ ୪୦ ହଜାର ନେଉଥିଲେ**

ସମ୍ବଲପୁର, ୧୨।୬(ସମିସ): ଜମିପଟ୍ଟା ପ୍ରଦାନ ପାଇଁ ଭୂମିହୀନଙ୍କୁ ଲାଞ୍ଚ ମାଗିବା ଅଭିଯୋଗରେ ଭିଜିଲାନ୍ସ ସମ୍ବଲପୁର ଜିଲ୍ଲା ଜମନକିରା ତହସିଲ ଗୌଡ଼ପାଲି ରାଜସ୍ୱ ସର୍କଲର ଆରଆଇ ଭୀଷ୍ମ ପ୍ରଧାନଙ୍କୁ ଗିରଫ କରିଛି। ଅଭିଯୋଗକାରୀଙ୍କଠାରୁ ୪୦ହଜାର ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଛନ୍ତି। ଜମି ପଟ୍ଟା ପାଇଁ ନଭେମ୍ବର ୨୦୨୪ ମସିହାଠାରୁ ଅଭିଯୋଗକାରୀ ଆରଆଇଙ୍କୁ ଗୁହାରି କରି ଆସୁଥିଲେ। କିନ୍ତୁ ୪୦ ହଜାର ଟଙ୍କା ଲାଞ୍ଚ ନ ଦେଲେ କାମ ହେବ ନାହିଁ ବୋଲି ଆର୍‌ଆଇ ଶ୍ରୀ ପ୍ରଧାନ ରୋକଠୋକ୍ ମନା କରିଦେଇଥିଲେ। ତେଣୁ ଅନ୍ୟ କୌଣସି ବିକଳ୍ପ ନ ପାଇ, ଅଭିଯୋଗକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପରେ ତାଙ୍କୁ ଧରିବା ପାଇଁ ଭିଜିଲାନ୍ସ ଜାଲ ବିଛାଇଥିଲା। ପୂର୍ବ ଯୋଜନା ମୁତାବକ, ସେ ୪୦ ହଜାର ଟଙ୍କା ନେଉଥିବା ବେଳେ ସେଠାରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ଅଭିଯୁକ୍ତ ଆର୍‌ଆଇଙ୍କ ପାଖରୁ ରଙ୍ଗବୋଳା ଟଙ୍କା ଜବତ କରାଯାଇଛି। ଏହାସହ ଆର୍‌ଆଇଙ୍କ ଦୁଇଟି ସ୍ଥାନରେ ଏକକାଳୀନ ଯାଞ୍ଚ କରାଯାଇଛି। ସମ୍ବଲପୁର ଭିଜିଲାନ୍ସରେ ମାମଲା ନଂ. ୧୨ରେ ପଞ୍ଜୀକୃତ ହୋଇଛି।

## ମାଡୁଛି କରୋନା; କୋଭିଡ୍ ଡାସବୋର୍ଡ ଅଚଳ

■ ସଂକ୍ରମିତଙ୍କ ତଥ୍ୟ ଲୁଚାଉଛି ସ୍ୱାସ୍ଥ୍ୟ ବିଭାଗ
■ ରଜ ଆଉ ରଥରେ କରୋନା ବ୍ୟାପିବା ଆଶଙ୍କା

ଭୁବନେଶ୍ୱର, ୧୨।୬(ସମିସ): ରାଜ୍ୟରେ ଏବେ ୬୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରୁ ୨୫ଜଣ ଆକ୍ରାନ୍ତ ସଂପୂର୍ଣ୍ଣ ସୁସ୍ଥ ହୋଇଥିବାବେଳେ ୩୮ ଜଣ ସକ୍ରିୟ ଆକ୍ରାନ୍ତ ଅଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଙ୍ଗଳବାର ଗଣମାଧ୍ୟମକୁ ଏହି ସୂଚନା ଦିଆଯାଇଥିଲା। ଗତ ଦୁଇ ଦିନ ଧରି ରାଜ୍ୟରେ ବାସ୍ତବରେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ନା ନାହିଁ, ସେ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ କୌଣସି ସୂଚନା ଦିଆଯାଇ ନାହିଁ। ଗତ ମେ' ୨୨ ତାରିଖରେ ଭୁବନେଶ୍ୱରରୁ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲା। ତା'ପରେ କ୍ରମାଗତ ଭାବେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇ ଚାଲିଛି। ପ୍ରତି ଦିନେ ଦୁଇ ଦିନ ବ୍ୟବଧାନରେ ରାଜ୍ୟରେ କରୋନା ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି ଓ ୧୫ ଦିନ ମଧ୍ୟରେ ଏହି ସଂଖ୍ୟା ୫୦ ଅତିକ୍ରମ କରିଛି। ମାତ୍ର ହଠାତ୍ ଦୁଇ ଦିନ ହେଲା ଆକ୍ରାନ୍ତଙ୍କ ସଂଖ୍ୟାକୁ ନେଇ ସ୍ୱାସ୍ଥ୍ୟ ବିଭାଗର ନିରବତା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବାସ୍ତବରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ହେଉନାହିଁ ନା ରଜ ଓ ରଥଯାତ୍ରା ଭଳି ସାମୂହିକ ପର୍ବକୁ ଦୃଷ୍ଟିରେ ରଖି ବିଭାଗ ଆକ୍ରାନ୍ତଙ୍କ ସଂଖ୍ୟା ଲୁଚାଉଛି, ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

କରୋନା ପ୍ରଥମ ଲହର ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ କୋଭିଡ୍ ଡାସବୋର୍ଡ ପ୍ରସ୍ତୁତ ହୋଇଥିଲା। ପ୍ରତିଦିନ କେଉଁ ଜିଲ୍ଲାରୁ କେତେ ଆକ୍ରାନ୍ତ ଚିହ୍ନଟ ହେଉଥିଲେ, ତା'ର ବିସ୍ତୃତ ତଥ୍ୟ ସେଥିରେ ଉପଲବ୍ଧ ରହୁଥିଲା। ସାଧାରଣ ଲୋକ ଏହାକୁ ଦେଖିପାରୁଥିଲେ। ଏଥିସହ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗ, ସୂଚନା ଓ ଲୋକସଂପର୍କ ବିଭାଗ ଓ 'କୋଭିଡ୍-୧୯' ଏକ୍ସ ଆକାଉଣ୍ଟରେ ମଧ୍ୟ କୋଭିଡ୍ ସମ୍ପର୍କିତ ତଥ୍ୟ ପ୍ରଦାନ କରାଯାଉଥିଲା। ଏଥିରେ କେଉଁ ଜିଲ୍ଲାରୁ କେତେ ଆକ୍ରାନ୍ତ ଓ କେତେ ରୋଗୀ ସୁସ୍ଥ ହେଲେ, ତା'ର ବିସ୍ତୃତ ତଥ୍ୟ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଅପଲୋଡ୍ କରାଯାଉଥିଲା। ମାତ୍ର କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୬୦ ଟପିଥିବାବେଳେ ୧୨ଟି ଜିଲ୍ଲା ଆକ୍ରାନ୍ତ ଚିହ୍ନଟ ହୋଇସାରିଲେଣି। ମାତ୍ର ଏବେ ସୁଦ୍ଧା କୋଭିଡ୍ ଡ୍ୟାସ୍ ବୋର୍ଡ ଅପଡେଟ୍ ହେଉନଥିବାବେଳେ ସ୍ୱାସ୍ଥ୍ୟ ବିଭାଗ କି ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଉନି। ତେଣୁ ଏହାକୁ ନେଇ ଲୋକଙ୍କ ଭିତରେ ଛନକା ପଶିଛି।

ଅନ୍ୟପକ୍ଷରେ ରାଜ୍ୟରେ କେବଳ ଭୁବନେଶ୍ୱର କ୍ୟାପିଟାଲ୍ ହସ୍ପିଟାଲ୍‌କୁ ଛାଡ଼ିଦେଲେ ଅନ୍ୟ କୌଣସି ଜିଲ୍ଲାରେ କୋଭିଡ୍ ଚିକିତ୍ସା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ତେଣୁ ଆଗାମୀ ଦିନରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ହେଲେ ସ୍ୱାସ୍ଥ୍ୟ ବିଭାଗ କେମିତି ତାକୁ ନିୟନ୍ତ୍ରଣ କରିବ, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସେହିଭଳି ରଜରେ ସହରଠାରୁ ଗାଁ ପର୍ଯ୍ୟନ୍ତ ଲୋକମାନେ ଏକାଠି ହେଉଛନ୍ତି। ଗୋଟିଏ ଗୋଟିଏ ସ୍ଥାନରେ ଶତାଧିକ ଲୋକ ବିନା ସାମାଜିକ ଦୂରତାରେ ଛିଡ଼ା ହେଉଛନ୍ତି। ଏଥିପାଇଁ କୌଣସି କଟକଣା ଲାଗୁ ହୋଇ ନାହିଁ। ସେହିଭଳି ଆଗାମୀ ଦିନରେ ଆସୁଥିବା ରଥଯାତ୍ରା ପାଇଁ ମଧ୍ୟ ଟେଷ୍ଟିଂ ଓ ଅନ୍ୟାନ୍ୟ ସୁବିଧା ଆଦି କିଛି କରାଯାଇ ନାହିଁ। ତେଣୁ କୋଭିଡ୍ ବଢ଼ିବା ନେଇ ଆଶଙ୍କା ପ୍ରକାଶ ପାଉଛି।

ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଅମରନାଥ ପଟ୍ଟନାୟକ କହିଛନ୍ତି ଯେ ବର୍ତ୍ତମାନ କରୋନା ସଂକ୍ରମଣଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏଥିରେ ବିଶେଷକରି ବୟସ୍କ ବ୍ୟକ୍ତି, ଛୋଟ ପିଲାମାନେ ସତର୍କତା ଅବଲମ୍ବନ କରିବା ଜରୁରୀ। କାରଣ ବର୍ତ୍ତମାନ ଚିହ୍ନଟ ହୋଇଥିବା ପ୍ରଜାତି ବହୁବିଧ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କର ମାତ୍ରାଧିକ କ୍ଷତି କରୁଛି। ସେହିଭଳି ବରିଷ୍ଠ ନାଗରିକ ତଥା ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ଥିବା ଲୋକମାନେ ନିଶ୍ୱାସ-ପ୍ରଶ୍ୱାସ ନେବାରେ ସମସ୍ୟା ଭୋଗୁଛନ୍ତି। ତେଣୁ ଆଗାମୀ ଦୁଇ ମାସ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।

## ୪୮ ଘଣ୍ଟାରେ ସକ୍ରିୟ ହେବ ମୌସୁମୀ

ଭୁବନେଶ୍ୱର,୧୨।୬(ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାକ୍ ମୌସୁମୀ ବର୍ଷାର ପ୍ରଭାବ ଜାରି ରହିଛି। ବର୍ତ୍ତମାନ ଦକ୍ଷିଣ ଓଡ଼ିଶା ଓ ଆନ୍ଧ୍ର ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ପୁଣି ମୌସୁମୀ ସକ୍ରିୟ ହେବ ଓ ଓଡ଼ିଶାର କିଛି ଜିଲ୍ଲାକୁ ଅଗ୍ରସର ହେବା ସମ୍ଭାବନା ରହିଛି। ଏହାସହିତ ୧୫ ଜୁନ ପରେ ଉତ୍ତର ଓଡ଼ିଶାରେ ମଧ୍ୟ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ଥିବାରୁ ରାଜ୍ୟରେ ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ପ୍ରାୟ ବର୍ଷା ଜାରି ରହିବ ବୋଲି ଆକଳନ କରାଯାଉଛି। ଆନ୍ଧ୍ର-ଦକ୍ଷିଣ ଓଡ଼ିଶା ନିକଟରେ ଘୂର୍ଣ୍ଣିବଳୟ ପ୍ରଭାବରେ ଆଗାମୀ ୨ ଦିନ ଦକ୍ଷିଣ ଓ ଦକ୍ଷିଣ ପଶ୍ଚିମ ଜିଲ୍ଲା ମାନଙ୍କରେ ଭଲ ବର୍ଷା ହେବାକୁ ଥିବା ବେଳେ ଶୁକ୍ରବାର ରାଜ୍ୟର ପ୍ରାୟ ସବୁ ସ୍ଥାନରେ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଗୁରୁବାର ଭୁବନେଶ୍ୱରରେ ୧୨ ମିମି ବର୍ଷା ହୋଇଥିବା ବେଳେ ଚାନ୍ଦବାଲିରେ ୧୨ ଓ ଅନ୍ୟସ୍ଥାନମାନଙ୍କରେ ୧୦ ମିମିରୁ କମ୍ ବର୍ଷା ରେକର୍ଡ ହୋଇଛି। ଶନିବାରଠାରୁ ପୁଣି ମୌସୁମୀ ସକ୍ରିୟ ହେବା ସହ ପରବର୍ତ୍ତୀ ୪-୫ଦିନ ରାଜ୍ୟରେ ବର୍ଷା ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

## ବଡ଼ଭାଇକୁ ହାଣିଦେଲା ସାନ

କପ୍ତିପଦା, ୧୨।୬(ସମିସ): ବାଡ଼ିରେ ଥିବା ଗଛ କାଟି ଦେବାରୁ ବଡ଼ଭାଇକୁ ହାଣିଦେଲା ସାନ। କପ୍ତିପଦା ଥାନା ଉପିସାହି ସାପ୍ତାହିକ ହାଟରେ ଗତ ୧୦ ତାରିଖରେ ଘଟିଥିବା ମାଣିକ ସିଂ ହତ୍ୟା ମାମଲାର ପର୍ଦ୍ଦାଫାସ୍ କରି ଆଜି ପୁଲିସ୍ ଏହି ସୂଚନା ଦେଇଛି। ଏହି ଘଟଣାରେ ପୁଲିସ୍ ଆଜି ଅଭିଯୁକ୍ତ ରାଜେନ୍ଦ୍ର ସିଂଙ୍କୁ ଗିରଫ କରିଛି। ପୁଲିସ୍ ସୂଚନାନୁଯାୟୀ, ଢୋଲଗଣ୍ଡି ଗ୍ରାମର ଏହି ଦୁଇ ଭାଇଙ୍କ ମଧ୍ୟରେ ପୂର୍ବରୁ ଜମିଜମା ବିବାଦ ରହିଥିଲା। ୬ଦିନ ପୂର୍ବରୁ ମାଣିକ ବାଡ଼ିରେ ଥିବା ଏକ ବଡ଼ ଗଛ କାଟି ଦେଇଥିଲେ। ଏଥିରୁ ବିବାଦ ଉଗ୍ରରୂପ ନେଇଥିଲା। ଗତ ୯ତାରିଖରେ ମାଣିକ ଉପିସାହି ହାଟକୁ ଯାଇଥିବା ବେଳେ ସେଠାରେ ରାଜେନ୍ଦ୍ର ତାଙ୍କୁ ପଛରୁ ଏକ କଟୁରିରେ ଚୋଟ ପକାଇ ହାଣି ହତ୍ୟା କରିଥିଲା।


■ ଭୁବନେଶ୍ୱରରୁ ଆବୁଧାବିକୁ ଉଡ଼ିଲା ବିମାନ

## ଭୁବନେଶ୍ୱର-ବିଶାଖାପାଟଣା ବିମାନସେବା ଆରମ୍ଭ

ଭୁବନେଶ୍ୱର,୧୨।୬(ସମିସ): ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଆବୁଧାବିକୁ ସିଧାସଳଖ ବିମାନ ଚଳାଚଳ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସେବାର ଶୁଭାରମ୍ଭ କରିଛନ୍ତି। ଭୁବନେଶ୍ୱରରୁ ଆବୁଧାବିକୁ ଇଣ୍ଡିଗୋ ଏୟାର ଲାଇନ୍ସ ବିମାନ ସପ୍ତାହରେ ପ୍ରତ୍ୟେକ ମଙ୍ଗଳବାର, ଗୁରୁବାର ଓ ଶନିବାର ଚଳାଚଳ କରିବ। ଭୁବନେଶ୍ୱରରୁ ମାତ୍ର ୪ ଘଣ୍ଟା ମଧ୍ୟରେ ଯାତ୍ରୀମାନେ ଆବୁଧାବିରେ ପହଞ୍ଚିବେ। ଏଥି ସହିତ ଗୁରୁବାର ଭୁବନେଶ୍ୱରରୁ ବିଶାଖାପାଟଣାକୁ ମଧ୍ୟ ବିମାନସେବା ଆରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେତେକ ଯାତ୍ରୀଙ୍କୁ ବୋର୍ଡିଙ୍ଗ୍ ପାସ୍ ପ୍ରଦାନ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ସେବା ଦ୍ୱାରା ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ସହିତ ଓଡିଶାର ଯୋଗାଯୋଗ ଆହୁରି ବ୍ୟାପକ ହେବ। ବାଣିଜ୍ୟ, ପର୍ଯ୍ୟଟନ, ପୁଞ୍ଜିନିବେଶ ଓ ସାଂସ୍କୃତିକ ବିନିମୟ କ୍ଷେତ୍ରରେ ମଧ୍ୟ ସମ୍ପର୍କ ଆହୁରି ସୁଦୃଢ଼ ହେବ। ଓଡିଶାକୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଯୋଡିବା ପାଇଁ ଉଦ୍ୟମ ଜାରି ରହିଛି। ଭୁବନେଶ୍ୱରରୁ ଡେରାଡୁନ, ଗାଜିଆବାଦ, ଗୋଆ, ଇନ୍ଦୋର, କୋଚି, ଲକ୍ଷେନଡ ଓ ପୋର୍ଟବ୍ଲେୟାରକୁ ବିମାନ ସେବା ଆରମ୍ଭ ହୋଇଥିବା ବେଳେ, ଝାରସୁଗୁଡାରୁ ହାଇଦ୍ରାବାଦ, ଲକ୍ଷ୍ନୌ, ମୁମ୍ବାଇ ଓ ରାୟପୁରକୁ ମଧ୍ୟ ବିମାନ ସଂଯୋଗ କରାଯାଇଛି ବୋଲି ସେ କହିଛନ୍ତି।

## ଧରାପଡ଼ିଲା ମଣିଷଖିଆ ବାଘ



ଉମରକୋଟ ୧୨।୬(ସମିସ): ପଡ଼ୋଶୀ ଛତିଶଗଡ଼ କାଙ୍କେର ଦୁଧୱା ଅଞ୍ଚଳର ଆଛିଡୋଙ୍ଗରିରେ ଆତଙ୍କ ଖେଳାଇଥିବା ମଣିଷଖିଆ କଲରାପତରିଆ ବାଘ ଶେଷରେ ଧରାପଡ଼ିଛି। ଏହି ରକ୍ତମୁଖା ବାଘଟି ୨୦୨୪ ମସିହାରୁ ଏପର୍ଯ୍ୟନ୍ତ ୬ଜଣ ଗ୍ରାମବାସୀ ଏବଂ ପିଲାଙ୍କୁ ଆକ୍ରମଣ କରିଥିଲା। ଗତ କିଛି ମାସ ଧରି ହେଲା ଦୁଧୱା ଅଞ୍ଚଳରେ ଚିତା ଆତଙ୍କରାଜ ସୃଷ୍ଟି କରିଥିଲା। ବନବିଭାଗ ଆଜି ତାକୁ ସୁରକ୍ଷିତ ଭାବେ କାବୁ କରିଛି। ବାଘଟିକୁ ବନ ବିଭାଗର ତତ୍ତ୍ୱାବଧାନରେ ରଖାଯାଇଛି।

■ ଆରମ୍ଭ ହେବ 'ଅପରେସନ ମନ୍‌ସୁନ'

## ଆତ୍ମସମର୍ପଣ ପାଇଁ ମାଓବାଦୀଙ୍କୁ ଶେଷ ସୁଯୋଗ

ମାଲକାନଗିରି,୧୨।୬(ସମିସ): ମାଓବାଦକୁ ଶେଷ କରିବା ପାଇଁ ସୁରକ୍ଷା ବାହିନୀ ଏବେ ଏକ ବଡ଼ ଅପରେସନ୍ ଆରମ୍ଭ କରିବାକୁ ଯାଉଛି। ଏହାର ନାମ ଅପରେସନ୍ 'ମନସୁନ' ରଖାଯାଇଥିବା ଜଣାଯାଇଛି। ଅପରେସନ୍ ଆରମ୍ଭ ହେବା ପୂର୍ବରୁ ବସ୍ତର ଆଇଜି ସୁନ୍ଦରରାଜ ପି ପୁଣିଥରେ ନକ୍ସଲଙ୍କୁ ଶେଷ ଚେତାବନୀ ଦେଇଛନ୍ତି। କହିଛନ୍ତି ଯେ ବଳକା ନକ୍ସଲମାନେ ଆତ୍ମସମର୍ପଣ କରି ଏକ ଭଲ ଜୀବନଯାପନ କରନ୍ତୁ। ନଚେତ୍ ପରିଣାମ ଅତି ଭୟଙ୍କର ହେବ। ଏବେ ସୁରକ୍ଷା ବିଭାଗ ଅବଶିଷ୍ଟ ନକ୍ସଲଙ୍କ ସମସ୍ତ ତଥ୍ୟ ପ୍ରସ୍ତୁତ କରି ସାରିଛନ୍ତି। ସୁରକ୍ଷା ବାହିନୀ ଦ୍ୱାରା ପ୍ରସ୍ତୁତ ହୋଇଥିବା ତଥ୍ୟ ଅନୁଯାୟୀ କେବଳ ୪ଜଣ ପଲିଟବ୍ୟୁରୋ ଏବଂ ୧୦ଜଣ କେନ୍ଦ୍ରୀୟ କମିଟି ସଦସ୍ୟ ହିଁ ମାଓ ସଙ୍ଗଠନରେ ବାକି ଅଛନ୍ତି। ସୁରକ୍ଷା ବିଭାଗ ଅବଶିଷ୍ଟ ନକ୍ସଲ ନେତାମାନଙ୍କୁ ସେମାନଙ୍କର ଡାଟାବେସ୍, ପ୍ରୋଫାଇଲ୍ ଏବଂ ଫଟୋ ସହ ଉପସ୍ଥିତି ଚିହ୍ନଟ କରି ନିପାତ କରିବାକୁ ପ୍ରସ୍ତୁତ ହେଉଛି। ଅପରେସନ୍ ମନସୁନ ବେଳେ ମାଓ ସଂଗଠନର ବାକି ବଡ଼ ନକ୍ସଲ ନେତାମାନଙ୍କୁ ଟାର୍ଗେଟ୍ କରାଯିବ। ତେବେ ଯେଉଁମାନେ ଆତ୍ମସମର୍ପଣ କରିବେ, ସେମାନଙ୍କୁ ଭଲ ଜୀବନ ବଞ୍ଚିବାର ସୁଯୋଗ ମିଳିବ। ନଚେତ୍ ବିନାଶର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଆଇଜି କହିଛନ୍ତି।

**ସରକାରଙ୍କ ଏକ ବର୍ଷ ପୂର୍ତ୍ତି**

## 'ବିକାଶ ବାହନ ଯାତ୍ରା'ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

■ ଲୋକଙ୍କ ସହିତ ଯୋଡ଼ି ହେବାର ପ୍ରୟାସ ଆମ ସରକାରଙ୍କ ହଲ୍‌ମାର୍କ
■ ସମସ୍ତ ଯୋଜନାର ଅପହଞ୍ଚ ଅଞ୍ଚଳରେ ରହୁଥିବା ଲୋକଙ୍କ ନିକଟରେ ପହଞ୍ଚିବ



ଭୁବନେଶ୍ୱର, ୧୨।୬(ସମିସ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଗୁରୁବାର ପଞ୍ଚାୟତିରାଜ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ବିକାଶ ବାହନ ଯାତ୍ରାର ଶୁଭାରମ୍ଭ କରାଯାଇଛି। ସ୍ଥାନୀୟ ମହାତ୍ମାଗାନ୍ଧୀ ମାର୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଯାତ୍ରାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଶାସନକୁ ଜନସାଧାରଣଙ୍କ ଦୁଆର ନିକଟରେ ପହଞ୍ଚାଇବା ପାଇଁ ଓଡ଼ିଶାର ୩୧୪ଟି ବ୍ଲକ୍, ୧୧୫ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ୫ଟି ମହାନଗର ନିଗମରେ ସ୍ୱତନ୍ତ୍ର 'ବିକାଶ ବାହନ' ଗଡ଼ିବ। ଏହି ବାହନ ଜରିଆରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ 'ପ୍ରଗତି ପ୍ରବାହ' ପୁସ୍ତକ ଏବଂ ଏକ ବର୍ଷର ସଫଳତାର ତଥ୍ୟ ସମ୍ବଳିତ ପୁସ୍ତିକା ମଧ୍ୟ ସମସ୍ତଙ୍କ ପାଖରେ ପହଞ୍ଚିବ। ଏହାଦ୍ୱାରା ଲୋକମାନେ ସରକାରଙ୍କ ବିଭିନ୍ନ ଯୋଜନା ଓ ସଫଳ କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିପାରିବେ। ବିଭିନ୍ନ ଯୋଜନା ଉପରେ ଆଧାରିତ ଭିଡିଓ ମଧ୍ୟ ଦେଖିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଗଣତନ୍ତ୍ରରେ ଜନତା ହେଉଛନ୍ତି ଜନାର୍ଦ୍ଦନ। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର, ଡବଲ ସ୍ପିଡ୍‌ରେ କାମ କରି ଲୋକଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିପାରୁଛି। ଲୋକଙ୍କ ସହିତ ଯୋଡ଼ି ହେବାର ପ୍ରୟାସ ଆମ ସରକାରଙ୍କ ଏକ ହଲ୍‌ମାର୍କ। ଏହି ଏକ ବର୍ଷରେ ଅନେକ କ୍ଷେତ୍ରରେ ଓଡ଼ିଶାର କାୟାକଳ୍ପ ହୋଇଛି। ମହିଳା, କୃଷକ, ଆଦିବାସୀ ଓ ଯୁବବର୍ଗର ସଶକ୍ତୀକରଣ ସହ ଭିତ୍ତିଭୂମି ଓ ଶିଳ୍ପ କ୍ଷେତ୍ରରେ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଛି। ଆଜି ଯେଉଁ ବିକାଶ ବାହନ ଯାତ୍ରା ଆରମ୍ଭ ହେବାକୁ ଯାଉଛି, ତାହା ହେଉଛି ଆମ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସହ ଲୋକଙ୍କୁ ଯୋଡ଼ିବାର ଆଉ ଏକ ପ୍ରୟାସ।

ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ କହିଲେ ଯେ ଲୋକଙ୍କ ଆଶୀର୍ବାଦରେ ଆଜି ଡବଲ ଇଞ୍ଜିନ୍‌ର ସରକାର ଓଡ଼ିଶାର ସାମଗ୍ରିକ ବିକାଶ ଓ ସମୃଦ୍ଧିର ଦାୟିତ୍ୱରେ ଅଛନ୍ତି। ଏହି ବିକାଶ ବାହନର ଶୁଭାରମ୍ଭ ଆମ ସରକାରଙ୍କ ଓଡ଼ିଶାବାସୀଙ୍କ ପ୍ରତି ସମର୍ପଣର ନୂତନ ଅଧ୍ୟାୟ। କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ମଞ୍ଚାସୀନ ଥିଲେ।

## ବନ୍ଧୁକ ଦେଖାଇ ଲୁଟିନେଲେ ସାଢ଼େ ୭ ଲକ୍ଷ

ତିହିଡ଼ି, ୧୨।୬ (ସମିସ): ଭଦ୍ରକ ଜିଲ୍ଲା ତିହିଡି ଉପକଣ୍ଠ କସ୍କୋ ବଜାର ନିକଟବର୍ତ୍ତୀ ଏୟୁ ସ୍ମଲ ଫାଇନାନ୍ସ କାର୍ଯ୍ୟାଳୟର କର୍ମଚାରୀମାନଙ୍କୁ ବନ୍ଧୁକ ଦେଖାଇ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ତିହିଡ଼ି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, ୩ଜଣ ବ୍ୟକ୍ତି ହେଲମେଟ ପିନ୍ଧି କମ୍ପାନୀ କାର୍ଯ୍ୟାଳୟରେ ପ୍ରବେଶ କରିଥିଲେ। ବନ୍ଧୁକ ଓ ଛୁରି ଦେଖାଇ କମ୍ପାନୀ କାର୍ଯ୍ୟାଳୟରେ ଥିବା ୪ ଜଣ କର୍ମଚାରୀଙ୍କୁ ଭୟଭୀତ କରିବା ସହ ଟଙ୍କା ଲୁଟି ନେଇଥିଲେ। ତେବେ କେତେ ଟଙ୍କା ଲୁଟ ହୋଇଛି ସେ ସମ୍ପର୍କରେ ସଠିକ ଜଣା ପଡ଼ିନଥିଲେ ବି ଆନୁମାନିକ ୭ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ତିହିଡ଼ି ପୁଲିସ ଘଟଣାସ୍ଥଳରେ ପହଞ୍ଚି କର୍ମଚାରୀଙ୍କୁ ପଚରାଉଚୁରା କରୁଛନ୍ତି।

# ମହିଳା ଇନ୍‌ଫ୍ଲୁଏନ୍ସରଙ୍କ ମୃତଦେହ ଉଦ୍ଧାର



ଚଣ୍ଡିଗଡ଼, ୧୨।୬ (ଏଜେନ୍ସି): ପଞ୍ଜାବରେ ଜଣେ ମହିଳା ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରଙ୍କ ମୃତ ଦେହ କାରରୁ ଉଦ୍ଧାର କରାଯାଇଛି। ଏହି ଇନ୍‌ଫ୍ଲୁଏନ୍ସର ହେଉଛନ୍ତି କାଞ୍ଚନ କୁମାରୀ ଉର୍ଫ କମଲ କୌର। ଭଟିନ୍ଦା-ଚଣ୍ଡିଗଡ଼ ଜାତୀୟ ରାଜପଥରେ ଥିବା ଆଦେଶ ମେଡିକାଲ ବିଶ୍ୱବିଦ୍ୟାଳୟ ପାର୍କିଂରେ ଥିବା କାର୍ ସେ ଗତ ରାତିରେ ମୃତ୍ୟୁବରଣ କରିଥିବା ଦେଖାଯାଇଥିଲା। କାରର ପଛ ସିଟ୍‌ରେ ତାଙ୍କ ମୃତଦେହ ପଡ଼ିଥିଲା। ଏହି କାରରେ ଲୁଧିଆନା ରେଜିଷ୍ଟ୍ରେସନ ପ୍ଲେଟ ରହିଥିଲା ଓ ଏହାକୁ ପ୍ରଥମେ ଚିହ୍ନିତ କରାଯାଇପାରି ନଥିଲା। କମଲଙ୍କ ବୟସ ପାଖିପାଖି ୩୦ ବର୍ଷ ବୋଲି ଭଟିନ୍ଦା ଏସ୍‌ପି ନରେନ୍ଦ୍ର ସିଂହ କହିଛନ୍ତି। ପୁଲିସ୍‌ର କହିବା ଅନୁଯାୟୀ କମଲ ଜୁନ୍ ୯ରୁ ଘରୁ ବାହାରିଥିଲେ। ଏକ ପ୍ରମୋସନାଲ ଇଭେଣ୍ଟରେ ଯୋଗ ଦେବାକୁ ସେ ଭଟିନ୍ଦା ଯାଉଛନ୍ତି ବୋଲି ଘର ଲୋକଙ୍କୁ କହିଥିଲେ। ଇନଷ୍ଟାଗ୍ରାମ୍‌ରେ ତାଙ୍କର ୩ ଲକ୍ଷ ୮୩ ହଜାର ଫଲୋଅର୍ସ ରହିଥିଲେ। ସିସିଟିଭି ଫୁଟେଜରେ କିନ୍ତୁ ଚାଞ୍ଚଲ୍ୟକର ତଥ୍ୟ ହସ୍ତଗତ ହୋଇଛି।

# ମସ୍କଙ୍କ କ୍ଷମା ସ୍ୱୀକାର କଲେ ଟ୍ରମ୍ପ୍

ୱାସିଂଟନ, ୧୨।୬ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଟେସ୍‌ଲା ଓ ସ୍ପେସ୍ ଏକ୍ସ ମାଲିକ ଏଲନ ମସ୍କଙ୍କ କ୍ଷମା ସ୍ୱୀକରା କରିଛନ୍ତି ବୋଲି ହ୍ୱାଇଟ୍ ହାଉସ୍‌ର ପ୍ରେସ୍ ସଚିବ କାରୋଲିନ ଲେବିଟ୍ କହିଛନ୍ତି। ମସ୍କ ସାର୍ବଜନୀନ ଭାବେ ନିଜର ଭୁଲ ସ୍ୱୀକାର କରିବା ଓ କ୍ଷମା ମାଗିବା ଏକ ବଡ଼ କଥା ଓ ଏହା ସ୍ୱାଗତ ଯୋଗ୍ୟ ବୋଲି ଟ୍ରମ୍ପ କହିଛନ୍ତି। ପୂର୍ବରୁ ଟ୍ରମ୍ପଙ୍କୁ ନେଇ କରିଥିବା ବିଭିନ୍ନ ପୋଷ୍ଟକୁ ନେଇ ମସ୍କ ଅନୁଶୋଚନା କରି ସାମାଜିକ ଗଣମାଧ୍ୟମ ଏକ୍ସରେ ଖୋଲାଖୋଲି ଭାବେ ନିଜର ଭୂଲ ସ୍ୱୀକାର କରିଥିଲେ। ମସ୍କ ନିଜର ଭୂଲ୍ ବୁଝିବା ବହୁତ ଭଲ କଥା। ତେବେ ମସ୍କଙ୍କ ସହ ହୋଇଥିବା ବିଭିନ୍ନ ସରକାରୀ ଚୁକ୍ତିକୁ ନେଇ କୌଣସି ପୁନର୍ବିଚାର କରାଯାଇନାହିଁ ବୋଲି ଲେବିଟ୍ କହିଛନ୍ତି।



## ଲୋକସଭା ନିର୍ବାଚନ ପୂର୍ବରୁ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆରକ୍ଷଣ ଯୋଜନା

ନୂଆଦିଲ୍ଲୀ, ୧୨।୬(ଏଜେନ୍ସି): ଅଗାମୀ ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଏକ ବଡ଼ ନିଷ୍ପତ୍ତି ନେବାକୁ ଯୋଜନା କରୁଛି। ଲୋକସଭା ଓ ରାଜ୍ୟ ବିଧାନସଭା ନିର୍ବାଚନଗୁଡିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆରକ୍ଷଣ ଲାଗୁ କରିବାକୁ ସରିକାର ଯୋଜନା କରୁଛନ୍ତି। ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ଏହାକୁ ପୁନଃସୀମା ନିର୍ଦ୍ଧାରଣ ସହିତ ଜଡିତ କରାଯାଉଛି ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାଯାଇଛି। ୨୦୨୬ରେ ଦେଶବ୍ୟାପୀ ଜନସଂଖ୍ୟା ଜନଗଣନା ସହ ପ୍ରଥମଥର ପାଇଁ ଜାତି ଗଣନା କରାଯିବ ବୋଲି କେନ୍ଦ୍ର ସରକାର ଘୋଷଣା କରିଥିଲେ। ଦୁଇଟି ପର୍ଯ୍ୟାୟରେ ଏହି ପ୍ରକ୍ରିୟା ସମ୍ପର୍ଣ୍ଣ ହେବ। ଉଲ୍ଲେଖଥାଉ କି, ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆରକ୍ଷଣ ଲାଗୁ 'ନାରୀ ଶକ୍ତି ବନ୍ଧନ ଅଭିଯାନ'କୁ ଦୃଷ୍ଟିରେ ରଖି କରାଯିବ।

## ଦିଲ୍ଲୀରେ ଟ୍ରେନ୍ ଲାଇନ୍‌ଚ୍ୟୁତ

ନୂଆଦିଲ୍ଲୀ, ୧୨।୬(ଏଜେନ୍ସି): ଅହମ୍ମଦାବାଦ୍‌ରେ ବିମାନ ଦୁର୍ଘଟଣା ନେଇ ସାରା ଦେଶରେ ଶୋକକୂଳ ପରିବେଶ ସୃଷ୍ଟି ହୋଇଥିବାବେଳେ ଦିଲ୍ଲୀରେ ଗୁରୁବାର ଏକ ଟ୍ରେନ୍ ଲାଇନ୍‌ଚ୍ୟୁତ ହୋଇଛି। ନିଜାମୁଦ୍ଦିନ୍‌ରୁ ଗାଜିଆବାଦ୍ ଯାତ୍ରା କରୁଥିବା ଟ୍ରେନ୍ ଶିବାଜୀ ବ୍ରିଜ୍ ଷ୍ଟେସନ ନିକଟ୍‌ରେ ଡିରେଲ୍ ଅର୍ଥାତ ଟ୍ରାକ୍‌ରୁ ବାହାରକୁ ଚାଲିଯାଇଛି। ଟ୍ରେନର ଚତୁର୍ଥ ଡବା ଟ୍ରାକ ବାହରକୁ ଚାଲିଯାଇଥିଲା। ବିଭଗୀୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଯଥାଶୀଘ୍ର ଟେନ୍ ଯାତାୟତକୁ ସମାନ୍ୟ କରାଯିବାକୁ ପ୍ରୟାସ କରାଯାଉଛି। ଏହି ଦୁର୍ଘଟଣାର କାରଣ ନେଇ ଏପର୍ଯ୍ୟନ୍ତ କିଛି ସୂଚନା ମିଳିନାହିଁ।



## ୯ ହଜାର ଜୀବନ ନେଲାଣି ବୋଇଂ ବିମାନ

ଅହମଦାବାଦ, ୧୨।୬ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ପରେ ପୁଣିଥରେ ବୋଇଂ ବିମାନର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠୁଛି। ବୋଇଂର ଏହି ବିଳାଶପୂର୍ଣ୍ଣ ଡ୍ରିମଲାଇନର ବିମାନର ରେକର୍ଡ ବହୁତ ଖରାପ ରହିଛି। ଚଳିତ ବର୍ଷ ପ୍ରାରମ୍ଭରେ 'ଏନ୮୧୯ଏ' ନମ୍ବର ବିଶିଷ୍ଟ ଏକ ଡ୍ରିମଲାଇନର ବିମାନରେ ବାରମ୍ବାର ଯାନ୍ତ୍ରିକ ତ୍ରୁଟି ଦେଖାଯାଇଥିଲା। ଏଥିଯୋଗୁଁ ଏହାକୁ ଉଡ଼ାଣରୁ ହଟାଇ ଦିଆଯାଇଥିଲା। ମାତ୍ର ୨୫ ଦିନର ଉଡ଼ାଣ ଭିତରେ ବିମାନର ହାଇଡ୍ରୋଲିକ ଲିକେଜ ଏବଂ ଫ୍ଲାପ୍ ଫେଲ୍ଅର ଭଳି ଗୁରୁତର ସମସ୍ୟା ସାମ୍ନାକୁ ଆସିଥିଲା। ଏଥିପାଇଁ ଅନେକ ବିମାନ ବାତିଲ କରିବାକୁ ପଡ଼ିଥିଲା। ଏ ପର୍ଯ୍ୟନ୍ତ ବୋଇଂ ବିମାନ ଯୋଗୁଁ ସାରା ବିଶ୍ୱରେ ପ୍ରାୟ ୬ ହଜାର ଦୁର୍ଘଟଣା ଘଟିଲାଣି। ଏଥିରୁ ୪୧୫ ଦୁର୍ଘଟଣା ଅତ୍ୟନ୍ତ ବିପଜ୍ଜନକ ଥିଲା। ଏଥିରେ ୯ ହଜାରରୁ ଅଧିକ ଲୋକଙ୍କ ଜୀବନ ଯାଇଥିଲା। ଏବେ ସାରା ବିଶ୍ୱରେ ଉଡ଼ାଣ କରୁଥିବା ବିମାନ ମଧ୍ୟରେ ଅତିକମରେ ୪ ହଜାରରୁ ଅଧିକ ବୋଇଁ ୭୩୭-୮୦୦ ମଡେଲର ରହିଛି। ଏସିଆ, ୟୁରୋପ ଏବଂ ଉତ୍ତର ଆମେରିକାରେ ଏହି ବିମାନର ସର୍ବାଧିକ ବ୍ୟବହାର ହେଉଛି। ବୋଇଂର ପୂର୍ବତନ ଇଞ୍ଜିନିୟର ତଥା ହ୍ୱିସଲବ୍ଲୋୟର ସାମ ସାଲେହପୋର ଦାବି କରିଥିଲେ ଯେ ବୋଇଂର ୭୭୭ ଏବଂ ୭୮୭ ମଡେଲ ନିର୍ମାଣ ସମୟରେ ସୁରକ୍ଷା ନିୟମ ପ୍ରତି ସେତେ ଧ୍ୟାନ ଦିଆଯାଇ ନ ଥିଲା। ଖାମ ଖିଆଲ ଭାବେ କାର୍ଯ୍ୟ ସାରି ଦିଆଯାଇଥିଲା। ଏହି ବିମାନ ଯେତେ ପୁରୁଣା ହୋଇ ଚାଲିବ ସେତେ ଦୁର୍ଘଟଣା ଆଶଙ୍କା ବଢ଼ିବ ବୋଲି ସେ ଚେତାବନୀ ଦେଇଥିଲେ।




## ଶୋକ ପ୍ରକାଶ କଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୨।୬(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଭୟଙ୍କର ବିମାନ ଦୁର୍ଘଟଣାରେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଏହି ଦୁର୍ଘଟଣା ହୃଦୟ ବିଦାରକ ଓ ଏହାକୁ ଶବ୍ଦରେ କହିବା ଅସମ୍ଭବ ବୋଲି ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ଦୁର୍ଘଟଣାରେ ପ୍ରଭାବିତ ବ୍ୟକ୍ତିଙ୍କୁ ସେ ସମବେଦନା ଜଣାଇଛନ୍ତି। ଏହି ଦୁର୍ଘଟଣାରେ ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟ ଶୋକ ବ୍ୟକ୍ତ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖରଙ୍କ ସମେତ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମୀର ପୁଡିନ, ମଳଦୀପ ରାଷ୍ଟ୍ରପତି ମହମେଦ ମୁଇଜ୍ଜୁ, ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମୀର ଜେଲେନସ୍କି, ବ୍ରିଟେନ ପ୍ରଧାନମନ୍ତ୍ରୀ କିର ଷ୍ଟାରମର, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଅନ୍ଥୋନୀ ଆଲବାନିଜ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ, ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗ୍ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

## ଇରାନ୍ ଉପରେ ଆକ୍ରମଣ କରିବ ଇସ୍ରାଏଲ

ତେଲ ଅଭିଭ୍, ୧୨।୬(ଏଜେନ୍ସି): ଇରାନ ଉପରେ ଆକ୍ରମଣ କରିବାକୁ ଇସ୍ରାଏଲ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଛି। ଏ ନେଇ ଇସ୍ରାଏଲ ଆମେରିକାକୁ ମଧ୍ୟ ଅବଗତ କରାଯାଇଛି। ଆମେରିକା ଓ ୟୁରୋପ୍‌ର ପଦସ୍ଥ ଅଧିକାରୀମାନେ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ଯଦି ଇସ୍ରାଏଲ୍ ଆକ୍ରମଣ କରେ ତେବେ ଇରାକରେ ରହିଥିବା ଆମେରିକାର ବିଭିନ୍ନ ଠିକଣା ଉପରେ ଇରାନ ଆକ୍ରମଣ କରିପାରେ ବୋଲି ଆମେରିକା ଆଶଙ୍କା କରୁଛି। ଖାସ୍ ଏଥିପାଇଁ ଆମେରିକା ମଧ୍ୟପ୍ରାଚ୍ୟରୁ ଆମେରିକୀୟ ନାଗରିକ ଓ ଅଧିକାରୀମାନଙ୍କୁ ସ୍ୱଦେଶ ଫେରିଆସିବାକୁ ଆଦେଶ ଦେଇଛି। ଆମେରିକାର ବୈଦେଶିକ ବିଭାଗ ଇରାକରେ ନିୟୋଜିତ ଥିବା ସେତେ ଜରୁରୀ ନଥିବା ଅଧିକାରୀମାନଙ୍କୁ ଫେରିଯିବାକୁ କହିଛି। ମଧ୍ୟପ୍ରାଚ୍ୟରେ କେତୋଟି ଦେଶରୁ ଆମେରିକାର ତା'ର ସୈନିକମାନଙ୍କୁ ମଧ୍ୟ ହଟାଇବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୂର୍ବରୁ କହିସାରିଛନ୍ତି।

## ୟୁନୁସ୍‌ଙ୍କୁ ଭେଟିବାକୁ ମନାକଲେ ବ୍ରିଟେନ ପ୍ରଧାନମନ୍ତ୍ରୀ



ଢ଼ାକା, ୧୨।୬(ଏଜେନ୍ସି): ବ୍ରିଟେନ ପ୍ରଧାନମନ୍ତ୍ରୀ କିର ଷ୍ଟାରମର ବାଂଲାଦେଶ କମଚଳା ସରକାର ମୁଖ୍ୟ ମହମ୍ମଦ ୟୁନୁସ୍‌ଙ୍କୁ ଭେଟିବାକୁ ମନା କରିଦେଇଛନ୍ତି। ୟୁନୁସ ଜୁନ୍ ୧୦ରୁ ୧୩ ମଧ୍ୟରେ ଏକ ଦ୍ୱିପାକ୍ଷିକ ଆନୁଷ୍ଠାନିକ ଗସ୍ତରେ ଲଣ୍ଡନ ଯାଇଛନ୍ତି। ଏହି ଗସ୍ତରେ ବିଭିନ୍ନ ବିଷୟରେ ଆଲୋଚନା ପାଇଁ ୟୁନୁସ୍ ଷ୍ଟାରମରଙ୍କୁ ଭେଟିବାକୁ ଚାହୁଁଥିଲେ। ତେବେ ଷ୍ଟାରମର ତାଙ୍କୁ ଭେଟିବାକୁ ମନା କରିଦେଇଛନ୍ତି ବୋଲି ଫାଇନାନ୍ସିଆଲ ଟାଇମ୍ସରେ ଉଲ୍ଲେଖ କରାଯାଇଛି। ଏହାପୂର୍ବରୁ ୟୁନୁସ୍ ପ୍ରଧାନମନ୍ତ୍ରୀ ଷ୍ଟାରମରଙ୍କୁ ଭେଟିବେ ବୋଲି ବାଂଲାଦେଶ ବୈଦେଶିକ ମନ୍ତ୍ରଣାଳୟ ତରଫରୁ ସୂଚନା ଦିଆଯାଇଥିଲା।


## ବାଂଲାଦେଶରେ ରବୀନ୍ଦ୍ରନାଥ ଟାଗୋରଙ୍କ ପୈତୃକ ଘରେ ଆକ୍ରମଣ

ନୂଆଦିଲ୍ଲୀ, ୧୨।୬ (ଏଜେନ୍ସି): ବାଂଲାଦେଶର ସିରାଜଗଞ୍ଜ ସ୍ଥିତ ନୋବେଲ ପୁରସ୍କାର ବିଜେତା ରବୀନ୍ଦ୍ରନାଥ ଟାଗୋରଙ୍କ ପୈତୃକ ଘର ଉପରେ ଆକ୍ରମଣ କରାଯାଇଛି। ମଙ୍ଗଳବାର ଲୋକଙ୍କଭିଡ ରବୀନ୍ଦ୍ରନାଥ କଚରୀବାରୀ ନାମରେ ପ୍ରସିଦ୍ଧ ଥିବା ଏହି ଘର ଉପରେ ଆକ୍ରମଣ କରିଥିଲା। ଏଠାରେ ଥିବା ମ୍ୟୁଜିୟମର ନିର୍ଦ୍ଦେଶକଙ୍କୁ ମଧ୍ୟ ମାଡ ମରାଯାଇଛି। ବାସଭବନର ଝରକା, କବାଟ, ଆସବାପତ୍ର ଭାଙ୍ଗିବା ସହ ଏହି ଭିଡ୍ ମ୍ୟୁଜିୟମ ଓ ଅଡିଟୋରିୟମରେ ମଧ୍ୟ କ୍ଷତି ପହଞ୍ଚାଇଛି। ଜୁନ ୮ ଅର୍ଥାତ ଗତ ରବିବାର ଏହି ଘଟଣା ଘଟିଛି। ମୋଟର ସାଇକଲ ପାର୍କିଙ୍କୁ ନେଇ ଜଣେ ଆଗନ୍ତୁକ ଓ କର୍ମଚାରୀଙ୍କ ମଧ୍ୟରେ ଯୁକ୍ତିତର୍କ ତଥା ଝଗଡ଼ା ହେବା ଦ୍ୱାରା ଏହି ଘଟଣା ଘଟିଥିଲା ବୋଲି କୁହାଯାଇଛି। ଏହି ଘଟଣାକୁ ଭାରତୀୟ ଜନତା ପାର୍ଟି ଦୃଢ଼ ଭାବେ ନିନ୍ଦା କରିଛି। ଏହା ବାଂଲାଦେଶ ଜମାତ-ଏ- ଇସ୍ଲାମି ଓ ହିଫାଜନ- ଏ- ଇସ୍ଲାମି ଭଳି କଟରପନ୍ଥୀ ସମୂହଙ୍କ ପୂର୍ବନିୟୋଜିତ ଆକ୍ରମଣ ବୋଲି ବିଜେପି କୁହିଛି। ୫୦ରୁ ୬୦ ଜଣ ଲୋକଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଛି।



# ବିଶ୍ୱ ବାଣିଜ୍ୟ

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୫.୭୫
- ପାଉଣ୍ଡ ୧୧୬.୪୭
- ୟୁରୋ ୯୯.୫୨
- ୟେନ୍ ୦.୫୯

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୯୧,୦୦୦ (ଭୁବନେଶ୍ୱର)
- ରୁପା : ୧,୧୧,୦୦୦ (କେଜି)

### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୧,୬୯୧.୦୦
- ନିଫ୍ଟି ୨୪,୮୮୮.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା / ବୋଇଂର ଡୁବିଯିବ ୧ ଲକ୍ଷ କୋଟି

ଅହମ୍ମଦାବାଦ,୧୨।୬(ଏଜେନ୍ସି)

ଅହମ୍ମଦାବାଦରେ ଏୟାର ଇଣ୍ଡିଆର ବିମାନ ଦୁର୍ଘଟଣା ଖବର ସାରା ଦେଶକୁ ସ୍ତବ୍ଧ କରିଦେଇଛି।

- ବଜାର ପୁଞ୍ଜିରେ ହେବ ବଡ଼ କ୍ଷତି
- ବୋଇଂ ସେୟାର ୮ ପ୍ରତିଶତ ଖସିଲା

ଏହି ଘଟଣା ପରେ ଘରୋଇ ସେୟାର ବଜାରରେ ବୃହତ୍ ହ୍ରାସ ଘଟିଛି। ଏଥିରେ ଟାଟା ଗ୍ରୁପର ସେୟାର ମୂଲ୍ୟରେ ମଧ୍ୟ ବଡ଼ ଧରଣର ହ୍ରାସ ହୋଇଛି। ଅନ୍ୟପକ୍ଷରେ ଏହାର ପ୍ରଭାବ ଆମେରିକାରେ ମଧ୍ୟ ଦେଖିବାକୁ ମିଳିଛି। ଏଥିରେ ବିମାନ ନିର୍ମାତା କମ୍ପାନୀ ବୋଇଂର ସେୟାର ମଧ୍ୟ ହ୍ରାସ ପାଇଛି।ଏଥିରେ ବିଶେଷ କଥା ହେଉଛି ଯେ ଆମେରିକାରେ ସେୟାର ବଜାର ଏ ପର୍ଯ୍ୟନ୍ତ ଖୋଲିନାହିଁ। ତେବେ ବଜାର କାରବାର ପୂର୍ବରୁ ଆଜି ବୋଇଂର ଶେୟାର ମୂଲ୍ୟରେ ପ୍ରାୟ ୮ ପ୍ରତିଶତ ହ୍ରାସ ଦେଖିବାକୁ ମିଳିଛି। ଏଥିଯୋଗୁଁ କମ୍ପାନୀର ବଜାର ପୁଞ୍ଜିରେ ୧୨ ବିଲିୟନ ଡଲାର ଅର୍ଥାତ୍ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ କ୍ଷତି ହୋଇପାରେ। ଗୁରୁବାର ଗୁଜୁରାଟର ଅହମ୍ମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ପରେ ଆମେରିକା ବଜାର କାରବାର ଆରମ୍ଭ ହେବା ପୂର୍ବରୁ ମାନ୍ଦା ପଡିଯାଇଛି। ଅର୍ଥାତ୍ ବଜାର ହ୍ରାସ ଆଡକୁ ମୁହାଁଇଛି। କାରଣ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ଏକ ବୋଇଂ ୭୮୭-୮ ଡ୍ରିମଲାଇନର ବିମାନ ସାମିଲ ଥିଲା। ବୋଇଂର ସେୟାର ମୂଲ୍ୟ ପ୍ରତି ସେୟାର ପିଛk ୧୯୭.୫୮ ଆମେରିକୀୟ ଡଲାରରେ କାରବାର ହେଉଥିଲା, ଯେଉଁଥିରେ ୭.୬୭ ପ୍ରତିଶତ ହ୍ରାସ ପାଇଛି। ଏହାଛଡା ଆଜି ପୁଞ୍ଜି ବଜାରରେ ଇଣ୍ଡିଗୋ ଏବଂ ସ୍ପାଇଶଜେଟ୍ ଆଦି ବିମାନ କମ୍ପାନୀଙ୍କ ସେୟାର ମୂଲ୍ୟରେ ମଧ୍ୟ ବଡ଼ ହ୍ରାସ ଦେଖିବାକୁ ମିଳିଛି।

### ବିମାନ ଦୁର୍ଘଟଣାରେ ଚାଲିଗଲେ ପ୍ରମୁଖ ଶିଳ୍ପପତି

ନୂଆଦିଲ୍ଲୀ,୧୨।୬(ଏଜେନ୍ସି): ଅହମ୍ମଦାବାଦରେ ଏୟାର ଇଣ୍ଡିଆ ବିମାନର ଦୁଃଖଦ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ଯାତ୍ରୀଙ୍କ ମଧ୍ୟରେ ଦେଶର କେତେକ ପ୍ରମୁଖ ଉଦ୍ୟୋଗପତି ରହିଛନ୍ତି। ସେମାନଙ୍କ ମଧ୍ୟରେ ପ୍ରମୁଖ ନନ୍ଦ ଏବଂ ସୁଭାଷ ଅମିନ ଉଭୟ ଏହି ବିମାନର ଯାତ୍ରୀ ଥିଲେ। ପ୍ରମୁଖ ନନ୍ଦ ଗୁଜରାଟର ଜଣେ ଜଣାଶୁଣା ଶିଳ୍ପପତି। ସେ କାର୍ଗୋ ମୋଟର୍ସ ଗ୍ରୁପର ପ୍ରତିଷ୍ଠାତା। ସେହିପରି ସୁଭାଷ ଅମିନ ଲୁବି ମୋଟର୍ସ (ଲୁବି ପମ୍ପସ୍)ର ନିର୍ଦ୍ଦେଶକ। ସେ ଗୁଜରାଟର ଜଣେ ପ୍ରମୁଖ ଶିଳ୍ପପତିଙ୍କ ମଧ୍ୟରେ ଜଣେ। ଶ୍ରୀ ନନ୍ଦଙ୍କ କାର୍ଗୋ ମୋଟର୍ସ ଗ୍ରୁପ୍ ପଶ୍ଚିମ ଭାରତରେ ଏକ ପ୍ରମୁଖ ଅଟୋ ଡିଲରସିପ୍ ଏବଂ ପରିବହନ ସମାଧାନ ପ୍ରଦାନକାରୀ। ଗଣମାଧ୍ୟମ ରିପୋର୍ଟ ଅନୁସାରେ ପ୍ରମୁଖ ନନ୍ଦ ତାଙ୍କ ପରିବାର ସଦସ୍ୟ (ସ୍ତ୍ରୀ ନେହା ପ୍ରମୁଖ ନନ୍ଦ, ପୁଅ ପ୍ରବେଶ ନନ୍ଦ ଏବଂ ପ୍ରୟାସ ପ୍ରମୁଖ ନନ୍ଦ)ଙ୍କ ସହିତ ଏହି ବିମାନରେ ଲଣ୍ଡନ ଯାଉଥିଲେ। ଅନ୍ୟପକ୍ଷରେ, ଲୁବି ପମ୍ପସର ନିର୍ଦ୍ଦେଶକ ସୁଭାଷ ଅମିନ ଗୁଜରାଟର ଅନ୍ୟତମ ପ୍ରମୁଖ ଶିଳ୍ପପତି। ତାଙ୍କୁ ଲୁବି ପମ୍ପସର ନିର୍ଦ୍ଦେଶକ ଭାବରେ ଜଣାଶୁଣା। ରିପୋର୍ଟ ଅନୁସାରେ, ସୁଭାଷ ମଧ୍ୟ ଲଣ୍ଡନ ଯାଉଥିଲେ ଏବଂ ଏହି ବିମାନ ଦୁର୍ଘଟଣାରେ ତାଙ୍କର ମଧ୍ୟ ମୃତ୍ୟୁ ହୋଇଥିବା କୁହାଯାଉଛି। ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ସମ୍ପୃକ୍ତ ଯାତ୍ରୀଙ୍କ ତାଲିକାରେ ଏହି ଦୁଇ ଶିଳ୍ପପତିଙ୍କ ନାମ ପ୍ରକାଶ ପାଇଛି।

## ତନେଇରା ପକ୍ଷରୁ ପ୍ରଥମ ଥର ପାଇଁ ଶାଢୀ ଉପରେ ୪୦% ରିଆତି

ଭୁବନେଶ୍ୱର,୧୨।୬(ସମିସ): ତନେଇରା ପକ୍ଷରୁ ୨୦୨୪-୨୫ରେ ପ୍ରାୟ ୩୦% ବୃଦ୍ଧି ହାସଲ କରିଛି ଏବଂ ବିବାହ କ୍ରୟ ପ୍ରଭୃତି ସହ ୨୦୨୫-୨୬କୁ ଏହା ପ୍ରଭାବଶାଳୀ ଆରମ୍ଭ କରିଛି ଯାହା ଏହାର ଅଭିବୃଦ୍ଧି ଅଭ୍ୟାସକୁ ଜାରି ରଖିଛି। ଏହି ଗତି ଅନୁସରଣ କରି ବ୍ରାଣ୍ଡଟି ପ୍ରଥମ ଥର ପାଇଁ ଏକ ଜାତୀୟ ସ୍ତରର ବିକ୍ରି ଆରମ୍ଭ କରିଛି ଯେଉଁଥିରେ ଶାଢୀ, ରେଡି-ଟୁ-ୱେୟାର୍ ଏନସେମ୍ବଲ୍, ସିଲାଇ ହୋଇଥିବା କୁର୍ତା ସେଟ୍ ଏବଂ ଉତ୍ସବ ଲେହେଙ୍ଗା ଭଳି ବିଭିନ୍ନ ବର୍ଗର ଉତ୍ପାଦ ଉପରେ ୪୦% ରିଆତି ଦିଆଯାଇଛି। ସେଗୁଡିକ ସମସ୍ତ ଶୁଦ୍ଧ ଏବଂ ପ୍ରାକୃତିକ କପଡ଼ାରେ ନିର୍ମିତ। ୪୧ଟି ସହରରେ ୮୦ଟି ଷ୍ଟୋରର ଏକ ଦୃଢ଼ ଜାତୀୟ ନେଟୱାର୍କ ସହିତ ତନେଇରା ଏକ ପ୍ରମୁଖ ଏଥନିକ୍ ୱେୟାର୍ ଗନ୍ତବ୍ୟ ସ୍ଥଳ ଭାବରେ ନିଜ ସ୍ଥିତିକୁ ଆହୁରି ସୁଦୃଢ଼ କରୁଛି। ପର୍ବ ଋତୁର ଆଗମନ ସହିତ ଯାହା ଯଥେଷ୍ଟ ଅଧିକ ପୂର୍ବରୁ ଆରମ୍ଭ ହୋଇଛି। ଗ୍ରାହକମାନେ ତନେଇରା ଷ୍ଟୋର, ସିଡିଏ ସେକ୍ଟର ୬, କଟକ ଏବଂ ଉଦିତ ନଗର, ରାଉରକେଲାରେ ଏହି ଅଫର ପାଇପାରିବେ। ଏହି ଅବସରରେ ତନେଇରାର ମୁଖ୍ୟ ବିକ୍ରି ଏବଂ ମାର୍କେଟିଂ ଅଧିକାରୀ ସୋମପ୍ରଭ କୁମାର ସିଂହ କହିଛନ୍ତି ଯେ, "ଆମେ ପ୍ରଥମ ଥର ପାଇଁ ଏତେ ବିସ୍ତୃତ ପରିସର ଉପରେ ରିହାତି ପ୍ରଦାନ କରୁଛୁ ଯେଉଁଥିରେ ଉତ୍ପାଦଗୁଡିକ ୪୦% ରିଆତି ସହିତ ଉପଲବ୍ଧ ହୋଇଛି। ଏହି ଅଫର୍ ହେଉଛି ଏକ ଅତିରିକ୍ତ ସୁବିଧା ଯାହା ତନେଇରାର ସମୃଦ୍ଧି ଏବଂ ଶୁଦ୍ଧତାର ଅନୁଭୂତି ସହିତ ମିଳିତ।




## ମିତସୁବିଶି ଇଲେକ୍ଟ୍ରିକ୍ ଇଣ୍ଡିଆର ଏକ୍ସକ୍ଲୁସିଭ୍ ଶୋ'ରୁମ୍ ଉଦ୍‌ଘାଟିତ

ଭୁବନେଶ୍ୱର,୧୨।୬(ସମିସ)

ବିଶ୍ୱର ପ୍ରମୁଖ ଏୟାର କଣ୍ଡିସନର ଉତ୍ପାଦକ ମିତସୁବିଶି ଇଲେକ୍ଟ୍ରିକ୍ ଏବେ ଓଡିଶାର ଭୁବନେଶ୍ୱରରେ ଏହାର ଏକ୍ସକ୍ଲୁସିଭ୍ ଶୋ'ରୁମକୁଲିଂ ପ୍ଲାନେଟ'ର ଶୁଭାରମ୍ଭ କରିଛି। ଏହି ନୂଆ ଶୋ'ରୁମ ଏସଆର ରେଫ୍ରିଜରେଶନ ଲେନ୍-୨, ଡିଷ୍ଟ୍ରିକ୍ଟ ସେଣ୍ଟର ଚନ୍ଦ୍ରଶେଖରପୁରରେ ଅବସ୍ଥିତ। ଏହି ଅବସରରେ ମିତସୁବିଶି ଇଲେକ୍ଟ୍ରିକ୍ ଇଣ୍ଡିଆ, ଲିଭିଂ ଏନଭାରମେଣ୍ଟ- ପୂର୍ବ ଭାରତ ମୁଖ୍ୟ ମନୀଷ ଚୌଧୁରୀ ଏବଂ ଏଲଇ ଡିଭିଜନ ବ୍ୟବସାୟ ପରିଚାଳନା ମୁଖ୍ୟ ନାଓହିକୋ ହୋସୋକାୱା ଏହି ଶୋ' ରୁମର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଶ୍ରୀ ହୋସୋକାୱା କହିଛନ୍ତି ଯେ, ଆମେ ଭୁବନେଶ୍ୱରରେ ଆମର ସମ୍ପୂର୍ଣ୍ଣ ରେଞ୍ଜର ଏୟାର କଣ୍ଡିସନର ଆଣିବାକୁ ନେଇ ଆନନ୍ଦିତ, ଯାହା ଏଠାକାର ଗ୍ରାହକମାନଙ୍କୁ ଆମର ବିଶ୍ୱସ୍ତରୀୟ ଉତ୍ପାଦଗୁଡ଼ିକୁ ଅନୁଭବ କରିବାର ସୁଯୋଗ ଦେଉଛି ବୋଲି ସେ କହିଥିଲେ। ବିକ୍ରି ପରେ ସର୍ବୋତ୍ତମ ସେବା ସୁନିଶ୍ଚିତ କରିବା ପାଇଁ ମିତସୁବିଶି ଇଲେକ୍ଟ୍ରିକ୍ ଭୁବନେଶ୍ୱରରେ ଦୁଇଟି ସର୍ଭିସ ସେଣ୍ଟର ମଧ୍ୟ ଆରମ୍ଭ କରିଛି। ଏହି ଶୋ'ରୁମରେ ୱିଣ୍ଡୋ ଏସି, ସ୍ପ୍ଲିଟ୍ ଏସି ଓ ଭିଆରଏଫ୍ (ଭାରିଏବଲ ରେଫ୍ରିଜେରେଟର ଫ୍ଲୋ) ସିଷ୍ଟମ ସମେତ ମିତସୁବିଶି ପ୍ରଡକ୍ଟ ଗୁଡିକର ସମ୍ପୂର୍ଣ୍ଣ ରେଞ୍ଜ ଦେଖିବାକୁ ମିଳିବ। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଓଡିଶା ଅପରେସନ ହେଡ ଅମିର ହସନ ମଧ୍ୟ ଉପସ୍ଥିତ ଥିଲେ।



## ପଦ୍ମିନୀ ଖରାଙ୍କୁ ଖିମଜୀ ଫାଉଣ୍ଡେସନ ପକ୍ଷରୁ ସହାୟତା

ଭୁବନେଶ୍ୱର,୧୨।୬(ସମିସ): କୋରାପୁଟର ମାରାବାଇଗୁଡ଼ା ହରିଜନ ସାହିର ପ୍ରତିଭାବାନ ବାଳିକା ପଦ୍ମିନୀ ଖରାଙ୍କୁ ଖିମଜୀ ଫାଉଣ୍ଡେସନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଘରେ ପିତା ଶଯ୍ୟାଶାୟୀ ଆଉ ମିଶନ ଶକ୍ତି ଚାକିରିରୁ ସ୍ୱଳ୍ପ ଆୟ , ବଢୁଥିବା ଡାକ୍ତରୀ ଚିକିତ୍ସା ଖର୍ଚ୍ଚ ଏବଂ ତିନି ଝିଅଙ୍କୁ ପାଳିବାର ଦାୟିତ୍ୱ ୧୭ ବର୍ଷୀୟ ପଦ୍ମିନୀଙ୍କ ମା'ଙ୍କ ଉପରେ ବଡ଼ ବୋଝ ହୋଇ ମାଡ଼ିବସିଥିଲା। ଅବିଶ୍ରାନ୍ତ ଧ୍ୟାନ ସହିତ ସେ ପାଠପଢ଼ାରେ ଉତ୍କୃଷ୍ଟତା ହାସଲ କରି ସିବିଏସଇ ବୋର୍ଡ ପରୀକ୍ଷାରେ ୯୬% ଏବଂ ଦ୍ୱାଦଶ ଶ୍ରେଣୀରେ ୯୪% ନମ୍ବର ରଖିଥିଲେ। ତଥାପି ତାଙ୍କ ଶିକ୍ଷାଗତ ପ୍ରତିଭା ଆର୍ଥିକ ନିରାଶାରେ ପରିଣତ ହୋଇଥିଲା। ପଦ୍ମିନୀଙ୍କ ଦୁର୍ଦ୍ଦଶା ବିଷୟରେ ଫାଉଣ୍ଡେସନ ଜାଣିବା ପରେ ପ୍ରତିଷ୍ଠିତ ଗହଣା ପ୍ରତିଷ୍ଠାନ ଖିମଜୀ ଜୁଏଲର୍ସର ସିଏସଆର ଶାଖା ତତ୍କାଳ ପଦକ୍ଷେପ ନେଇଥିଲା। ତାଙ୍କର ଅସାଧାରଣ କ୍ଷମତାକୁ ଚିହ୍ନିବା ସହ ଫାଉଣ୍ଡେସନ୍ ଜୀବନ ବଦଳାଇବା ସହାୟତା ସହିତ ଆଗେଇ ଆସିଥିଲା। ଖିମଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜି କହିଛନ୍ତି ଯେ, ଖିମଜୀ ଫାଉଣ୍ଡେସନରେ ଆମେ ଅସାଧାରଣ ପ୍ରତିଶ୍ରୁତି ଦେଖାଉଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ସମର୍ଥନ କରିବାକୁ ପ୍ରତିବଦ୍ଧ। ବ୍ୟକ୍ତିଗତ ଏବଂ ଆର୍ଥିକ ଆହ୍ୱାନ ପରିସ୍ଥିତିରେ ଏତେ ଭଲ ନମ୍ବର ରଖିବା ତାଙ୍କର ନିଷ୍ଠା, ସହନଶୀଳତା ଏବଂ କ୍ଷମତାର ପ୍ରମାଣ। ଖିମଜୀ ଫାଉଣ୍ଡେସନ୍ ପଦ୍ମିନୀଙ୍କୁ ସ୍ନାତକ ଶିକ୍ଷା ସମାପ୍ତ ହେବା ପର୍ଯ୍ୟନ୍ତ ତାଙ୍କର ଶିକ୍ଷାଗତ ଖର୍ଚ୍ଚ ପାଇଁ ନିରନ୍ତର ସମର୍ଥନର ଆଶ୍ୱାସନା ଦେଇଛି। ଏହି ସହାୟତା ତାଙ୍କର ଟ୍ୟୁସନ ଫି, ରହଣି ଏବଂ ଖାଦ୍ୟ, କୋଚିଂ ଏବଂ ଅନ୍ୟାନ୍ୟ ଶିକ୍ଷାଗତ ଖର୍ଚ୍ଚକୁ ବହନ କରିବ। ଫାଉଣ୍ଡେସନ୍ ପକ୍ଷରୁ ତାଙ୍କ ପରିବାରର ଭାର ହାଲୁକା କରିବା ପାଇଁ ୧ ଲକ୍ଷ ଟଙ୍କା ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ତାଙ୍କ ଉଚ୍ଚ ଶିକ୍ଷାକୁ ଅନୁଦାନ ଦେବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛି ଯାହା ଟ୍ୟୁସନ, ପୁସ୍ତକ, ରହଣି ଏବଂ ଅତିରିକ୍ତ ପଢା ଖର୍ଚ୍ଚକୁ ବହନ କରିବ। ପଦ୍ମିନୀ କହିଛନ୍ତି ଯେ,ସେ ଆଶା ଛାଡ଼ି ଦେଇଥିଲେ, କିନ୍ତୁ ଖିମଜୀ ଫାଉଣ୍ଡେସନ ତାଙ୍କୁ ବିଶ୍ୱାସ ବିଶ୍ୱାସ କରିଥିଲା। ବର୍ତ୍ତମାନସେ ବିନା କୌଣସି ବାଧାରେ ନିଜ ସ୍ୱପ୍ନକୁ ଅନୁସରଣ କରିପାରିବେ।





ପଦ୍ମିନୀ ଖାରାଙ୍କୁ ଖିମଜୀ ଜୁଏଲର୍ସର ଏମ୍‌ଡି ମିତେଶ ଖିମ୍‌ଜୀ ଓ ସହକାରୀ ନିର୍ଦ୍ଦେଶକ ନିଶାଙ୍କ ଅଗ୍ରୱାଲା ସହାୟତା ବାବଦ ଚେକ୍ ହସ୍ତାନ୍ତର କରୁଛନ୍ତି।

■ ମ୍ୟୁନିକ୍ ସୁଟିଂ ବିଶ୍ୱକପ୍

# ସିଫ୍ଟ କୌରଙ୍କୁ କାଂସ୍ୟ

ମ୍ୟୁନିକ୍, ୧୨।୬ (ଏଜେନ୍ସି): ଭାରତର ସିଫ୍ଟ କୌ ସାମ୍ରା ଏଠାରେ ଚାଲିଥିବା ସୁଟିଂ ବିଶ୍ୱକପ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଗୁରୁବାର ଅନୁଷ୍ଠିତ ମହିଳା ୫୦ ମିଟର ରାଇଫଲ-୩ ପୋଜିସନରେ ତୃତୀୟ ସ୍ଥାନ ଅଧିକାର କରିଥିଲେ।



୮ଜଣ ସୁଟରଙ୍କୁ ନେଇ ଅନୁଷ୍ଠିତ ଫାଇନାଲରେ ସେ ୪୫୩.୧ ପଏଣ୍ଟ ସ୍କୋର କରିଥିଲେ। ଏହି ଇଭେଣ୍ଟରେ ନରୱେର ପୂର୍ବ ବିଶ୍ୱ ଚାମ୍ପିଅନ ଜାନେଟ୍ଟୀ ଡୁଏଷ୍ଟାଦ୍‌ଙ୍କୁ ସ୍ୱର୍ଣ୍ଣ ଓ ସ୍ୱିଜରଲାଣ୍ଡର ଏମେଲୀ ଜାଏଗୀଙ୍କୁ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଗୁରୁବାର ଅନୁଷ୍ଠିତ ଇଭେଣ୍ଟରେ ଅନ୍ୟ କୌଣସି ଭାରତୀୟ ପଦକ ଜିତିବାରେ ସମର୍ଥ ହୋଇପାରି ନାହାନ୍ତି। ୩ ସ୍ୱର୍ଣ୍ଣ ସହ ଚୀନ ପଦକ ତାଲିକାର ପ୍ରଥମ ସ୍ଥାନରେ ରହିଛନ୍ତି। ଭାରତ ଏ ପର୍ଯ୍ୟନ୍ତ ମାତ୍ର ୨ଟି କାଂସ୍ୟ ପଦକ ହାସଲ କରିଛି। ପୂର୍ବରୁ ଏଲାଭେନିଲ ଭାଲରିଭାନ ମହିଳା ଏୟାର ରାଇଫଲରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ।

# ଏନ୍‌ସିଏଏ ଫାଇନାଲରେ ଇତିହାସ ରଚିବେ କ୍ରିଷ୍ଣା



ନ୍ୟୁୟର୍କ,୧୨।୬ (ଏଜେନ୍ସି): ଆମେରିକାରେ ଖେଳାଯାଉଥିବା ଏନ୍‌ସିଏଏ (ନ୍ୟାସନାଲ କଲେଜ୍ ଆଥ୍‌ଲେଟିକ ଆସୋସିଏସନ) ଦ୍ୱାରା ଆୟୋଜିତ ପ୍ରତିଯୋଗିତାକୁ ମହାବିଦ୍ୟାଳୟସ୍ତରରେ ବିଶ୍ୱର ସର୍ବଶ୍ରେଷ୍ଠ ଦୌଡ଼କୁଦ ପ୍ରତିଯୋଗିତା ଭାବେ ବିବେଚନା କରାଯାଇଥାଏ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ୨୩ ବର୍ଷୀୟା ଭାରତୀୟ ବଂଶୋଦ୍ଭବ କ୍ରିଷ୍ଣା ଜୟଶଙ୍କର ମେନନ ଯୋଗ୍ୟତା ଅର୍ଜନ କରିଛନ୍ତି। କ୍ରିଷ୍ଣା ହେଉଛନ୍ତି ଭାରତୀୟ ବାସ୍କେଟବଲ ଖେଳାଳି ଜୟଶଙ୍କର ମେନନଙ୍କ ଝିଅ। କ୍ରିଷ୍ଣା ଛୋଟ ଥିଲାବେଳେ ଜୟଶଙ୍କର ଜାମାଇକାରେ ଯାଇ ବସବାସ କରିଥିଲେ। ଏବେ କ୍ରିଷ୍ଣା ଲାସ୍ ଭେଗାସସ୍ଥିତ ୟୁନିଭର୍ସିଟି ଅଫ୍ ନେଭେଦାରେ ପଢ଼ୁଛନ୍ତି।

■ ଏଫ୍‌ଆଇଏଚ୍ ପ୍ରୋ ଲିଗ୍

# ପରାଜୟ ଭାରତର ପିଛା ଛାଡ଼ୁନି

ଆମଷ୍ଟେଲଭିନ, ୧୨।୬ (ଏଜେନ୍ସି): ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଖେଳିବା ଲାଗି ୟୁରୋପ୍ ଗସ୍ତରେ ଥିବା ଭାରତୀୟ ପୁରୁଷ ହକି ଦଳର ପିଛା ଛାଡ଼ୁନି ପରାଜୟ। ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ହକି ଦଳ ପ୍ରୋ ଲିଗ୍‌ର ୟୁରୋପ୍ ପର୍ଯ୍ୟାୟରେ କ୍ରମାଗତ ୪ର୍ଥ ପରାଜୟବରଣ କରିଛି। ଗୁରୁବାର ଖେଳାଯାଇଥିବା ଏକ ମ୍ୟାଚରେ ଆର୍ଜେଣ୍ଟିନା ୨-୧ ଗୋଲରେ ଭାରତକୁ ମାତ୍ ଦେଇଛି। ଏଥିପୂର୍ବରୁ ବୁଧବାର ମଧ୍ୟ ଆର୍ଜେଣ୍ଟିନା ୪-୩ ଗୋଲରେ ଭାରତ ବିପକ୍ଷରେ ବିଜୟୀ ହୋଇଥିଲା। ସେହିଭଳି ନେଦରଲାଣ୍ଡସ ବିପକ୍ଷ ଦୁଇଟି ମ୍ୟାଚକୁ ଭାରତ ଯଥାକ୍ରମେ ୨-୧ ଓ ୩-୨ ଗୋଲରେ ହାରିଯାଇଥିଲା। ବର୍ତ୍ତମାନ ସୁଦ୍ଧା ଭାରତ ୧୨ ମ୍ୟାଚରୁ ୧୫ ପଏଣ୍ଟ ପାଇ ୫ମ ସ୍ଥାନକୁ ଖସିଯାଇଛି।

# ମେସି ଇଣ୍ଟର ମିଆମି ଅଧିନାୟକ



ନ୍ୟୁୟର୍କ, ୧୨।୬ (ଏଜେନ୍ସି): ଆର୍ଜେଣ୍ଟିନାର ସୁପରଷ୍ଟାର ଲିଓନେଲ ମେସି ଆମେରିକାରେ ଖେଳାଯିବାକୁ ଥିବା ଫିଫା କ୍ଲବ୍ ବିଶ୍ୱକପ୍ ଫୁଟବଲରେ ଇଣ୍ଟର ମିଆମି ଦଳର ନେତୃତ୍ୱ ନେବେ। ୩୨ଟି କ୍ଲବ୍‌କୁ ନେଇ ହେବାକୁ ଥିବା ଏହି ପ୍ରତିଯୋଗିତା ଜୁନ୍ ୧୪ରୁ ଆରମ୍ଭ ହୋଇ ଜୁଲାଇ ୧୩ରେ ଶେଷ ହେବ। ଆସନ୍ତାବର୍ଷ ହେବାକୁ ଥିବା ଫିଫା ବିଶ୍ୱକପ୍‌ର ସହ ଆୟୋଜକ ଥିବା ଆମେରିକା ଏହି ଟୁର୍ଣ୍ଣାମେଣ୍ଟ ମାଧ୍ୟମରେ ରିହରସାଲ କରିବ। ମେସିଙ୍କ ନେତୃତ୍ୱରେ ଗଠିତ ଦଳରେ ଲୁଇସ ସୁଆରେଜ୍ ସ୍ଥାନ ପାଇଛନ୍ତି।

## ଡବ୍ଲ୍ୟୁଟିସି ଫାଇନାଲ: ଦୁଇ ଦିନରେ ୨୮ ୱିକେଟ୍ ପତନ

# ରୋମାଞ୍ଚକ ମୋଡ଼ରେ ଲର୍ଡ୍ସ ଲଢ଼େଇ

ଲଣ୍ଡନ, ୧୨।୬ (ଏଜେନ୍ସି):

ସ୍ଥାନୀୟ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି)ର ଫାଇନାଲ ମୁକାବିଲା ରୋମାଞ୍ଚକ ମୋଡ଼ରେ ପହଞ୍ଚିଛି। ପ୍ରଥମ ଦୁଇ ଦିନରେ ୨୮ ୱିକେଟ୍‌ର ପତନ ଘଟିଛି। ଶୁକ୍ରବାର ୩ୟ ଦିବସରେ ମ୍ୟାଚ୍‌ର ଫଳାଫଳ ବାହାରିବା ନିଶ୍ଚିତ ହୋଇଛି। ଅଷ୍ଟ୍ରେଲିଆ ଟାଇଟଲ୍ ବଜାୟ ରଖିପାରୁଛି କି ଦକ୍ଷିଣ ଆଫ୍ରିକା ନୂଆ ବିଜେତା ହେଉଛି, ତାହା ଶୁକ୍ରବାର ଜଣାପଡ଼ିବ। ଅଷ୍ଟ୍ରେଲିଆର ପ୍ରଥମ ପାଳି ସ୍କୋର ୨୧୨ ରନ ଜବାବରେ ଦକ୍ଷିଣ ଆଫ୍ରିକା ଗୁରୁବାର ଦ୍ୱିତୀୟ ଦିବସରେ ମାତ୍ର ୧୩୮ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ଫଳରେ ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୭୪ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ଏହାପରେ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ଷ୍ଟମ୍ପ ସୁଦ୍ଧା ୪୦ ଓଭର ଖେଳି ୮ ୱିକେଟ୍ ହରାଇ ୧୪୪ ରନ ସଂଗ୍ରହ କରିଛି। ମିଚେଲ ଷ୍ଟାର୍କ ୧୬ ଓ ନାଥନ ଲାୟନ ୧ ରନରେ ଅପରାଜିତ ରହିଛନ୍ତି। ଆଲେକ୍ସ କେରୀ ୪୩, ମାର୍ନସ ଲାବୁସେନ ୨୨ ଓ ଷ୍ଟିଭ ସ୍ମିଥ ୧୩, ଟ୍ରାଭିସ ହେଡ୍ ଓ ବିଉ ୱେବଷ୍ଟର ୯ ରନ ଲେଖାଏ କରି ଆଉଟ୍ ହୋଇଛନ୍ତି। କାଗିସୋ ରାବାଡା ଓ ଲୁନଗି ଏନ୍‌ଗିଡିଙ୍କୁ ୩ଟି ଲେଖାଏ ୱିକେଟ୍ ମିଳିଛି। ୨ ୱିକେଟ୍ ବଳକା ଥାଇ ଅଷ୍ଟ୍ରେଲିଆ ମୋଟ୍ ଉପରେ ୨୧୮ ରନରେ ଅଗ୍ରଣୀ ରହି ଦୃଢ଼ସ୍ଥିତିରେ ରହିଛି। ଅଦ୍ୟାବଧି ପତନ ଘଟିଥିବା ୨୮ଟି ୱିକେଟ୍ ମଧ୍ୟରୁ ଦ୍ରୁତ ବୋଲରମାନେ ୨୫ଟି ୱିକେଟ୍ ନେଇଛନ୍ତି। ଯାହାକି ଲର୍ଡ୍ସରେ ଦ୍ରୁତ ବୋଲରଙ୍କ ପ୍ରଭାବକୁ ଜାରି ରଖିଛି।

ଦକ୍ଷିଣ ଆଫ୍ରିକା ପୂର୍ବ ଦିନର ଅସମାପ୍ତ ପ୍ରଥମ ପାଳି ସ୍କୋର ୪୩/୪ରୁ ଗୁରୁବାର ଦ୍ୱିତୀୟ ଦିବସ ଆରମ୍ଭ କରିଥିଲା। ଦୁଇ ଅପରାଜିତ ବ୍ୟାଟର୍ ଅଧିନାୟକ ତେମ୍ବା ବଭୁମା ଓ ଡେଭିଡ୍ ବେଡିଂହାମ ସତର୍କତାର ସହ ଖେଳି ୫ମ ୱିକେଟ୍‌ରେ ୬୪ ରନ ଭାଗୀଦାରି ଗଢ଼ିଥିଲେ। ତେବେ ବଭୁମାଙ୍କୁ ୩୬ ରନରେ ଆଉଟ୍ କରି ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କମିନ୍ସ ଦଳକୁ ପ୍ରତୀକ୍ଷିତ ବ୍ରେକ ଥ୍ରୁ ଦେଇଥିଲେ। ଏହାପରେ ଦକ୍ଷିଣ ଆଫ୍ରିକାର ମଧ୍ୟ ଓ ନିମ୍ନକ୍ରମର ବ୍ୟାଟର୍ କମିନ୍ସଙ୍କ ବଲ୍‌କୁ ସାମ୍ନା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ। ଫଳରେ ଦକ୍ଷିଣ ଆଫ୍ରିକାର ପ୍ରଥମ ପାଳି ସ୍କୋର ୧୩୮ ରନରେ ସୀମିତ ରହିଥିଲା। ବେଡିଂହାମ ସର୍ବାଧିକ ୪୫ ରନ କରିଥିବାବେଳେ କାଏଲ୍ ଭେରେନି ୧୩, କେଶବ ମହାରାଜ ୭ ଏବଂ ମାର୍କୋ ଜାନସେନ ଓ ଲୁନଗି ଏନ୍‌ଗିଡି ଖାତା ଖୋଲିପାରି ନ ଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ କମିନ୍ସ ସର୍ବାଧିକ ୬ଟି, ମିଚେଲ ଷ୍ଟାର୍କ ୨ ୱିକେଟ୍ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ ପ୍ରଥମ ପାଳି:** ୨୧୨/୧୦

**ଦକ୍ଷିଣ ଆଫ୍ରିକା ପ୍ରଥମ ପାଳି:** ୧୩୮/୧୦ (ବେଡିଂହାମ-୪୫, ବଭୁମା- ୩୬, ଭେରେନି- ୧୩, ମଲଡର-୬, କମିନ୍ସ- ୬/୨୮, ଷ୍ଟାର୍କ- ୨/୪୧)

**ଅଷ୍ଟ୍ରେଲିଆ ୨ୟ ପାଳି:** ୧୪୪/୮, ୪୦ ଓଭର (କେରୀ-୪୩, ଲାବୁସେନ-୨୨, ସ୍ମିଥ- ୧୩, ଷ୍ଟାର୍କ- ଅପରାଜିତ-୧୬, ହେଡ୍- ୯, କମିନ୍ସ-୬, ରାବାଡା- ୩/୪୪, ଏନ୍‌ଗିଡି- ୩/୩୫)।




ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କମିନ୍ସ ଟେଷ୍ଟ କ୍ରିକେଟ୍‌ରେ ୩୦୦ ୱିକେଟ୍ ପୂରଣ କରିଛନ୍ତି। ଡବ୍ଲ୍ୟୁଟିସି ଫାଇନାଲ ମୁକାବିଲାରେ ଦକ୍ଷିଣ ଆଫ୍ରିକାର କାଗିସୋ ରାବାଡା କମିନ୍ସଙ୍କ ୩୦୦ତମ ଶିକାର ବନିଥିଲେ। ଅଷ୍ଟ୍ରେଲିଆର ୮ମ ବୋଲର ଭାବେ ସେ ୩୦୦ ୱିକେଟ୍ କ୍ଲବରେ ସାମିଲ ହୋଇଛନ୍ତି। ପୂର୍ବରୁ ସେନ ୱର୍ଣ୍ଣ, ଗ୍ଲେନ ମ୍ୟାକ୍‌ଗ୍ରା, ନାଥନ ଲାୟନ, ଷ୍ଟାର୍କ, ଡେନିସ ଲିଲି, ବ୍ରେଟ୍ ଲି ଓ ମିଚେଲ ଜନସନ ଟେଷ୍ଟରେ ୩୦୦ ୱିକେଟ୍ ନେଇଥିଲେ। କମିନ୍ସ ତାଙ୍କର ୬୮ତମ ଟେଷ୍ଟ ମ୍ୟାଚ୍ ଖେଳୁଥିବାବେଳେ ଏହି ସଫଳତା ପାଇଛନ୍ତି। ସେହିଭଳି ଆଇସିସି ଇଭେଣ୍ଟର ଫାଇନାଲରେ ସର୍ବାଧିକ ୱିକେଟ୍ ନେବରେ ଷ୍ଟାର୍କଙ୍କ ସହ ସମକକ୍ଷ ହୋଇଛନ୍ତି କମିନ୍ସ। ଆଇସିସି ଟୁର୍ଣ୍ଣାମେଣ୍ଟର ସମସ୍ତ ଫର୍ମାଟ୍ ଫାଇନାଲ ମ୍ୟାଚରେ କମିନ୍ସ ଓ ଷ୍ଟାର୍କ ବର୍ତ୍ତମାନ ସୁଦ୍ଧା ୧୧ଟି ୱିକେଟ୍ ନେଇସାରିଛନ୍ତି।

## ୧୪୫ ବର୍ଷରେ ବିରଳ କୀର୍ତ୍ତିମାନ



ଇଂଲଣ୍ଡ ମାଟିରେ ଟେଷ୍ଟ କ୍ରିକେଟ ଇତିହାସର ୧୪୫ ବର୍ଷ ମଧ୍ୟରେ ପ୍ରଥମଥର ଲାଗି କୌଣସି ଟେଷ୍ଟ ମ୍ୟାଚର ଉଭୟ ଦଳର ନଂ-୧ ବ୍ୟାଟର୍ (ବ୍ୟାଟିଂ ଅର୍ଡର ଅନୁଯାୟୀ ଯିଏ ପାଳିର ପ୍ରଥମ ବଲ୍ ସାମ୍ନା କରିଥାଏ) ଖାତା ଖୋଲିବାରେ ବିଫଳ ହୋଇଛନ୍ତି। ୧୮୮୦ ମସିହାରେ ଇଂଲଣ୍ଡ ମାଟିରେ ପ୍ରଥମ ଟେଷ୍ଟ ମ୍ୟାଚ୍ (ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ) ଖେଳାଯାଇଥିଲା। ଏହା ମଧ୍ୟରେ ୫୬୧ ଟେଷ୍ଟ ଇଂଲଣ୍ଡ ମାଟିରେ ଖେଳାଯାଇଛି, କିନ୍ତୁ ଏଭଳି ଘଟଣା କେବେ ଦେଖିବାକୁ ମିଳି ନ ଥିଲା। ଅଷ୍ଟ୍ରେଲିଆର ପ୍ରଥମ ପାଳିରେ ବ୍ୟାଟିଂ ଆରମ୍ଭ କରିଥିବା ଉସମାନ ଖୱାଜା ୨୦ ବଲ୍ ଖେଳିଥିଲେ ମଧ୍ୟ ଖାତା ଖୋଲିପାରି ନ ଥିଲେ। ସେହିଭଳି ଦକ୍ଷିଣ ଆଫ୍ରିକାର ପ୍ରଥମ ପାଳିରେ ଆଇଡେନ ମାର୍କରାମ (୬ ବଲରେ ୦) ସମାନ ଭାବେ ଶୂନରେ ଆଉଟ୍ ହୋଇଥିଲେ। ତେବେ ଓଭରଅଲ୍ ଟେଷ୍ଟ କ୍ରିକେଟ୍‌ରେ ୧୦ମଥର ଲାଗି ଏଭଳି ଘଟଣା ଦେଖିବାକୁ ମିଳିଛି।

# ୱିମ୍ବଲଡନ ବିଜେତାଙ୍କୁ ମିଳିବ ୩୪.୮ କୋଟି

ଲଣ୍ଡନ, ୧୨।୬ (ଏଜେନ୍ସି): ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ତଥା ୱିମ୍ବଲଡନର ୧୩୮ତମ ସଂସ୍କରଣ ଜୁନ ୩୦ରୁ ଅଲ୍ ଇଂଲଣ୍ଡ ଲନ୍



ଟେନିସ କ୍ଲବ (ଏଇଏଲ୍‌ଟିସି)ରେ ଆରମ୍ଭ ହେବ। ତେବେ ଏହାର ଦୁଇ ସପ୍ତାହ ପୂର୍ବରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ଆୟୋଜକ ଏଇଏଲ୍‌ଟିସି ପକ୍ଷରୁ ଟୁର୍ଣ୍ଣାମେଣ୍ଟର ମୋଟ୍ ପୁରସ୍କାର ରାଶିରେ ଆଖିଦୃଶିଆ ବୃଦ୍ଧି କରାଯାଇଛି। ଏଥର ୱିମ୍ବଲଡନରେ ମୋଟ୍ ୭୨.୫୯ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ୫୨୧ କୋଟି ୨୩ ଲକ୍ଷ ଟଙ୍କା) ପୁରସ୍କାର ରାଶି ପ୍ରଦାନ କରାଯିବ। ଯାହାକି ଗତ ସଂସ୍କରଣଠାରୁ ୭ ପ୍ରତିଶତ ଅଧିକ। ଗୋଟିଏ ଦଶନ୍ଧି ତଳେ ଏହି ପୁରସ୍କାର ରାଶିର ଅଧା ଟଙ୍କା ପ୍ରଦାନ କରାଯାଉଥିଲା।

ଅପରପକ୍ଷରେ ୱିମ୍ବଲଡନର ପୁରୁଷ ଓ ମହିଳା ଏକକରେ ଯେଉଁ ଖେଳାଳି ଚାମ୍ପିଅନ ହେବେ ସେ ସାଥୀରେ ଘରକୁ ୪.୦୭ ମିଲିୟନ ଡଲାର ନେଇକି ଯିବେ। ଯାହାକି ଭାରତୀୟ ମୁଦ୍ରାରେ ପ୍ରାୟ ୩୪ କୋଟି ୮୩ ଲକ୍ଷ ଟଙ୍କା ହେବ। ବିଶ୍ୱରେ ଖେଳାଯାଉଥିବା ୪ଟି (ଅଷ୍ଟ୍ରେଲିଆନ୍ ଓପନ୍, ଫ୍ରେଞ୍ଚ ଓପନ୍, ୱିମ୍ବଲଡନ ଓ ୟୁଏସ୍ ଓପନ୍) ଗ୍ରାଣ୍ଡସ୍ଲାମରେ ବିଜେତାଙ୍କୁ ପ୍ରଦାନ କରାଯାଉଥିବା ରାଶି ମଧ୍ୟରେ ଏହା ସର୍ବାଧିକ। ସେହିଭଳି ପୁରୁଷ ଓ ମହିଳା ଏକକରେ ଯେଉଁ ଖେଳାଳି ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେବେ ସେମାନଙ୍କୁ ୭୬ ଲକ୍ଷ ୮୧ ହଜାର ଟଙ୍କା ପୁରସ୍କାର ରାଶିମିଳିବ। ଗତ ବର୍ଷ ତୁଳନାରେ ଏହା ୧୦ ପ୍ରତିଶତ ଅଧିକ।

## ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପୂର୍ବରୁ ଅନ୍ତିମ ପ୍ରସ୍ତୁତି

# ଆଜିଠୁ ଇଣ୍ଟ୍ରାସ୍କ୍ୱାଡ୍ ମ୍ୟାଚ୍

ଲଣ୍ଡନ, ୧୨।୬ (ଏଜେନ୍ସି): ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ ଟେଷ୍ଟ କ୍ରିକେଟ୍ ଦଳ ଶୁକ୍ରବାରଠାରୁ ୪ ଦିବସୀୟ ଇଣ୍ଟ୍ରାସ୍କ୍ୱାଡ୍ ମ୍ୟାଚ୍ ଖେଳିବ। ଏଥିରେ ଶୁବମାନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଓ ଭାରତ-ଏ ମଧ୍ୟରେ ମ୍ୟାଚ୍ ଖେଳାଯିବ। ନିକଟରେ ଇଂଲଣ୍ଡ ଲାୟନ୍ସ ଓ ଭାରତ-ଏ ମଧ୍ୟରେ ଦୁଇଟି ଅନ୍‌ଅଫିସିଆଲ୍ ଟେଷ୍ଟ ମ୍ୟାଚ୍ ଖେଳାଯାଇଥିଲା। ତେଣୁ ଆସନ୍ତା ୨୦ ତାରିଖରୁ ଘରୋଇ ଇଂଲଣ୍ଡ ବିପକ୍ଷରେ ଆରମ୍ଭ ହେବାକୁ ଥିବା ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ପୂର୍ବରୁ ଇଣ୍ଟ୍ରାସ୍କ୍ୱାଡ୍ ମ୍ୟାଚ୍ ଭାରତୀୟ ଖେଳାଳିଙ୍କ ପ୍ରସ୍ତୁତି ଲାଗି ଅନ୍ତିମ ଅଭ୍ୟାସ ମ୍ୟାଚ୍ ହେବ। ଏହି ମ୍ୟାଚ୍ ଜରିଆରେ ଭାରତୀୟ ଖେଳାଳି ଟେଷ୍ଟ ସିରିଜ ପୂର୍ବରୁ ନିଜକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଅପରାହ୍ଣ ୨ଟା ୩୦ ମିନିଟରୁ ଗ୍ରେଟର୍ ଲଣ୍ଡନର ବେକେନହାମ୍ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ। ଏହାର କିନ୍ତୁ ସିଧାପ୍ରସାରଣ ହେବ ନାହିଁ।

ଭାରତୀୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଓ ନୂଆ ଅଧିନାୟକ ଶୁବମନ ଗିଲ୍‌ଙ୍କ ଲାଗି ଏହି ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ବେଶ୍ ଗୁରୁତ୍ୱବହନ କରୁଛି। ଦୁଇ ପ୍ରମୁଖ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ନିକଟରେ ଟେଷ୍ଟ ଫର୍ମାଟ୍‌ରୁ ନିକଟରେ ଅବସର ନେଇଥିଲେ। ସେହିଭଳି ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ମଧ୍ୟ ଗତ ଡିସେମ୍ବର ୧୮ରେ ସନ୍ନ୍ୟାସ ନେଇଥିଲେ। ତେଣୁ ଦଳର ସବୁଠୁ ୩ ଅଭିଜ୍ଞ ଖେଳାଳିଙ୍କ ବିନା ଭାରତ ଏଥର ଇଂଲଣ୍ଡ ଗସ୍ତରେ ଟେଷ୍ଟ ଖେଳିବାକୁ ଯାଇଛି। ତେଣୁ ଏହି ୩ ଅଭିଜ୍ଞ ଖେଳାଳିଙ୍କ ଅନୁପସ୍ଥିତିରେ ଯୁବ ଖେଳାଳିମାନେ



କିଛି ସ୍ୱତନ୍ତ୍ର କରି ଦେଖାନ୍ତୁ ବୋଲି ଗମ୍ଭୀର ଦଳକୁ ପରାମର୍ଶ ଦେଇଛନ୍ତି।

# ଭୁବନେଶ୍ୱରରେ ରାଜ୍ୟ ଜୁ ଜିତ୍‌ସୁ ପ୍ରତିଯୋଗିତା

ଭୁବନେଶ୍ୱର,୧୨।୬ (ସମିସ): ରାଜ୍ୟ ଜୁ ଜିତ୍‌ସୁ ପ୍ରତିଯୋଗିତା ଆସନ୍ତା ୨୨ରୁ ସ୍ଥାନୀୟ ଉତ୍କଳ କରାରେ ସ୍କୁଲରେ ଅନୁଷ୍ଠିତ ହେବ। ଏଥିରେ ସମସ୍ତ ବରିଷ୍ଠ, କନିଷ୍ଠ ଓ ଉପକନିଷ୍ଠ ବର୍ଗରେ ପ୍ରତିଯୋଗିତା ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ପ୍ରଥମସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ରାଜ୍ୟ ପକ୍ଷରୁ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିବେ ବୋଲି ରାଜ୍ୟ ଜୁ ଜିତ୍‌ସୁ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଅଧିକ ସୂଚନା ଲାଗି ମୋ-୯୮୨୭୮୭୨୭୨୦ ସହ ଯୋଗାଯୋଗ କରିପାରିବେ।

## ରାଜ୍ୟ ୧୫ ବର୍ଷରୁ କମ୍ ଚେସ୍ ଉଦ୍‌ଯାପିତ

# ବିଶ୍ୱପ୍ରୀତ୍, ଜ୍ୟୋତିକା ଜିତିଲେ ଟାଇଟଲ୍

ଭୁବନେଶ୍ୱର,୧୨।୬ (ସମିସ):




କଟକର ବିଶ୍ୱପୀତ ରାୟ ଓ ଜ୍ୟୋତିକା ସାହୁ ରାଜ୍ୟ ୧୫ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। କଟକର ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ବୁଧବାର ଶେଷ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ଓପନ ବିଭାଗରେ ୪ଜଣ ଖେଳାଳି ୭ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନଙ୍କ ମଧ୍ୟରୁ ବୁକୋଲଜରେ କଟକର ଦୁଇ ଖେଳାଳି ବିଶ୍ୱପ୍ରୀତ ଓ ଲଳିତରଞ୍ଜନ ସାହୁ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିଲେ। ଚାମ୍ପିଅନ ହୋଇଥିବା ବିଶ୍ୱପ୍ରୀତ୍‌ଙ୍କୁ ଟ୍ରଫି ସହ ୫,୫୦୦ ଟଙ୍କା ଓ ରନର୍ସ ଅପ୍ ଲଳିତଙ୍କୁ ଟ୍ରଫି ସହ ୪,୪୦୦ ଟଙ୍କା ପ୍ରଦାନ କରାଯାଇଥିଲା। ତାଙ୍କ ପଛକୁ ଖୋର୍ଦ୍ଧାର ଦୁଇ ଖେଳାଳି ସାତ୍ତ୍ୱିକ ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କାର ବାବଦରେ ଟ୍ରଫି ସହ ୩,୩୩୦ ଓ ଚତୁର୍ଥ ହୋଇଥିବା ଆଦିତ୍ୟ ଜେନା ପୁରସ୍କାର ବାବଦରେ ୨,୨୨୦ ଟଙ୍କା ପାଇଥିଲେ। କଟକର ସାଇଶକ୍ତି ପଣ୍ଡା, ଖୋର୍ଦ୍ଧାର ଦୁଇ ଖେଳାଳି ଆଦିତ୍ୟ ମିଶ୍ର ଓ ମନୀଷ ମିଶ୍ର, ସୁନ୍ଦରଗଡ଼ର ଦେବପ୍ରିୟ ବିଶ୍ୱାଳ, ଖୋର୍ଦ୍ଧାର ସାର୍ଥକ ମହାନ୍ତି ଓ ସୁନ୍ଦରଗଡ଼ର ଆଦିତ୍ୟ କୁମାର ଶ' ଯଥାକ୍ରମେ ପଞ୍ଚମରୁ ଦଶମ ସ୍ଥାନ ଅଧିକାର କରିଥିଲେ।

ବାଳିକା ବିଭାଗରେ କଟକର ଜ୍ୟୋତିକା ସାହୁ ଏକାକୀ ୭.୫ ପଏଣ୍ଟ ସଂଗ୍ରହ କରି ଚାମ୍ପିଅନ ହେବା ସହ ୫,୫୦୦ ଟଙ୍କାର ପୁରସ୍କାର ଲାଭ କରିଥିଲେ। ଟପ୍ ସିଡ୍ କଟକର ଶ୍ରଦ୍ଧା ସ୍ମରଣିକା ନନ୍ଦ ୭ ପଏଣ୍ଟ ପାଇ ରନର୍ସ ଅପ୍ ହୋଇ ଟ୍ରଫି ସହ ୪,୪୦୦ ଟଙ୍କା ପୁରସ୍କାର ପାଇଛନ୍ତି। ପୁରୀର ପ୍ରତୀଶା ମିତ୍ର ୬.୫ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲେ। ପୁରସ୍କାର ବାବଦରେ ତାଙ୍କୁ ଟ୍ରଫି ସହ ୩,୩୦୦ ଟଙ୍କା ମିଳିଥିଲା। ଏମାନଙ୍କ ପଛକୁ କଟକର ଇ ରାଗିଣୀଳ ନିଭ୍ରିତା ପଟ୍ଟନାୟକ, ଖୋର୍ଦ୍ଧାର ନୟନିକା ସାହୁ, ପୁରୀର ସୃଷ୍ଟି ଶ୍ରେୟସୀ, ଖୋର୍ଦ୍ଧାର ଲବ୍‌ଧି ସ୍ୱାଇଁ, ଢେଙ୍କାନାଳର ତନ୍‌ଭୀ ମିଶ୍ର ଓ ଖୋର୍ଦ୍ଧାର ଆରାଧ୍ୟା ବୁଡେକ୍ ଯଥାକ୍ରମେ ଚତୁର୍ଥରୁ ଦଶମ ସ୍ଥାନ ଅଧିକାର କରିଥିଲେ। ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ଲଲାଟେନ୍ଦୁ ବଡୁ ମୁଖ୍ୟ ଅତିଥି, କଟକ ଜିଲ୍ଲା କ୍ରୀଡ଼ାଅଧିକାରୀ ଅଜୟ ବେହେରା, ରାଜ୍ୟ ଚେସ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

## ଆନ୍ତଃଜିଲ୍ଲା କ୍ରିକେଟରେ ଅସୀମଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ

# କେନ୍ଦ୍ରାପଡ଼ା ୯ ୱିକେଟରେ ବିଜୟୀ

କଟକ,୧୨।୬(ସମିସ): ୧୯ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକ ମ୍ୟାଚରେ କେନ୍ଦ୍ରାପଡା ୧୧୯ ରନରେ କୋରାପୁଟକୁ ପରାସ୍ତ କରିଛି। ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଥିବା ବିଜୟୀ ଦଳର ଅସୀମ ବରାଡଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ବିଡାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ କୋରାପୁଟ ଟସ୍ ଜିତି କେନ୍ଦ୍ରାପଡାକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲା। ଅସୀମ ବରାଡଙ୍କ ୬୦ରନ ଏବଂ ମୋହନରାଜ ରାଉତଙ୍କ ୫୧ରନ ସହାୟତାରେ କେନ୍ଦ୍ରାପଡା ୯ ୱିକେଟ ହରାଇ ୨୫୯ରନ ସଂଗ୍ରହ କରିଥିଲା। କୋରାପୁଟର ସନଶ୍ରୟ ସାହ ଏବଂ ମୁଦିଲି ଶୈଳାଶ ୩ଟି ଲେଖାଏ ୱିକେଟ ହାସଲ କରିଥିଲେ। ଜବାବରେ କୋରାପୁଟର ଇନିଂସ୍ ୧୪୦ରନରେ ସୀମିତ ରହିଥିଲା। ମୁଦିଲି ସର୍ବାଧିକ ୩୯ରନ କରିଥିଲେ। କେନ୍ଦ୍ରାପଡା ତରଫରୁ କୁବେର ସାହୁ ୩ଟି ୱିକେଟ ଦଖଲ କରିଥିବା ବେଳେ ଅସୀମଙ୍କୁ ଗୋଟିଏ ୱିକେଟ ମିଳିଥିଲା। ରେଭେନ୍ସା ଗ୍ରାଉଣ୍ଡ-୧ରେ ମାଲକାନଗିରି ୩୧ରନରେ ଅନୁଗୋଳକୁ ହରାଇଥିଲା। ୮ରନ ବ୍ୟୟ କରି ଦୁଇ ୱିକେଟ ଦଖଲ କରିଥିବା ସାନା ଶ୍ରେୟାସ ପ୍ଲେୟାର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ। ରେଭେନ୍ସା ଗ୍ରାଉଣ୍ଡ-୨ରେ କଟକ-ବି ୪୦ରନରେ ଦେବଗଡକୁ ହରାଇଥିଲା। ଦୁଇ ୱିକେଟ ଦଖଲ କରିଥିବା ରୋହିତ ପାଲ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।


ଅସୀମ ବରାଡ


ସନଶ୍ରୟ ସାହ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS



## ଆଜିର ରାଶିଫଳ

**ମେଷ:** ବନ୍ଧୁଙ୍କ ସହଯୋଗ ମିଳିବ। ନୂଆ କାମ ଆରମ୍ଭ କରିବାକୁ ଇଚ୍ଛା କରିବେ। ଅର୍ଥପ୍ରାପ୍ତି ଯୋଗ ଅଛି। ବରିଷ୍ଠ ଅଧିକାରୀଙ୍କ ସହ ଭେଟ ହୋଇପାରେ। ଆୟ ବ୍ୟୟ ସମାନ ରହିବ। ଦାନ ଧର୍ମ କରିବେ।

**ବୃଷ:** ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ। ଅଫିସ୍ କାମ ସୁଚାରୁରୂପେ ତୁଲାଇବେ। ଜୀବନସାଥୀଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଛାତ୍ରଛାତ୍ରୀମାନେ ପଢ଼ାରେ କୃତକାର୍ଯ୍ୟ ହେବେ। ମନ ଖୁସି ରହିବ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି।

**ମିଥୁନ:** ଅଫିସ୍‌ରେ ନୂଆ ଦାୟିତ୍ୱ ମିଳିପାରେ। ଘର ପାଇଁ ନୂଆ ଜିନିଷ କିଣିବେ। ବ୍ୟବସାୟରେ ଲାଭ ହେବ। ମାର୍କେଟିଂ ସହ ଜଡ଼ିତ ଲୋକଙ୍କୁ ସଫଳତା ମିଳିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବାପାମାଆଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବିରୋଧୀ କାମରେ ବାଧା ଦେବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ।

**ସିଂହ:** ଭାଇଭଉଣୀଙ୍କ ସାହାଯ୍ୟ ମିଳିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ସମୟ ପୂର୍ବରୁ କାମ ପୂରା କରିବେ। ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ହେବ। ଜୀବନସାଥୀଙ୍କ ସହ ସୁନ୍ଦର ସମୟ ଅତିବାହିତ କରିବେ।

**କନ୍ୟା:** ଯାତ୍ରାରୁ ଲାଭ ହେବ। କୌଣସି କାର୍ଯ୍ୟକୁ ପୂରା କରିବାରେ ପଡ଼ୋଶୀ ସହାୟତା କରିବେ। ମହିଳାମାନେ କର୍ମଚଞ୍ଚଳ ରହିବେ। ଆଧ୍ୟାତ୍ମିକ ପ୍ରତି ରୁଚି ବଢ଼ିବ। ଦାମ୍ପତ୍ୟ ଜୀବନରେ ଖୁସି ବଜାୟ ରହିବ।

**ତୁଳା:** ଆର୍ଥିକ ସ୍ଥିତି ମଜଭୁତ ହେବ। ପାରିବାରିକ ସମସ୍ୟା ଦେଖା ଦେଇପାରେ। ଯାନବାହନ ଚାଳନା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। ଗୁରୁଜନଙ୍କ ସ୍ୱାସ୍ଥ୍ୟବସ୍ଥା ଚିନ୍ତା ବଢ଼ାଇପାରେ।

**ବିଛା:** ମାନସିକ ଚିନ୍ତା ଦୂର ହେବ। ସମାଜସେବା ଲାଗି ସମ୍ମାନିତ ହେବେ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ପ୍ରେମିକ ପ୍ରେମିକାଙ୍କ ସମ୍ବନ୍ଧ ମଜଭୁତ ହେବ। ପିଲାମାନେ ଖେଳରେ ସମୟ ବିତାଇବେ।

**ଧନୁ:** ବ୍ୟବସାୟରେ ଉନ୍ନତି ଘଟିପାରେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ମନ ପ୍ରସନ୍ନ ରହିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀ ସମ୍ମାନିତ କରିବେ। ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ।

**ମକର:** କାମ ବୋଝ ଅଧିକ ରହିବ। କୋର୍ଟ କଚେରୀ ମାମଲାରେ ସଫଳତା ମିଳିବ। ପରିବାରକୁ ନେଇ କୌଣସି ବଡ଼ ନିଷ୍ପତ୍ତି ନେବେ। କ୍ୟାରିୟରକୁ ଆଗକୁ ନେବା ପାଇଁ ନୂଆ ସୁଯୋଗ ମିଳିବ।

**କୁମ୍ଭ:** ଶୁଭ ଖବର ମିଳିବ। ଘରକୁ ଅତିଥିଙ୍କ ଆଗମନ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ। ମହିଳା ବନ୍ଧୁଙ୍କ ସହଯୋଗ ମିଳିବ। ପରିବାର ସହ ସମୟ ବିତାଇବେ।

**ମୀନ:** ସ୍ୱଭାବରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଛାତ୍ରଛାତ୍ରୀମାନେ ଖେଳକୁଦ ଓ ମନୋରଞ୍ଜନରେ ସମୟ ଅତିବାହିତ କରିବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

## ଆଜିର ଇତିହାସ

- ୧୭୩୧- ବ୍ରିଟିଶ୍ ଇଷ୍ଟ ଇଣ୍ଡିଆ କମ୍ପାନିର ସ୍ଥାପନା।
- ୧୯୪୩- ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜର୍ମାନୀରୁ ଟୋକିଓରେ ପହଞ୍ଚିଲେ।
- ୧୯୫୫- ସୋଭିଏତ୍ ରୁଷ୍‌ର ପ୍ରଥମ ହୀରା ଖଣି 'ମୀର୍ ମାଇନ୍'ର ସନ୍ଧାନ।
- ୧୯୯୩- କିମ୍ କ୍ୟାମ୍ପବେଲ୍ କାନାଡ଼ାର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେଲେ।
- ୧୯୯୭-ଦିଲ୍ଲୀର ଉପହାର ସିନେମା ହଲ୍‌ରେ ନିଆଁ ଲାଗିବାରୁ ୫୯ ଲୋକଙ୍କ ମୃତ୍ୟୁ।
- ୨୦୧୨- ଜଣାଶୁଣା ଗଜଲ ଗାୟକ ମେହେଦି ହାସନଙ୍କ ପରଲୋକ।



## ତ୍ୱଚାର ରଙ୍ଗ ସହ ଅଛି କି କର୍କଟର ସମ୍ପର୍କ

ମଣିଷ ଶରୀରର ରଙ୍ଗ କେବଳ ସୌନ୍ଦର୍ଯ୍ୟର ମାପକାଠି ନୁହେଁ, ବରଂ ସ୍ୱାସ୍ଥ୍ୟ ସହ ଜଡ଼ିତ। ଏହି କ୍ରମରେ କିଛି କ୍ଷେତ୍ରରେ ତ୍ୱଚାର ରଙ୍ଗ ମଧ୍ୟ କର୍କଟର କାରଣ ହୋଇପାରେ ବୋଲି କୁହାଯାଉଛି। ଆମ ଶରୀରରେ ଥିବା ମେଲାନିନ୍ ହେଉଛି ଏକ ପିଗମେଣ୍ଟ ଯାହା ଚର୍ମକୁ ରଙ୍ଗ ଦିଏ । ମେଲାନିନ୍ ତ୍ୱଚାକୁ ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମିରୁ ରକ୍ଷା କରେ । ଯେଉଁ ଲୋକମାନଙ୍କର ଚର୍ମରେ ମେଲାନିନ୍ ଅଧିକ ପରିମାଣରେ ଥାଏ ସେମାନେ ସୂର୍ଯ୍ୟଙ୍କ ଅତି ବାଇଗଣୀ ରଶ୍ମିରୁ ପ୍ରାକୃତିକ ଭାବେ ସୁରକ୍ଷା ପାଇପାରିଥାନ୍ତି। ଏ ଦୃଷ୍ଟିରୁ ଗାଢ଼ ତ୍ୱଚା ରଙ୍ଗ ବ୍ୟକ୍ତି ବିଶେଷଙ୍କଠାରେ ଚର୍ମ କର୍କଟ ଆଶଙ୍କା କମ୍ ରହିଥାଏ। କିନ୍ତୁ ଯେଉଁମାନଙ୍କର ଚର୍ମ ବହୁତ ଗୋରା ସେମାନଙ୍କ କ୍ଷେତ୍ରରେ ଚର୍ମ କର୍କଟ ହେବାର ଆଶଙ୍କା ଅଧିକ ଥାଏ । ଗୋରା ରଙ୍ଗ ଥିବା ଲୋକମାନଙ୍କର କମ୍ ମେଲାନିନ୍ ଥାଏ, ଯାହାଦ୍ୱାରା ସୂର୍ଯ୍ୟଙ୍କ ଅତି ବାଇଗଣୀ ରଶ୍ମିରେ ଥିବା କ୍ଷତିକାରକ ଜିନିଷ ମଣିଷ ତ୍ୱଚା ଭିତରକୁ ସହଜରେ ପ୍ରବେଶ କରେ ଏବଂ ମଣିଷ ଡିଏନ୍ଏକୁ କ୍ଷତି ପହଞ୍ଚାଇଥାଏ । କେବଳ ସେତିକି ନୁହେଁ, ଏହାଦ୍ୱାରା ବାସାଲ ସେଲ୍ କାର୍ସିନୋମା, ସ୍କୋଓମସ୍ ସେଲ୍ କାର୍ସିନୋମା ଏବଂ ମେଲାନୋମା ହେବା ଆଶଙ୍କା ବୃଦ୍ଧି ପାଏ। କେବଳ ଚର୍ମର ରଙ୍ଗ ଦ୍ୱାରା କ୍ୟାନ୍ସର ରୋଗ ସୃଷ୍ଟି ହୁଏ ତା ନୁହେଁ ଏହା ଏକ ଜଟିଳ ରୋଗ ଯାହା ଅନେକ କାରଣରୁ ହୋଇଥାଏ । ଜେନେଟିକ୍ ସମସ୍ୟାରୁ ମଧ୍ୟ ଏହି ରୋଗ ହୋଇପାରେ । ଅନିୟନ୍ତ୍ରିତ ଜୀବନଶୈଳୀ, ଧୂମପାନ, ମଦ୍ୟପାନ, ଅତ୍ୟଧିକ ତେଲ ମସଲାଯୁକ୍ତ ଖାଦ୍ୟଗ୍ରହଣ ଏବଂ ପ୍ରଦୂଷଣ ମଧ୍ୟ କ୍ୟାନ୍ସର ରୋଗକୁ ବଢ଼ାଇବାର ମାଧ୍ୟମ ହୋଇପାରେ । ତେବେ ଚର୍ମ କର୍କଟର ସମ୍ବନ୍ଧ କିଛି ମାତ୍ରାରେ ରଙ୍ଗ ସହ ଜଡ଼ିତ ହୋଇପାରେ। ହେଲେ ଏହାର ମୁଖ୍ୟ କାରଣ ଜୀବନଶୈଳୀ। ତେଣୁ ତ୍ୱଚା ରଙ୍ଗର ଆଧାରରେ ଏହାକୁ ନେଇ ଲୋକେ ଭୟଭୀତ ହେବା ଠିକ୍ ନୁହେଁ, ବରଂ ସତର୍କ ଓ ସଚେତନ ରହିବା ଦରକାର।

## ଓଟିଟିରେ 'ଡିଟେକ୍ଟିଭ୍ ଶେରଦିଲ୍'



ପଞ୍ଜାବୀ ସୁପରଷ୍ଟାର୍ ଦିଲଜିତ୍ ଦୋସାଞ୍ଜ ବଲିଉଡ୍‌ରେ ମଧ୍ୟ ସଫଳ ହୋଇଛନ୍ତି। ଦିଲଜିତ୍ ତାଙ୍କର ଆଗାମୀ ଫିଲ୍ମରେ ସଂପୂର୍ଣ୍ଣ ଭିନ୍ନ ଅନ୍ଦାଜରେ ଦର୍ଶକଙ୍କ ମନୋରଞ୍ଜନ କରିବେ। 'ଡିଟେକ୍ଟିଭ୍ ଶେରଦିଲ୍'ରେ ସେ ଡିଟେକ୍ଟିଭ୍ ଭୂମିକାରେ ନଜର ଆସିବେ। ରବି ଛାବଡ଼ିଆ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ପ୍ରଥମ ଥର ପାଇଁ ରବି ଏହି ଫିଲ୍ମ ମାଧ୍ୟମରେ ନିର୍ଦ୍ଦେଶନା କ୍ଷେତ୍ରରେ ପାଦ ଦେଇଛନ୍ତି। ଫିଲ୍ମଟିର ସୁଟିଂ ଯଦିଓ ବହୁତ ଦିନରୁ ସରିଲାଣି କିନ୍ତୁ କିଛି କାରଣ ବଶତଃ ଏହା ଅଟକି ରହିଥିଲା। ଏବେ ଏହା ଓଟିଟି ପ୍ଲାଟଫର୍ମ ଜି୫ରେ ଜୁନ୍ ୨୦ରେ ରିଲିଜ୍ ହେବ। ଫିଲ୍ମର ସୁଟିଂ ବୁଦାପେଷ୍ଟରେ କରାଯାଇଛି। ଫିଲ୍ମର କାହାଣୀ ଜଣେ ନିଆରା ଡିଟେକ୍ଟିଭଙ୍କ ଚାରିପଟେ ଘୂରି ବୁଲୁଛି। ଦିଲଜିତ୍‌ଙ୍କ ସହ ଏଥିରେ ଡାଏନା ପେଣ୍ଟି, ବୋମନ୍ ଇରାନି ଏବଂ ଚଙ୍କି ପାଣ୍ଡେ ମଧ୍ୟ ନଜର ଆସିବେ। ଦିଲଜିତ୍ ଶେଷ ଥର ପାଇଁ 'ଜଟ୍ ଆଣ୍ଡ ଜୁଲିଏଟ୍ ୩'ରେ ନଜର ଆସିଥିଲେ।

## ଗୋଟିଏ ଛାତ ତଳେ ଚାରି ପିଢ଼ି



ସମୟ ଥିଲା, ଲୋକେ ଯୌଥ ପରିବାରରେ ମିଳିମିଶି ରହୁଥିଲେ। କିନ୍ତୁ ଆଜିକାଲି ଯୌଥ ପରିବାର ଖୁବ୍ କମ୍ ଦେଖାଯାଉଛି । ଯୌଥ ପରିବାର ମୁଖ୍ୟତଃ ପରିବାରର ସଦସ୍ୟଙ୍କ ଅର୍ଥନୈତିକ ବୈଷମ୍ୟ ଓ ବିଚାରଧାରାରେ ପାର୍ଥକ୍ୟ ଯୋଗୁଁ ତିଷ୍ଠି ପାରୁ ନାହିଁ । ହେଲେ ଏଥିରୁ ବ୍ୟତିକ୍ରମ ଉତ୍ତରପ୍ରଦେଶ, ଶାହଜହାଁପୁର, ଘୁସଗୱାନ ଗାଁର ଶ୍ୟାମ ସିଂହଙ୍କ ପରିବାର। କାରଣ ପରିବାରଟି ପୁରୁଣା ପରମ୍ପରାକୁ ଜୀବିତ ରଖିଛି ତାହା ନୁହେଁ, ଗୋଟିଏ ଛାତ ତଳେ ଚାରିପିଢ଼ିର ୬୪ ଜଣ ସଦସ୍ୟଙ୍କ ଭିତରେ ଥିବା ସ୍ନେହ, ଶ୍ରଦ୍ଧା, ଭଲପାଇବା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଛି। ଘରର ମୁଖିଆ ହେଉଛନ୍ତି ଶ୍ୟାମ ସିଂହ। ସେ ପରିବାରର ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତି। ସମସ୍ତ ସଦସ୍ୟ ତାଙ୍କର ସମ୍ମାନ କରନ୍ତି। ପରିବାରରେ ଏତେ ଲୋକଙ୍କ ପାଇଁ ରାନ୍ଧିବା ସହଜ କଥା ନୁହେଁ ସେଥିପାଇଁ ଦୁଇଟି ରୋଷେଇ ଘର ରହିଛି। ବୋହୂମାନେ ମିଳିମିଶି ଖାଦ୍ୟ ପ୍ରସ୍ତୁତ କରିବା ସହ ଘରକୁ ସଫା ସୁତୁରା ରଖନ୍ତି। ସେହିପରି ଘରର ବୟସ୍କ ମହିଳାମାନେ ଯେପରି ରୋଷେଇ କଲାବେଳେ କୌଣସି ଜିନିଷ ଅଭାବ ନ ପଡ଼େ ତାହା ଉପରେ ଧ୍ୟାନ ଦେଇଥାନ୍ତି। ଖାଦ୍ୟ ରନ୍ଧାଯିବା ପରେ ସମସ୍ତେ ଏକାଠି ମିଶି ଭୋଜନ କରନ୍ତି। ଏହା ପରିବାରକୁ ଏକାଠି ରହିବା ପାଇଁ ପ୍ରେରଣା ଯୋଗାଇଥାଏ। ପରିବାରଟି ବହୁତ ବଡ଼ ହୋଇଥିବାରୁ ପ୍ରତି ମାସ ଶହ ଶହ କିଲୋ ଗହମ, ଡାଲି, ଚାଉଳ, ତେଲ ଏବଂ ମସଲା ଆବଶ୍ୟକ ହୋଇଥାଏ। ଏନେଇ ଶ୍ୟାମ ସିଂହ କୁହନ୍ତି, ପରିବାର ପାଇଁ ରାସନ କିଣିବା ସବୁଠୁ ବଡ଼ ଦାୟିତ୍ୱ। ପରିବାରର ଉଭୟ ପୁରୁଷ ଏବଂ ମହିଳା ମିଳିମିଶି ଏହି କାର୍ଯ୍ୟ ସମ୍ଭାଳିଥାନ୍ତି। ଘର ପାଇଁ ଏତେ ରାସନ ଆସିବା ଦେଖି ଗାଁ ଲୋକେ ମଧ୍ୟ ଚକିତ ହୋଇଯାଆନ୍ତି। ପରିବାରର ସମସ୍ତେ ମିଳିମିଶି ଖର୍ଚ୍ଚ କରି ତାର ହିସାବ ରଖନ୍ତି। ଶ୍ୟାମ ସିଂହ କୁହନ୍ତି, 'ଆମର ପରିବାର ଏକ ଟ୍ରେନ୍ ଭଳି। ସବୁ ବଗି ଅଲଗା, ହେଲେ ସମସ୍ତେ ଏହା ସାଙ୍ଗେ ଚାଲନ୍ତି। ପରିବାରର ଛୋଟ ପିଲାମାନେ ମଧ୍ୟ ପିଲାଦିନରୁ ଏକାଠି ରହିବାର ମୂଲ୍ୟବୋଧ ଜାଣିଥାନ୍ତି।' ଆଗକୁ ମଧ୍ୟ ପରିବାରଟି ଏହି ପରମ୍ପରାକୁ ଜୀବିତ ରଖିବ ବୋଲି ସେ କହିଛନ୍ତି। ଏବେ ଏହି ପରିବାର କେବଳ ଗାଁରେ ନୁହେଁ ପୂରା ଶାହାଜହାଁପୁର ଜିଲ୍ଲାରେ ଚର୍ଚ୍ଚାରେ ରହିଛି।




## ଫ୍ୟାଟି ଲିଭର ଗ୍ରେଡ୍ ୩

**ଅତ୍ୟଧିକ ତେଲ ମସଲାଯୁକ୍ତ ଖାଦ୍ୟ, କର୍ମଚାପ, ମଦ୍ୟପାନ, ଓଜନବୃଦ୍ଧି ଆଦି ଯୋଗୁଁ ଯକୃତରେ ଚର୍ବି ଜମା ହୋଇଥାଏ। ଏହା ଏକ ଗମ୍ଭୀର ସମସ୍ୟା। ସେହିପରି ମଧୁମେହ, ଉଚ୍ଚ ରକ୍ତଚାପ, ବଂଶାନୁଗତ ଆଦି ଏହି ରୋଗ ହେବାର ପ୍ରମୁଖ କାରଣ। ରୋଗର ଲକ୍ଷଣକୁ ଅଣଦେଖା କଲେ ଏହା ଫ୍ୟାଟି ଲିଭର ଗ୍ରେଡ୍ ୩ରେ ପହଞ୍ଚିଯାଏ। ତେଣୁ ରୋଗର ଲକ୍ଷଣ ଅନୁସାରେ ଚିକିତ୍ସା କରିବା ଜରୁରି।**



ଫ୍ୟାଟି ଲିଭର ଗ୍ରେଡ୍ ୩ ହେଲେ, ଯକୃତ୍‌ରେ ପାଖାପାଖି ୬୬%ରୁ ଅଧିକ ଚର୍ବି ଜମା ହୋଇଯାଇଥାଏ। ଏହା ଏକ ଗମ୍ଭୀର ସ୍ଥିତି। ଯକୃତ୍ ସଠିକ ଭାବେ କାର୍ଯ୍ୟ ନ କରିପାରିବାରୁ ଏହି ସ୍ଥିତି ଜୀବନ ପାଇଁ ଘାତକ ସାଜିପାରେ। ଫ୍ୟାଟି ଲିଭର ଗ୍ରେଡ୍ ୩ରେ ଥକ୍କାପଣ, ଦୁର୍ବଳ ଅନୁଭବ, ପେଟ ଯନ୍ତ୍ରଣା, ବିଚଳିତ ଲାଗିବା, ପେଟ ଫୁଲିବା, ଭୋକ ନ ଲାଗିବା ଆଦି ଲକ୍ଷଣ ଦେଖାଯାଏ। ସେହିପରି ଓଜନ କମ୍ ହେବା, ପାଦ ଫୁଲିବା, ଆଖି ଓ ତ୍ୱଚା ହଳଦିଆ ପଡ଼ିବା, ବାନ୍ତି ଲାଗିବା ପରି ଅନୁଭବ ଆଦି ଲକ୍ଷଣ ଦେଖାଯାଏ।

ତେଣୁ ଉପରୋକ୍ତ ଲକ୍ଷଣ ଅନୁଭବ କଲେ, ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା କରିବା ଆବଶ୍ୟକ। ଏହାବାଦ୍ ଜୀବନଶୈଳୀରେ ପରିବର୍ତ୍ତନ, ସନ୍ତୁଳିତ ଖାଦ୍ୟ ଗ୍ରହଣ, ମଦ୍ୟପାନ ଅଭ୍ୟାସକୁ ବନ୍ଦ କରିବା, ଓଜନ ନିୟନ୍ତ୍ରଣ କରିବା ଅତ୍ୟନ୍ତ ଜରୁରି। ଏହି ରୋଗର ପ୍ରାରମ୍ଭିକ ଅବସ୍ଥାରୁ ଲକ୍ଷଣକୁ ଚିହ୍ନି ଚିକିତ୍ସା କରିବା ସବୁଠୁ ଭଲ ଉପାୟ।

## କରୋନାର ନୂତନ ପ୍ରଜାତି ଏକ୍ସଏଫ୍‌ଜି



**କରୋନା ଏକ ବିଶେଷ ପ୍ରକାରର ଭୂତାଣୁ। ଏହା ରୋଗାକ୍ରାନ୍ତ ତଥା ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ଥିବା ବ୍ୟକ୍ତିଙ୍କୁ ଶୀଘ୍ର ସଂକ୍ରମିତ କରିଥାଏ। ତେବେ ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଏବେ ଦ୍ରୁତ ଭାବେ ବୃଦ୍ଧି ପାଉଥିବାବେଳେ ଦିନକୁ ଦିନ କରୋନାର ନୂତନ ପ୍ରଜାତି ମଧ୍ୟ ସାମ୍ନାକୁ ଆସୁଥିବାବେଳେ ଏବେ କରୋନାର ଉପ ପ୍ରଜାତି ଏକ୍ସଏଫ୍‌ଜି ଚିହ୍ନଟ ହୋଇଛି।**

ଏକ୍ସଏଫ୍‌ଜି କରୋନା ଭୂତାଣୁ ଓମିକ୍ରନ୍ ସବ୍-ଭାରିଏଣ୍ଟ ପରିବାରର। ଏହି ପ୍ରଜାତି ଅନ୍ୟ ଓମିକ୍ରନ୍ ପ୍ରଜାତି ପରି ଦ୍ରୁତ ଗତିରେ ବ୍ୟାପିପାରେ । ତେବେ ଆଶ୍ୱସ୍ତିକର କଥା ହେଉଛି, ମହାରାଷ୍ଟ୍ରରେ ଚିହ୍ନଟ ହୋଇଥିବା ଏହି ପ୍ରଜାତି ଏତେ ବିପଜ୍ଜନକ ନୁହେଁ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଏହି ପ୍ରଜାତିରେ ୪ଟି ମ୍ୟୁଟେଶନ୍ ରହିଛି। ଏହା ରୋଗପ୍ରତିରୋଧକ ଶକ୍ତିକୁ ପ୍ରଭାବିତ କରିପାରେ। ଏକ୍ସଏଫ୍‌ଜି ସଂକ୍ରମିତ ବ୍ୟକ୍ତିଙ୍କଠାରେ ହାଲୁକା କିମ୍ବା ମଧ୍ୟମ ଜ୍ୱର, ଗଳା ଦରଜ, କାଶ, ମୁଣ୍ଡବିନ୍ଧା, ଥକ୍କାପଣ, ଶ୍ୱାସକ୍ରିୟାରେ ସମସ୍ୟା, ମାଂସପେଶୀ ଯନ୍ତ୍ରଣା ଏବଂ କେତେକ ମାମଲାରେ ପେଟଜନିତ ସମସ୍ୟା ଆଦି ଲକ୍ଷଣ ଦେଖାଦେଇପାରେ। ତେଣୁ ବୟସ୍କ, ଗର୍ଭବତୀ ମହିଳା ଓ ବିଭିନ୍ନ ରୋଗରେ ଆକ୍ରାନ୍ତ ବ୍ୟକ୍ତି ଅଧିକ ସତର୍କ ରହିବା ଜରୁରି।

ସୁରକ୍ଷିତ ରହିବା ପାଇଁ ସାର୍ବଜନିକ ସ୍ଥାନକୁ ମାସ୍କ ପିନ୍ଧି ଯିବା, ହାତକୁ ସାବୁନରେ ଧୋଇବା, ଲକ୍ଷଣ ଅନୁଭବ ହେଲେ, ତୁରନ୍ତ ପରୀକ୍ଷା କରି ନିଜକୁ ଅନ୍ୟମାନଙ୍କଠାରୁ ପୃଥକକରି ରଖିବା ଆବଶ୍ୟକ।

## ଲୁହା ବାସନରେ ବିଷାକ୍ତ ହୁଏ ଏହି ଖାଦ୍ୟ

**ପୁରାତନ କାଳରୁ ଲୁହାର ବାସନରେ ଖାଦ୍ୟ ପ୍ରସ୍ତୁତ କରିବାର ପରମ୍ପରା ରହିଛି। ତେଣୁ ଲୁହା ବାସନରେ ତିଆରି ଖାଦ୍ୟ ଖାଇଲେ ଶରୀରରେ ଆଇରନ୍‌ର ମାତ୍ରା ବୃଦ୍ଧି ପାଏ। ସ୍ୱାସ୍ଥ୍ୟ ପାଇଁ ଏହା ଲାଭଦାୟକ। ହେଲେ ଏମିତି କିଛି ପରିବା ରହିଛି ଯାହାକୁ ଲୁହା ପାତ୍ରରେ ବନାଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ।**

**ପାଳଙ୍ଗ:** ପାଳଙ୍ଗରେ ପ୍ରଚୁର ମାତ୍ରାରେ ଅକ୍‌ଜାଲିକ୍ ଏସିଡ୍ ଥାଏ। ଏହାକୁ ଲୁହା କଡ଼ାଇରେ ରାନ୍ଧିବା ଦ୍ୱାରା ଲୁହା ସହ ପ୍ରତିକ୍ରିୟା ହୋଇଥାଏ। ଯାହାଫଳରେ ପାଳଙ୍ଗର ରଙ୍ଗ କଳା ହୋଇଥାଏ। ଏଥିରୁ ପୋଷଣସ୍ତର କମିଯାଉଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ।

**ବିଟ୍:** ବିଟ୍‌ରେ ଲୌହସାର ମାତ୍ରା ଅଧିକ ଥାଏ। ତେଣୁ ବିଟ୍‌କୁ ଲୁହା କଡାଇରେ ରାନ୍ଧିବା ଦ୍ୱାରା ଅତିରିକ୍ତ ଲୌହସାର ସହ ପ୍ରତିକ୍ରିୟା ହୋଇପାରେ। ଏହାଦ୍ୱାରା ଖାଦ୍ୟର ସ୍ୱାଦ ଏବଂ ରଙ୍ଗ ଖରାପ ହୋଇଥାଏ। ଯାହାଦ୍ୱାରା ପାଚନ ସମ୍ବନ୍ଧୀୟ ସମସ୍ୟା ହୋଇପାରେ। ଏହାକୁ ଧ୍ୟାନ ଦେବା ଆବଶ୍ୟକ।

**ଲେମ୍ବୁ ଏବଂ ଟମାଟୋ:** ଲୁହା ପାତ୍ରରେ ଲେମ୍ବୁ, ଟମାଟୋ, ଖଟା କିମ୍ବା ଅମ୍ଳଯୁକ୍ତ ଖାଦ୍ୟ ପ୍ରସ୍ତୁତ କରିବା ଅନୁଚିତ। କାରଣ ଏହା ଲୁହା ସହିତ ପ୍ରତିକ୍ରିୟା ହୋଇ ପାଚନତନ୍ତ୍ର ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ। ସ୍ୱାସ୍ଥ୍ୟ ପାଇଁ ଏହା ଆଦୌ ଠିକ୍ ନୁହେଁ।



ଲୁହା ପାତ୍ରରେ ଅଧିକ ସମୟ ଧରି କ୍ଷୀର ଫୁଟାଇବା ଅନୁଚିତ। ଏହା ପେଟ ଜନିତ ସମସ୍ୟା କରାଇପାରେ। ଲୁହା ବାସନରେ ବିନା ଅମ୍ଳ ଗୁଣ ଯୁକ୍ତ ଖାଦ୍ୟ କରିବାକୁ ଉପଯୋଗ କରିପାରିବେ।



## ପ୍ରାକୃତିକ ଉପାୟରେ ବଢ଼ିବ ରୋଗ ପ୍ରତିରୋଧକ ଶକ୍ତି

**ଋତୁ ଅନୁଯାୟୀ ସୁସ୍ଥ ରହିବା ପାଇଁ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିବା ଆବଶ୍ୟକ। ତେଣୁ କୋଭିଡ ତଥା ଫ୍ଲୁ ମାମଲାରୁ ସୁରକ୍ଷିତ ରହିବାକୁ ପ୍ରାକୃତିକ ଉପାୟରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରାଯାଇପାରିବ।**

ଆଲମଣ୍ଡ, ହଳଦୀ, ଅଦା ଆଦିରେ ଭରପୁର ପୋଷକତତ୍ତ୍ୱ ରହିଥାଏ। ଏହାକୁ ଖାଦ୍ୟରେ ସାମିଲ କରିବା ଦ୍ୱାରା ଏହା ଶରୀରରେ ପ୍ରତିରୋଧୀ ପ୍ରଣାଳୀକୁ ଦୃଢ଼ କରି ଋତୁ ପରିବର୍ତ୍ତନ ସମୟରେ ସୁସ୍ଥ ରଖିଥାଏ ବୋଲି ଡା. ରୋହିଣୀ ପାଟିଲ, ଏମବିବିଏସ୍ ଏବଂ ନ୍ୟୁଟ୍ରିସନିଷ୍ଟ, ମତ ପ୍ରକାଶ କରିଛନ୍ତି। ତାଙ୍କ ମତରେ କାଲିଫର୍ଣ୍ଣିଆ ଆଲମଣ୍ଡ ୧୫ଟି ଅତ୍ୟାବଶ୍ୟକୀୟ ପୌଷ୍ଟିକତତ୍ତ୍ୱରେ ଭରପୁର। ଏଥିରେ ରହିଛି ଉପାଦେୟ ଚର୍ବି, ପ୍ରୋଟିନ୍, ଜିଙ୍କ୍, ମ୍ୟାଗ୍ନେସିୟମ ତଥା ଭିଟାମିନ -ଇ । ଏହା ହୃଦ୍‌ଜନିତ ସୁସ୍ଥତାକୁ ବଢ଼ାଇବା ସହିତ ଶକ୍ତିସ୍ତରକୁ ବୃଦ୍ଧି କରେ। ଫୁଡ ସେଫ୍‌ଟି ଆଣ୍ଡ ଷ୍ଟାଣ୍ଡାର୍ଡ ଅର୍ଥରିଟି ଅଫ ଇଣ୍ଡିଆ (ଏଫ୍ଏସ୍ଏସ୍ଏଆଇ) ଅନୁମୋଦିତ ମୁତାବକ, ଦୈନନ୍ଦିନ ଖାଦ୍ୟାଭ୍ୟାସରେ ଆଲମଣ୍ଡର ଯୋଗଦାନ ରୋଗ ପ୍ରତିରୋଧଶକ୍ତି ବୃଦ୍ଧି ସହିତ ଶରୀରକୁ ନିରୋଗ ରଖିବାରେ ସାହାଯ୍ୟ କରିଥାଏ। କେବଳ ସେତିକି ନୁହେଁ, ଦୈନିକ ମୁଠାଏ ଆଲମଣ୍ଡ ଖାଇବା ଦ୍ୱାରା ଏହା ଉତ୍ତମ ଚର୍ମ ସ୍ୱାସ୍ଥ୍ୟ ତଥା ଓଜନ ନିୟନ୍ତ୍ରଣରେ ସାହାଯ୍ୟ କରିଥାଏ।

ଜ୍ୱଳନ-ପ୍ରତିରୋଧକାରୀ ତଥା ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱରେ ଭରପୂର ହଳଦୀ ରୋଗ ପ୍ରତିରୋଧଶକ୍ତି ବୃଦ୍ଧି କରେ। ଏହା ସଂକ୍ରମଣକୁ ପ୍ରତିହତ କରିବାରେ ସାହାଯ୍ୟ କରିଥାଏ। ଫ୍ଲୁଜନିତ ସମସ୍ୟାରୁ ସୁରକ୍ଷିତ ରହିବାକୁ ଖାଦ୍ୟରେ ହଳଦୀ ସାମିଲ କରିବା ଅତି ଆବଶ୍ୟକ । ସେହିଭଳି ଅଦା ପାଚନକ୍ରିୟାରେ ସାହାଯ୍ୟ, ଜ୍ୱଳନ ହ୍ରାସ ତଥା ଜୀବାଣୁ ନିରୋଧକାରୀ ଶକ୍ତି ଭାବେ ଅଣ୍ଟା ଓ ଗଳା ଦରଜ ଭଳି ଲକ୍ଷଣ ବିରୋଧରେ ଏହା ଲଢ଼େଇ କରିଥାଏ। ଏହାସହିତ ଆଲ୍ଲିସିନ ଭଳି ଏକ ଯୌଗିକତତ୍ତ୍ୱ ରସୁଣରେ ଭରପୁର ହୋଇ ରହିଥିବାରୁ ରୋଗ ପ୍ରତିରୋଧକାରୀ କାର୍ଯ୍ୟ ପ୍ରଣାଳୀ ବୃଦ୍ଧି କରେ। ବିଶେଷ କଥା ହେଉଛି, କମଳା, ଲେମ୍ବୁ ତଥା ଅଙ୍ଗୁର ଭଳି ଖଟାଜାତୀୟ ଫଳଗୁଡ଼ିକ ଭିଟାମିନ୍ -ସିରେ ଭରପୁର ହୋଇଥାଏ। ଏହା ରୋଗ ପ୍ରତିରୋଧକାରୀ ଶକ୍ତି ବୃଦ୍ଧିରେ ଉପାଦେୟ ହେବା ସହିତ ଚର୍ମ ସ୍ୱାସ୍ଥ୍ୟ ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ଭିଟାମିନ୍ ଏ ଏବଂ ସି ଅମୃତଭଣ୍ଡାରେ ପ୍ରଚୁର ମାତ୍ରାରେ ରହିଥାଏ। ଏହା ପାଚନକ୍ରିୟାରେ ସହାୟକ ହେବା ସହିତ ରୋଗ ପ୍ରତିରୋଧକାରୀ ଶକ୍ତି ବୃଦ୍ଧି କରିଥାଏ।